ସ୍ଥଳେ ଯେବେ ପ୍ରାସ୍ତିନ୍ଦ୍ର ଘୋଷ ଧୃତ ହେବେ ଦେବତାଙ୍କ ପ୍ରତି ଅମାନ୍ୟ ଦର୍ଶାଇଲେ ବୋଲି ଜ୍ଞାତ ହୋଇଥିବ । ଅନ୍ୟମାନେ ସହଯୋଗିଙ୍କ ମତ-ସଙ୍ଗେ ଯୋଗ ଦେଉଅଛୁଁ । ସ୍ୱଶ୍ରୀ ଜଗନ୍ନାଥ ମନ୍ଦିରର ବ୍ୟବସ୍ଥା ଏ ବିଷୟରେ ଆଦର୍ଶ ହେବା ଉଚିତ । ଯେଉଁମାନେ ଏ ଠାକୁର ସେ ଠାକୁରରେ ପ୍ରଭେଦ ଜ୍ଞାନ କରନ୍ତି ସେମାନେ ସର୍ବତ୍ର ଶାବଳ ପରିତ୍ୟାଗ ଦେଖନ୍ତି ସେମାନଙ୍କର ଭକ୍ତି ବିଶ୍ୱାସ ଦୃଢ଼ ନୁହେ ।

—୦—

ସନ ୧୯୦୯।୧୦ ସାଲରେ ବଙ୍ଗପ୍ରଦେଶରେ ସାଧାରଣ ଷ୍ଟାମ୍ପ ଓ କୋର୍ଟଫିସ ଷ୍ଟାମ୍ପ ବିକ୍ରି ୧୫ କୋଟି ଟଙ୍କାର ଉର୍ଦ୍ଧ୍ୱ ଆୟ ହୋଇଥିଲା ଏବଂ ତାହା ତହିଁ ପୂର୍ବ ବର୍ଷର ଆୟଠାରୁ କେବଳ ଟ ୧୧୭୧୫ ୧ ଟଙ୍କା ଅଧିକ ଥିଲା । ତହିଁ ମଧ୍ୟରେ ସାଧାରଣ ଷ୍ଟାମ୍ପର ଆୟ ପୂର୍ବବର୍ଷ ପ୍ରତି ଊଣା ଥିଲା ମାତ୍ର କୋର୍ଟଫିସର ଆୟ ୩ଲକ୍ଷ ଟଙ୍କା ବଢ଼ିଥିଲା । ଏହି ବୃଦ୍ଧି କଟକ, ପାଟନା, ମେଦନୀପୁର, ଚବିଶପ୍ରଗଣା, ଗୟା, ହୁଗଲି ଏବଂ ମାନଭୂମରେ ହୋଇଥିଲା । କଟକର ବୃଦ୍ଧି ସର୍ବାପେକ୍ଷା ଅଧିକ ଯଥା ଟ ୬୪୧୬୪ ଟଙ୍କା ଥିଲା । ମୋକଦମାର ସଂଖ୍ୟା ଓ ମୂଲ୍ୟ ବଢ଼ିବାଦ୍ୱାରା ଆୟ ଅଧିକ ହୋଇଅଛି ମାତ୍ର ପାଠକ! କଟକରେ କମି ଜମିର ଦାମ ମାମଲା ବଢ଼ିବାର ବିଶେଷ କାରଣ ଅଟେ । ଓଡ଼ିଶା କଟକରେ ପରଗଣ ବନ୍ଦୋବସ୍ତ ହେତୁ ମାମଲା ପରିମାଣ ବଢ଼ିଅଛି ଗବର୍ଣ୍ଣମେଣ୍ଟ ଏହାର ଅନୁସନ୍ଧାନ କରିବାର ଜଣାଯାଉ ନାହିଁ ତାହା କରିବା ଉଚିତ ଥିଲା । ସାଧାରଣ ବିଶ୍ୱାସ ଯେ ଏହି ବନ୍ଦୋବସ୍ତ ମୋକଦମା ବଢ଼ାଉଅଛି ଏବଂ ଏହାଦ୍ୱାରା କୋର୍ଟଫିସ ବଢ଼ୁଅଛି ।

———

ଜାନ୍ତିର ସମ୍ବାଦ ପତ୍ରରୁ ଅମୃତ ବଜାର ପତ୍ରିକା ଅବଗତ ହୋଇଅଛନ୍ତି କି ମେଦନୀପୁର ଓ ବାଲେଶ୍ୱର ଜାଲ ସମ୍ପର୍କରେ ଏକଜଣ୍ଟିକ୍ୟୁଟିଭ ଇଞ୍ଜିନିୟର ଶ୍ରୀ ଯୁକ୍ତ କେଁଲୋକ୍ୟନାଥ ରାୟଙ୍କ ମାନଙ୍କର କଷ୍ଟ ଦେଖି ଜାଲ ବନ୍ଧରେ ଘୋଲ୍ ... ଗା ଖଡ଼ କରି ଦେଉଅଛନ୍ତି, ଏବଂ ଗୋଟିଏ ... ଠାରୁ ଦେଉଅଛନ୍ତି । ସେ ଧେଣ୍ଡୁର-ଲର ଉଭୟ ପାର୍ଶ୍ୱର ଗ୍ରାମବାସିମାନଙ୍କୁ ଦେଉଅଛନ୍ତି ଯେ ଜାଲ ବନ୍ଧରେ ଗୋଲ୍ ... କାରଣ ସେହି ବନ୍ଧ ଉଜାଗରଦାରଙ୍କ ଓ ଇଜାରଦାରମାନଙ୍କ ଅଗଲ୍ଭା ... ଥିବା ଟଙ୍କା ଯେଉଁ ଦେବା କାରଣ ... ଅଛନ୍ତି । ଜାଲ ବନ୍ଧର ଗୋଟିଏ କଷ୍ଟ ଏବଂ ରଣ୍ଡର ମୂଳ ଅଟେ । ଉଠିଯିବା ଉଚିତ । ଯେଉଁଠାରେ ... ଭୟ ପ୍ରଚଳିତ ଅଛି ସେଠାର

ଲୋକମାନେ ଗବର୍ଣ୍ଣମେଣ୍ଟରେ ଆବେଦନ କଲେ ସେହି ଅନିଷ୍ଟକର ଉଠିଯିବାର ଆଶା ଅଛି ।

———

ଯେଉଁ ଲୁମାସ ଜାଇଟିଙ୍ଗେଲ ଅନେକ ସୈନିକ ପୁରୁଷମାନଙ୍କ ସେବାରେ ସ୍ୱତଃ ନିଯୁକ୍ତା ହୋଇ ଅପରିସୀମ ପରିଶ୍ରମ କରି ପୃଥିବୀରେ ଯଶୋ ବିସ୍ତାର କରିଥିଲେ ତାଙ୍କର ମୃତ୍ୟୁ ହୋଇଅଛି । ଆମ୍ଭମାନଙ୍କ ସମ୍ରାଟ ତାଙ୍କ ବିୟୋଗରେ ଦୁଃଖିତ ହୋଇ ସହାନୁଭୂତି ସୂଚକ ପତ୍ର ତାଙ୍କ ପରିବାର ବର୍ଗଙ୍କ ନିକଟ ପଠାଇଅଛନ୍ତି । ସେ ଆପଣା ଜୀବନରେ କ୍ରାଇମିୟାରେ ପ୍ରେରିତ ହେବାର ଲେଖି ଯାଇଥିଲେ ମାତ୍ର ସୈନିକ କର୍ମଚାରୀମାନେ ଏହା ଉପେକ୍ଷା କରି ତାଙ୍କୁ ବେଣ୍ଟିମିନିଷ୍ଟରର ଆବେରେ ସୈନିକସମ୍ପୃକ୍ତ ସମାଧିରେ ପୋତିବା କାରଣ ଉଦ୍ୟୋଗୀ ହୋଇଥିଲେ । ଏଥିରୁ ଏହାଙ୍କ ବେଣ୍ଟିମିନିଷ୍ଟରମାନେ ଜୀବନର ଅନ୍ୟଥା ନ ହେବାକୁ ଓ ସେ ପ୍ରସ୍ତାବ ଅଗ୍ରାହ୍ୟ କରିବାରୁ ନିଃଶବ୍ଦରେ ପଲ୍ଲୀଗ୍ରାମରେ ତାଙ୍କର ସମାଧି ହୋଇଅଛି । ଯାହାଙ୍କ ଜୀବନରେ ପୃଥିବୀରେ ଚହଳ ପଡ଼ିଯାଏ ସେହି ଲୋକ ଧନ୍ୟ । ପ୍ରାତଃସ୍ମରଣୀୟା ଲୁମାସ ନାଇଟେଙ୍ଗେଲଙ୍କ ଉଦାହରଣ ଆମ୍ଭମାନଙ୍କ ଦେଶର ରମଣୀମାନଙ୍କର ପଥପ୍ରଦର୍ଶକ ହେଉ ଏହିକ କାମନା କରି ଆମ୍ଭେମାନେ ତାଙ୍କର ପରଲୋକଗତ ଆତ୍ମାର କୁଶଳତା ମନାଉଅଛୁଁ ।

———

କଟକ ଟ୍ରେନିଂକଲେଜର ଯନ୍ତ୍ରାଳୟର କମ୍ପୋଜରେ କେତେଥର ଅକ୍ଷର ଊଣା ପଡ଼ିବାର ଦେଖି କେହି ଚୋରେଇ ନେଉଥିବାର ସନ୍ଦେହ କରି କମ୍ପୋଜଖାନାର ଫୋରମାନ ବା ପ୍ରଧାନ କର୍ମଚାରୀ ଦୃଷ୍ଟି ରଖିବା କାରଣ ଦୁଇ ଏକଜଣ ବିଶ୍ୱାସୀ କର୍ମଚାରୀଙ୍କୁ ଗୋପନରେ କହିଥିଲେ । ଦିନେ ଛାପାଖାନା ବନ୍ଦ ହେଲା ପରେ ଅଦ୍ୱୈତ ପ୍ରସାଦ ଦାସ କମ୍ପୋଜିଟର ଗୋଟିଏ ପୁଟଳି ନେଇ ବାହାର ଯାଉଥିବାର ଦେଖି ଜଣେ ପ୍ରେସମାନ ବିରିଞ୍ଚି ତାହା ପରଖିବି ଯାଇ ଦେଖିଲା ଯେ ଅଦାଲତ କରେଣ୍ଟ ତଳୁଦୁଇରେ ବହିଥିବା ଅନ୍ୟ କମ୍ପୋଜଟର ଦାନ ଏକ ସେଠା-ପଡିଲୁ ବଢ଼ାଇ ଦେଲା । ତହୁଁ ସେ ମାଲସହିତ ଅଦ୍ୱୈତକୁ ଧରନ୍ତେ ଦାନ ଏକ ପଳାଇଗଲା, ଥାନାରେ ଅଦ୍ୱୈତର ଲୁଗା ଝଡ଼ାହେବା ସମୟରେ ଗୋଟିଏ ଏକାଅଙ୍ଗୁଠି ବାହାରିଲା ଯାହାକ ୫।୬ ମାସ ପୂର୍ବେ ଉକ୍ତ ଛାପାଖାନାରେ ଜଣେ କମ୍ପୋଜଟର ହାତରୁ ଖସିପଡ଼ି ଅନେକ ଖୋଜା ଖୋଜିରେ ମିଳ ନ ଥିଲା । ଅଦ୍ୱୈତ ଓ ଦାନ ଏକ ପୁଲିସଦ୍ୱାରା ଧୃତ ହୋଇ ହାଜତରେ ଥିଲେ । ଗତ ସୋମବାର ବାବୁ ବସନ୍ତକୁମାର ଗୁହ

ଡେପୁଟି ମାଜିଷ୍ଟ୍ରେଟଙ୍କ ବିଚାରରେ ଦୁଇଜଣ ଆସାମୀ ଏହା ଚୋରୀ ଏବଂ ଅଙ୍ଗୁଠି ଚୋରି ସ୍ୱୀକାର କରିଥିଲେ ଅଦ୍ୱୈତ ଅଉ ମାଷ ସଶ୍ରମ କାରାଦଣ୍ଡ ପାଇ-ଅଛନ୍ତି । ଅଦ୍ୱୈତ ଟ ୮ ଟଙ୍କା ଓ ଦାନ ଏକ ଟ ୧୦ ଟଙ୍କା ବେତନ ପାଉଥିଲେ ଓ ବିଶ୍ୱ-ସ୍ତରେ ଜଣା ଲ ଯେ ସେମାନେ ଅଧିକ ଓ ମଦତ ଗାଉଥିଲେ । ସ୍ୱତ୍ତି ନମ୍ବରେ ଅନେକ ଲୁଟିବି କରି ଅଦ୍ୱୈତ ଦ ୧୫ ଦ ନଏଦ ହୋଇଥିଲା । ଅକ୍ଷର ତାହାକୁ ବିକୁଥିଲେ ବା ବିକିବାପାଇଁ ଚେଷ୍ଟା କରିଥିଲେ ଜଣା ପଡ଼ି ନାହିଁ । ଛାପାଖାନା-ବାଲାମାନେ ସାବଧାନ ହେବେ ।

———

ଏହି ସଂଖ୍ୟା ଉତ୍କଳଦୀପିକାର କ୍ରୋଡ଼ପତ୍ର ସ୍ୱରୂପରେ ଶ୍ରୀଯୁକ୍ତ କ୍ଷୀରୋଦଚନ୍ଦ୍ରଘୋଷବର୍ମ ଯଶାବାଲଙ୍କର ବକ୍ତୃତା ପ୍ରକାଶ କରି ଆମ୍ଭେ ପ୍ରିୟ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ଏ ମହାଶୟ ଅନେକ ବର୍ଷ ହେଲା ଭାରତରେ ଗୋମାଂସ ଭକ୍ଷଣର ଅପକାରିତା ଦେଖାଇ ଲୁଚପୁବ ଭାରତ ନୃପତିର, ଉପରାଜ ଓ ଗଭର୍ଣ୍ଣର ମହୋଦୟଙ୍କ ନିକଟରେ ତାହା ରହିତ କରିବା କାରଣ ଆବେଦନ କରିଥିଲେ । ବର୍ତ୍ତମାନ ବଡ଼ଲାଟ ମିଣ୍ଟୋ ମହୋଦୟଙ୍କ ଶ୍ରମରେ ମଧ୍ୟ ସେହିପରି ଆବେଦନ କରିଅଛନ୍ତି । ଏହା ସମ୍ବାଦ ପତ୍ର ପାଠକମାନଙ୍କୁ ଅଜଣା ନାହିଁ । ଏ ବିଷୟରେ ଭାରତ ପ୍ରଚଳିତ ଭାଷା ଭାଷାର ପ୍ରବନ୍ଧ ପାଇଲେ ସର୍ବୋତ୍କୃଷ୍ଟ ଲେଖକଙ୍କୁ ପୁରସ୍କାର ଦେବେ ଏବଂ ଉତ୍କୃଷ୍ଟ ପ୍ରବନ୍ଧମାନ ପୁସ୍ତିକା ଆକାରରେ ପ୍ରକାଶ କରି ବହୁଳ ପରିମାଣରେ ବାଣ୍ଟି ଦେବେ । ଯଶାବାଲଙ୍କର ଉଦ୍ଦେଶ୍ୟ ମହତ୍ ଏବଂ ତହିଁରେ ଯଥୋଚିତ ସାହାଯ୍ୟ କରିବା ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ମନୁଷ୍ୟର ଜୀବନ ପ୍ରଧାନତଃ ଗୋରୁ ଉପରେ ନିର୍ଭର କରେ । ଜନ୍ମ ମାତ୍ରେ ଗୋଦୁଗ୍ଧରେ ଏବଂ ଆଜୀ-ବନ ଗୋରୁ ସାହାଯ୍ୟରେ ଉତ୍ପନ୍ନ ଧାନ୍ୟାଦିରେ ପ୍ରାଣଧାରଣ କରିବାକୁ ହେଉଅଛି । ତେଣୁ ଭାରତବାସୀ ଗୋରୁକୁ ମାତା ତୁଲ୍ୟ ଜ୍ଞାନ କରି ଭକ୍ତି ପୂର୍ବକ ତାହାର ସେବା କରନ୍ତି ଓ ଶାସ୍ତ୍ର-କାରମାନେ ଏହାକୁ ଗୋଟିଏ ପ୍ରଧାନ ଧର୍ମରୂପେ ନିର୍ଦ୍ଦେଶ କରିଅଛନ୍ତି । ଏମନ୍ତ ହିତକର ଗୋ ଜାତି ବଧ କରି ତାହାର ମାଂସ ଖାଇବା ଅଧର୍ମ କଥା ଅଉ କ ହୋଇ ପାରେ । ପୁଣି ସେ ମାଂସ ଯେ ଶରୀର ରକ୍ଷାର ଉପଯୋଗୀ ନୁହେ ଏବଂ ଅନେକ ଉତ୍କଟ ରୋଗର ମୂଳ ଏହା ମଧ୍ୟ ଅନେକ ବହୁଦର୍ଶୀ ଡାକ୍ତର ପ୍ରକାଶ କରିଅଛନ୍ତି । ଶ୍ରୀଯୁକ୍ତ ଯଶାବାଲଙ୍କ ଯତ୍ନ ଓ ଚେଷ୍ଟାରେ ଏହାର ଅନେକ ପ୍ରମାଣ ବାହାରିବ ।

———

Split by PDF Splitter

Digitized by srujanika@gmail.com

. ଶ୍ରୀ ମାନ୍ ହେମଚନ୍ଦ୍ର, ଶରତଥୀଙ୍କର ଅଧ୍ୟୟନ-ଶିକ୍ଷାର୍ଥ ବିଲାତ ଯାତ୍ରା ଉପଲକ୍ଷରେ ବାଲେଶ୍ୱର ସମ୍ବାଦ ବାହିକା ଯଥାର୍ଥ ଲେଖିଅଛନ୍ତି ଯେ ସେ ଓଡିଶାର ରକ୍ଷଣଶୀଳ ମଧ୍ୟରୁ ଉତ୍କଳ ବ୍ରାହ୍ମଣ ସମାଜକୁ ଆଉ ସାମାଜିକ ସୀମା ଲଙ୍ଘନପୂର୍ବକ ଏପରି ସାହସିକତା ଦେଖାଇବା ଅତ୍ୟନ୍ତ ପ୍ରଶଂସାର ବିଷୟ ଅଟେ । ଭରସା କରୁଅଛୁ ତାହାଙ୍କର ଉଦାହରଣ ଦେଖି ଅନେକ ଉତ୍କଳୀୟ ସେହି ପଥରେ ଅଗ୍ରସର ହେବେ । ଏ ପ୍ରସଙ୍ଗରେ ସେ ମୟୂରଭଞ୍ଜ ମହାରାଜା କନକାରାଜା ଏବଂ ମାନ୍ୟବର ଶ୍ରୀ ଯୁକ୍ତ ମଧୁସୂଦନ ଦାସଙ୍କର ନାମୋଲ୍ଲେଖ ଯେ ଭାବରେ କରିଅଛନ୍ତି ତାହା ଯଥାର୍ଥ ଓ ଯୁକ୍ତିସଙ୍ଗତ ବୋଲି ଅମ୍ଭେମାନେ କହି ନ ପାରୁଁ । ସହଯୋଗିଙ୍କ ଲେଖାରୁ ଅନେକେ ଅନୁମାନ କରିବେ ଯେମନ୍ତ ସେମାନଙ୍କର ପ୍ରଚୁର ଅର୍ଥ ଅଛି ବୋଲି କେବଳ ଆମୋଦ ପ୍ରମୋଦ ସକାଶେ ତାହାର ସାମାନ୍ୟାଂଶ ବିଲାତ ବୁଲି ଦେଖିବାରେ ବ୍ୟୟ କରୁଅଛନ୍ତି । ଏ କଥା ପ୍ରକୃତ ନୁହେ । ମୟୂରଭଞ୍ଜ ମହାରାଜା ଉତ୍କଳର ପ୍ରଧାନ ଗଡ଼ଜାତର ଅଧିପତି ଓ ସେ ନିଜ ରାଜ୍ୟରେ ଯେ ସମସ୍ତ ଉତ୍କୃଷ୍ଟ ଶାସନ ନୀତି ପ୍ରଚଳିତ କରିଅଛନ୍ତି ଏବଂ ପ୍ରଜାବର୍ଗର ଉନ୍ନତି ସକାଶେ ଯେ ସମସ୍ତ ହିତ କାର୍ଯ୍ୟରେ ହସ୍ତକ୍ଷେପ କରିଅଛନ୍ତି ସେ ସମସ୍ତ ଅନ୍ତତଃ ଉତ୍କଳର ଅନ୍ୟ ଗଡ଼ଜାତରେ ଦେଖାଯାଏ । ସେ ଜାପାନ ଆମେରିକା ଓ ଇଉରୋପ ଭ୍ରମଣ କରି ସେ ସମସ୍ତ ଦେଶର ଉନ୍ନତ ଶାସନ ଓ ଶିକ୍ଷା ପଦ୍ଧତି ପ୍ରତ୍ୟକ୍ଷ କରିବା ଅଭିପ୍ରାୟରେ ଯାଇଅଛନ୍ତି । କନକାରାଜା ଥରେ ବିଲାତ ଦେଖି ଅଛି ସେଠାର ଭଦ୍ର ସମାଜର ଶ୍ରେଷ୍ଠ ଜ୍ଞାନ ଅଧ୍ୟବସାୟ ଓ ଚରିତ୍ରରେ ମୋହିତ ହୋଇ ନିଜେ ଶିକ୍ଷା ଲାଭରେ ପ୍ରବୃତ୍ତ ହୋଇଅଛନ୍ତି ଏବଂ ବାରିଷ୍ଟରୀ ପଢୁଅଛନ୍ତି ଏ କଥା କାହାରିକୁ ବର୍ତ୍ତମାନ ଅଜଣା ନାହିଁ । ମାନ୍ୟବର ଦାସ ମହାଶୟ ବିଲାତ ଯାଇ ବକ୍ତୃତା, ପୁସ୍ତିକା ଆଦି ଦ୍ୱାରା ଉତ୍କଳର ଯେରୂପ ପରିଚୟ ବିଲାତବାସିଙ୍କୁ ଦେଇଥିଲେ ତାହା ମଧ୍ୟ ଅବିଦିତ ନାହିଁ ପୁଣି ସେ ନିଜ କନ୍ୟାଙ୍କୁ ସେଠାରେ ସୁଶିକ୍ଷିତା କରାଇ ଆଣିବା ହେତୁ ଏଠାରେ ବାଳିକାଶିକ୍ଷାର କେମନ୍ତ ସୁବିଧା ହୋଇଅଛି ସମସ୍ତେ ପ୍ରତ୍ୟକ୍ଷ କରୁଅଛନ୍ତି । ଅତଏବ ଏମାନେ ସମସ୍ତଙ୍କର ବିଲାତ ଗମନର ଉଦ୍ଦେଶ୍ୟ ମହାନ୍ ଏବଂ ଏକ ଅର୍ଥାତ୍ ଉତ୍କୃଷ୍ଟ ଜ୍ଞାନ ଲାଭ କରି ତଦ୍ୱାରା ସ୍ୱଦେଶର ଉନ୍ନତି ସାଧନ କରିବା ଅଟେ । ପୁଣି ଯାହାର ଅର୍ଥ ଉପାର୍ଜ୍ଜନର ସୁବିଧା ନାହିଁ ଶିକ୍ଷାର୍ଥେ ତାହାର ବିଦେଶ ଗମନ ଅଧିକ ପ୍ରଶଂସନୀୟ ସନ୍ଦେହ ନାହିଁ ।

---

## ଦଲିଲ ରେଜଷ୍ଟ୍ରୀ ବିବରଣୀ ।

ବଙ୍ଗପ୍ରଦେଶର ଦଲିଲରେଜଷ୍ଟ୍ରୀ ମହକୁମାର ସନ ୧୯୦୯ ସାଲର ବିବରଣୀ ବାହାରିଅଛି ତହିଁରୁ ଦେଖାଯାଏ ଯେ ବର୍ଣ୍ଣିତ ସନ ୧୯୦୯ ସାଲରେ ୧୦ଲକ୍ଷ ୩୬ ହଜାର ଦଲିଲ ରେଜଷ୍ଟ୍ରୀ ଏବଂ ଆୟ ଟ ୧୩,୭୧,୬୭୩ଙ୍କା ହୋଇଥିଲା । ତହିଁ ପୂର୍ବବର୍ଷ ବା ସନ ୧୯୦୮ ସାଲର ଦଲିଲ ସଂଖ୍ୟା ୧୦ ଲକ୍ଷ ୫୭ ହଜାର ଏବଂ ଆୟ ଟ ୧୩,୯୬,୯୩୮ ଟଙ୍କା ଥିଲା । ଅତଏବ ଗତବର୍ଷ ପ୍ରତି ଏବର୍ଷ ଅଳ୍ପ ଦଲିଲ ରେଜଷ୍ଟ୍ରୀ ହୋଇଅଛି ସୁତରାଂ ଆୟ ଊଣା ପଡ଼ିଅଛି । ଖରଚ ମଧ୍ୟ ଟ ୭,୭୬,୧୪୨୧ ଟଙ୍କାରୁ ଟ ୭,୨୮,୬୯୦୧ ଟଙ୍କାକୁ ଖସି ଆସିଅଛି । ଅତଏବ ଏ ମହକୁମାର ନିଟ ଆୟ ଊଣା ନହୋଇ ବରଂ କିଛି ବଢ଼ିଅଛି । ଅଳ୍ପ ଦଲିଲ ରେଜଷ୍ଟ୍ରୀ ହେବାର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ସନ ୧୯୦୯ ସାଲର ଫସଲ ଉତ୍ତମ ଏବଂ ଖାଦ୍ୟଦ୍ରବ୍ୟର ମୂଲ୍ୟ ନରମ ହେବାରେ ଋଣ ଅଥବା ଜମି ବିକ୍ରୀ ବନ୍ଧକର ପ୍ରୟୋଜନ ଅଳ୍ପ ହୋଇଥିଲା । ସମସ୍ତ ବଙ୍ଗ ବିହାର ଏବଂ ଓଡ଼ିଶାରେ ଏହା ଘଟିଥିଲା ଏବଂ ଯଦ୍ୟପି ତିର୍ହୁତ ବିଭାଗ ଓ ଭାଗଲପୁର ବିଭାଗରେ ବିଶେଷ ଘଟନାସୂତ୍ରେ ଦଲିଲ ରେଜଷ୍ଟ୍ରୀ କିଛି ବଢ଼ିଥିଲା ତାହା ଅନ୍ୟାନ୍ୟ ବିଭାଗର କ୍ଷତି ପୂରଣ କରି ପାରି ନାହିଁ । ଗୟା ଜିଲ୍ଲାରେ ଛୋଟନାଗପୁର ପ୍ରଜାସତ୍ୱ ଆଇନର ଗଭର୍ଣ୍ଣର ସ୍ୱୀକାର ହେତୁ ପଟ୍ଟା ଏବଂ କବାଲା ଊଣା ହୋଇଥିଲା ।

ଓଡ଼ିଶାର ପ୍ରତ୍ୟେକ ରେଜଷ୍ଟ୍ରୀ ଅଫିସର କାର୍ଯ୍ୟ ଓ ଆୟ ବ୍ୟୟ ନିମ୍ନେ ପ୍ରଦର୍ଶିତ ହେଲା ଯଥା :—

| ରେଜଷ୍ଟ୍ରୀଅଫିସ | ଦଲିଲ ସଂଖ୍ୟା | ମୋଟଆୟ | ମୋଟବ୍ୟୟ |
|---|---|---|---|
| କଟକ | ୫୬୫୬ | ଟ ୧୧୧୦୪ | ଟ ୫୧୯୩ |
| ଜଗତସିଂହପୁର | ୮୪୦ | ଟ ୬୩୯୧ | ଟ ୩୨୭୬ |
| ଜଏଣ୍ଟ ଜଗତସିଂହପୁର | ୧୧୩ | ଟ ୨୫୬ | ଟ ୫୧୪ |
| ଢାଙ୍ଗଲ (ଜହାମା) | ୪୧୧୯ | ଟ ୩୨୬୫ | ଟ ୧୯୩୩ |
| ସାଲେପୁର | ୫୮୩୧ | ଟ ୪୯୪୩ | ଟ ୧୯୪୨ |
| କେନ୍ଦ୍ରାପଡ଼ା | ୬୨୧୬ | ଟ ୭୨୨୫ | ଟ ୩୨୧୬ |
| ଆଳି | ୨୩୧୫ | ଟ ୧୬୨୮ | ଟ ୯୬୩ |
| ଯାଜପୁର | ୯୦୬୧ | ଟ ୮୦୨୦ | ଟ ୩୧୩୮ |
| ବାଲେଶ୍ୱର | ୨୦୯୩ | ଟ ୬୧୮୧ | ଟ ୫୧୬୫ |
| ଜଳେଶ୍ୱର | ୫୨୨୮ | ଟ ୩୧୧୫ | ଟ ୨୫୩୧ |
| ଭଦ୍ରକ | ୬୩୩୧ | ଟ ୫୩୨୫ | ଟ ୨୬୨୩ |
| ସୋରୋ | ୫୦୬୨ | ଟ ୩୯୫୫ | ଟ ୨୨୦୨ |
| ଧାମନଗର | ୩୫୨୨ | ଟ ୨୬୫୧ | ଟ ୨୩୧୯ |
| ଅନୁଗୁଳ | ୧୫ | ଟ ୧୨ | ଟ ୪୩୦ |
| ଖଣ୍ଡମାଳ | ୨ | ଟ ୨ | ଟ ୧ |
| ସମ୍ବଲପୁର | ୩୫୬ | ଟ ୯୮୪ | ଟ ୧୬୨୬ |
| ବଡ଼ଗଡ଼ | ୩୫୨ | ଟ ୬୩୩ | ଟ ୧୧୫୯ |
| ପୁରୀ | ୬୨୧୬ | ଟ ୯୧୧୫ | ଟ ୪୮୪୬ |
| ଗୋପ | ୪୬୫୧ | ଟ ୩୫୪୮ | ଟ ୧୬୨୬ |
| ପିପିଲି | ୧୮୨ | ଟ ୭୩୩ | |
| ଖୋର୍ଦ୍ଧା | ୫୯୬୬ | ଟ ୫୮୧୦ | |

ଏଥିରୁ ଦେଖାଯାଏ ଯେ ଓଡ଼ିଶାରେ ଜିଲ୍ଲା ପିପିଲି ଅଫିସରେ ସର୍ବାପେକ୍ଷା ଦଲିଲ ରେଜଷ୍ଟ୍ରୀ ହୋଇଥିବା ମାତ୍ର ଆୟ ସର୍ବାପେକ୍ଷା ଅଧିକ ଓ ଯାଜପୁର ପାଇଅଛି ।

---

## ସମ୍ପାଦକ ଆଦର ।

କଲିକତାର 'ପତ୍ରିକା' ସଚିତ୍ର ମାସିକ ପତ୍ରିକା । ତହିଁରେ 'ଏସ ... ନାମଧେୟ ଗୋଟିଏ କବିତା ପ୍ରକାଶ ... ହେବାରୁ ସେ ମୁଦ୍ରାଯନ୍ତ୍ର ଜୋରକର କରିବା ... କଲିକତାମାଜିଷ୍ଟ୍ରେଟଙ୍କ ଆଦେଶ ବିରୁଦ୍ଧରେ ... ହାଇକୋର୍ଟରେ ଅପିଲ ହୋଇଥିଲା । ... ଦୁଇଗୋଟି ଆପତ୍ତି ହୋଇଥିଲା ଯଥା ପତ୍ରିକା ସନ ୧୯୦୮ ମସିହା ... ଉନ୍ନତିର ସମ୍ପାଦକ ଆଇନମ ... ନୁହେ ଏବଂ ଦ୍ୱିତୀୟ ଉକ୍ତ କବି... ନୁହେ କି ଯହିଁରେ ଉକ୍ତ ଆଇନାନୁଯା... ଯନ୍ତ୍ର ଯବତ ହେବ । ବିଚାରପତି ହାଇ... ଟିଉନନ ମହୋଦୟମାନେ କହୁର ... ଉକ୍ତ ପତ୍ରିକା ସମ୍ପାଦକ ମଧ୍ୟରେ ଗ... ଯାରେ ମାତ୍ର ଉକ୍ତ କବିତା ଯେ ... ଯବତ ହୋଇପାରିବା ସମ୍ବନ୍ଧରେ ଦୁଇ ଜଜମଧ୍ୟରେ ମତପାର୍ଥକ୍ୟ ଯୋଗେ ଉକ୍ତ ବିଚାରପତି ମୁଖର୍ଜ୍ୟା ମହୋଦୟଙ୍କ ସ... ଅର୍ପିତ ହେଲା । ମୁଖର୍ଜ୍ୟା ମହୋଦୟ କହିଲେ ଯେ ଦୁଇଜଣ ବିଚାରପତିଙ୍କ ମତ ହେଉ ଯେତେବେଳେ ତୃତୀୟ ବିଚ... ସମୀପରେ ମୋକଦ୍ଦମା ଆସିବ ... ବେଳେ ସେ ମୋକଦ୍ଦମାର ସମୁଦାୟ ବିଚାର କରିବାକୁ ସକ୍ଷମ ଅଟନ୍ତି । ... ପତ୍ରିକା ସମ୍ପାଦକ ଥିବା ବିଷୟରେ ବିଚାରପତି ଏକମତ ହୋଇଥିଲେହେଁ ... ବେଳେ ମୋକଦ୍ଦମାଟି ତାଙ୍କ ସମ୍ମୁଖ... ହେଲା ସେତେବେଳେ ... କରିପାରନ୍ତି । ଏହା ... ମହୋଦୟ ସିଦ୍ଧା... ମାସିକପତ୍ରିକା ଏ... ଗୋଟିଏ ଟୌ... ଏ ସମ୍ବାଦ ପ୍ର... ସମ୍ବାଦପତ୍ରରେ ... ପତ୍ରିକା ସ... ଆପତ୍ତି ଉଠା... ପ୍ରଭ ସଂଖ୍ୟାରୁ ... ଦେଖାଇବା ଉଚିତ ଥି... ପଦ୍ୟ ସାଧାରଣ ବିଦ୍ରୋହ...

Split by PDF Splitter

Digitized by srujanika@gmail.com

।ଉଣ୍ଟଲେଣ୍ଟ ଦଣ୍ଡବିଧି ଆଇନର ୧୨୪ ଧ
ଓ ମୋହନଙ୍କ ଉତ୍ତରରେ ମାତ୍ର ସମ୍ବାଦ-
।ମ୍ବନ୍ଧୀୟ ଉକ୍ତ ଆଇନମଧ୍ୟରେ ଅଛି ଓ
। ସୁତରାଂ ମାଜିଷ୍ଟ୍ରେଟ ମହୋଦୟଙ୍କ
ଇଦ ହେଲା । ବନ୍ଧୁରପତ୍ର ମୁଣ୍ଡର
।ଙ୍କ ବନ୍ଧୁର ଦେଶର ଲୋକଙ୍କୁ ଲୋକ
ଙ୍କୁ ଦେଉଅଛି । ସମ୍ବାଦପତ୍ର ଓ ସାହିତ୍ୟ
।ଲୋଚନ ସମ୍ବନ୍ଧୀୟ ମାସିକପତ୍ର ଦ୍ୱାରା
ଦାର୍ଥ ଏବଂ ସେମାନଙ୍କ ରକ୍ଷିବାରେ
୨ ମୋହର ଅଧେ ସମ୍ବାଦ ପ୍ରକାଶିତ
ସ୍ତବ୍ଧା ତାହା ସମ୍ବାଦପତ୍ର ମଧ୍ୟରେ ଗଣ୍ୟ
।ଇ ପାରେ । ସୁତରାଂ ବନ୍ଧୁର ଯେ ଠିକ
ଅଛି ଏଥିରେ ସନ୍ଦେହ ନାହିଁ ।

---

ପ୍ରକୃତ ସମାଜ ସଂସ୍କାର ।

( ହିତବାଦୀରୁ ଉଦ୍ଧୃତ )

।। ଜିଲ୍ଲାର ଅଧୀନ ମଥୁରା ଥାନା ଚନ୍ଦ୍ର
ରମଣା ନାମକ ଗ୍ରାମରେ ଜଣେ ଅନ୍ଧ
ାହ୍ମଣ ବାସ କରନ୍ତି । ତାହାଙ୍କ ଏକ
ୟା ବିବାହଯୋଗ୍ୟ ହେବାରୁ ବଂଶଦାୟ
ହ୍ମଣ ନିକଟବର୍ତ୍ତୀ କୌଣସି ଗ୍ରାମର
ୀତିପର କୁଳୀନ ବ୍ରାହ୍ମଣସହିତ ସମ୍ବନ୍ଧ
ଲେ । ସିରାଜଗଞ୍ଜର କଲେଜୀୟ ସଦ୍‌ବଂଶ
ଓ ମହାକୁଳୀନ ଯୁବକ ଏହି ଅଯୋଗ୍ୟ
ର କଥା ଶ୍ରବଣ କରି ବାଳକାର ପିତାଙ୍କ
। ଯାଇ ଗୋଟିଏ ଯୋଗ୍ୟ ପାତ୍ର ଅନୁସ-
ଇ ଦେବେ ବୋଲି ପ୍ରତିଶ୍ରୁତ ହେଲେ ।
ାର ସମ୍ଭ୍ରାନ୍ତ ଯାଇ ଯୁବକମାନେ ପାତ୍ର
ନରେ ପ୍ରବୃତ୍ତ ହେଲେ ! ଗତ ଅଷାଢ଼
୨୭ କ ଛାତ୍ରର ସୌରୀନ୍ଦ୍ରନାଥ ମଜୁମ
ଦାହିତ ସେହି ବାଳକାର ଶୁଭ ବିବାହ
ହୋଇଅଛି । ଏ ମହାଶୟ କଲିକତାର
ଅଫ ଫିଜିସିୟାନ୍ସ ଓ ସର୍ଜନସ୍ ନାମକ
ଦ୍ୟାଳୟରୁ ଉତ୍ତୀର୍ଣ୍ଣହୋଇ ଘରେ ଥାଇ
·ଅପନ୍ ଓ ଏହାଙ୍କର ସଂସାରର
ବାହୁଲ୍ୟ ଏହି ବିବାହ
ନ ଯଉତୁକ ଖର୍ଚ୍ଚ
୨ ଗଣୀଗ୍ରାମ,ବ୍ରାହ୍ମ
ପ୍ରବର୍ତ୍ତନ ଏବଂ
ାଣୀ ଶୋଭାର

ଯଥାର୍ଥତା
ଉଦ୍ଧୃତ କରି
ଯୁବକମାନଙ୍କ ଓ
ଯୁର ସୌରୀନ୍ଦ୍ରନାଥ
, ଅନୁକରଣ କରୁଅଛୁଁ ।

ସୌରୀନ୍ଦ୍ର ବାବୁଙ୍କର ଜ୍ୟେଷ୍ଠ ସହୋଦର ଭୂତ-
ପୂର୍ବ ମହାରାଜାଙ୍କର ଜଣେ ଓଭରସିୟର ଓ
ମଧ୍ୟମ ସହୋଦର ରଙ୍ଗପୁରର ଏକ ଜମିଦାରର
ତହସିଲଦାର । ଏହି ଭଦ୍ରଯୁବକମାନେ ବୃଦ୍ଧ ଅନ୍ଧ
ବ୍ରାହ୍ମଣଙ୍କୁ କନ୍ୟା ଦାୟରୁ ମୁକ୍ତକରି କେବଳ
ଯେ ତାଙ୍କର ଉପକାର କରିଅଛନ୍ତି ତାହା ନୁହେଁ
ଯେଉଁମାନେ ଅର୍ଥ ଲୋଲୁପ, କଳଙ୍କିତ, ଶୃଙ୍ଖଳିତ-
ତା, ପଣ ନେଇ ବିବାହ ଦେଇ କନ୍ୟାର ପିତାଙ୍କୁ
ସର୍ବସ୍ୱାନ୍ତ କରନ୍ତି ସେମାନଙ୍କୁ ଯଥେଷ୍ଟ ଶିକ୍ଷା
ଦେଇଅଛନ୍ତି । ଯେବେ ସମାଜର କଳଙ୍କ ଦୂର
କରିବାକୁ ଗୁହଁ, ତାହାହେଲେ ସ୍ୱୟଂ ସ୍ୱାର୍ଥଶୂନ୍ୟ
ହୋଇ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କର । ବ୍ୟକ୍ତି-
ଗତ ଦୃଷ୍ଟାନ୍ତଦ୍ୱାରା ସମାଜର ନରରୂପୀ ପିଶାଚ-
ମାନଙ୍କର ଚୈତନ୍ୟ ସମ୍ପାଦନର ଚେଷ୍ଟା କର ।
ନିଃସ୍ୱାର୍ଥ ନ ହେଲେ କୌଣସି ବିଷୟର ଉନ୍ନତି
କମ୍ବା ସଂସ୍କାର ହୁଏ ନାହିଁ । ଆମ୍ଭେମାନେ ସୌ-
ରୀନ୍ଦ୍ର ବାବୁଙ୍କୁ ଓ ସିରାଜଗଞ୍ଜର ଯୁବକମାନଙ୍କୁ
କ ବୋଲି ଆଶୀର୍ବାଦ କରିବୁଁ ଜାଣୁ ନାହିଁ । ଭଗ
ବାନ ସେମାନଙ୍କର ମଙ୍ଗଳ ବିଧାନ କରନ୍ତୁ ।
ଦରିଦ୍ରର ଦୁଃଖ ମୋଚନରେ, ଆର୍ତ୍ତର ପରିତ୍ରା-
ଣରେ ସେମାନେ ବଙ୍ଗ ଦେଶର ଶୀର୍ଷ ସ୍ଥାନୀୟ
ହେଉନ୍ତୁ ଓ ନାନା ସ୍ଥାନର ଯୁବକଦଳ ଏମାନଙ୍କ
ପ୍ରଦର୍ଶିତ ପନ୍ଥାର ଅନୁଗାମୀ ହେଉନ୍ତୁ ଭଗବା
ନଙ୍କ ନିକଟରେ କେବଳ ଏହି ପ୍ରାର୍ଥନା ।

---

ଯୌଥକାରବାର ।

ବଙ୍ଗପ୍ରଦେଶରେ କାହିଁକି ସମଗ୍ର ଭାରତ-
ବର୍ଷରେ ଯୌଥକାରବାରର ଶୈଶବ ଅବସ୍ଥା
କହିଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ଏ ଦେଶର
ଶିଶୁମାନେ ଯେପରି ମୃତ୍ୟୁମୁଖରେ ପଡନ୍ତି ପ୍ରାୟ
ସେହିପରି ଯୌଥକାରବାର ଅଳ୍ପକାଳ ମାତ୍ର
ଜୀବିତ ଥାଇ ମୃତହେବାର ଦେଖା ଯାଉଅଛି ।
୧୯୦୮।୯ ରେ ଶେଷ ହେବା ଦଶ ବର୍ଷର
ଯେଉଁ ତାଲିକା ସରକାରଙ୍କ ଦ୍ୱାରା ପ୍ରକାଶିତ
ହୋଇଅଛି ତହିଁରୁ ଦେଖାଯାଏ ଯେ ସମଗ୍ର
ଭାରତବର୍ଷରେ କମ୍ପାନୀର ସଂଖ୍ୟା ୧୩୪୦ ଠାରୁ
୨୧୬୬ କୁ ବଢ଼ିଥିଲା ଏବଂ ସେମାନଙ୍କର ସଂଗୃ-
ହୀତ ଅଂଶର ମୂଲ୍ୟ ସାଢ଼େ ୩୪ କୋଟିରୁ ୫୬
କୋଟି ଟଙ୍କାରୁ କିଛି ଅଧିକ ବୃଦ୍ଧି ହୋଇଥିଲା ।
ଏଥି ମଧ୍ୟରେ ଋଣଟଙ୍କା ଜମା କମ୍ପାନୀରେ
ରେଜେଷ୍ଟ୍ରି ହୋଇ ଭାରତରେ ଚଳୁଥିବା କମ୍ପା-
ନୀର ଅଂଶଟଙ୍କା ଧରାଯାଇନାହିଁ । କମ୍ପାନୀ ସମ୍ବ-
ନ୍ଧୀୟ ୧୮୮୨ ମସିହାର ୬ ଆଇନ ଜାରି ହେବା
ସମୟରୁ ୧୯୦୮।୯ ଯାଏ ୫୪୫୮ ଗୋଟି କମ୍-
ପାନୀ ରେଜେଷ୍ଟ୍ରି ହୋଇଥିବା ସ୍ଥଳେ ୧୯୦୮।୯
ଶେଷସୁଦ୍ଧା କେବଳ ୨୧୬୬ଟି ବଞ୍ଚିଥିଲା ।

ସୁତରାଂ ଶତକଡ଼ା ୬୧ କମ୍ପାନୀ ଫେଲ ହୋଇ-
ଅଛି । ଫେଲ ହୋଇଥିବା କମ୍ପାନୀ ମଧ୍ୟରେ
ଅନେକ ଗୁଡ଼ିଏ ଖଣି ସମ୍ବନ୍ଧୀୟ ଥିଲା । ମଫସଲର
ପ୍ରକୃତ ପ୍ରକାର ସୁକାଶଣୀ ଅନୁଷ୍ଠିତ ହେବାର
କଥା ଶୁଣା ହେବା ପରେ ୨ କେତେ ଗୁଡ଼ିଏ
କମ୍ପାନୀ ସଂଗଠିତହୋଇ ମୃତ ହୋଇଅଛି । ଖଣି
ସମ୍ବନ୍ଧୀୟ କାରବାର ଅବଶ୍ୟ ଚାଲିକିଛି ଓ ଅନୁ-
ମାନର ଅଭାବ ମାତ୍ର ମିତବ୍ୟୟିତା ବଢ଼ାଇବା
ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିବା କମ୍ପାନୀ
ଫେଲ ହେବା ଦୁଃଖର ବିଷୟ ଏବଂ ତହିଁ
ମଧ୍ୟରେ ଅନେକ ଗୁଡ଼ିଏ ବଙ୍ଗଳାର ପ୍ରତିଷ୍ଠାନ,
ଅପୋଷିଏସନ ଅଟେ । ବାଣିଜ୍ୟ, ଶିଳ୍ପ, କୃଷି
ଦାନ ବା ଅନ୍ୟ ଉପକାରୀ କମ୍ପାନୀମାନ ଲିମି-
ଟେଡ୍ କଥା ନ ଲେଖି ସୀମାବଦ୍ଧ ରୂପେ କାର-
ବାର ଚଳାଇବା କାରଣ ଗବର୍ଣ୍ଣମେଣ୍ଟରୁ ଅନୁ-
ମତି ପତ୍ର ବା ଲାଇସେନ୍ସ ନେଇ ପାରନ୍ତି ମାତ୍ର
ଦେଶରେ ଅନେକ ଗୁଡ଼ିଏ ଠକ କମ୍ପାନୀ ସଂଗ-
ଠିତ ହେବାରଦେଖି ଏଣିକି କେତେକ ଲାଇସେ-
ନ୍ସର ପ୍ରାର୍ଥନା ଅଗ୍ରାହ୍ୟ ହେଉଅଛି । ଅଦ୍ୟାପି
ଯୌଥ କାରବାର ପ୍ରତି ଲୋକଙ୍କର ମନ ଆକ-
ର୍ଷିତ ହୋଇ ନାହିଁ ଏବଂ କାରବାରଦ୍ୱାରା ଧନା-
ଗମର ସୁବିଧା ଦେଖି ହେଲେ ସୁଦ୍ଧା ଅର୍ଥ ବ୍ୟୟ
କରିବା କାରଣ ସଦାଳୁ ବାହାରୁଥିବା ସ୍ଥଳେ
ଏପରି ଘଟଣାଦ୍ୱାରା ଭବିଷ୍ୟତର ଆଶା ବଡ଼
ସନ୍ଦେହଜନକ ହୋଇଅଛି । ପୃଥିବୀର ସଭ୍ୟଶ୍ରେଷ୍ଠ
ପ୍ରତିଷ୍ଠା ଫଣ୍ଡ ଦେଶର ଅନେକ ଗରିବ
ଲୋକଙ୍କ କଷ୍ଟୋପାର୍ଜିତ ଧନ ଟାଣି ନେଇ ଲୋ-
କଙ୍କୁ ବିପଦ ସାଗରରେ ପକାଇଅଛି । ସେଥିର
ଅବସ୍ଥା ଓ ଅନ୍ୟାନ୍ୟ କମ୍ପାନୀର ଅବସ୍ଥା ତନ୍ନତନ୍ନ କରି
ତଦନ୍ତ ହେବା ଆବଶ୍ୟକ ଏବଂ ଯେଉଁଠାରେ
ଲୋକଙ୍କୁ ଅସଙ୍ଗତ ଆଶା ଦେଇ ଅର୍ଥୋପାର୍ଜନ
କରିବା ଅଭିଳାଷରେ କମ୍ପାନୀ ସ୍ଥାପିତ ହୋଇ-
ଥିବାର ଦେଖାଯିବ ସେଠାରେ କଠିନ ଦଣ୍ଡ
ବିଧାନ ନ କଲେ ଚଳିବ ନାହିଁ । ଭାରତରେ
ପ୍ରତିଷ୍ଠିତ ଥିବା ଯୌଥକାରବାର ମଧ୍ୟରେ
ବଙ୍ଗଳା ଏବଂ ବୋମ୍ବାଇର ସଂଖ୍ୟା ଶତକଡ଼ା
ପ୍ରାୟ ୭୮ ଏବଂ ଅଂଶ ଟଙ୍କା ମଧ୍ୟରୁ ବଙ୍ଗଳାର
ସାଢ଼େ ୨୩ ଏବଂ ବୋମ୍ବାଇର ୨୧ କୋଟି ଟଙ୍କା
ଅଟେ । ମାନ୍ଦ୍ରାଜ ତୃତୀୟ ସ୍ଥାନ ଅଧିକାର କରି
ଅଛି । ଏ ସବୁ କମ୍ପାନୀ ମଧ୍ୟରୁ ଅଧିକାଂଶ
କୋଇଲା, କପା, ରେସମ ଓ ପଶମ ସମ୍ବନ୍ଧୀୟ
ଅଟେ । ଏହା କମ୍ପାନୀର ମୂଳଧନ ବିଶେଷ
ବଢ଼ି ନାହିଁ । ବାଙ୍କରେ ଜମା ହେଉଥିବା ଟଙ୍କା
ବିଶେଷ ବଢ଼ିଅଛି । ପ୍ରେସିଡେନ୍ସି ବାଙ୍କ
ଅଥବା ଏକ୍ସଚେଞ୍ଜ ବାଙ୍କରେ ସରକାରୀ ଜମା
ଛଡ଼ା ଅନ୍ୟ ବାଙ୍କମାନଙ୍କରେ ୧୮୯୯ ମସି-

Split by PDF Splitter

Digitized by srujanika@gmail.com

ଶ୍ୟରେ ମୋଟ ୧୯୭ ଲକ୍ଷ ପାଉଣ୍ଡ ସ୍ଥଳେ ୧୯୦୮ ରେ ୪୨୮ ଲକ୍ଷ ପାଉଣ୍ଡ ଜମା ଥିଲା। ପ୍ରେସିଡେନ୍ସି ଓ ଏକ୍ସଚେଞ୍ଜ ବ୍ୟାଙ୍କରେ ମଧ୍ୟ ଡିପୋଜିଟ ଟଙ୍କାର ବୃଦ୍ଧି ଦେଖାଯାଏ। ଏ ସମସ୍ତ ଶୁଭଲକ୍ଷଣ। ମାତ୍ର ବାଣିଜ୍ୟବୁଦ୍ଧି-ସମ୍ପନ୍ନ ସାହସୀ ବ୍ୟକ୍ତିର ଅଭାବ ଥିଲେ ଅଳ୍ପ କେତେ ଲୁକ୍ସାନ ଘଟିଲେ ଓ ସୁସ୍ଥିର ହୋଇ ପାରନ୍ତି।

———

ସମ୍ବଲପୁରରେ ଛୋଟଲାଟ।

ଗତ ତା ୨୨ ରେଖ ସୋମବାର ସକାଳେ ବଙ୍ଗ ପ୍ରଦେଶର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଏଡ଼ୱାର୍ଡ ବେକର ବାହାଦୁର ସମ୍ବଲପୁରରେ ପହଞ୍ଚମାନ ହୁଅନ୍ତେ ସେଠାର ମିଉନିସିପାଲ କମିଟି ଏବଂ ଡିଷ୍ଟ୍ରିକ୍ଟ କାଉନସିଲ ଏକ ଯୁକ୍ତ ଅଭିନନ୍ଦନ ପତ୍ରଦ୍ୱାରା ଯଥାଯୋଗ୍ୟ ଅଭ୍ୟର୍ଥନା କଲେ। ସେମାନେ ସମ୍ବଲପୁର ସହର ଏବଂ ଜିଲ୍ଲାର ପ୍ରତିନିଧିସ୍ୱରୂପ ମାନ୍ୟବର ମହୋଦୟଙ୍କ ଶୁଭାଗମନ ହେତୁ ଅତ୍ୟନ୍ତ ସାଦର ସମ୍ଭାଷଣ ଏବଂ ଭାରତ ସମ୍ରାଟ ପ୍ରବଳପ୍ରତାପ ଜର୍ଜ ପଞ୍ଚମଙ୍କ ପ୍ରତି ପ୍ରଗାଢ଼ ରାଜଭକ୍ତି ଏବଂ ଭାରତର ରାଜନ୍ୟବର୍ଗ ଓ ପ୍ରଜାବର୍ଗଙ୍କ ସେ ଯେଉଁ ସମ୍ବାଦ ପଠାଉଥିଲେ ତହିଁ ନିମନ୍ତେ ଅଶେଷ କୃତଜ୍ଞତା ଜ୍ଞାପନ କରି-ଜଣାଇଲେ ଯେ ସେଠାର ଅକ୍ଟ୍ରଏ ଟିକସ ଓ ତା ଧାର ଅନ୍ୟାନ୍ୟ ମିଉନିସିପାଲିଟି ସମୂହରୁ ଭିନ୍ନ ଥିଲେହେଁ ଅର୍ଥାଗମର ସ୍ଥିର ସୁପନ୍ଥା ହୋଇଅଛି ଏବଂ ତଦ୍ୱାରା ଗୋଟିଏ ମଧ୍ୟଇଂରାଜୀ ଓ ଗୁରୁଟ୍ରେନିଂ ପ୍ରାଇମେରୀ ସ୍କୁଲ ଗୋଟିଏ କୁଷ୍ଠାଶ୍ରମର ବ୍ୟୟ ନିର୍ବାହ ହୋଇ ଚିକିତ୍ସାଳୟକୁ କିଛି ସାହାଯ୍ୟ ଦେବାର ସୁବିଧା ହୋଇଅଛି। ଜିଲ୍ଲାର ମଧ୍ୟ ଇଂରାଜୀ ଓ ପ୍ରାଇମେରୀ ସ୍କୁଲ ସମୂହର ବ୍ୟୟ ନିର୍ବାହ ଏବଂ ସଡ଼କମାନ ସୁରକ୍ଷଣ ସକାଶେ ଗବର୍ଣ୍ଣମେଣ୍ଟ ଯାହା ଦାନ କରୁଅଛନ୍ତି ତାହା ବୃଦ୍ଧି କରିବା କାରଣ ପ୍ରାର୍ଥନା କରି ଏବଂ ମାନଭୂମ ଓ ସମ୍ବଲପୁରସକାଶେ ଜଣେ ଜଜ ସାହେବ ନିଯୁକ୍ତ ହୋଇଥିବା ହେତୁ ଧନ୍ୟବାଦ ପ୍ରଦାନପୂର୍ବକ ଅଭିନନ୍ଦନ ପତ୍ର ଶେଷ କଲେ। ମାନ୍ୟବର ମହୋଦୟ ତହିଁର ଉତ୍ତରରେ ତାହାଙ୍କର ଅଭ୍ୟର୍ଥନା ଓ ସମ୍ରାଟଙ୍କପ୍ରତି ଗାଢ଼ ରାଜଭକ୍ତି ସକାଶେ ସଭ୍ୟବୃନ୍ଦଙ୍କୁ ଧନ୍ୟବାଦଦେଇ କହିଲେ କି ସମ୍ରାଟଙ୍କର ଶ୍ରମ ଉଠାଉ ସେମାନଙ୍କ ମନରୁ ଯେପରି ସେଇଅଛି କାର୍ଯ୍ୟଦ୍ୱାରା ତାହା ଦେଖାଇବେ ଓ ଆଇନ ଓ ଶାନ୍ତି ପାଳନରେ ସେ ସ୍ଥାନର ଯେଉଁ ସୁନାମ ଅଛି ତାହା ସୁରକ୍ଷିତ ହେବ। ମାନ୍ୟବର ମହୋଦୟଙ୍କ ବିବେଚନାରେ ଅକଟ୍ରଏ ଟିକସ ଅପବ୍ୟୟ ଏବଂ ଅନିଶ୍ଚିତ ଟିକସ ହେଲେହେଁ ଯେ ସ୍ଥଳେ ଟିକସ ବିଷୟରେ ସ୍ଥାନୀୟ ଅଧିକ ଓ ଉପଯୁକ୍ତ ବନ୍ଦୋବସ୍ତ ନ କରିବା ଗବର୍ଣ୍ଣମେଣ୍ଟର ମତ ହୋଇଅଛି ସେ ସ୍ଥଳେ ସେମାନଙ୍କର ଏ ଟିକସ ପରିବର୍ତ୍ତନର ଇଚ୍ଛା କରିବା ଅନାବଶ୍ୟକ। ସେ ଜାଣନ୍ତି ଯେ ଜିଲ୍ଲା କାଉନସିଲର ପ୍ରଧାନ ନିର୍ଭର ସରକାରୀ ସାହାଯ୍ୟ ମାତ୍ର ସେ ଯେତେ ନ ହେବା ସେ ବାଞ୍ଛା କରନ୍ତି। ସମ୍ବଲପୁର ମିଉନିସିପାଲିଟିର ଆୟ ଏ ପ୍ରଦେଶର ଅନ୍ୟାନ୍ୟ ମିଉନିସିପାଲିଟିର ପ୍ରାୟ ଏକଚତୁର୍ଥାଂଶ ଅଟେ ଏବଂ କାଉନସିଲର ଆୟ ଜଣ ପ୍ରତି ମୋଟରେ ଦୁଇଅଣା ଏକ ପାଇ ପ୍ରାଦେଶିକ ମୋଟ ଦୁଇ ଅଣା ଦଶ ପାଇ ସଙ୍ଗେ ପ୍ରାୟ ସମାନ। ଏଥିରୁ ସେମାନେ ଜାଣି ପାରିବେ ଯେ ସରକାର ଅତ୍ୟନ୍ତ ଉଦାରତା ସହିତ ସେମାନଙ୍କୁ ସାହାଯ୍ୟ କରୁଅଛନ୍ତି ଏବଂ ମଧ୍ୟପ୍ରଦେଶର ଗବର୍ଣ୍ଣମେଣ୍ଟ ଯାହା ଦେଉଥିଲେ ବର୍ତ୍ତମାନ ତହିଁରୁ ଶତକଡ଼ା ୬ ୫୦୧ ଟଙ୍କା ଅଧିକ ପାଉଅଛନ୍ତି। ଏଥି ଉପରେ ସଡ଼କ ନିର୍ମାଣ ସକାଶେ ଅନେକ ଟଙ୍କା ଦିଆଯାଉଅଛି। ସେମାନଙ୍କର ଅଧିକ ସାହାଯ୍ୟ ପ୍ରାର୍ଥନାରେ ମାନ୍ୟବର ମହୋଦୟଙ୍କର ସହାନୁଭୂତି ଅଛି ମାତ୍ର ତାହାଙ୍କ ବିବେଚନାରେ ସରକାର ସେମାନଙ୍କୁ ସମୁଚିତ ସାହାଯ୍ୟ ଦେଉଅଛନ୍ତି। ନୂତନ ଜଜ ନିଯୁକ୍ତିର ସୁଫଳ ସେମାନେ ବୁଝିଅଛନ୍ତି ଆନନ୍ଦର ବିଷୟ। ମହାଫିଜଖାନା ସମ୍ବନ୍ଧରେ ଜଜ ସାହେବ ସୁବନ୍ଦୋବସ୍ତ କରୁଅଛନ୍ତି ଏବଂ ଜଜ ସାହେବଙ୍କର ନ ଥିବା ସମୟର ଅସୁବିଧା ନିବାରଣ ନିମନ୍ତେ କାର୍ଯ୍ୟବିଧିର ଧା ୧୭ ର ମତେ ଡେପୁଟି କମିଶନରଙ୍କୁ ଜରୁରୀ ଦରଖାସ୍ତ ନେବା ଓ ନିଷ୍ପତ୍ତି କରିବା କ୍ଷମତା ଏବଂ ଦେୱାନୀ ମୋକଦ୍ଦମାରେ ସବ୍‌ଜଜଙ୍କୁ ସେହିପରି କ୍ଷମତା ଦିଆଯିବାର ବ୍ୟବସ୍ଥା ହେଉଅଛି। ପରିଶେଷେ ମାନ୍ୟବର ମହୋଦୟ କହିଲେ କି ଏଥରର ଅବସ୍ଥାନ କାଳରେ ସେମାନଙ୍କ ମଧ୍ୟରୁ ଯେତେ ଜଣ ସଙ୍ଗରେ ଆଳାପ ପରିଚୟ କରି ପାରିବେ ତାହା ପ୍ରତି ଆନନ୍ଦିତ ହେବେ। ଅପରାହ୍ନରେ ମାନ୍ୟବର ମହୋଦୟ ସେଠାର ବୟନ ବିଦ୍ୟାଳୟ ଦେଖି ଆନନ୍ଦିତ ହେଲେ। ବର୍ତ୍ତମାନ ଗୋ ୬ ଟା ତନ୍ତରେ ସେଠାରେ ଲୁଗା ବୁଣା ହେଉଅଛି, ସେ ଆହୁରି ଗୋ ୬ ଟା ତନ୍ତ ବସାଇବା ସକାଶେ ଟ ୧୫୦୦ ଙ୍କା ଦେବାକୁ ଅଙ୍ଗୀକାର କରି ସମସ୍ତଙ୍କର ଆନନ୍ଦବର୍ଦ୍ଧନ କରିଅଛନ୍ତି।

———

ବାଣିଜ୍ୟଶିକ୍ଷା।

ବାଣିଜ୍ୟଶିକ୍ଷା ଓ ଭାରତବର୍ଷ ସମ୍ବନ୍ଧରେ ଗତମାସର ଇଣ୍ଡିଆନ ରିଭିଉ ନାମକ ପତ୍ରିକାରେ ଅଧ୍ୟାପକ ଶ୍ରୀଯୁକ୍ତ ସୋରାବ ଜେବର ମହାଶୟ ଗୋଟିଏ ଚିନ୍ତାଶୀଳ ପ୍ରବନ୍ଧ ଲେଖିଅଛନ୍ତି ଲେଖକ କହୁଅଛନ୍ତି ଯେ ଏଡ଼ା ବାଣିଜ୍ୟରେ ହେଉ ପାଶ୍ଚାତ୍ୟଙ୍କ ଅତି ସହଯାରେ ଏ ଉଚ୍ଚ ସୀମାକୁ ଉଠିଅଛି। ସାଧାରଣ ଶିକ୍ଷା ସମା ଦେଶରେ ଦିଆଯାଏ ଏବଂ ସେ ଶି ଲୋକେ ଅଲ୍ପ ଓ ଅଳ୍ପ ବିଦ୍ୟାବୁଦ୍ଧି ଧନାର୍ଜ୍ଜନ କରିବାକୁ ଅସମର୍ଥ ହୁଅନ୍ତି। ସାଧ ଶିକ୍ଷାପ୍ରାପ୍ତ ଲୋକେ ବଣିକଙ୍କୁ ପସନ୍ଦ କରନ୍ତି ମାତ୍ର ବାଣିଜ୍ୟଶିକ୍ଷା ହିଁ ପ୍ରକୃତପକ୍ଷେ ( ଉପକାରକ ଅଟେ। ପୂର୍ବେ ପାଶ୍ଚାତ୍ୟଦେଶରେ ବାଣିଜ୍ୟଶିକ୍ଷାର ବିଦ୍ୟାଳୟ ନ ଥିଲା। ବୈଜ୍ଞା ପ୍ରଥାମତେ ବାଣିଜ୍ୟଶିକ୍ଷା ସମ୍ବନ୍ଧୀୟ କଲେ ପ୍ରଥମେ ବେଲଜିୟମ ଅନ୍ତର୍ଗତ ଆଣ୍ଟୱର୍ପ ନ ଗରରେ ୧୮୫୨ ମସିହାରେ ସ୍ଥାପିତ ହୋ ସେହି କଲେଜର ଶିକ୍ଷାଗୁଣରୁ ଉତ୍ସାହ ( ପ୍ରଦର୍ଶନ କରି କ୍ରମେ ବ୍ରସେଲସ, ବର୍ଲିନ, ଜରମାଣ୍ଡ, ଲୁବେକ, ଲଜମନସ ପ୍ରଭୃତି ସ୍ଥ କଲେଜ ବସିଲା। ଆମେରିକା ମଧ୍ୟ ଦେଖା ବାଣିଜ୍ୟଶିକ୍ଷାର କଲେଜ ସ୍ଥାପନ କରି ଯତ୍ନବାନ୍ ହେବାରୁ ବର୍ତ୍ତମାନ ସେ ରାଜ୍ୟ ପରି ବାଣିଜ୍ୟ ଏବଂ କାରବାର ସମ୍ବ ବିଦ୍ୟାଳୟମାନ ପ୍ରତିଷ୍ଠିତ ହୋଇଅଛି ଯେ ତହିଁ ଲକ୍ଷାଧିକ ଛାତ୍ର ଅଧ୍ୟୟନ କରୁଅଛନ୍ତି। ପୂର୍ବ ସ୍ଥଳର ଜାପାନ ମଧ୍ୟ ବାଣିଜ୍ୟଦ୍ୱାରା ଉନ୍ନ ବିଧାନର ଫଳ ଉପଲବ୍ଧି କରି ତାହା ଶିକ୍ଷାଦେ କାରଣ କଲେଜମାନ ବସାଇଅଛି। ଇଂଲ ସଭ୍ୟଜଗତରେ ଅଦ୍ୱିତୀୟ ସ୍ଥାନ ଅଧିକାର କ ଥିଲେହେଁ ଆଗେ ବାଣିଜ୍ୟଶିକ୍ଷାପ୍ରତି ମନୋଯୋ ହୋଇ ନ ଥିଲା। ଦେଶର ଲୋକେ ସ୍ୱଭା ବ୍ୟବସାୟୀ ହେଲେ ଅନ୍ୟାନ୍ୟ ଜାତି ଏ ବିଦେଶୀ ଲୋକେ ଆସି ତାଙ୍କୁ ହଟାଇ ଦେ ନ ପାରିବା ସେମାନଙ୍କର ଧାରଣା ଥିଲା। ମ ଫ୍ରାନ୍ସ, ବେଲଜିୟମ, ଜର୍ମାନୀ ପ୍ରଭୃତିର ଲୋ ବୈଜ୍ଞାନିକ ବାଣିଜ୍ୟଶିକ୍ଷା ଦ୍ୱାରା ତାଙ୍କୁ ହଟାଇ ଦେଖି ସେମାନେ ତହିଁର ମନୋ ପ୍ରାୟ ୧୫ ବର୍ଷ ହେଲା ବାଣି ସ୍ଥାପନ କରିଅଛନ୍ତି ଇଂଲଣ୍ଡର ଉନ୍ନତି ପ୍ର କଲେଜର ବର୍ମିଂହାମ ବିଦ୍ୟାଳୟରେ ବାଣି ସୃଷ୍ଟି ହୋଇଅଛି। ଏବଂ କାଲିଫର୍ଣ୍ଣିୟାଠା କଲେଜ ସ୍ଥାପିତ ହୋଇ ଉଚ୍ଚଶିକ୍ଷା ଦିଆଯାଏ। ଭାର କାଳ ବାଣିଜ୍ୟଶିକ୍ଷାର ପ୍ରକୃତ ବ୍ୟ ନାହିଁ। କଲିକତାର ଲୋକେ କାର

Split by PDF Splitter

Digitized by srujanika@gmail.com

Split by PDF Splitter



ଥିବାରୁ ସେଠାରେ କୌଣସି ମୋଟିଏ ପାଠ୍ୟର ଚାଉବାର ଅଲ୍ପ ବ୍ୟୟରେ ବନ୍ଦୋ- ଉଚିତ ହଉ କମେ ବଡ ହୋଇ ବସ୍ତୁ ଚାଲ ୀ ହେବାର ଦେଖାଯାଏ ମାତ୍ର ଭାରତରେ ଚାଉବାରମାନ ବାପ ଅରମ୍ଭ ହଲପର ହରେ ଶେଷ ହୋଇଯାଏ । ସ୍ପଷ୍ଟ ବାଣିଜ୍ୟଶିକ୍ଷା ବଥା ନ ଯିବା ଏଥିର କାରଣ ଏବଂ ମୂଳମ ଲଡ୍ୟାଦ ଜଣେ ଶ୍ରୀ ଶନ୍ଦ୍ରୋପ୍ତ କାର୍ଯ୍ୟର ସାର ତାହାର ର ବଥଯାଇଥିବାରୁ ସେ ସେଉଁଠାରେ ସେଠା କାର୍ଯ୍ୟ ବଢ଼ିଲା ନୋହିଲେ ତାହାର ହଳରେ ଶେଷ ହେଲା । ଏରୂପ ବାଣିଜ୍ୟଦ୍ୱାର ଉର ଅସା ରଖିବା ବଡ଼ ମୂଢ଼ା । ମାତ୍ର ଫଳତଃ ନତଣ୍ଡରେ ବାଣିଜ୍ୟର ଶିକ୍ଷା ନ ହେଲେ ର ଉନ୍ନତି ଦେଖନ୍ତେ ହଉ ନ ର ଲେଖକ କହୁଅଛନ୍ତି ।— ଅମ୍ଭେମାନେ ସମ୍ପୂର୍ଣ୍ଣ ପାଠକମାନଙ୍କର ମନୋଯୋଗ ଣ କରୁଅଛୁଁ । ଗବର୍ଣ୍ଣମେଣ୍ଟ ହଳଭର ଦେଶୀ ଭାରତର ମଙ୍ଗଳ ସହାଁଶେ ତାରେ ବାଣିଜ୍ୟଶିକ୍ଷାର ଶ୍ରେଣୀ ଖୋଲ- । ତହିଁରେ ବର୍ତ୍ତମାନ ହିସାବ ରଖିବା, ରେ ଲେଖିବା, ହଳରେ ନକଲ କରିବା, ଣିଜ୍ୟ ଭୂଗୋଳ ପ୍ରଭୃତି ସଙ୍ଗେ ପରିଶିଷ୍ଟ ହେବାର ବନ୍ଦୋବସ୍ତ ହୋଇଅଛି । ଏହି ଲୟଟି ବର୍ତ୍ତମାନ ଦୁଇ ଅବସ୍ଥାରେ ହୋଇ- ଏବଂ ଶୀଘ୍ର ହୋଇ ଯାଆନ୍ତୁ । ଅସ୍ତ୍ରୁ ଦେଖିଲେ ହାର ଉନ୍ନତି କରିବାର ଆଶା ହୁଅଇ । ସ୍କୁଲରେ କେବଳ ଓକାଲତି, ଡାକ୍ତରୀ ଶିଳ୍ପୀ ପ୍ରଭୃତି ମନୋଯୋଗୀ ନ ହୋଇ ରେ ଅଧ୍ୟୟନ କଲେ ସେମାନଙ୍କ ଶିକ୍ଷା ସମ୍- ର ଦେଶରେ ନାନାପ୍ରକାର ଶିଳ୍ପଉନ୍ନତି ର୍ଯ୍ୟ ହୋଇ ଯେଉଁ ଦେଶର ଶ୍ରୀବୃଦ୍ଧି ହେବ ଏଥିରେ ଉତ ନାହିଁ । "ବାଣିଜ୍ୟେ ବସତେ ଲକ୍ଷ୍ମୀଃ" ଅମ୍ଭମାନଙ୍କର ଶାସ୍ତ୍ରର ବଚନ ହେଲେ ମସାନ୍ତ କେବଳ ବେତନ ପଢ଼ି ଭୂନ- କାର୍ଯ୍ୟଦ୍ୱାରା ତାହା ସାଧନ ନାହିଁ କହିଲେ ହୁଏ ଲକେ ଯାହା ପ୍ରଭୃତି କରୁଥିବାର ଜ୍ୱଲନ୍ତ ବିଦ୍ୟମାନ ଅଛି । ଙ୍ଗଳାର ତାହାନ ହୋଇ ଇଂରେଜଙ୍କ ମନୋନିବେଶ କଥା ରେ ଅନ୍ତରର ହେବ ଷା ଉନ୍ନତି ହେବ । ଅମ୍ଭମାନ ଛି ଯେ ଦେଶର ବିଦ୍ୟାର୍ଥୀମାନେ ଯେପରି ଅନ୍ୟାନ୍ୟ ବିଦ୍ୟାଳୟକୁ ଯାଉଅଛନ୍ତି ସେହିପରି ବାଣିଜ୍ୟ ବିଦ୍ୟାଳୟରେ ଭରତି ହେବାର ଯତ୍ନବାନ୍ ହେବା କାରଣ ସାଧାରଣ ସହାନୁଭୂତି ଓ ଉତ୍ସାହ ପାଇବେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଚିକିତ୍ସାବିଭାଗ ଲେଃ କର୍ଣ୍ଣେଲ, କମ୍ପବେଲ ଏଜେନ୍ସି ବେଙ୍ଗଲ ବାବୁ ଗୌରଚନ୍ଦ୍ର ମହାନ୍ତି ବଦଳରେ ସହାୟ ସର୍ଜନ ସେଭର ଡେଃ ମାଃ ଓ ଡେଃ କଲେକ୍ଟର ହେଲେ

କଟକର ଡବ୍ଲିଉଲ ସବଡିଭିଜନ ସବଡେପୁଟୀ ବାବୁ ଅନନ୍ତ ମହାନ୍ତି ଯାଜପୁରର ଓ ଯାଜପୁରର ଏକ୍ଷ୍ଟ୍ରା ସବ- ଡେପୁଟୀ ବାବୁ ଲକ୍ଷ୍ମୀଭୂଷଣ ଘୋଷ କଟକ ଡିଭିଜନ ସୁରର ସବଡେପୁଟୀ ହେଲେ ।

ବାବୁ ସରତ ଚନ୍ଦ୍ର ସ୍ୱାସ୍ଥ୍ୟ ସନ ୧୯୦୯ ଡିସେମ୍ବର ତା ୨୦ ଠାରୁ ବାଲେଶ୍ୱରର ସବ ଇନସପେକ୍ଟର ପଦରେ ବହାଲ ହେଲେ ।

ସନ ୧୯୧୦ ମସିହାର ରେଭେନ୍ସାର ଶିକ୍ଷୟିତ୍ରୀ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରୀମାନେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

| | |
|---|---|
| ସୁଖ ବେହେରା ବାପଟିଷ୍ଟ ମିଶନ ଟ୍ରେନିଂକ୍ଲାସ କଟକ | |
| ମାଳତୀ ବେହେରା | ଏକନ |
| ଅମୂଲ୍ୟମଣୀ ଦାସ ଆମେରିକାନ ମିଶନ ଟ୍ରେନିଂକ୍ଲାସ ବାଲେଶ୍ୱର | |
| ଲଥିଲ ଦାସ ବାପଟିଷ୍ଟ ମିଶନ ଟ୍ରେନିଂକ୍ଲାସ କଟକ | |
| ଆନନ୍ଦମଣି ଦାସ ଆମେରିକାନ ମିଶନ ଟ୍ରେନିଂକ୍ଲାସ ବାଲେଶ୍ୱର | |
| କନକମଣି ମହାପାତ୍ର | ଏକନ |
| ସର୍ବେଶ୍ୱରୀ ନାୟକ ବାପଟିଷ୍ଟ ମିଶନ ଟ୍ରେନିଂକ୍ଲାସ କଟକ | |
| ମାର୍ଥା ପଧାନ | ଏକନ |
| ଶ୍ରୀମତୀ ସଞ୍ଜୟ ସାହୁ | ଏକନ |
| ମୋହିନୀ ସେନାପତି | ଏକନ |
| ଲୁସି ସାମୁଏଲ ଆମେରିକାନ ମିଶନ ଟ୍ରେନିଂକ୍ଲାସ ବାଲେଶ୍ୱର | |
| ସ୍ୱର୍ଣ୍ଣମୟୀ ସିଂହ | ଏକନ |

ଗତ ତା ୨୨ ରଖରେ ଶେଷହେବା ସପ୍ତାହରେ ଓଡ଼ିଶା ରେଲ ଲାଇନରେ ବୃଷ୍ଟିର ପରିମାଣ ସାଧାରଣ ସମାନ ଥିଲା ।

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା—କଟକ ୦.୮୯, ବାଲେଶ୍ୱର ୩.୭୨, ପୁରୀ ୧.୭୩, ପୁରୀ ୧.୭୦ ଓ ସମ୍ବଲପୁର ୧.୮୯ ଇଞ୍ଚ ଏବଂ ଗତ ଜୁନ ମାସରୁ ସମୋଟ ଡାମଣ୍ଡାରେ ୧୩.୦୯ ଓ ସମ୍ବଲପୁର କଟକରେ ୦.୩୯ ଇଞ୍ଚ

---

## ଗ୍ରାମ୍ୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ କେବଳ ଗତ ମଙ୍ଗଳବାର ଏକ ଘଣ୍ଟା ଟାଣ ବୃଷ୍ଟି ଓ ଅନ୍ୟ ଅବଶିଷ୍ଟ ସାମାନ୍ୟ ବୃଷ୍ଟି ହୋଇଥିଲା । ଅନ୍ୟାନ୍ୟ ଦିନ ଅଧିକ ଉତ୍ତାପ ଓ ମେଘ ଅବସ୍ଥା ଦେଖାଯାଉଥାଏ ।

ଏ ନଗରର ସାଧାରଣ ସ୍ୱାସ୍ଥ୍ୟ ଗତ ସପ୍ତାହ ଅପେକ୍ଷା ଅନେକ ଭଲ ଅଛି ।

## କେନ୍ଦ୍ରାପଡ଼ା ସମ୍ବାଦ ।

ବର୍ତ୍ତମାନ ଏଠାରେ ନଗରଠାରେ ନଦୀର ପାଣି ହ୍ରାସ ହୋଇ ଯାଉଅଛି ମାତ୍ର ଉପରିସ୍ଥ ପାଣି ଯେ ବୃଦ୍ଧି ହୋଇ ଅଛି ସେଥିରୁ ଅନୁମାନ ହୁଏ ଯେ ଏ ବର୍ଷ ଧାନ ଭଲ ଅଧିକ ଅପକାର୍ଯ୍ୟ ହୋଇପାରିବ ।

ଗତ କେତେ ବର୍ଷରୁ ଅଳ୍ପବୃଷ୍ଟି ପ୍ରତିଦିନ ଟାଣ ଖରା ଓ ଉତ୍ତାପ ସଙ୍ଗେ ନିୟମିତ ସନ୍ଧ୍ୟାରେ ବୃଷ୍ଟି ଏକ ଘଣ୍ଟା ବୃଷ୍ଟି ହେଉଥିବାରୁ ଜଳବାୟୁ ଦୂଷିତ ହୋଇ ରୋଗ ବୃଦ୍ଧି ହୋଇଅଛି ।

ଅନ୍ୟାନ୍ୟ ଗ୍ରାମମାନଙ୍କରେ ଓଲାଉଠା ରୋଗ କ୍ରମଶଃ ବୃଦ୍ଧି ହେବାର ଦେଖାଯାଉଅଛି ଅନେକଙ୍କ ପ୍ରାଣ ଗଲା ବାଲି ସେହି ରୋଗ ଘରଘର ବଲିଛି । ଏଥିରେ ଦୁଇ ହେଲେ ରକ୍ଷା ।

ଆଉ ଦୁଇଟି ସଙ୍ଗୀତର ଛାତ୍ରମାନେ ଜେଲ କ୍ରୀଡ଼ା ସମାଜ (Cutt ack Athletic Club) ର ଖେଳଓଡ଼ାମାନଙ୍କ ସଙ୍ଗେ ଫୁଟବଲ କ୍ରୀଡ଼ାରେ ଯେ ଉତ୍ସାହ ଅଧିକ ଗ୍ରାମସ୍ଥ ସବୁ ବାଳକ ଓ ଯୁବା ସଂଖ୍ୟ ବଢ଼ୁଅଛନ୍ତି । ଉତ୍ସାହ ଗ୍ରାମସ୍ଥ ଅତି ବାଳକ ମଧ୍ୟରେ କେତେ ଯୁବା ପାଠ ଶାଳାମାନଙ୍କ ଉତ୍ସାହିତ କରିବେ ।

ଅଦ୍ୟାପି ପଚସଭାର କୁଳମଣ୍ଡା ଗୁପ୍ତ ନାହିଁ । ମାତ୍ର ଏପ୍ରକାର ଦୁଷ୍ଟ ଲୋକ ଯେତେବେଳେ ଅବ୍ୟାହତି ହେବନାହିଁ ।

## ସାଧାରଣ ସମ୍ବାଦ ।

ଜାପାନର ପ୍ରଧାନନଗର ଟୋକିଓରେ ବନ୍ୟାଯୋଗେ ୫ ୧୧ ୧୨ ଏ ଲୋକେ ମୃତ ଓ ଅଦର୍ଶନ ହୋଇଅଛନ୍ତି ହଜାର ୨ ଲୋକେ ଗୃହଶୂନ୍ୟ ହୋଇ କଷ୍ଟ ପାଉଅଛନ୍ତି ।

ତାହାର ଜଣେ ମୁନସଫ ସେଠାର ଏକ ଓକିଲଙ୍କୁ ଅପ- ମାନ କରିଥିବାହେତୁ ସେ ମୁନସଫବାବୁଙ୍କ ନାମରେ ଏକ ହଜାର ଟଙ୍କା କ୍ଷତିପୂରଣ ଦାବିରେ ମୋକଦ୍ଦମା କରିବା କାରଣ ନୋଟିସ ଦେଇଅଛନ୍ତି । ମୁନସଫବାବୁ କ୍ଷମାପ୍ରାର୍ଥନା କରିବାରେ ସବୁ ନିଷ୍ପତ୍ତି ପାଇଲା ।

ଗୁଜରାଟରେ ଏକ ନୂତନ ରୋଗ ଦେଖାଯାଉଅଛି । ସେଠା ଅଞ୍ଚଳରେ ଦୁଇଦିନ ମଧ୍ୟରେ ୫ ୪ ଏ ଲୋକ ଏଥିରେ ଆକ୍ରାନ୍ତ ହୋଇ ଇହଲୀଳା ସମ୍ବରଣ କରିଅଛନ୍ତି । ଏ ରୋଗ ଆକ୍ରମଣ କରିବାର କେତେକ ମିନିଟ ମଧ୍ୟରେ ମୃତ୍ୟୁଘଟେ । ମୃତଦେହ ପରୀକ୍ଷା କରି କୌଣସି ରୋଗର ଲକ୍ଷଣ ଜଣାପଡ଼େ ନାହିଁ । ରୋଗ ଧରିଲେ ମୁହଁରେ ଏକ ଫେଣରେ ଜାଲଟିଏ ଦେଖାଯାଏ ଏବଂ ଲୋକେ ଏହାକୁ ଯୋଗକାମୁଡ଼ା ବୋଲି ନିର୍ଦ୍ଦେଶ କରୁଅଛନ୍ତି

Digitized by srujanika@gmail.com

ଗାନ୍ଧୀଠାରେ ୭୦୦ ଜଣଙ୍କ ନାମରେ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧ ଷଡ଼ଯନ୍ତ୍ର କରୁଥିବା ଅପରାଧରେ ମୋକଦ୍ଦମା ଅନେକ ଦିନରୁ ବିଚାର ଆରମ୍ଭ ହୋଇଅଛି । ଆସାମିମାନେ ହାଜତରେ ଅଛନ୍ତି । ଏମାନେ ପ୍ରାୟ ସମସ୍ତେ ଯୁବକ । ଅନ୍ଧ ଅଛନ୍ତି ତ.ଏ ବୃଦ୍ଧଙ୍କ ଧର୍ମ ଦିଗବା ଏବ ଅନ୍ୟ ଜଣେ କେଉଁଠାରେ ଥିବା ସମସ୍ତଙ୍କ ଅପିମଲ ମାନ ବହାଲ-ରହ ପ୍ରାର୍ଥନା କରନ୍ତେ । ହାକିମ ସେମାନଙ୍କ କେଇ ଜଣେ ଆଇନ କଠୋରେ ସ୍ଥାପନ କରିବା ତାଙ୍କ ଦୃଷ୍ଟିର ହେଲେ । ପ୍ରଥମରେ ସେମାନଙ୍କ ହାତରେ ରଙ୍ଗ କଟା ଯେ ପଥରାଇବାର ମାତ୍ର ଅନ୍ଧ ଅରକ୍ଷିତ ଗାଡ଼ିରେ ଗାଉଥନ୍ତି ।

ପ୍ରବଳପ୍ରତାପ ସରକାରଙ୍କ ଅ'ଇନ୍ସ୍ପେକ୍ଟର ସାହେବ ଜର୍ଜ ମହୋଦୟଙ୍କ ଅନୁମତି ଅସାମୀ କୃଷ୍ଣମାନ ତା ୨୧ ଅଥବା ୨୨ ଦିନରେ ତିନିଟରେ ହେବାର କଥା ଥାଏ ଏବ ସେଥିନିମିତ୍ତ ନାନା ଆୟୋଜନ ଏବଂ ଆରମ୍ଭ ହୋଇଅଛି ।

ସରକାର ଗବର୍ଣ୍ଣମେଣ୍ଟଙ୍କ ବାଉନ୍ସମାନ ଏମିତା ଦେଇ କରୁ ଆସାମୀ ନିଜମ୍ବେମାର ତା ୪ ଦିନରେ ଭଳି ଯଦି ସେପ୍ଟେମ୍ବର ତା ୭ ଦିନରେ କଲିକତାରେ ପହଞ୍ଚିବାର ସମ୍ଭବ ହୋଇଅଛି ।

ହାଇକୋର୍ଟର ବେଞ୍ଚରେ ଓ ଅପେକ୍ଷା ନାମକ ବୋ ୨ ଟି ସମ୍ବାଦପତ୍ରର ପ୍ରିଣ୍ଟର ମହାରାଜଙ୍କୁ ନୂତନ ପ୍ରିଣ୍ଟର ରେଜେଷ୍ଟ୍ରି ହେବା ସକାଶେ ପ୍ରାର୍ଥନା କରିବାରେ ସେଠା ମାଜିଷ୍ଟ୍ରେଟ ୫ ୫୦୦ ଟଙ୍କା ଜାମିନ ତଲବ କରିଥିଲେ । ଏଥିରୁ ବୁଝି ପତ୍ରିକାମାନ ନୂତନ ମୁଦ୍ରାଯନ୍ତ୍ର ଆଇନ ଜାରି ହେବା ପୂର୍ବରୁ ଚଳୁଥିବା ଏବ ଉପସ୍ଥିତ ଅଧିକ ଜାରି ହେବା ପରେ ଯେଉଁ ସମ୍ବାଦପତ୍ରମାନ ଉଚ୍ଚକୋର୍ଟରେ ଚଳୁଥିବାଠେ ମାଜିଷ୍ଟ୍ରେଟ ସାହେବ ଜାମିନ ଦେବା ବିଷୟରେ ଅବ୍ୟାହତ ପ୍ରଦାନ କରୁଅଛନ୍ତି ।

ଅବାଙ୍ମୋନ ଅପେକ୍ଷା ପ୍ରବଳ ପାଠାଗାରର ପଣ୍ଡିତ ଅଲଙ୍କାର ମହାଶୟ ପାଠଶାଳାରୁ ଇସ୍ତଫା ଯାଇଅଛନ୍ତି । ଏହା ବାଣ ଜଣା ନ ପଡ଼ ଏବ ବୃଷାବୃଷ ଗତ ଅର୍ଦ୍ଧେକ ବର୍ଷ ଯିବାରେ ବହୁ ଦିନରେ ପହଞ୍ଚିଲେ । ବାଟରେ ରାଜସ ଉପଯୋଗର ଉପରେ ବହୁ ଭୋଗାନ ହୋଇଥିଲା ଓ ପହଞ୍ଚିଲେ ଶୀଘ୍ର ଜଳ ଯାଉଥିଲେ । ଏହାଙ୍କ ଚାକିରି ହିଁ ଗଲା ।

ମଧ୍ୟପ୍ରଦେଶର କମିଶନର କମିଶନର ମହୋଦୟ ଅଷ୍ଟମ ବଜେଟ ହୋଇଥିବାରେ ଓଡ଼ିଆଙ୍କର ନାମ ଓଡ଼ିଆଙ୍କରୁ ବାହାର ହେଉଅଛନ୍ତି । ଏହାଙ୍କ ବୟସ ବ ୨୭ ୧ ଏବ ସେ ସନ ୧୯୦୬ ମସୀହାରେ ଓଡ଼ିଶା ଶ୍ରେଣୀଭୁକ୍ତ ହୋଇଥିଲେ ଅଧିକାଂଶରେ ଗୋଟିଏ ଅଦାଲତର ସମାଦ ହୋଇ ସବଡିଭିଜନ ପ୍ରଭୃତି ଲେଖିବାରୁ ମା ୧୫ ଷ ବାଦଦ ପାଇ ବର୍ତ୍ତମାନ ମୃତ୍ୟୁ ଅଫିସରୁ ଏହି ଅବେଶ ହୋଇଅଛି ତାହା ଉପରେ ଅନ୍ୟ ହାତ କ ?

ଉତ୍କଳଦୀପିକାରେ ଓଡ଼ିଶାରାଜ୍ୟ ପ୍ରବଳ ହୋଇଅଛି । ଏହି ବୃଷ୍ଟିରେ ନ ୮୨୧ ଣ ଏହି ସେଗରେ ଅନ୍ୟାନ୍ୟ ଓ ୫୫୫୦ ଜଣ ଦୂର ହେବାର ଜଣା ଯାଏ ।

ଶ୍ରୀରାମପୁର କଲେଜ ବିଦ୍ୟାଳୟର ଛାତ୍ର ବାବୁ ଉପେନ୍ଦ୍ର ମୁଖାର୍ଜ୍ଜୀ ଗବର୍ଣ୍ଣମେଣ୍ଟ ବୃତ୍ତି ପ୍ରାପ୍ତ ହୋଇ ଶିଳ୍ପଶିକ୍ଷା ଶିକ୍ଷା ପାଇଁ ଇଂଲଣ୍ଡ ଯାତ୍ରା କରୁଅଛନ୍ତି

---

## ଉତ୍ପ୍ରେରକଙ୍କ ପ୍ରତି ।

ସମାଧାନ—ଭୃଷ୍ଟଜିତ ପ୍ରେରିତପତ୍ର ସମ୍ବନ୍ଧରେ ସ୍ଥାନ ମାନଙ୍କେରେ ଚଢ଼ିବ୍ ପଠାଇଥିବା ଅବେତନପତ୍ରର ଶେଷ ଅଂଶ ନେଲି ପଠାଇଲେ ପ୍ରକାଶ କରିବୁଁ ।

ହରମ ସେବକଙ୍କ ଉପରୋକ୍ତ ସପ୍ରଭ ବ୍ୟ — ସେହି ପତ୍ର ଏବ ସେଠା ଦପ୍ତର ପତ୍ର ଛାପ ହୋଇଥିବା ସେଠାଏ ପ୍ରସ୍ତାବ ମତ ବହୁ ନାହିଁ ।

ଶ୍ରୀ କେଶବ ପଣ୍ଡା—ମାଟିର ସରକାରଙ୍କ ଅବର ଓଡ଼ିଶାରେ କହିଲେ ବେଶବାସୀ ଦଳ ସମ୍ପୃଷ୍ଟ ଅଧିକ ବାହାରିବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

## DHARAKOTT NEWS.

WEATHER:—Dharakott 20—8—1910 The S. W. Monsoon has indeed begun very well. There has been plenty of rain, in fact more than is actually required at this time, and it is hoped that the rains will continue so until the harvest is reaped, and this, judging from present conditions, promises to be a bumper one. A friend the other day at Berhampur declared that after the full moon or the next new moon, the *rains will cease, and that the outturn of the* paddy crop will be very poor, only a four anna crop, and this, he said, the Telugu Calender has foreshadowed, and from his experience of the past 30 years the Telugu Meteorological forecast has never failed. We sincerely hope that for once, at least this year, these prognostications will end in smoke so far as the rains are concerned, and that Jupiter Pluvious will not be asleep, but awake, and do his duty.

ROADS:—Thanks to the District Board's Engineer, improvements in the maintenance of roads, especially the loop-lines, show improvement, and it is hoped the same will be maintained, and still further improved. *Valuable motor cars and rubber-tyred* vehicles ply over these roads, and it is only just and fair that the Rajahs who contribute largely to the District Board's fund should not have their valuable vehicles damaged by ill kept roads.

SPORT:—The honourable the Rajah Saheb of Dharakott, a very keen sportsman notwithstanding the inclemency of the weather has had some fine sport recently. The other day when out shooting two spotted deer, and a wild boar fell to his gun, but one of the spotted deer which was wounded managed to escape into the jungle, the next day His Highness went on its track but was not lucky to bag it. Yesterday *evening Khabber was received of a kill by a* tiger, His Highness against adverse weather conditions proceeded to watch for the brute, but as the weather cleared, and the night was bright with clear moon light, the Rajah Saheb was obliged to return. Of *spots* and *stripes* His Highness has bagged 107 in all, *viz* 100 of the former and 7 of the latter, a record of which any keen sportsman will be proud.

EDUCATIONAL.—A new Secondary school, the foundation stone of which was laid by the Collecter M. Macmichael Esquire I. C. S. is approaching completion, and perhaps will be opened not long hence. His Highness the Honorable the Rajah Saheb of Dharakott is indeed to be congratulated on his various public, and *beneficent acts, and His Highness' interest in* matters educational is very encouraging. Recently a very pleasant function was performed by the Collector in the opening of the Physical Science Laboratory of the Kallikott College. This building is a large two storied structure, and a gift of His Highness the Honorable the Rajah Saheb of Dharakott.

*"A Citizen"*

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ
ଉଦାରଚରିତେଷୁ

ମହାଶୟ !

। ଜ । କଟକ । ଥା । ଧର୍ମଶାଳା ଯାଜପୁର ସବ୍ଡିଭିଜନଭୁକ୍ତ ଯାଜପୁର, ସୁଣ୍ଡିରୋ, ବଡ଼ଚଣା ସାହୁ, ଚମ୍ପାପୁର ଓ ଅଳଙ୍କାବାଦ ପ୍ରଭୃତି ମୌଜାମାନଙ୍କରେ ପ୍ରତିବର୍ଷ ମରୁଡ଼ିହେବାରୁ ପ୍ରାୟ ୨୦୦୦ ଏକର ଜମି ନଷ୍ଟ ହୋଇ ଯାଉଅଛି — ମରୁଡ଼ି ହେଲୁ ଦରିଦ୍ର ପ୍ରଜାଗଣ ବିଶେଷ କଷ୍ଟ ପାଉଅଛନ୍ତି । ପ୍ରାୟ ଛଅବର୍ଷରୁ ଅଧିକ ହେବ ହାଇଲେଭଲ କେନାଲର ୭ ୧୨ ନମ୍ବର ଶାଖା ୬ ମାଇଲ ବର୍ଦ୍ଧିତ ହେବାର ମଞ୍ଜୁର ହୋଇଅଛି କିନ୍ତୁ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ । କାର୍ଯ୍ୟ ଆରମ୍ଭ ନିମନ୍ତେ ମୁହୁର୍ମୁହୁ ପ୍ରାର୍ଥନା କଲେ ସୁଦ୍ଧା ଆମ୍ଭମାନଙ୍କର ପ୍ରାର୍ଥନା ଫଳବତୀ ହେଉ ନାହିଁ । ସୁତରାଂ ଦୟାବାନ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଏତଦ୍ଦ୍ୱାରା ଅନୁଗ୍ରହ ପୂର୍ବକ ସବିନୟ ପ୍ରାର୍ଥନା କରୁଅଛୁ ଯେ ଉକ୍ତ ୭ ୧୨ ନମ୍ବର ଶାଖା କେନାଲ ଶୀଘ୍ର ବର୍ଦ୍ଧିତ ହେବା ନିମନ୍ତେ ଉଚିତ ହୁକୁମ ଜାରି ହେଉ ।

ଜୋଠବାଡ଼ି ୧୬।୮।୧୦ } ବଶମ୍ବଦ ରଘୁମଣି ମହାନ୍ତି

---

## ନିଲାମୀ ଇସ୍ତାହାର ।

ନ ୨୦୧ ନମ୍ବର ଯାହା
ସନ ୧୯୧୦ ମସୀହା ।
କଟକ । ମୁ । ଦ୍ୱିତୀୟ ମୁନସିଫି ଅଦାଲତ
ଶ୍ରୀଚନ୍ଦ୍ରମଣି ଦାସ । ସା । ଅବର । ପ୍ର ।
ଦରଖାସ୍ତକାର ଡିକ୍ରିଦାର
[ ବ ]
ହରିହର ଓଗେର । ସା । ୟେଦଳ । ପ୍ର ।
ଏକନ ଦେଣଦାରମାନେ ବାଦଙ୍କର ପାଉଣା
ଜରଭଜୀ ଓଗେର ଟଙ୍କା ଅଦାୟ ...
ପ୍ରତିବାଦୀମାନଙ୍କର ସ୍ଥାବର ସମ୍ପତ୍ତି
ଲକ୍ଷିତ ମତେ କଟକ । ମୁ ।
ଅଦାଲତରେ ତା ୧୬
ହେବ ।
। ପ୍ର । ଦରଖାସ୍ତର । ଙ୍କ
ମୃର ଚଉକି । ବା । ମୌ । ୧
ଥିବା ପ୍ରତିବାଦ ଓଗେରେ
ଥାନପାଲ୍ଲ ଦ ୫୭ ମୃର ସିଃ
ରୁ ଜମା ୮ ୧୮୩୮ ମଧ୍ୟରୁ
। ତ । ୮ ୦ ୩ ରୁ ଏ ୫—
୮ ୧୬୩୪୫୧ ଅଟେ ।

—o*o—

Split by PDF Splitter

Digitized by srujanika@gmail.com

# NOTICE

Wanted an experienced and passed Compounder for Jagatsingpur Charitable Dispensary District Cuttack on salary Rs 15 per month rising up to Rs 20 with free quarters. Application will be received up to 16th September 1910. Apply to the President of the Dispensary.

---

# Advertisement.

Wanted a clerk on Rs 15 for the Bharat Insurance Co. Ltd. Cash Security required Rs 45, Apply to R. K. Murti. Chief Agent, Cuttack.

---

# For sale.

A high class Bicycle in a new condition. It may be seen at the Orissa Patriot Press Building; for quotation write to.

Mahamdia Bazar P. O. Chandnichawk } The manager O. P. Press Cuttack

---

## NOTICE.

WANTED, for the Lady Fraser Girls' School at Baripada, Mourbhanj State, a qualified Head Mistress on Rs 20 per month ( rising to Rs 30 ) with free quarters. Applicants should state age, residence, qualifications and experience and submit copies of testimonials. The selected candidate shall have to join at once. Apply to the undersigned by the 15th September 1910

Baripada, 20-8-1910 } S. N. Chakravarti Superintendent of Education Mourbhanj State

---

# ବିଜ୍ଞାପନ ।

ଓଲାଉବା ପାଇଁ ଉଚ୍ଚ ବଣିପୁ ପୁବଚ ଅବଶ୍ୟକ । ଭଲ ବେତନ ଏବଂ ବୃଦ୍ଧିମାନ୍ ଲୋକଙ୍କର ଆଶା ଅଛି । ଉଲ୍ଲିଖିତ ଙ୍ଗର ନ୍ଥୁପିକ ସ୍ଥଗ. ଆବେଦନ କରିବାକୁ ହୁଏଲକ ଷ୍ଟ୍ରିଟ ଉଲଟଡ'

( ଶ୍ରୀ ଶ୍ରୀ ଦୁର୍ଗା ପୂଜା ଉତ୍ସବ ଲକ୍ଷେ )

## ନ ବ ବି ଧା ନ ।

ଅଳ୍ପକାଳ ନିମନ୍ତେ ଅପୂର୍ବ ସୁଯୋଗ ଏହା ଛାଡ଼ିବାର ନୁହେ ।

କେବଳ ପ୍ରଶ୍ନର ଉଦ୍ଦେଶ୍ୟରେ ନିମ୍ନଲିଖିତ ପୁସ୍ତକମାନ ଅସାଧାରଣ କମିଶନ ଦର ବନ୍ଧସ୍ଥର୍ଥ କହିଲ ଅଛୁ ଯେଉଁମାନେ ଆସନ୍ତା ୰ ଦୁର୍ଗାପୂଜା ମଧ୍ୟରେ ଉକ୍ତ ପୁସ୍ତକମାନ କପୂ କରିବେ ସେମାନଙ୍କୁ ନିମ୍ନଲିଖିତ ଦରରେ କମିଶନ ଦିଆଯିବ ।

| | | | | |
|---|---|---|---|---|
| ୫୧ଙ୍କା ଠାରୁ ୮୫ଙ୍କା ପର୍ଯ୍ୟନ୍ତ ଟଙ୍କାପ୍ରତି | | | | ୫୦। |
| ୮୫ ,, | ,, | ୮୧୦୧ ,, | ,, | ୫୦।/ |
| ୮୧୦ ,, | ,, | ୮୨୫୧ ,, | ,, | ୫୦।୵ |
| ୮୨୫ ,, | ,, | ୮୫୦୧ ,, | ,, | ୫୦।୵ |
| ୮୫୦ ,, | ,, | ୮୧୦୦୧ ,, | ,, | ୫୦୵ |

| | | |
|---|---|---|
| ଭାଗବତ ୧ମ ଖ ୧ ଖଣ୍ଡ | | ୮ ୦। |
| ,, ୨ୟ | ,, | ୮ ୦୵ |
| ,, ୫ମ | ,, | ୮ ୦। |
| ସପ୍ତକାଣ୍ଡ | ,, | ୮ ୦/୩ |
| ମଥୁରା ମଙ୍ଗଳ | ,, | ୮ ୦।୵ |
| ଦାରୁବ୍ରହ୍ମ ଗୀତା | ,, | ୮ ୦୵ |
| ରାଧାକୃଷ୍ଣ କେଳି | ,, | ୮ ୦/ |
| ଅପରାଜିତା ସ୍ତୋତ୍ର | ,, | ୮ ୦୯୬ |
| ଷୋଳପ୍ରଳ ଗୀତା | ,, | ୮ ୦୳ |
| କୃଷ୍ଣଶାଳ ପ୍ରଶ୍ନୋତ୍ତର | ,, | ୮ ୦୯୬ |
| ଅଦ୍ଭୁତ ହୃଦୟ | ,, | ୮ ୦/ |
| ଗୋପୀଭାଷା | ,, | ୮ ୦୯୪ |
| ଅଲଙ୍କାର ବୋଲି | ,, | ୮ ୦୯୬ |
| ଦାନ୍ତ ଚୋଉଲି | ,, | ୮ ୦୯୩ |
| ମାଳିକା | ,, | ୮ ୦୯୪ |
| ମାଲଂଣୀ ସୁଅଙ୍ଗ | ,, | ୮ ୦୯୬ |
| କେଶବ କୋଇଲି | ,, | ୮ ୦୯୩ |
| ଲକ୍ଷ୍ମୀପୁରାଣ | ,, | ୮ ୦୵ |
| ଯନ୍ତ୍ର ଉପଦେଶ | ,, | ୮ ୦/ |

ପ୍ରାପ୍ତିସ୍ଥାନ—

ପୋ: ଚାନ୍ଦିନୀଚୌକ କଟକ } ଶ୍ରୀ ବୃନ୍ଦାବନ ଷଡ଼ଙ୍ଗୀ ମ୍ୟାନେଜର ଓଡ଼ିଶା ପେଟ୍ରିୟଟ ପ୍ରେସ

---

# ଉତ୍କଳ ଦୀପିକା ।

## Utkalyas Abroad.

It is a matter of great satisfaction that young Utkalyas in recent years have been trying to keep pace with their progressive brethern. There was a time when people of Orissa considered it a sin to live in towns with their wives and children. With great reluctance they would come to towns to earn their livelihood. Calcutta used to be considered too distant place to send children for education People dreaded to cross the Bay—to undertake a journey of about 24 hours by sea. Since the conquest of Burma, people have been going to that country unnoticed and it seems they do not lose their caste. The uneducated people of Orissa know what part *Rangooni* ( Rangoon ) played while the country was on the verge of a famine two years ago. They have not yet forgotten the taste of rice (khud) imported from Rangoon to save them from starvation. Oriya converts to Christianity there are some—we may say a pretty considerable number—the product of early missionary labours in this country. They were the first on the field to fight the conservative people and the caste prejudices. Next came the *Brahmos*, and they did their work well. The conversion to Christianity received a check, but the Brahmos had to remain outside the pale of Hindu society. The gradual spread of education, the expansion of ideas, the touch with western nations and their civilisation result in the inevitable progress of the race. India of to-day has now come to see what she was twenty or thirty centuries ago. The Hindus of to-day have come to learn that their ancestors were quite unlike them. They were not like their present degenerate descendants. They travelled all over the world in quest of knowledge and wealth. They founded colonies beyond the shores of India. They knew how to build ships and to steer them in the oceans. They carried their merchandise to distant parts of the world then known to them. The Rigveda, the Ramayana, the Mohabharata, the Varaha Puran, the Padma Puran, the laws of the great Manu contain passages which offer clear evidence of sea-voyages undertaken and colonies established in distant countries. The Hindu Scriptures and Purans are replete with allusions to Navigation, National Shipping and Ship building. ( vide the references noted below ) * A careful study of the ancient Indian literature will shew that it was not till the laws of Manu were codified that sea-voyages were discouraged, though not actually forbidden. A Hindu need not now renounce his religion if he is to go abroad in quest of knowledge or wealth. Kailash Chandra, Mahesh Chandra and Sarangadhar had gone to Japan. Raja Rajendra Narayan had been to England twice and will be again going there. Richard Rout is there and will be back when his term is over. Moharaja Sriram Chandra has been

* Vide Rigveda Mandal 1, Sukta 25 Rik 7; also 1-46-2 ; 1-48-3, 1-116-5 7-88-3. Manu Chapter VIII, 157 and 406
Ramayana, Book 2 Canto 63 Sloka 43
,, Book IV, Canto 40 Slokas 33, 36, 543.

Split by PDF Splitter

Digitized by srujanika@gmail.com

visiting all the civilised countries of the world and no doubt he will bring to bear his vast experience in the administration of his State when he comes back. Hem Chandra is the first Utkal Brahmin to face the ordeal. Madhusudan, true to his name undertakes what others fail to accomplish and it is hardly necessary to note that he is the pioneer of the Utkalyas in travelling abroad and in many other matters.

---

ସହର କଟକ ବାଲୁବଜାର ସଙ୍କୀର୍ଣ୍ଣଗଳିରେ ଦାଲେସନ ମିଶ୍ର ଲେନକୁ ଚୌଡ଼ା କରିବା ଏବଂ ବଢ଼ାଇବାକାରଣ ·୦୮୨ ଡେସିମିଲ ଜମି କଟକ ମିଉନିସିପାଲିଟିର ବ୍ୟୟରେ ସାଧାରଣ କାର୍ଯ୍ୟସକାଶେ ଗ୍ରହଣ ହେବା ଆବଶ୍ୟକ । ମାନ୍ୟବର ବଙ୍ଗେଶ୍ୱରଙ୍କ ଆଦେଶରେ ଏଇନା ଦ୍ୱାରେ ତହିଁର ବିଜ୍ଞାପନ ଗତ ତା ୨୪ ରିଖର କଲିକତାଗେଜେଟରେ ପ୍ରଚାର ହୋଇଅଛି ।

---

ନାଳଜଳ କତୁଲ୍ଲପୁର ସମ୍ବନ୍ଧରେ ସାହାଯ୍ୟ କରିବା ଗ୍ରାମବାସିଙ୍କ ବାବଦରେ ସେମାନଙ୍କର ବହୁ ଜମିରେ ଜଳ ମଡ଼ାଇବା ଅଥବା ତହିଁ ବଦଳରେ ଖଉକଣ ଜମିପଣ ଦେବା ବିଷୟକ ବିଧି ସଂଶୋଧନ କରିବାର ଯେଉଁ ପ୍ରସ୍ତାବ ହୋଇ ସର୍ବସାଧାରଣଙ୍କୁ ଏଥିପୂର୍ବେ ଜଣାଇ ଦିଆଯାଇଥିଲା ତାହା ଗବର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ଏବଂ ସେହି ସଂଶୋଧିତ ବିଧି ଗତ ତା ୨୪ ରିଖର କଲିକତା ଗେଜେଟରେ ପ୍ରକଟିତ ହୋଇଅଛି ।

---

ଗତ ତା ୨୬ ରିଖରେ ଶେଷହେବା ସପ୍ତାହର ବୃଷ୍ଟି ଭାରତର ପ୍ରାୟ ଚତୁର୍ଦ୍ଦିଗରେ ହୋଇଥିଲା ମାତ୍ର ଜଳର ପରିମାଣ ବୃଦ୍ଧି ଓ ପୂର୍ବବଙ୍ଗରେ ଅଧିକ ଥିଲା । ବର୍ଷାକାଳ ଆରମ୍ଭ ଅବଧି ଏ ସପ୍ତାହ ପର୍ଯ୍ୟନ୍ତ ଜଳର ପରିମାଣ ମଧ୍ୟଭାରତ, ରାଜପୁତାନା ଏବଂ ବେଲୁଚସ୍ଥାନରେ ଶତକଡ଼ା ୨୦ ଅପେକ୍ଷା ଅଧିକ ଊଣାଥିଲା । ଅନ୍ୟାନ୍ୟ ସ୍ଥାନରେ କେଉଁଠାରେ ନିୟମିତ ପରିମାଣର ଅଧିକ ଓ କେଉଁଠାରେ ସାମାନ୍ୟ ଊଣାଥିଲା ।

—○○○—

ଗତ ତା ୨୦ ରିଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗର ମୃତ୍ୟୁ ୧୦୬୬ ଥିଲା ସେ ତହିଁ ମଧ୍ୟରେ ବମ୍ବେରେ ୩୫୦ ମଧ୍ୟପ୍ରଦେଶ ୧୧୪ ମହୀଶୂର ୯୯ ମାନ୍ଦ୍ରାଜ ୭୨ ଓ ରାଜପୁତାନା ୯୧ ଉ: ପ: ଯୋଗ୍ୟ ଏ ସମସ୍ତ ପ୍ରଦେଶରେ ପୂର୍ବ ସପ୍ତାହଠାରୁ ମୃତ୍ୟୁ ବଢ଼ିଥିଲା । ମାତ୍ର ବଙ୍ଗ, ଯୁକ୍ତପ୍ରଦେଶ ହାଇଦରାବାଦ ପ୍ରଭୃତିରେ ଊଣା ପଡ଼ିବା ହେତୁ ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୧୦୩୭ ସଙ୍ଗେ ପ୍ରାୟ ସମାନ ଅଥବା ସାମାନ୍ୟ ଅଧିକ ଥିଲା ।

---

ଆଗାମୀ ନବେମ୍ବର ମାସରେ ଜର୍ମାନୀର ଯୁବରାଜ ମହୋଦୟ ଭାରତକୁ ଆସି ପ୍ରଧାନ ନଗରମାନ ଦର୍ଶନ କରିବାକୁ ସ୍ଥିର ହୋଇଅଛି । ଜର୍ମାନୀର ଯୁବରାଜ ମହୋଦୟ ଏକେ ବିଶାଳରାଜ୍ୟର ସମ୍ରାଟଙ୍କ ପୁତ୍ର ଏବଂ ଦ୍ୱିତୀୟରେ ଅମ୍ଭମାନଙ୍କ ସମ୍ରାଟଙ୍କର ସମ୍ପର୍କରେ ପୁତ୍ରବ ହେବେ । ଏଣୁ ତାଙ୍କ ସମୁଚିତ ଅଭ୍ୟର୍ଥନା କରିବା ସ୍ୱାଭାବିକ । ଏହା ଅନୁମାନ ହୁଏ ଜର୍ମାନୀର ସମ୍ରାଟ ମହୋଦୟ ଆମ୍ଭମାନଙ୍କ ସମ୍ରାଟଙ୍କ ସମୀପକୁ ଅଭ୍ୟର୍ଥନାର ଅଡ଼ମ୍ବର ନ ହୋଇ ଯୁବରାଜ ରାଜ୍ୟ ଦେଖି ଶିଖିବାକୁ ଯାଉଥିବା ସାଧାରଣ ଲୋକବୋଧେ ତାଙ୍କ ସହିତ ବ୍ୟବହାର କରିବାକାରଣ ଲେଖିଥିଲେ । ଆମ୍ଭମାନଙ୍କ ସମ୍ରାଟ ସେ ଅନୁରୋଧ ରକ୍ଷା କରିବା ଅସମ୍ଭବ ଥିବା ଏବଂ ଯଥାସମ୍ଭବ ତାଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ ହେବାର ଉତ୍ତର ଦେଇଅଛନ୍ତି । ଯୁବରାଜଙ୍କୁ ଯଥାବିହିତ ଅଭ୍ୟର୍ଥନା କରିବାରେ ଦେଶ ଲୋକଙ୍କୁ ବାଧା ଦେବା ସହଜ ନୁହେ ।

---

ଗତ ତା ୨୦ ରିଖର ଉତ୍କଳବାର୍ତ୍ତାରେ ପ୍ରକାଶିତ 'ଉତ୍କଳର ଦୁରବସ୍ଥା' ପ୍ରବନ୍ଧ ସମସ୍ତ ଉତ୍କଳବାସିଙ୍କୁ ମନୋଯୋଗ ସହିତ ପାଠ କରିବା କାରଣ ଅନୁରୋଧ କରୁଁ । ତହିଁରେ ପ୍ରଦର୍ଶିତ ହୋଇଅଛି ଯେ ନୈତିକ ଉନ୍ନତି ଅନ୍ୟ ସମସ୍ତ ଉନ୍ନତିର ମୂଳ ଅଟେ । ଯେଉଁମାନେ ସମାଜର ଉନ୍ନତି ଲୋଡ଼ନ୍ତି ସେମାନେ ଆଗେ ନିଜ ଚରିତ୍ର ଏପରି ଦୃଢ଼ କରନ୍ତୁ ଯେ ତହିଁରେ ସତ୍ୟବାଦିତା, କର୍ତ୍ତବ୍ୟ ନିଷ୍ଠା, ଆତ୍ମସମ୍ମାନ ବୋଧ, ପରସ୍ପର ପ୍ରତି ସହାନୁଭୂତି, ଉଦାରତା ପ୍ରଭୃତି ଅବିଚଳରୂପେ ବଦ୍ଧମୂଳ ହେବ ! ଯେଉଁ ସମାଜରେ ଏପରି ହେବେଜଣ ଚରିତ୍ରବାନ୍ ବ୍ୟକ୍ତି ବାହାରିବେ ସେହି ସମାଜର ଉନ୍ନତି ହେବ । ଉପଦେଶକୁ ଚରିତ୍ର ଓ କାର୍ଯ୍ୟରେ ପରିଣତ ନ କଲେ କୌଣସି ବ୍ୟକ୍ତି ବା ସମାଜର ଉନ୍ନତି ହେବ ନାହିଁ । ବର୍ତ୍ତମାନ ଆମ୍ଭମାନଙ୍କର ପ୍ରଧାନ ଦୋଷ ଏହି କି ଆମ୍ଭେମାନେ ବିଦ୍ୟାର ଗରିମା ଅନେକ ଦେଖାଉଁ ମାତ୍ର ପ୍ରକୃତ ବିଦ୍ୱାନପରି କାର୍ଯ୍ୟ କରୁଁ ନା । ଉପାର୍ଜିତ ଜ୍ଞାନକୁ କାର୍ଯ୍ୟରେ ଫଳାଇ ନ ପାରିବାଯାଏ ଏ ଦେଶ ଉନ୍ନତିର ଆଶା ନାହିଁ ।

---

ବହରମପୁର କଲେଜର ସାହେବ ଅଧ୍ୟାପକ ଗୃହରେ ତାଙ୍କ ସଙ୍ଗରେ ଅନେକ ଶିକ୍ଷିତବ୍ରାହ୍ମଣ ଓ କାୟସ୍ଥ ଏକତ୍ର ଭୋଜନ କରିବାର ଅବଗତ ହୋଇ ଏକ ସମ୍ବାଦପତ୍ର ଏହାକୁ ଗୁରୁତ୍ୱଶାଳୀ ଯୋଗ କହିଅଛନ୍ତି ଏବଂ ସମାଜକୁ ସୁରକ୍ଷିତ ରଖିବା ବିଷୟରେ ସମାଜପତିମାନଙ୍କୁ ବିଶେଷ ସତର୍କ କରିଅଛନ୍ତି । ଉଚ୍ଚଶ୍ରେଣୀର ହିନ୍ଦୁଗଣ ଏକପ୍ରକାର ପ୍ରକାଶ୍ୟଭାବରେ କଷାଇଦୋକାନ ଓ ହୋଟେଲ ମାଂସ, ଚୁଟା, ସୋଡ଼ା, ଲେମନେଡ଼ ପ୍ରଭୃତି ଓ ସକୋଷର ମଦ ଏବଂ ରେଲ, ଷ୍ଟିମର ଓ ବଜାର ଫେରିବାଲାଙ୍କ ସଙ୍ଗେ ଭୋଜନ କରୁଥିବାପର ସାହେବଙ୍କ ସଙ୍ଗେ ଏକତ୍ର ଭୋଜନ କରିବା ଯେବେ ଗୁରୁତ୍ୱଶାଳୀ ଯୋଗ ହୁଏ ତେବେ ଆଉ ଭୟ ବାକି ଅଛି ଯେ ସମାଜପତିମାନେ ସଯତ୍ନ କରିବାକୁ ସାବଧାନ ହେବେ । ତାହାହେଲେ ବ ସମ୍ପ୍ରଦାୟର ଯୁବଲୋକମାନେ ଏକତ୍ର ଭୋଜନରେ ଦୋଷ ନାହିଁ କହି ଏବ ସବୁ ଓ ଏବ ଶୃଙ୍ଖଳ ବାଛିବା ସହଜ ନୁହେ । ମାତ୍ର ଯେଉଁମାନେ ତାହା କରି ନିଷ୍ଠାପର ପୂର୍ବକ ଶୁଚିତା ଦେଖାନ୍ତି ସେହିମାନେ ପ୍ରକୃତ ଶୃଙ୍ଖଳ ଓ ସେମାନଙ୍କ ସଂଯତ କରିବା ଏକାନ୍ତ ବାଞ୍ଛନୀୟ ।

---

ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କର ପଦକ ଦାନ ବିଷୟକ ଇଂରାଜୀ ବିଜ୍ଞାପନ ଏ ପତ୍ରିକାରେ ପ୍ରକାଶ ହୋଇଅଛି ଓ ତାହା ପାଠକମାନେ ଦେଖିଥିବେ । ସେ ବିଜ୍ଞାପନର ମର୍ମ ଏହି କି କଲିକତା ବିଶ୍ୱବିଦ୍ୟାଳୟର ମାଟ୍ରିକ୍ୟୁଲେସନ ଇଣ୍ଟରମିଡ଼ିଏଟ ଏବଂ ବି, ଏ, ଅନରପରୀକ୍ଷାର ପ୍ରତ୍ୟେକ ପରୀକ୍ଷାରେ ଯେଉଁ ଓଡ଼ିଆଛାତ୍ର ଇଂରାଜୀ ଭାଷାରେ ପ୍ରଥମ ହେବ ତାହାଙ୍କୁ ଗୋଟିଏ ବୃତ୍ତି ପଦକ ସେ ଦାନ କରିବେ । ଏପରି ତିନିପରୀକ୍ଷାର ପଦକର ମୂଲ୍ୟ ଯଥାକ୍ରମେ ଟ ୫୦୲ ବ ଟ ୭୦୲ ଙ୍କା ଓ ଟ ୧୦୦୲ ଙ୍କା ଧାର୍ଯ୍ୟ ହୋଇଅଛି । ଏ ପ୍ରସଙ୍ଗରେ ଓଡ଼ିଆ ଓ ଜାତୀୟ ଯେଉଁ ସନ୍ଦେହ ଉପସ୍ଥିତ କରିଅଛନ୍ତି ତାହା ଅନ୍ୟ ହେବେଜଣ କରିବାର ଆମ୍ଭେମାନେ ଅବଗତ ହୋଇଅଛୁଁ । ସେ ସନ୍ଦେହ ଏହି କି ଓଡ଼ିଆଛାତ୍ର ମଧ୍ୟରେ ଓଡ଼ିଶାର ମୁସଲମାନ ଏବଂ ଅନ୍ୟାନ୍ୟ ସ୍ଥାୟୀ ଅଧିବାସିମାନେ ପରିଗଣିତ କି ତା ପୂର୍ବି ବିଶ୍ୱବିଦ୍ୟାଳୟର ସେହି ସମସ୍ତ ପରୀକ୍ଷାରେ ଯେଉଁ ଓଡ଼ିଆଛାତ୍ର ସମସ୍ତଙ୍କ ଉପରେ ସ୍ଥାନ ପାଇବ ଅଥବା ଉତ୍ତୀର୍ଣ୍ଣ ହେବା ଓଡ଼ିଆଛାତ୍ର ମଧ୍ୟରେ ଯେ ପ୍ରଥମ ହେବ ତାହାକୁ ବୁଝାଇବ ? ଆମ୍ଭେମାନେ ଆଶା କରୁଁ ଦାତା ମହାଶୟ ଏହି ଦୁଇ ସନ୍ଦେହ ଭଞ୍ଜନ ଶୀଘ୍ର କରିବେ । ଶେଷରେ ଆମ୍ଭେମାନେ ବୃତ୍ତିପଦକ ଅପେକ୍ଷା ନଗଦ ପୁରସ୍କାର ଦାନ ଓଡ଼ିଶାର ଅବସ୍ଥା ବିବେଚନାରେ ଶ୍ରେୟଃ ମନେ କରୁଁ ।

—※—

ଗତ ଅପ୍ରେଲ ... ରେ ଅନେକ ମାତାଲ
ସଜନୀବାଗରେ ...
ତା ୨୧ ...
ଥି ...

ଖାସ୍ତ ଜମିମାନ ଇତ୍ୟାଦି ଅଧିକାଂଶ ମହାଲର ବାକି ଟଙ୍କା ନେଲାମର ଶେଷରେ ୧୦୬ ଗୋଟି ମହାଲ ନୀଲାମ ଫର୍ଦ୍ଦରେ ଉଠିଥିଲା । ସାହେବ ମହୋଦୟ ଦୟା ବହୁ ନୀଲାମ ବକେୟା ଟଙ୍କା ଗ୍ରହଣ କରିଥିଲେ ମଧ୍ୟ ଗୋ ୨୫ ଟି ମହାଲ ନୀଲାମ ହୋଇ ଯାଇଅଛି । ଏଥି ମଧ୍ୟରେ କେବଳ ମହାଲ ଭିନ୍ନ ଥିଲେ ଅଧିକ ସମ୍ପତ୍ତି ଖିଲାପ କରିଥିବା ହେତୁ ବାକିଦାର ଟଙ୍କା ଯାଚିଲେ ସୁଦ୍ଧା ଗ୍ରହଣ କରା ନ ଯାଇ ଓ ଅବଶିଷ୍ଟ ମହାଲ ବକେୟାର ଉସୁଲ ନ ହେବାରୁ ନୀଲାମ ହୋଇଅଛି । ନୀଲାମ ହୋଇଥିବା ମହାଲ ମଧ୍ୟରେ ଅଧିକାଂଶ ଯାଜପୁର ସବଡିଭିଜନ ଅନ୍ତର୍ଗତ ଓ ଧେଇଥି ମହାଲ ଅଟେ । ନୀଲାମ ଜମିମାନ ଅଧିକାଂଶ ସ୍ଥାନରେ ସଦର ଜମାର ଦୁଇ ଗୁଣରୁ କେବଳ ଗୋଟିଏ ମହାଲ ୩୦ଗୁଣ ହୋଇ ଥିଲା ।

---

ଓଡ଼ିଶା ବନ୍ଦରମାନଙ୍କ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ସନ ୧୯୦୯।୧୦ ବର୍ଷର ଯେଉଁ ବିବରଣୀ ବାହାରିଅଛି ତହିଁରୁ ପ୍ରକାଶ ଯେ ତହିଁ ପୂର୍ବବର୍ଷର ଆୟ ୪୮୧୧୨ ଟଙ୍କା ଥିବା ସ୍ଥଳେ ଏ ବର୍ଷ ୪୧୫୬୨୩ ଟଙ୍କା ହୋଇଅଛି । କଟକର ବନ୍ଦରର ବାଟେ ବହୁତ ଚାଉଳର ରପ୍ତାନି ହେବା ହେତୁ ଏ ବୃଦ୍ଧି ସଙ୍ଘଟିତ ହୋଇଅଛି । ପୂର୍ବ ବର୍ଷାପେକ୍ଷା ଖର୍ଚ୍ଚ ୪୧୧୯୭ ଟଙ୍କା ଊଣା ହୋଇଥିବା ଅତ୍ୟନ୍ତ ସନ୍ତୋଷ ଜନକ । ପୂର୍ବ ଦୁଇବର୍ଷ ଖର୍ଚ୍ଚ ଚଳାଇବା ନିମନ୍ତେ ଗବର୍ଣ୍ଣମେଣ୍ଟ ସାହାଯ୍ୟର ପ୍ରୟୋଜନ ହୋଇଥିଲା ମାତ୍ର ବର୍ତ୍ତମାନ ବର୍ଷ ଆୟରୁ ବ୍ୟୟ ନିର୍ବାହ ହୋଇ ୪୨୩୮ ଟଙ୍କା ଉଦ୍‌ବର୍ତ୍ତ ହୋଇଅଛି । କଟକର ଆମଦାନୀ ବାଣିଜ୍ୟ ଊଣା ହୋଇଥିବାର ଦେଖାଯାଏ ମାତ୍ର ପୂର୍ବବର୍ଷ ଉତ୍କଳର ନାନାସ୍ଥାନରେ ଦୁର୍ଭିକ୍ଷଯୋଗେ ବ୍ରହ୍ମାରୁ ଅନେକ ଚାଉଳ ଆସିଥିବାହେତୁ ଏ ଫଳ ଘଟିଅଛି । ଏ ବର୍ଷ ବୃଷ୍ଟି ଭଲ ହୋଇଥିବାରୁ ରପ୍ତାନିର ବୃଦ୍ଧିଯୋଗେ ଫଳ ସନ୍ତୋଷଜନକ ହୋଇଅଛି । ମୋଟ ବାଣିଜ୍ୟର ମୂଲ୍ୟ ଗତ ବର୍ଷ ପ୍ରାୟ ୬୦ ଲକ୍ଷ ଟଙ୍କା ହୋଇଥିବା ସ୍ଥଳେ ବର୍ତ୍ତମାନ ବର୍ଷ ସାଢ଼େ ୮୨ ଲକ୍ଷ ହୋଇଅଛି । ବନ୍ଦରର ବର୍ତ୍ତମାନ ଅବସ୍ଥା ଉତ୍ତମ ମାତ୍ର ଧାମରା ମୁହାଣର ଯେଉଁଠାରେ ବନ୍ଦର ଅଛି ସେ ଅଞ୍ଚଳ ମଧ୍ୟ ସମୁଦ୍ର ଖାଇଯିବାର ବନ୍ଦ ହୋଇନାହିଁ । ଏଥିପାଇଁ ସେଠାର ଅନେକ ସ୍ତମ୍ଭ ଘୁଞ୍ଚାଇବାର ଅବଶ୍ୟକ ହୋଇଅଛି ।

---

ଏଠ୯ ୀ୨ଏ୯ ୨ଟି ସମ୍ବଲ ନମ୍ବର

ମ ଗତ ତା ୩୧

ମସୁରେ

ଉତ୍କଳ ପ୍ରସିଦ୍ଧ ନୟାଚନ୍ଦ ବଂଶୋଦ୍ଭବ ପ୍ରଭୁପାଦ ରଘୁନାଥ ଦେବ ଗୋସ୍ୱାମୀ ମହୋଦୟ ବନ୍ଧୁମୁକ୍ତ ନଗର ବୃନ୍ଦାବନରେ ଅବହେଳ ବ୍ୟାମତରବା ସନ ୧୩୧୭ ସାଲ ତା ୧ ରଖ ଗୁରୁବାର ପ୍ରାତଃକାଳରେ ପୁରୀର ସର୍ବପ୍ରଧାନ ମଠାଧିପତି ଏମାର ମଠର ମହନ୍ତ ରଘୁନନ୍ଦନ ସ୍ୱାମୀଙ୍କ ଦାସ ନ୍ୟାୟ ପ୍ରଭୃତି ରୋଗରେ ପରଲୋକଗାମୀ ହେବାର ଦାରୁଣ ଦୁଃସମ୍ବାଦ ପୁରୀରେ ପ୍ରଚାରିତ ହେଉଅଛି । ଏ ଦୁଇ ମହାତ୍ମାଙ୍କର ପରଲୋକ ହେବା ଅନାବଶ୍ୟକ । ପ୍ରଥମୋକ୍ତ ମହାପୁରୁଷ ରଘୁନାଥ ଦେବ ଗୋସ୍ୱାମୀ ବଙ୍ଗଦେଶୀୟ ନୟାଚନ୍ଦ ସନ୍ତାନ ଓ ପୁରୀ ମହାରାଜାଙ୍କର ଗୁରୁ ଥିଲେ । ପାରଲୁ ଟିକଲି ପ୍ରଭୃତି ରାଜା ଏବଂ ଉତ୍କଳର ଅନେକ ଦେଶରେ ଅନେକେ ଏହାଙ୍କର ଶିଷ୍ୟ ଅଟନ୍ତି । ଗୋସ୍ୱାମୀ ମହୋଦୟ ବହୁଶାସ୍ତ୍ରଜ୍ଞ, ସଙ୍ଗୀତବିଦ୍ୟା ନିପୁଣ, ସମବୃଦ୍ଧି ସମ୍ପନ୍ନ, ପରଦୁଃଖ କାତର ଏବଂ ଅଲୌକିକ ଗୁଣ ଓ ସର୍ବଶେଷ ଆମୋଦପ୍ରିୟ ଥିଲେ ଏମନ୍ତ କି ଯେ ଥରେମାତ୍ର ତାହାଙ୍କ ସହିତ ଆଳାପ କରିଅଛି ସେ ଆଜୀବନ ତାହାଙ୍କୁ କଦାପି ଭୁଲିପାରିବ ନାହିଁ । ଏହାଙ୍କର ଏକମାତ୍ର ବ ୧୪ ବର୍ଷର ପୁତ୍ରସନ୍ତାନ ବିଦ୍ୟମାନ ଅଛନ୍ତି ।

ଏମାରମଠର ମହନ୍ତ ମଧ୍ୟ ସୁପଣ୍ଡିତ, ଜ୍ଞାନୀ, ଅଳଙ୍କାର ନାଟକ ଓ ପୁରାଣ ମାନ୍ୟଗଣ୍ୟ ଅଗ୍ରଣୀ ଥିଲେ । ମହନ୍ତ ମହାରାଜଙ୍କର ବୟସ ପ୍ରାୟ ବ ୭୦ ବର୍ଷ ହୋଇଥିଲା ଏବଂ ସେ ନୃପସୁଲଭ ଉତ୍ତରାଧିକାରୀ ରଖିଯାଇ ଅଛନ୍ତି । ଆମ୍ଭେମାନେ ପରଲୋକଗତ ମହାପୁରୁଷ ଦ୍ୱୟଙ୍କର ଆତ୍ମାର କୁଶଳକାମନା ଓ ଏମାନଙ୍କର ଅଧୀନ ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନପୂର୍ବକ ଉତ୍ତରାଧିକାରୀମାନେ ଦୃଷ୍ଟ ପ୍ରବର୍ତ୍ତିତ ମାର୍ଗ ଅନୁସରଣ କରି ପୂର୍ବ ଗୌରବ ଓ ବଂଶ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖନ୍ତୁ ଏଥି ନିମନ୍ତେ ଭଗବାନଙ୍କ ନିକଟରେ ଏହିମାତ୍ର ପ୍ରାର୍ଥନା କରୁଅଛୁଁ ।

---

ଏଠା ରେଭେନସା କଲେଜର ବିଏ ଶ୍ରେଣୀରେ ବିଜ୍ଞାନ ଶିକ୍ଷାର କୌଣସି ବନ୍ଦୋବସ୍ତ ନ ଥିବାରୁ ଛାତ୍ରମାନଙ୍କର ଅସୁବିଧା ଜଣାଇ ଶୀଘ୍ର ବିଜ୍ଞାନ ଶ୍ରେଣୀ ଖୋଲିବାନିମନ୍ତେ ଉତ୍କଳ ସଭାରୁ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ପତ୍ର ଯାଇଥିଲା ତହିଁର ଡାଇରେକ୍ଟର ସାହେବ ସଭାର ସମ୍ପାଦକଙ୍କ ନିକଟକୁ ନିମ୍ନଲିଖିତରୂପେ ଉତ୍ତର ଦେଇଅଛନ୍ତି ।

Sir,

I have the honour to refer to your letter to the Chief Secretary to the Government of Bengal No. 111 dated 22nd June 1910 which was transmitted to me for disposal and to state that it will not be practicable to secure for Ravenshaw College affiliation up to the B. Sc. Standard until the Collegiate School is removed to other premises. As to this I may state that a site has already been selected and it is hoped that the project will proceed without a hitch.

In the mean time, the difficulty anticipated with regard to the future status of such students as have passed the Intermediate in science need not be viewed with alarm, as the senate of Calcutta University have decided to recommend that students who have passed the Intermediate in science may proceed to the B. A. Examination instead of to the B. Sc., under certain conditions, which do not however involve their reading for more than the usual period of two years. It will, therefore, be no longer necessary that the Intermediate Science students should proceed to Calcutta to prosecute their further studies.

ଏହି ପତ୍ର ଲିଖିତ ବନ୍ଦୋବସ୍ତରେ ବିଜ୍ଞାନବିଭାଗୀୟ ଛାତ୍ରମାନେ କିରୂପେ ସହଜରେ ଦର୍ଶନ ବିଭାଗରେ ପଢ଼ି ଉତ୍ତୀର୍ଣ୍ଣ ହେବେ ଆମ୍ଭେମାନେ ବୁଝିପାରୁ ନାହୁଁ ଏବଂ ହେଲେ ସୁଦ୍ଧା ବିଜ୍ଞାନର ଉନ୍ନତ ସେମାନେ କିରୂପେ ପାଇବା ଯୋଗେ ଗୋଟିଏ ଅତ୍ୟାବଶ୍ୟକୀୟ ଶିକ୍ଷାରୁ ଛାତ୍ରମାନେ ବଞ୍ଚିତ ହେବାର ଜଣାଯାଉଅଛି । ଯାହା ହେଉ ଏ ପତ୍ର ସର୍ବସାଧାରଣ ତଥା କଲେଜର କର୍ତ୍ତୃପକ୍ଷ ଏବଂ ଛାତ୍ରମାନଙ୍କ ଅବଗତି ନିମିତ୍ତ ପ୍ରକାଶ କଲୁଁ । ଏ ସମ୍ବନ୍ଧରେ କାହାର କିଛି ବକ୍ତବ୍ୟ ଥିଲେ ସାଦରେ ପ୍ରକାଶ କରିବୁଁ । ଫଳତଃ ଗବର୍ଣ୍ଣମେଣ୍ଟଙ୍କ ଅର୍ଥାଭାବ ଅବସ୍ଥା ଭଲ ନ ଥିବା ହେତୁ ଏଠାରେ ଉଚ୍ଚ ବିଜ୍ଞାନ ଶିକ୍ଷାର ବନ୍ଦୋବସ୍ତ ବର୍ତ୍ତମାନ ସ୍ଥଗିତ ହେଲା ପ୍ରାୟ ଜଣାଯାଏ ।

---

ଇଂରେଜମାନଙ୍କ କ୍ଲବ ପରି ଏ ନଗରବାସୀ ଦେଶୀୟ ଲୋକଙ୍କର ଇଉନିୟନ କ୍ଲବ ନାମରେ କଟକଚଣ୍ଡୀ ନିକଟରେ ଗୋଟିଏ କ୍ଲବ ବା ଆଡ୍ଡା ଅଛି । ଦକ୍ଷିଣାଞ୍ଚଳର ନଗରବାସୀଙ୍କ ତାହା ଦୂର ହେବାରୁ ସେମାନେ କେତେଜଣ ମିଶି ଦୁଇବର୍ଷ ହେଲା ଟାଉନକ୍ଲବ ନାମରେ ଗୋଟିଏ କ୍ଲବ କରିଅଛନ୍ତି । ଏହାର ବୈଠକ ଟାଉନ ଲାଇବ୍ରେରୀ ହଲରେ ହୁଏ । କାର୍ଯ୍ୟାନ୍ତେ ବିଶ୍ରାମାର୍ଥ ସାୟଂକାଳରେ ଏକତ୍ର ହୋଇ ଘଣ୍ଟାଏ କାଳ ସଦାଳାପ, ଖେଳ, କୌତୁକ, ସୁସ୍ୱାଦ ପାଠ ଓ ପରସ୍ପର ସଦ୍‌ଭାବ ବର୍ଦ୍ଧନ ଏହାର ଉଦ୍ଦେଶ୍ୟ ଅଟେ । ଗତ ପୂର୍ବ ଶୁକ୍ରବାର ଏହାର ୨ୟ ବାର୍ଷିକ ଉତ୍ସବ ହୋଇଥିଲା । ତହିଁର ବିବରଣୀରୁ ଅବଗତ ହେଲୁଁ ଯେ ନ ୪୫ ଣ ଭଦ୍ରଲୋକ ମିଶି ଏହା ଆରମ୍ଭ କରିଥିଲେ । ୨ୟ ବର୍ଷର ଆରମ୍ଭରେ ସଭ୍ୟସଂଖ୍ୟା ଅଳ୍ପ ନ ୩୫ ଣ ଥିଲା ବର୍ତ୍ତମାନ ତାହା ନ ୨୭ ଣକୁ ଖସି ଆସିଅଛି । କେତେକ ସଭ୍ୟ ଅବସର ନ ପାଇ ଛାଡ଼ିଗଲେ ଏବଂ

Split by PDF Splitter

Digitized by srujanika@gmail.com

ତେବେତ ସତ୍ୟ ମାପିବ କେତା ଏତଦ୍ୱାରା ଦେବାକୁ ଦେଲା ସେବାଦେବ ୨୫ ଟଙ୍କା ଯେଉଁମାନେ ଅଛନ୍ତି ସେମାନେ ପ୍ରକୃତ ଅବସ୍ଥା ଏଏ ସମ୍ବରେ ସମ୍ପାଦକେ ହୁଏ ଏକଦମ ଏକ-ଛିତ ହେବା ଭଲେ । କେବଳ କେବେହୁଁ ଏ ବଙ୍ଗ ଓ ଦେଶୀ ସାମୟିକ ପ୍ରେମନଙ୍କ ପ୍ରକୃତ ଭେଦାରେ ଥାଇଥିବାରୁ ପ୍ରବୋଧ ସଭା ଛତକୁ ପଠାଇ ଏ ଓ ସଭେ ବସି ପାଠ କରନ୍ତି । ଅନ୍ୟ ବାଂସ୍ୟ ଅଶ୍ୱ ଛଣ୍ଡି ପାନ୍ତି ଅତ-ଏବ ଅଧିକ ଅବଗ୍ରା ଭଲ ଅଛୁ । ସତ୍ୟମାତଙ୍କର ଏତାଦୃଶ ଦେଲ ପ୍ରତ୍ୟକ୍ଷେ କୁବାଟ ଖାଇଲ ଭଳି-ଅଛୁ ଏଉଦ ସ୍ୱଂର ଦଶପ୍ କୋଳିବକୁ ଦେବ ମାତ୍ର ଏଥିରୁ ସ୍ପଷ୍ଟ ଦେଖା ଯାଉଅଛୁ ଯେ ଅମ୍ଭ-ମାନଙ୍କ ଉପରେ ଅସ୍ପୃଶ୍ୟତାର ଚେଷ୍ଟା ଅତ୍ୟନ୍ତ କ୍ଷୀଣ । ଅମ୍ଭେମାନେ ସାଂବାଦିକମାନଙ୍କ ସମ୍ମାନ ଦେବାକୁ ଏକାନ୍ତ ଇଚ୍ଛା କରୁଁ ମାତ୍ର ସେମାନଙ୍କର ସଦ୍‌ଗୁଣାବଳୀ ଅଦ୍ୟାପି ଅମ୍ଭମାନଙ୍କ ମନରେ ବଦ୍ଧମୂଳ ହୋଇନାହିଁ । ସତ୍ୟସଙ୍ଗର ହିତାର୍ଥି ଅମ୍ଭେମାନେ ହୃଦୟଙ୍ଗମ କରୁଅଛୁ ପାନ୍ତୁ ଏହ ସାମାନ୍ୟ ଦୁଃଖ ଓ ଲଜ୍ଜାର ବିଷୟ ନୁହେଁ ।

—※※※—

## ମୁକ୍ତାରର ଦାୟିତ୍ୱ ।

ସତ୍ୟବାଦୀ ଯେଉଁ କାମ ଜଣେ ମାମଲତ-ଦାର ଏଠା ଫୌଜଦାରୀ ଅଦାଲତର ଜଣେ ସୁପରିଚିତ ମୁକ୍ତାର ବାବୁ ଦାମୋଦର ମହାପାତ୍ର ନାମରେ ଏଠା ଜଇଣ୍ଟ ମାଜିଷ୍ଟ୍ରେଟଙ୍କ ସମୀପରେ ଏକ ଅର୍ଥ ଦରଖାସ୍ତ ଦେଇ କହିଥିଲେ ଯେ ତାହାର ଫୌଜଦାରୀ ଦରଖାସ୍ତ ଦେଖି ଟିକ୍‌ଥିବାର ସାର୍ଟିଫିକେଟ ଦେଇ ଏତଦ୍ୱାରା ଟିପ ଓ ମୋହରର ଲେଖାଇ ନେଇ । ଟ ୦ ୧ ନେଲେ ଏବଂ ପରେ ମୁକ୍ତାରନାମା ସହାସେ ଟ ୨ ଙ୍କା ନେଲେ ମାତ୍ର ଶେଷରେ ତାହାର ବିପକ୍ଷର ମୁକ୍ତାର ହେଲେ । ମୁକ୍ତାର ଦାମୋଦର ବାବୁ ଜବାବ ଦେଲେ ଯେ ଦରଖାସ୍ତକାରୀର ଦଥିବ ଦରଖାସ୍ତର ପଠା ସେ କରି ନ ଥିଲେ । ତାହା ତାଙ୍କର ମୋହରର ଲେଖିଥିଲା । ଅତ୍ୟ ମୋହରର ଲେଖା ଦରଖାସ୍ତ ତାହାଙ୍କ ନିକଟକୁ ଅଣିବାରେ ସେ କେବଳ ଟିକ୍‌ଥିବାର ଲେଖି ଦସ୍ତଖତ କରି-ଥିଲେ । ଏ କାର୍ଯ୍ୟ ମୋହରରମାନେ କରିବାର ସମସ୍ତଙ୍କୁ ଜଣା । ସେ ମୁକ୍ତାରନାମା ଗ୍ରହଣ କରି ତାହାକୁ ନ ହାଜରପତ୍ର ଦେଖି ନାହାନ୍ତି ଏବଂ ନାଲିସ ଦରଖାସ୍ତ ଦାଖଲ କରି ନାହାନ୍ତି । ଏଥିରୁ ସଂଯୁକ୍ତ ଜଜ ସାହେବ ବିଗ୍ରହ କଲେ ଯେ ଯେତେବେଳେ ପ୍ରକୃତରେ ମୁକ୍ତାରନାମା ଦାଖଲ ହୋଇନାହିଁ ଓ ଦରଖାସ୍ତଦାତା ତହିଁପାଇଁ ଫର୍ଦ୍ଦ ଦେଇଥିଲେ ବିଚାରକର୍ତ୍ତା ମାଜିଷ୍ଟ୍ରେଟଙ୍କ ନିକଟରେ ଜଣାଇ ନାହିଁ ସେ ସ୍ଥଳ ମୁକ୍ତାରଙ୍କ କଥା ବିଶ୍ୱାସଯୋଗ୍ୟ ବୋଧ ହେଉଅଛୁ । ଦରଖାସ୍ତକାରୀ ଯଥାସମୟରେ ଜଣାଇଥିଲେ ମାଜିଷ୍ଟ୍ରେଟ ତହିଁର ତଦନ୍ତ କରିଥାନ୍ତେ । କେବଳ କିଛି ଫି ଦେଇ ଦରଖାସ୍ତ ଠିକ୍‌ଥିବାର ସ୍ୱାକ୍ଷର କରିଲ ଦେଇଥିଲା ବୋଲି ମୁକ୍ତାରଙ୍କୁ ଦଣ୍ଡ ଦେଇଥିବାର ଲୁହାସ ନ ପାରେ ଏବଂ ଏହି ସ୍ଥଳେ ଅନ୍ୟ ପକ୍ଷର ମୁକ୍ତାରନାମା ନେବା-ହେତୁ ମୁକ୍ତାରର ଦୋଷ ହୋଇ ନ ପାରେ । ଏହି ସମସ୍ତ ଯୁକ୍ତିରେ ଜଜ ବାହାଦୁର ମୁକ୍ତାର ବିରୁଦ୍ଧେ କୌଣସି ମମଲା ଘଟନା ହୋଇ ନ ଥିବାର ସିଦ୍ଧାନ୍ତ କରି ଦରଖାସ୍ତକାରୀର ଆବେଦନ ଅଗ୍ରାହ୍ୟ କଲେ । ସାହେବ ମହୋଦୟଙ୍କର ବିଚାର ନ୍ୟାୟସଙ୍ଗତ ହୋଇଅଛୁ ଏବଂ ଏଥିରେ ଦସ୍ତୁରୀତ ମଧ୍ୟ ସ୍ପଷ୍ଟ ପ୍ରକାଶ ପାଉଅଛୁ ମାତ୍ର ଫୌଜଦାରୀ ଅଦାଲତର ନାଲିସ ଦରଖାସ୍ତ ଦାଖଲ ହେବା ପୂର୍ବେ ତହିଁରେ ଜଣେ ମୁକ୍ତାର ତାହା ଟିକ୍ ଅଛୁ ବୋଲି ଲେଖିବାର ଯେଉଁ ସ୍ଥାନୀୟ ନିୟମ ପ୍ରଚଳିତ ଅଛୁ ସାହେବ ମହୋ-ଦୟଙ୍କର ମନୋନୀତ ହୋଇ ନ ଥିବାର ତାହାଙ୍କ ଆଦେଶରୁ ଏହି ପ୍ରକାର ଜଣା ଯାଉଥିଲେହେଁ ସେ ବିଷୟରେ କିଛି କଟକଣା କରିବା ତାହାଙ୍କର କର୍ତ୍ତବ୍ୟ ବୋଲି ଅମ୍ଭେମାନେ ବିବେଚନା କରୁଁ । କୌଣସି ମୁକ୍ତାରର ମୋହରର ଦରଖାସ୍ତ ଲେଖି ଯେବେ କିଛି ଫିସ ଦେଇ କେହି ମୁକ୍ତାରଠାରୁ ତାହା ଶୁଦ୍ଧଥିବାର ଲେଖାଇ ନେବାର ନିୟମ ପ୍ରଚଳିତ ଅଛି ତେବେ ସେ ନିୟମ ଯେ ନ୍ୟାୟସଙ୍ଗତ ନୁହେ ଓ ସେହି ନିୟମ ହେତୁ ବର୍ତ୍ତମାନ ମାମଲା ହୋଇଅଛୁ ଏହା ସ୍ପଷ୍ଟ ଜଣାଯାଉଅଛୁ । ଏ ନିୟମଦ୍ୱାରା ଅଦାଲତ କେବଳ ମୁକ୍ତାରର ଗୋଟାଏ ରୋଜଗାରର ବାଟ ଫିଟାଇ ଦେଇଅଛନ୍ତି ଓ ମୁକ୍ତାରମାନେ ତହିଁର ଅଯଥା ବ୍ୟବହାର କରୁଅଛନ୍ତି । ବର୍ତ୍ତମାନ ମୋକଦ୍ଦମା ସମ୍ବନ୍ଧରେ ଜଜ ସାହେବ ଏ ନିୟମର ଅନିଷ୍ଟକାରିତା ମାଜିଷ୍ଟ୍ରେଟଙ୍କୁ ଜଣାଇ ତାହା ରହିତ ହେବା ବିଷୟ ବିବେଚନାକାରଣ ମନ୍ତବ୍ୟ ପ୍ରକାଶ କରିଥିଲେ ସାଧାରଣ ଉପକାର ହୋଇ-ଥାନ୍ତା ।

—※—

## ବେଦପାଠରେ ବାଧା

ଜଣେ ମୁସଲମାନ ଛାତ୍ର—ନାମ ମହମ୍ମଦ ସଦରୁଲ—କଲିକତା ପ୍ରେସିଡେନ୍ସି କଲେଜରେ ପଢ଼ି ଏଥର ବି, ଏ, ପରୀକ୍ଷାର ସଂସ୍କୃତ ଅନରରେ ପାସ କରିଅଛୁ । ବିଶ୍ୱବିଦ୍ୟାଳୟ ସଂସ୍କୃତ ଏମ, ଏ, ଶ୍ରେଣୀ ଫିଟାଇବାରେ ତହିଁରେ ଭରତି ହେଲା । ଯେତେବେଳେ ପଣ୍ଡିତ ସତ୍ୟବ୍ରତ ସାମଶ୍ରମୀ ମହାଶୟ ଋଗ୍‌ବେଦ ପଢ଼ାଉଥିଲେ ସେତେବେଳେ କ୍ଲାସ ବେଞ୍ଚରେ ମୁସ-ଲମାନ ଛାତ୍ରର ନାମ ଦେଖି ବିରକ୍ତ ହୋଇ ସେ ଛାତ୍ରର ନାମ କାଟିଦେଲେ । ତାଙ୍କର ଯୁକ୍ତି ଯେ ଶୂଦ୍ର ବିଶେଷତଃ ଯବନ ଅଥବା ଗବର୍ଣ୍ଣ-ମେଣ୍ଟରେ ଆବେଦନ କରି ବେଦ ପଢ଼ି ପାର-ନ୍ତି ନାହିଁ । ଏହା କେଉଁ ବେଦର ମତ ଅମ୍ଭେମାନେ ଠିକ କହି ନ ପାରୁଁ । କେତେକ ସମ୍ବାଦ-ପତ୍ର ଏ କଥା ଲେଖି ପଣ୍ଡିତ ମହାଶୟଙ୍କର କାର୍ଯ୍ୟକୁ ସମର୍ଥନ କରିବାର ଦେଖି ଅମ୍ଭମାନଙ୍କ ବିବେଚନାରେ ଏ ବିଷୟର ଆଲୋଚନା ହେବା ଉଚିତ । ହିନ୍ଦୁଙ୍କର ଜଣେ ପତ୍ରପ୍ରେରକ ଅନୁକୂଳ ବେଦତ ନିଷେଧ କରିବାପ୍ରତି ବିଶ୍ୱବିଦ୍ୟାଳୟର କ୍ଷମତା ଥିବାର ସନ୍ଦେହ କରି ଅଛନ୍ତି । ବାସ୍ତବରେ ସନ୍ଦେହର କଥା । ବିଶ୍ୱବିଦ୍ୟାଳୟ ଜାତି ଧର୍ମନିର୍ବିଶେଷରେ ଉଚ୍ଚ ଶିକ୍ଷାଦାନ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଏବଂ ଯେତେବେଳେ ଉଚ୍ଚ ସଂସ୍କୃତ ଶିକ୍ଷା ତହିଁର ଅନ୍ତର୍ଗତ ଏବଂ ବେଦ ତହିଁର ପ୍ରଧାନ ଅଙ୍ଗ ବୋଲି ନିର୍ଦ୍ଦିଷ୍ଟ ହୋଇଅଛି ସେତେବେଳେ ଭିନ୍ନଧର୍ମାବଲମ୍ବୀ ଥିବା ହେତୁରେ କୌଣସି ଛାତ୍ରକୁ ସେ ପାଠରୁ ବଞ୍ଚିତ କରିବାକୁ ସକ୍ଷମ ନୁହନ୍ତି । ଭରସା କରୁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ସମିତିରେ ଏ ବିଷୟର ଆଲୋଚନା ହେବ ଏବଂ ସମିତିର ନ୍ୟାୟ ବିଚାରରେ ଉକ୍ତ ନିଷେଧ ସ୍ଥିର ରହିବ ନାହିଁ । ପୁଣି ପଣ୍ଡିତ ସାମଶ୍ରମୀ ମହାଶୟ ବିଶ୍ୱବିଦ୍ୟାଳୟର ଆଦେଶ ନ ଲଙ୍ଘି ଏହାବେଳେ ବିରକ୍ତ ହୋଇ ଛାତ୍ରର ନାମ କାଟିଦେବା ଉଚିତ ହୋଇ ନାହିଁ ଏବଂ ସେ ଯେପରି କୀର୍ତ୍ତି ଏ ସ୍ଥଳେ ଦେଖାଇ-ଅଛନ୍ତି ତାହା ତାହାଙ୍କର ବେଦ ପଢ଼ାଇବାର ଯୋଗ୍ୟତାର ଅନୁକୂଳ ବୋଲିଯାଇ ନ ପାରେ । ବେଦ ଅତ୍ୟନ୍ତ ଉଚ୍ଚ ଏବଂ ଉଦାର ଧର୍ମଶାସ୍ତ୍ର ଏବଂ ଯେତେବେଳେ ପଣ୍ଡିତ ମହାଶୟ ନିଜେ ବିଶ୍ୱାସ କରନ୍ତି ଯେ ଜୀବର ମଙ୍ଗଳ ସକାଶେ ଈଶ୍ୱର ତାହା ପ୍ରଦାନ କରିଅଛନ୍ତି । ସେ ସ୍ଥଳେ ଯେ କେହି ମନୁଷ୍ୟ ଅକପଟ ଭାବରେ ତାହା ପଢ଼ିବାକୁ ଇଚ୍ଛା କରିବ ତାହାକୁ ପଢ଼ାଇବା ବରଂ ତହିଁ ଉପରେ ନ ଲେଭବା ମୂର୍ଖ ଲୋକଙ୍କୁ ଶିକ୍ଷା ଓ ଉପଦେଶ ଦେବା କର୍ତ୍ତବ୍ୟ ଓ କର୍ତ୍ତବ୍ୟ-କାର୍ଯ୍ୟରେ ତ୍ରୁଟି କରିବା ପାପ ଅଟେ । ହିନ୍ଦୁ ଛଡ଼ା ଅନ୍ୟ କେହି ବେଦ ପଢ଼ିବ ନାହିଁ ବେଦରେ ଏପରି ନିଷେଧ ନାହିଁ ଯେବେ ତାହା ଥାନ୍ତା ତେବେ [illegible] ର୍ଯ୍ୟ [illegible] ମାନେ ବେଦର ବାହୁଲ୍ୟ ପ୍ରଚ [illegible]
ବା କିନ (

Split by PDF Splitter



ଅଗ୍ନିବରେ କେବେ ମୂର୍ଖ ହୋଇପିବାରେ ବେଦ ପାଠ ଅନ୍ୟାନ୍ୟ ବର୍ଣ୍ଣଙ୍କର ପକ୍ଷ ଏବ ପ୍ରତାଶ ରହିତ ହୋଇ ଅଛିଥିଲା । ବର୍ତ୍ତମାନ ଇଂରାଜ ଗବର୍ଣ୍ଣମେଣ୍ଟର ସୁଶାସନ ପ୍ରଣାଳୀରେ ଅନ୍ୟାନ୍ୟ ଜାତି ସହିତ ସିଂଶୋଳବ ହୋଇ ଅଛି ଏବ ଦେଶବିଦେଶରେ ବ୍ରାହ୍ମଣର ଅନ୍ୟାନ୍ୟ ଶାସ୍ତ୍ର ଓ ବେଦ ନାନା ଭାଷାରେ ଅନୁବାଦ ଓ ପ୍ରଚାର ହୋଇଅଛି । ବିଦେଶୀୟ ଅହିନ୍ଦୁ ପଣ୍ଡିତମାନେ ବେଦପାଠ ଓ ତହିଁର ଅଲୋଚନା କରୁଥିବା ସ୍ଥଳେ ଭାରତରେ ହିନ୍ଦୁ ଛଡା ଅନ୍ୟ କେହି ନ ପଢିବାର ନିୟମ ହୋଇ ପାରେ କି ? ପଣ୍ଡିତ ମହାଶୟ କହି ପାରନ୍ତି ତ ଅନ୍ୟମାନେ ବେଦ ପଢିଲେହେଁ ତହିଁର ପ୍ରକୃତ ଅର୍ଥ ଜାଣନ୍ତି ନାହିଁ । ସୁତରାଂ ତହିଁରେ କ୍ଷତି ନାହିଁ । ମୁଁ ଅନ୍ଧ ଅନ୍ଧାରରେ ଗଲିବାର ଦେଖି ଯେ ବାଟ କହି ନ ଦିଏ ସେ ପାପ ଭାଗୀ ହୁଏ କି ? ବେଦର ଅଯଥାର୍ଥ ଅର୍ଥ କେହି କରୁଥିଲେ ତହିଁ ସଂଶୋଧନ ହିନ୍ଦୁ ପଣ୍ଡିତଙ୍କେ ଦାୟୀ ଅଟନ୍ତି ଏବ ହିନ୍ଦୁଙ୍କର ସଙ୍କୀର୍ଣ୍ଣତା ଦୋଷ ହେତୁ ସେ ଧର୍ମ କ୍ରମେ ଦୁର୍ଗତିକ ଲଭୁଅଛି ।

---

### ଉତ୍କଳୀୟ ଯୁବକଙ୍କର ସେବକ ସଭା ।

ଶୀର୍ଷ ଲିଖିତ ସଭାର ତୃତୀୟ ବାର୍ଷିକ ଅଧିବେଶନ ଗତ ରବିବାର ସନ୍ଧ୍ୟା ସମୟରେ ଏଠା ଟାଉନ ହଲରେ ସମାରୋହ ସହକାରେ ସମାହିତ ହୋଇଯାଇଅଛି । ଏହି ହେତୁ ସଭାରେ ଏଠା କଲେଜର ଛାତ୍ର ଓ କେତେକ ବାହାର ଲୋକମାନଙ୍କ ସହିତ ଅଧ୍ୟାପକ ଓ ଅଧ୍ୟକ୍ଷ ମହାଶୟମାନେ ସଭ୍ୟ ଅଟନ୍ତି । ପ୍ୟାରିମୋହନ ଏକାଡେମି ଭିକ୍ଟୋରିଆ ସ୍କୁଲର ଛାତ୍ର ଓ ଶିକ୍ଷକମାନଙ୍କ ଯୋଗ ଦ୍ଵାରା ଶାଖା ସଭାମାନ ତଥା ବାଲେଶ୍ଵର, ବାରିପଦା ଓ ବହଳଦାଠାରେ ମଧ୍ୟ ତଦ୍ରୂପ ଶାଖା ସଭାମାନ ଅଛି । ଶାଖା ସଭାମାନଙ୍କରୁ ଆମନ୍ତ୍ରିତ ହୋଇ ଅନେକ ସଭ୍ୟ ସମାଗତ ହୋଇଥିବା ଏବ ଏଠା ବିଦ୍ୟାଳୟମାନଙ୍କର ଛାତ୍ର ଅଧ୍ୟାପକ ଓ ଅଧ୍ୟକ୍ଷ ମହାଶୟମାନେ ସମୁପସ୍ଥିତ ଥିବାରୁ ଜନତା ବିସ୍ତର ହୋଇଥିଲା ଏମନ୍ତ କି ହଲ ଓ ବାରଣ୍ଡା ସମସ୍ତ ପରିପୂର୍ଣ୍ଣ ହୋଇ ଯାଇଥିଲା । ଅନୁମାନ ୬୦୦ ସଭ୍ୟରୁ ଅଧିକ ଉପସ୍ଥିତ ଥିଲେ । ବାହାରର ଭଦ୍ରଲୋକ ଅତିଅଳ୍ପମାତ୍ର ଉପସ୍ଥିତ ଥିଲେ ଏବ ଇଉରୋପୀୟଙ୍କ ମଧ୍ୟରେ ଏଠା ପାଦ୍ରୀ ୟଂସାହେବ ସଭାକୁ [illegible] ଥିଲେ । [illegible] ମାନଙ୍କର ଉକ୍ତି ଲେଖନ [illegible] ର ଆସନ ଗ୍ରହଣ [illegible] ଲାଲ ପଞ୍ଚଭବନ୍ତ ଦେଖା ଯାଉଥିଲା ମାତ୍ର ପଲ୍ଲବ ଶିଷ୍ଟତ୍ଵର କାର୍ଯ୍ୟ ସମାପନ କରିବାରୁ ସେମାନଙ୍କର ବଡ଼ ହର୍ଷ ହୋଇ ନ ଥିଲା । ରେଭେନସା କଲେଜର ସଂସ୍କୃତ ଅଧ୍ୟାପକ ମହାଶୟ ପ୍ରଥମତଃ ବେଦ ମନ୍ତ୍ର ଉଚ୍ଚାରଣପୂର୍ବକ ସଭାସ୍ଥଳ ପବିତ୍ର କଲାରୁ ସଭାପତି ନିର୍ବାଚିତ ହେଲେ ଗୋଟିଏ ଇଂରାଜୀ ଓ ଗୋଟିଏ ସଂସ୍କୃତର ମୁଦ୍ରିତ ପଠ ଅନୁତ ହେଲା ପରେ ସଭାର ସମ୍ପାଦକ ବାର୍ଷିକ ରିପୋର୍ଟ ପାଠ କଲେ । ତହିଁରୁ ପ୍ରକାଶ ହେଲା ଯେ ସଭାର ପାଞ୍ଚୋଟି ବିଭାଗ ଅଛି,— ୧ମ ସାହିତ୍ୟ, ୨ୟ ନୈତିକ, ୩ୟ ଆର୍ଥିକ, ୪ର୍ଥ ମାନସିକ ଏବ ୫ମ ବ୍ୟାୟାମ ଶିକ୍ଷା । ପ୍ରତ୍ୟେକ ବିଭାଗରେ ପୃଥକ୍ ସମ୍ପାଦକ ଅଛନ୍ତି । ଏଥିର ସଭ୍ୟସଂଖ୍ୟା ୧୦୬ ଏବ କଲେଜର ଅଧ୍ୟକ୍ଷ ମ ସାହେବ ମହୋଦୟ ସଭାପତି ଅଟନ୍ତି । ବର୍ଷ ମଧ୍ୟରେ ସଭାର ମୋଟ ୩୦ ଟି ସାଧାରଣ ଏବ ମୋଟ ୫ ଟି ବିଶେଷ ଅଧିବେଶନ ହୋଇଥିଲା ଏବ ବିଶେଷ ଅଧିବେଶନରେ ମାନ୍ୟବର ମଧୁସୂଦନ ଦାସ ସି ଆଇ ଇ ମହାଶୟ ପ୍ରଭୃତି ସଭାପତିର ଆସନ ଗ୍ରହଣ କରିଥିଲେ । ଗତ ବର୍ଷ ଚାନ୍ଦାରୁ ୫୧୬୮/ ଆଦାୟ ହୋଇ ଶେଷ ବାକି ୮୫୪୩/୧୫ ହାତରେ ଥିଲା । ମାନସିକ ବିଭାଗରେ ସତ୍ୟ, ଦୟା, କ୍ଷମା, ଭକ୍ତି, ଦାକ୍ଷ୍ୟ ଏବ ସମସ୍ତ ନୈତିକ ଗୁଣର ଅନୁଶୀଳନ ସଭ୍ୟମାନେ ସ୍ଵେଚ୍ଛାକ୍ରମେ ପ୍ରତିଜ୍ଞାବଦ୍ଧ ହୋଇ କରନ୍ତି । ଶାଖା ସଭାମାନଙ୍କର କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ହୋଇଅଛି ଏବ ବହଳଦାରେ ଅସଭ୍ୟ ଲୋକଙ୍କ ଉନ୍ନତି କରିବାର ବିଶେଷ ଚେଷ୍ଟା ହୋଇଅଛି । ରିପୋର୍ଟ ପାଠାନ୍ତେ ପାଦ୍ରୀ ୟଂ ସାହେବ ଛାତ୍ରମାନଙ୍କ ପବିତ୍ର ଉଦ୍ଦେଶ୍ୟ କରି କାର୍ଯ୍ୟରେ ତତ୍ପର ହେବା । ଏବ ପରୋପକାର ବ୍ରତରେ ନିଷ୍ଠା କରିବାର ଉପଦେଶ ଦେବାରୁ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ ମହାଶୟ ସଦୁପଦେଶପୂର୍ଣ୍ଣ ଗୋଟିଏ ବକ୍ତୃତା କଲେ । ସଭାପତି ମହାଶୟ ଅତଃପର ଅଧିକ କିଛି ବିଶେଷ ବକ୍ତବ୍ୟ ନ ଥିବାର କହି ଯୁବକମାନଙ୍କ କାର୍ଯ୍ୟରେ କଲେଜର ଅଧ୍ୟକ୍ଷ ମ ସାହେବ ଯୁବାକାଳେ ଠିକ ଶକ୍ତିସହକାରେ ମନଃ ପ୍ରାଣ ଢାଳିଥିବାରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କଲେ । ଏଥି ଉତ୍ତାରୁ ସଭାପତିଙ୍କି ଧନ୍ୟବାଦ ଦିଆଯାଇ ଗୋଟିଏ ସଙ୍ଗୀତ ସହିତ ସଭାର କାର୍ଯ୍ୟ ପରିସମାପ୍ତ ହେଲା । ଏ ଦିନର କାର୍ଯ୍ୟାବଳୀ ଆମ୍ଭମାନଙ୍କ ମନକୁ ବିଶେଷ ସେନ ଅଛି । ଉକ୍ତ ବିଦ୍ୟାଳୟର ବାଳକମାନେ ଏପରି ସଭାଦ୍ଵାରା ପରସ୍ପର ଅବଦ୍ଧ ହେବା ଓ ଶିକ୍ଷକ ପ୍ରଭୃତିଙ୍କଠାରୁ ନାନାପ୍ରକାର ଶିକ୍ଷାଲାଭ କରିବାର ଉପାୟ ଲୋକବା ଅବଶ୍ୟ ଆନନ୍ଦର ବିଷୟ ଅଟେ । କଲେଜର ଅଧ୍ୟକ୍ଷ ମହାଶୟ ସହକାରୀ ସଭାପତି ବାବୁ ବ୍ରଜସୁନ୍ଦର ଦାସ ଏବ ସମ୍ପାଦକ ବାବୁ ଗୋଲକଚନ୍ଦ୍ର ଦାସଙ୍କ ବିଶେଷ ପରିଶ୍ରମସହିତ କାର୍ଯ୍ୟ କରିଥିବା ହେତୁ ଧନ୍ୟବାଦ ପ୍ରଦାନ କଲେ ଏବ ଆମ୍ଭେମାନେ ତାଙ୍କ ସହିତ ସଭାର ସମସ୍ତ ସଭ୍ୟମାନଙ୍କୁ ଏପରି ଉନ୍ନତିକର କାର୍ଯ୍ୟରେ ହାୟମନେ ବାହାରେ ପରିଣତ କରିବାହେତୁ ଧନ୍ୟବାଦ ପ୍ରଦାନ କରୁଅଛୁ । ସର୍ବାପେକ୍ଷା ଆମ୍ଭମାନଙ୍କ ନୈତିକ ବିଭାଗ ଭଲ ଲାଗିଅଛି ଏବ ଯେଉଁ ସବୁଗୁଣ ସଭ୍ୟମାନେ ତାହା ଅଛନ୍ତି ସେମାନେ ଅନୁଶୀଳନ କରିପାରିଲେ ଅବଶ୍ୟ ମନୁଷ୍ୟତା ସାଧିତ ହେବ । ଆମ୍ଭେମାନେ ଏହି ସଭାରେ ନିବାସୀ ଓ ପ୍ରବାସୀ, ବଙ୍ଗାଳୀ, ମୁସଲମାନ, ଖ୍ରୀଷ୍ଟିୟାନଙ୍କ ସହିତ ଉତ୍କଳ ବାଳକମାନେ ନିଷ୍କପଟଭାବେ ସୁଶୃଙ୍ଖଳାରେ ମିଳି ମିଶି କାର୍ଯ୍ୟ କରୁଥିବା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବ ବାହାରର ଯେଉଁ କେତେକଜଣଙ୍କଠାରୁ ଈର୍ଷ୍ୟାଭାବର କଥା ଶୁଣାଯାଏ ତାହା ଯେମନ୍ତ ଏମାନଙ୍କୁ ତିଳମାତ୍ର ସ୍ପର୍ଶ ନ କରେ ଏହାହିଁ ଏକାନ୍ତ କାମନା ।

---

### ସମ୍ରାଟ ସ୍ମୃତି ସ୍ଥାପନ ସଭା ।

ଗତ ତା ୧୭ ରଖ ଶୁକ୍ରବାର ଅପରାହ୍ନ ଏଠା କମିଶନରୀ କଚେରୀରେ ସ୍ଵର୍ଗୀୟ ସମ୍ରାଟ ଏଡ୍‌ୱାର୍ଡ ସପ୍ତମଙ୍କର ସ୍ମୃତି ରକ୍ଷା ବ୍ୟବସ୍ଥା କରିବାକାରଣ ଗୋଟିଏ ସାଧାରଣ ସଭା ହୋଇଥିଲା । ସ୍ଥାନୀୟ ଇଉରୋପୀୟ ଏବ ଦେଶୀୟ ପ୍ରାୟ ଦୁଇଶତ ଭଦ୍ର ଲୋକ ଉପସ୍ଥିତ ହୋଇଥିଲେ ଏବ ଶ୍ରୀଯୁକ୍ତ କମିଶନର ସାହେବ ବାଲେଶ୍ଵରରେ ମାନ୍ୟବର ବଙ୍ଗେଶ୍ଵରଙ୍କ ସଙ୍ଗେ ଥିବାହେତୁ ଏ ଜିଲ୍ଲାର କଲେକ୍ଟର ଶ୍ରୀଯୁକ୍ତ ବରଲି ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସେ ସଭାର କାର୍ଯ୍ୟାରମ୍ଭ କରି କହିଲେ ଯେ ସ୍ଵର୍ଗୀୟ ସମ୍ରାଟଙ୍କ ବିୟୋଗ ହେତୁ ଗତ ମଇମାସରେ ଭାରତର ଅନ୍ୟାନ୍ୟ ସ୍ଥାନପରି ଏସ୍ଥାନର ଲୋକମାନେ ଯେ ପ୍ରକାର ଗଭୀର ଶୋକ ଓ ରାଜଭକ୍ତି ପ୍ରକାଶ କରିଥିଲେ ତାହା ସମସ୍ତଙ୍କୁ ଜଣାଅଛି । ସେହି ଭାବ ତାହା କାର୍ଯ୍ୟଦ୍ଵାରା ଦେଖାଇବା ଅଦ୍ୟ ସଭାର ଉଦ୍ଦେଶ୍ୟ ଅଟେ । ସେ କେତେକ ଦିନ ହେଲା ମୋଫସଲ ଗସ୍ତରେ ଥିବା ହେତୁ ସ୍ମୃତିର ଆକାର ସମ୍ବନ୍ଧରେ କାହାର ସଙ୍ଗେ ପରାମର୍ଶ କରିବାର ସୁବିଧା ପାଇ ନାହାନ୍ତି ଓ ନିଜେ ଅଧିକ ଭାବି ନାହାନ୍ତି । ଅନ୍ୟାନ୍ୟ ପ୍ରୟୋଜନୀୟ କାର୍ଯ୍ୟ ମଧ୍ୟରେ ଏଠା ଜେନେରେଲ ହାସପାତାଲକୁ ଚିକିତ୍ସା ନିମନ୍ତେ ଆସିବା ବିଶେଷ ରୋଗାନ୍ତ ଓ ଅବସ୍ଥାର ପରିବାରଙ୍କ ବସାଘର ଅଭାବ

Digitized by srujanika@gmail.com

Split by PDF Splitter



କେତେବର୍ଷ ହେଲା ଦେଖା ଯାଉଅଛି ଏବଂ ତଦୁପଯୁକ୍ତ ସବ କମିଟିର ପ୍ରସ୍ତାବ ହୋଇଥିଲେହେଁ ଅର୍ଥାଭାବ ହେତୁ ଏପର୍ଯ୍ୟନ୍ତ ପଡି ରହିଅଛି । ସମ୍ପ୍ରତି ସ୍ଥିର ଏହି ଅଧିବେଶନରେ ପ୍ରତିଷ୍ଠିତ ହୋଇ ପାରେ । ମାତ୍ର ଆଜ ଯେଉଁ କମିଟି ଗଠିତ ହେବ ସେହି କମିଟି ଏ ପ୍ରସ୍ତାବ ଏବଂ ଅନ୍ୟାନ୍ୟ ପ୍ରସ୍ତାବ ବିବେଚନା କରି ଯାହା ସ୍ଥିର କରିବେ ତାହା ହେବ । ଏହା କହି ମାନ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କୁ ଆହ୍ୱାନ କଲନ୍ତେ ମାନ୍ୟବର ମହାଶୟ ୧ମ ପ୍ରସ୍ତାବଟି ଏହି ମର୍ମରେ ଉପସ୍ଥିତ କଲେ କି ସ୍ୱର୍ଗୀୟ ସମ୍ରାଟଙ୍କର ସ୍ମୃତିସ୍ଥାପନକାରଣ ଯେଉଁ ପ୍ରାଦେଶିକ ଉଦ୍ୟମ ହେଉଅଛି ତହିଁର ସାହାଯ୍ୟାର୍ଥେ ଭେଦା ସଂଗ୍ରହ ଏବଂ ଅନ୍ୟ ଯାହା କରିବା ଆବଶ୍ୟକ ତାହା କରିବାକାରଣ ଗୋଟିଏ ଉତ୍କଳୀୟ ସ୍ଥାନୀୟ କମିଟି ଗଠିତ ହେଉ । ମାନ୍ୟବର ମହାଶୟ ବିଗତ ସମ୍ରାଟଙ୍କର ଗୁଣକୀର୍ତ୍ତନ ଏବଂ ଏଦେଶୀୟ ଜନସାଧାରଣ ତାଙ୍କୁ ପିତା ତୁଲ୍ୟ ଜ୍ଞାନ କରିବା ଏବଂ ପିତାଙ୍କର କୀର୍ତ୍ତିସ୍ଥାପନ ପୁତ୍ରର କର୍ତ୍ତବ୍ୟକାର୍ଯ୍ୟ ମଧ୍ୟେ ହେବା ସ୍ଥଳେ ତହିଁରେ ଯଥୋଚିତ ମନୋଯୋଗୀ ହେବାର ବୁଝାଇ ଦେଇ କହିଲେ କି ଏପରି ସଭା ଉଚ୍ଚ ଶ୍ରେଣୀରେ ଅବ । କ ହୋଇ ପ୍ରକାଶ୍ୟ ସାଧାରଣ ସଭା ହୋଇ

ଭଲ ହୁଅନ୍ତା ପୁଣି ଉତ୍କଳୀୟ ସ୍ଥାନୀୟ ସଭା ନାମଟି କେମନ୍ତ ଅଶୁଦ୍ଧ ଜଣା ଯାଉଅଛି ଅନ୍ତତଃ ଏହା ସମସ୍ତ ଓଡ଼ିଶାର ଅଥବା ଏକ କଟକ ଜିଲାର ଠିକ୍ ବୁଝା ଯାଉ ନାହିଁ ଏଥିରୁ ସଭାପତି ମହାଶୟ ବୁଝାଇ ଦେଲେ ଯେ ଏ ସଭା କଟକ ଜିଲା ସମ୍ବନ୍ଧେ ହୋଇଅଛି । ବାଲେଶ୍ୱର ପୁରୀ ପ୍ରଭୃତିରେ ସେ ସମସ୍ତ ଜିଲାସମ୍ବନ୍ଧେ ଏହିପରି କମିଟିମାନ ହେବାର କଥା ଅଛି । ମୃତଆତ୍ମାର ପ୍ରସଙ୍ଗରେ ମାନ୍ୟବର ମହାଶୟ କହିଲେ କି ଏଠା ଜେନରଲ ହାସପାତାଲ ସଂଲଗ୍ନରେ ଘରର ଅଭାବ ଥିଲେହେଁ ରୋଗୀଙ୍କ ଅଧିକ ଗୁରୁତର ଏବଂ ହିତକର କାର୍ଯ୍ୟ ଦୀର୍ଘକାଳରୁ ଅର୍ଥାଭାବରେ ପଡି ରହିଅଛି ସେ କର୍ତ୍ତବ୍ୟର ବିଷୟର ଅତ୍ୟନ୍ତ ଆବଶ୍ୟକ । ବାବୁ ଜାନକୀନାଥ ବୋଷ ଏ ପ୍ରସ୍ତାବ ଅନୁମୋଦନ କରି କହିଲେ କି ଯେଉଁ କମିଟି ଗଠିତ ହେବ ସେହି କମିଟି ଅବଶ୍ୟ ଏମନ୍ତ ଉପାୟ ଅବଲମ୍ବନ କରିବେ ଯେମନ୍ତ କି ଦେଶର ସମସ୍ତ ଶ୍ରେଣୀର ଲୋକ ଏ ସଙ୍କଳ୍ପିତ କାର୍ଯ୍ୟରେ ଯୋଗ ଓ ସାହାଯ୍ୟ ଦେବାର ସୁବିଧା ପାଇବେ ଏବଂ ତଦ୍ଦ୍ୱାରା ପ୍ରଥମ ବକ୍ତାଙ୍କର ଆଶା ପୂର୍ଣ୍ଣ ହେବ । ସର୍ବସମ୍ମତିରେ ଏ ପ୍ରସ୍ତାବ ଧାର୍ଯ୍ୟ ହେଲା । ତହୁଁ ମାନ୍ୟବର କଣିକା ରାଜା କଲିକତାରେ ଥିବାହେଲେ ବିଗତ ସମ୍ରାଟଙ୍କ ପ୍ରତି ଏହା ଇଂଲଣ୍ଡୀୟ ବୃଟିଶବାସୀ ନାହିଁକି ତାହା ଦେଶର ସମ୍ଭ୍ରାନ୍ତ ଓ ସାଧାରଣ ଲୋକଙ୍କର ଅଶେଷ ସ୍ନେହ ଓ ଭକ୍ତି ଦେଖି ସେପରି ଆଶ୍ଚର୍ଯ୍ୟ ହୋଇଥିଲେ ତାହା ପ୍ରକାଶ କରି ୨ୟ ପ୍ରସ୍ତାବ ଏହି ମର୍ମରେ ଆଗତ କଲେ କି ନିମ୍ନଲିଖିତ ବ୍ୟକ୍ତିମାନେ ସ୍ଥାନୀୟ କମିଟିର ସଭ୍ୟ ଓ କର୍ମକର୍ତ୍ତା ହେଉନ୍ତୁ । ଏଠାରେ ପ୍ରାୟ ୯୫ ଜଣଙ୍କର ନାମ ପଢାଗଲା । ସ୍ଥାନାଭାବ ହେତୁ ସେ ସମସ୍ତ ପ୍ରକାଶ କରି ନ ପାରି କେବଳ କମିଟିର କର୍ମକର୍ତ୍ତାଙ୍କ ନାମ ଲେଖିଲୁଁ ଯଥା— ଶ୍ରୀଯୁକ୍ତ ଜେ, ଏଚ୍, କ, ଗାରେଟ ସାହେବ ଓଡ଼ିଶା କମିଶନର ପେଟ୍ରନ ସଭାପତି, ଶ୍ରୀଯୁକ୍ତ ବରଲି ସାହେବ କଟକ କଲେକ୍ଟର ଭାଇସପ୍ରେସିଡେଣ୍ଟମାନ ବା ସହକାରୀ ସଭାପତି, ଡେପୁଟି କଲେକ୍ଟର ବାବୁ ବ୍ରଜଦୁର୍ଲଭ ଦାସ ଓ ବାବୁ ଦୟାନିଧି ଦାସ ପରସନାଲ ଆସିଷ୍ଟାଣ୍ଟ ଓଡ଼ିଶା କମିଶନର ଯୁକ୍ତସେକ୍ରେଟରୀ ବା ସମ୍ପାଦକ ବାବୁ ମନ୍ମଥନାଥ ମୁଖର୍ଜି ଟ୍ରେଜରୀ ଅଫିସର ଟ୍ରେଜରର ବା ଖଜାଞ୍ଚି । ବାବୁ ଗୋକୁଳାନନ୍ଦ ଚୌଧୁରୀ ଏ ପ୍ରସ୍ତାବ ଅନୁମୋଦନ କଲେ । ଶ୍ରୀଯୁକ୍ତ ଯୋଗେନ୍ଦ୍ରନାଥ ବୋଷ ୩ୟ ପ୍ରସ୍ତାବ ଏହି ମର୍ମରେ କଲେ କି ପୂର୍ବ ନିର୍ଦ୍ଧାରଣମତେ ଗଠିତ ହେବା କମିଟି ସଂଗୃହୀତ ମୋଟ ଟଙ୍କାର ଶତକଡା ଦଶ ଟଙ୍କା ପ୍ରାଦେଶିକ କମିଟି ନିକଟକୁ ପଠାଯିବ ଏବଂ ସ୍ଥାନୀୟ ସ୍ମୃତି ନିମନ୍ତେ ଅବଶିଷ୍ଟ ଶତକଡା ଯେତେ ଟଙ୍କା ରହିବ ତହିଁରେ କି ପ୍ରକାର ସ୍ମୃତି ରକ୍ଷିତ ହେବ ତାହା ନିଷ୍ପତ୍ତି କରିବେ ଏବଂ ଏ ସମସ୍ତ କାର୍ଯ୍ୟ ନିର୍ବାହାର୍ଥେ ଯାହା ବ୍ୟୟ କରିବା ଆବଶ୍ୟକ ହେବ ତାହା କରିବେ । ଏ ସମ୍ବନ୍ଧରେ ସେ କହିଲେ କି ଜମିଦାରମାନେ ପ୍ରଜାଙ୍କଠାରୁ ଭେଦା ସଂଗ୍ରହ କରିବା ଭାର ନେଇ ପାରିବେ । ଏ ପ୍ରସ୍ତାବ ବାବୁ ଗୌରୀଶଙ୍କର ରାୟ ଅନୁମୋଦନ କଲେ । ଶେଷରେ ମଧୁପୁର ରାଜା ୪ ର୍ଥ ପ୍ରସ୍ତାବ କଲେ କି ଅନ୍ତତଃ ପାଞ୍ଚଜଣ ସଭ୍ୟ କମିଟିର ସଭାରେ ଉପସ୍ଥିତ ହେଲେ କାର୍ଯ୍ୟ ନିର୍ବାହ ହୋଇ ପାରିବ । ରାୟ ମଧୁସୂଦନ ରାଓ ବାହାଦୂରଙ୍କ ଅନୁମୋଦନମତେ ଏ ପ୍ରସ୍ତାବ ଧାର୍ଯ୍ୟ ହେଲା । ପରଶେଷରେ ରାୟ ସୁଦାମଚରଣ ନାୟକ ବାହାଦୂରଙ୍କର ପ୍ରସ୍ତାବ ମତେ ସଭାପତିଙ୍କୁ ଧନ୍ୟବାଦ ଦିଆଗଲା ଏବଂ ସଭା ଭଙ୍ଗ ହେଲା ।

—*—

## ବାଲେଶ୍ୱରରେ ବଙ୍ଗେଶ୍ୱର ।

ଗତମାସ ତା । ୨୪ ରଖରେ ମାନ୍ୟବର ବଙ୍ଗେଶ୍ୱର ସର ଏଡ୍‌ବାର୍ଡ଼ ବେକର ବାହାଦୂର ବାଲେଶ୍ୱରରେ ପହୁଞ୍ଚିବାପରେ ବାଲେଶ୍ୱର ଟାଉନହଲରେ ଜିଲାବୋର୍ଡ ପ୍ରଭୃତିର ଅଭିନନ୍ଦନପତ୍ରମାନ ଗ୍ରହଣ କରିଥିଲେ । ସମସ୍ତ ଅଭିନନ୍ଦନପତ୍ରରେ ପରଲୋକଗତ ସମ୍ରାଟ ସପ୍ତମ ଏଡ୍‌ୱାର୍ଡଙ୍କ ନିମିତ୍ତ ଦୁଃଖ ଓ ସମ୍ରାଟ ପଞ୍ଚମଜର୍ଜଙ୍କ ସିଂହାସନାରୋହଣରେ ଆନନ୍ଦ ପ୍ରକାଶ କରାଯାଇ ଥିଲା । ଜିଲାବୋର୍ଡ ସେମାନଙ୍କ ଦ୍ୱାରା ସାଧିତ ହୋଇଥିବା ଉନ୍ନତିମାନ ପ୍ରକାଶପୂର୍ବକ ଲେଫ୍ଟେନାଣ୍ଟ ମହୋଦୟଙ୍କୁ ତାହାଙ୍କ ଶୁଭକର କାର୍ଯ୍ୟ କରିଥିବା ଓ ସହାନୁଭୂତି ପ୍ରାପ୍ତ ହେତୁ ଧନ୍ୟବାଦ ପ୍ରଦାନ ଓ ଜଳ ଯୋଗାଇବାକୁ ନିମିତ୍ତ ଅର୍ଥ ସାହାଯ୍ୟ କରିଥିବାହେତୁ କୃତଜ୍ଞତା ପ୍ରକାଶ କରିଥିଲେ । ମିଉନିସିପାଲିଟି ମଧ୍ୟ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ଜଳଯୋଗାଇବା କାର୍ଯ୍ୟରେ ଟ ୫୦୦୦ଙ୍କା ଅର୍ଥ ସାହାଯ୍ୟ ହେତୁ ଧନ୍ୟବାଦ ଦେଇ ଋଣ ଦାନଦ୍ୱାରା ମିଉନିସିପାଲିଟିର ଦୁରବସ୍ଥା ମୋଚନ ଓ ମ୍ୟାଜିଷ୍ଟ୍ରେଟଙ୍କୁ ଚେୟାରମେନ ପଦରେ ନିଯୁକ୍ତ କରିବା ଦ୍ୱାରା କାର୍ଯ୍ୟ ଉତ୍ତମରୂପେ ହେଉଥିବାର ଜଣାଇଥିଲେ । ଜାତୀୟ ସଭା କି, ଦେବ ସାମାଜିକ ହିତସଂଲଗ୍ନ ଗୋଟିଏ ପୁସ୍ତକାଳୟ ସମ୍ବନ୍ଧେ ଅର୍ଥ ସାହାଯ୍ୟ ଲୋଡ଼ି ସରକାରଙ୍କୁ ଯଥା ପୁସ୍ତକାଦି ଉଚିତ ମୂଲ୍ୟରେ ପାଇବା ଓ ଶିଳ୍ପ ବିଦ୍ୟାଳୟ ପ୍ରୟୋଜନମାନ ଜଣାଇ ତହିଁର ସଂରକ୍ଷଣ ଓ ଉନ୍ନତି ନିମିତ୍ତ ସ୍ଥାୟୀ ଅର୍ଥ ସାହାଯ୍ୟର ପ୍ରାର୍ଥନା କରିଥିଲେ । ମୁସଲମାନ ସଭା ଶିକ୍ଷାସମ୍ବନ୍ଧେ ଅର୍ଥାଭାବ ଓ ଉଚ୍ଚଶ୍ରେଣୀର ଇଂରାଜୀ ବିଦ୍ୟାଳୟମାନଙ୍କରେ ବେତନ ଅଧିକ ଥିବା ଓ ଧର୍ମଶିକ୍ଷାର ବନ୍ଦୋବସ୍ତ ନ ଥିବାହେତୁ ସେଠା ମାଦ୍ରାସରୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରିବାର ଅନୁରୋଧ କରିଥିଲେ । ମାନ୍ୟବର ମହୋଦୟ ତାଙ୍କର ବାଲେଶ୍ୱରରେ ପ୍ରଥମ ପଦାର୍ପଣ ସମୟରେ ସାଦର ଅଭ୍ୟର୍ଥନା ହେତୁ ଏକଥରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ପରଲୋକଗତ ସମ୍ରାଟଙ୍କ ଅକାଳମୃତ୍ୟୁରେ ଯେପରି ଭାବରେ ଦୁଃଖ ପ୍ରକାଶ ଓ ନବ ସମ୍ରାଟ ପଞ୍ଚମଜର୍ଜଙ୍କ ସିଂହାସନାରୋହଣରେ ଆନନ୍ଦ ଏବଂ ରାଜଭକ୍ତି ସୂଚକ ଅଭିବାଦନ ହୋଇଅଛି ତହିଁ ନିମିତ୍ତ ଆନନ୍ଦ ପ୍ରକାଶ କଲେ ଏବଂ କହିଲେ ଯେ ତାଙ୍କର ଶିକ୍ଷାସମ୍ବନ୍ଧୀୟ ପରାମର୍ଶଦାତାମାନେ ମାଦ୍ରାସାର ଉଚ୍ଚ ବିଦ୍ୟାଳୟରେ ପରିଣତ କରିବାରେ [illegible]ମୁଖ ଥିବାହେତୁ ତାହା ହୋଇପାରିବ ନାହିଁ ଏବଂ ବାଲେଶ୍ୱରର ଉଚ୍ଚ ବିଦ୍ୟାଳୟମାନଙ୍କରେ ମୋଲବି ଫଣ୍ଡର ସାହାଯ୍ୟରେ ଯଥାସମ୍ଭବ ଶିକ୍ଷା କରିବାକୁ ମୁସଲମାନମାନେ ଚେଷ୍ଟିତ ହୁଅନ୍ତୁ । ଜାତୀୟ ସଭାର କି, ଦେ କ୍ଳବ ସଂଲଗ୍ନ ଲାଇବ୍ରେରୀ ଉତ୍କଳରେ ସଂସ୍ଥାପିତ ଥିବାର ଅବଗତ ହୋଇ ସେ ଆନନ୍ଦ [illegible] ନ୍ୟାଯ୍ୟ ସ୍ଥାନ

Digitized by srujanika@gmail.com

ପ୍ରାନ୍ତ ସ୍ଥାନୀୟ ସ୍ୱାସ୍ଥ୍ୟ ଯାହା ସଂରକ୍ଷିତ ହେବା ଉଚିତ । ସରକାରୀ ପ୍ରସ୍ତାବ ଯେ ଦେବେ ଏବଂ ସମୁଦ୍ର ବିବେଚନା କରି ନୂତନ ପ୍ରସ୍ତାବ କରିବା କାରଣ ଅର୍ଥ ସାହାଯ୍ୟ ଦେଇ ପାରିବେ । ଶିଳ୍ପ ବିଦ୍ୟାଳୟ ସମ୍ବନ୍ଧରେ ହ୍ୟୁଚନ ସାହେବ ଯେଉଁ ରିପୋର୍ଟ ଏବଂ ଡାଇରେକ୍ଟର ସାହେବ ସମର୍ଥନ କରିଅଛନ୍ତି । ସୁତରାଂ ସେ ମାସିକ ୯ ୫୦ ଟଙ୍କା ସାହାଯ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି ଏବଂ ତେଲ କଳ କରାନ୍ତ ପ୍ରୟୋଜନୀୟ ଥିବାରୁ ତାହା କରିବା ସକାଶେ ୫ ୫୦୦ ଟଙ୍କା ସାହାଯ୍ୟ ଦେବେ ଉକ୍ତ ବିଦ୍ୟାଳୟର କାର୍ଯ୍ୟ ଭଲ ହେଉଥିବାର ଅବଗତ ହୋଇ ସେ ସନ୍ତୁଷ୍ଟ ହୋଇଅଛନ୍ତି । ଲୋକାଲବୋର୍ଡର କାର୍ଯ୍ୟ ରେଜୋଲ୍ୟୁସନରେ ଉକ୍ତ ଥିବା ସ୍ଥଳର ବିଷୟ ଏବଂ ଯେଉଁ ଛାତ୍ରମାନେ ତାଙ୍କ ସାହାଯ୍ୟରେ ଅଧ୍ୟୟନ କରୁଅଛନ୍ତି ସେମାନଙ୍କୁ କାର୍ଯ୍ୟରେ ଲଗାଇ ନ ପାରିଲେ ବ୍ୟୟ ବୃଥା ହେବ । ବସ୍ତୁତ ଅନୁମାନ କରିବାରେ ବିଶେଷ ଅର୍ଥ ବ୍ୟୟ ହେବାର ନ ଥିଲେ ସୁଦ୍ଧା ଜ ୨ ଣ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର କାର୍ଯ୍ୟ ନ ପାଇ ବସି ରହିବା ଦୁଃଖର ବିଷୟ । ଉପଯୁକ୍ତ ଛାତ୍ରଙ୍କୁ ଯନ୍ତ୍ରାଦି କିଣିବା ସକାଶେ ସେ ଅର୍ଥ ସାହାଯ୍ୟ କରି ତାହା କିସ୍ତିବନ୍ଦୀ ଦ୍ୱାରା ଅଳ୍ପ ଅଳ୍ପ ଆଦାୟ କରିବାର ପ୍ରସ୍ତାବ କରନ୍ତି ଏବଂ ଲୋକାଲବୋର୍ଡ ଯେଉଁମାନଙ୍କୁ ଛାତ୍ରବୃତ୍ତି ଦେଉଅଛନ୍ତି ତାଙ୍କ ସମ୍ବନ୍ଧେ ଏହିପରି କାର୍ଯ୍ୟ କଲେ ଭଲ ହେବ । ମିଉନିସିପାଲିଟି ସମ୍ବନ୍ଧରେ ତାଙ୍କର ବିଶେଷ କହିବାର ନାହିଁ । ଟିକସ ଦାରୋଗା ପ୍ରଭୃତି ଟଙ୍କା ଖାଇ ଯିବା ହେତୁ କାର୍ଯ୍ୟ ଅଚଳ ହୋଇ ଯାଇଥିଲା ମାତ୍ର ସେ ସମ୍ବନ୍ଧରେ ଏ କ୍ଷେତ୍ରରେ ସେ କିଛି କହିବାକୁ ଇଚ୍ଛା କରନ୍ତି ନାହିଁ । ଯେଉଁ ଟଙ୍କା ଋଣ ଦିଆଯାଉଅଛି ତାହା ଏବଂ ଚେୟାରମ୍ୟାନ ଓ ଭାଇସଚେୟାରମ୍ୟାନଙ୍କ ଉପଦେଶ ମତେ କାର୍ଯ୍ୟ କରିବା ହେତୁ ଏହିପରି ଅବସ୍ଥା ଉନ୍ନତ ହେବାର ସେ ଭରସା କରନ୍ତି ।

ତା ୨୫ ରିଖ ସକାଳେ ମାନ୍ୟବର ମହୋଦୟ ରାଜା ବାହାଦୁରଙ୍କ ଆବାସକୁ ଯାଇ ସେଠାରୁ ଗ୍ରାଣ୍ଡ ମଧ୍ୟସ୍ଥଳୀ ଡାକ୍ତରଖାନାରେ ଭେଟ ଦେଲେ । ସେତେବେଳେ ସମୟରେ ପୁରୁଣା ଜଂଗଲ କାରଖାନାର ସ୍ଥାନ ଓ ଜବରଖାନା ମାତ୍ର ଦେଖି ଆସିଲେ । ଏ ଦିନ ଶ୍ରୀମନ୍ତ ରାଧାଚରଣ ଦାସ ଓ ଶ୍ରୀମନ୍ତ ରାଧାମୋହନ ଦାସ ତାଙ୍କ ମାତାଙ୍କ ଅଭିପ୍ରାୟ ଅନୁଯାୟୀ ସୁନନ୍ଦଙ୍କଠାରେ ପ୍ରତିଷ୍ଠିତ କରିବା ଡାକ୍ତରଖାନାର ଭିତ୍ତି ଦେଲେ ମାନ୍ୟବର ମହୋଦୟଙ୍କ ହସ୍ତରୁ ପ୍ରଥମ ଏଥିର ନିର୍ମାଣ କାର୍ଯ୍ୟରେ ୭୦ ଟଙ୍କା ବ୍ୟୟିତ ହେବାର ସଂରକ୍ଷଣ ସକାଶେ ଦାସ ମହାଶୟମାନେ ୫ ୩୦୦୦୦ ଟଙ୍କାର ସମ୍ପତ୍ତି ଦେଇଅଛନ୍ତି । ଏଥିରୁ ବାର୍ଷିକ ଆୟ ୯ ୮୦୦ ଟଙ୍କା ହେବ ଏବଂ ବାର୍ଷିକ ଖର୍ଚ୍ଚ ୯ ୧୫୦୦ ଟଙ୍କା ପଡ଼ିବ । ଏଥିରୁ ମାଜିଷ୍ଟ୍ରେଟ ସାହେବ ସାକ୍ଷୀ ପତ୍ରରୁ ୯ ୧୦୦ ଟଙ୍କା ଓ ମିଉନିସିପାଲିଟି ୯ ୫୦ ଟଙ୍କା ଦେବେ । ମାନ୍ୟବର ମହୋଦୟ ଏହି ଦାନ ଏବଂ ଅନ୍ୟାନ୍ୟ ହିତାନୁଷ୍ଠାନ ସକାଶେ ଶ୍ରୀମନ୍ତ ମହାଶୟଗଣର ବିଶେଷ ପ୍ରଶଂସା କରି ଡାକ୍ତରଖାନାର ନକସାରେ ଏତକ ତ୍ରୁଟି ଜଣାଇ ଦେଲେ ଯେ ହୋଟର-ମାନଙ୍କ ଅସୁବିଧା ସରକାରୀ ନିୟମପ୍ରତି ଦୃଷ୍ଟି ଦେଇ ଜଣା ଯାଉଅଛି ଅଳ୍ପ କିଛି ଲମ୍ବା ଚଉଡ଼ା କଲେ ଉତ୍ତମ ହେବ । ଶ୍ରବଣୀୟ କାର୍ଯ୍ୟ ସମାଧା ପରେ ମାନ୍ୟବର ସାମନ୍ତ ଦ୍ୱୟଙ୍କର ଉଦ୍ୟାନ ନିମିତ୍ତ ଆମନ୍ତ୍ରଣ ରକ୍ଷାର୍ଥେ ସେମାନଙ୍କର ଉଦ୍ୟାନ ମହଲ ଉଦ୍ୟାନ ଭବନରେ ବିଜେ ହେଲେ, ସେଠାରେ ମାନ୍ୟବର ମହୋଦୟଙ୍କ ଦେଖିବା ପାଇଁ ନାନାଶ୍ରେଣୀର ଅନେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ ଏବଂ ସେମାନଙ୍କର ମନୋରଞ୍ଜନ ସକାଶେ ବହୁ ଆଡ଼ମ୍ବରରେ ନାନା ଆୟୋଜନ ହୋଇଥିଲା । ବିବିଧ କ୍ରୀଡ଼ା, ସଙ୍ଗୀତ, ଦେଶବାଦ୍ୟ, ଆତସବାଜି, ଜଳଯାନ ଇତ୍ୟାଦି ସମସ୍ତ ପ୍ରକାର ହୋଇଥିଲା ସକୋଧର ସ୍ଥାନୀୟ ଦ୍ରବ୍ୟର ସୁସଜ୍ଜିତ ପ୍ରଦର୍ଶନୀ ଦର୍ଶକବର୍ଗର ମନ ଅଧିକ ପରିମାଣରେ ଆକର୍ଷଣ କରିଥିଲା । ମାନ୍ୟବର ମହୋଦୟ ଆମନ୍ତ୍ରିତଗଣ ସଙ୍ଗେ ସଦାଳାପ ଓ ସେ ସମସ୍ତ ସୁଖ ସମ୍ଭୋଗ କରି ପ୍ରସନ୍ନ ହୃଦୟରେ ପ୍ରସ୍ଥାନ କରନ୍ତେ ଏ ଦିନର କାର୍ଯ୍ୟ ଶେଷ ହେଲା । ବଙ୍ଗେଶ୍ୱରଙ୍କ ଶୁଭାଗମନ ଉପଲକ୍ଷେ ବାଲେଶ୍ୱରରେ ଅନେକ ହିତକର କାର୍ଯ୍ୟ ହୋଇଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ରାଜପ୍ରତିନିଧିମାନଙ୍କର ଆଗମନରେ ଲୋକଙ୍କର ଯେମନ୍ତ ଉତ୍ସାହ ଓ ରାଜଭକ୍ତି ବୃଦ୍ଧି ହୁଏ ସେମନ୍ତ ତାହା ପ୍ରକାର ହିତକର ଅନୁଷ୍ଠାନଯୋଗେ ଦେଶର ମଙ୍ଗଳ ସାଧିତ ହୁଏ ।

---

# ସାପ୍ତାହିକ ସମ୍ବାଦ

## କଲିକତା ଗେଜେଟ ।

କଟକର ଡେଃ ମାଃ ଓ ଡେଃ କଲେକ୍ଟର ବାବୁ ଶଶିଭୂଷଣ ଏଦେଶୀ ସମ୍ବଲପୁର ବଦଳି ଓ ସେଠାର ଏକ୍ସାଇଜ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ ହେଲେ ।

କଟକର ପ୍ରଥମ ଡେଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୂର୍ଯ୍ୟପ୍ରସାଦ ଦାସ ସବ୍ ଅଫିସ ପର୍ଯ୍ୟନ୍ତ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ କରିବେ ।

ବାବୁ ସନାତନ ମହାନ୍ତି ବି, ଏ. ଡେପୁଟି ସ୍ଥାନରେ ଜଣେ ପ୍ରୋବେସନର ଭାବରେ ନିଯୁକ୍ତ ହୋଇଲେ ।

ନିମ୍ନଲିଖିତ ଭଦ୍ରଲୋକମାନେ ସମ୍ବଲପୁର ସଦର ଓ ବୋଲାଙ୍ଗୀର ଲୋକାଲବୋର୍ଡର ସଭ୍ୟ ନିଯୁକ୍ତ ହେଲେ । ଯଥା,

ସଦର

ଟେମ୍ପୁଇଚନଗେଟରର ପଣ୍ଡ ପ୍ରିୟ ବାବୁ ଉପେନ୍ଦ୍ର ପଟ୍ଟନାୟକ, ଚନ୍ଦ୍ରଭୂଷଣ ବାନାର୍ଜୀ, ଚୌଧୁରୀ ଲକ୍ଷ୍ମୀନିଧି ଦାସ, ମଧୁସୂଦନ ଦାସ, ଗଙ୍ଗାଧର ଦାସ, ଗୋପୀନାଥ ନାୟକ, ଲଛମନ୍ ସିଂହ ।

ବୋଲାଙ୍ଗୀର

ଜେଲଖାନା ସୁପରିଣ୍ଟେଣ୍ଡେଣ୍ଟ ପଦିଆର. ସବରେଜିଷ୍ଟ୍ରାର, ବାବୁ ଲକ୍ଷ୍ମଣ ପଟ୍ଟନାୟକ, ଗଣେଶ ରାୟ, ଶ୍ରୀମେଦ ପଟ୍ଟନାୟକ, ବାବୁ ସଦାଶିବ ଚକ୍ରବର୍ତ୍ତୀ, ବାବୁ ଗୋପୀନାଥ ପଟ୍ଟନାୟକ, ବାବୁ ଭୂପତିବେଶ ସାହୁ, ବାବୁ ଜଗନ୍ନାଥ ମହାନ୍ତି, ବାବୁ ଦେବୀଚରଣ ସାମନ୍ତ, ଚୌଧୁରୀ ପଣ୍ଡା ମହାନ୍ତ, ବାବୁ ଗୀତଗୋବିନ୍ଦ ସ୍ୱାଇଁ ଉଦ୍‌ଯୋଗ ମହାପାତ୍ର

ଗତ ତା ୨୯ ଦିନରେ ଶେଷ ହେବା ସପ୍ତାହରେ ଉତ୍କଳର ଜଳ ବୃଷ୍ଟି ପରିମାଣ କଟକରେ ୧.୦୩, ବାଲେଶ୍ୱରରେ ୧.୩୭, ଅନୁଗୁଳରେ ୧.୭୩, ପୁରୀରେ ୧.୧୮ ଓ ସମ୍ବଲପୁରରେ ୧.୭୩ ଏବଂ ଗଡ଼ଜାତ ମଧ୍ୟରେ ଉତ୍ତର କାମଦା ଓ ବାଙ୍କୀରେ ୨.୦ ଓ ସର୍ବନିମ୍ନ ଅଠମଲ୍ଲିକରେ ୨୨ ଇ ।

ସେହି ସପ୍ତାହର ବୃଷ୍ଟି ପରିମାଣ ଯଥା :— କଟକ ୩.୯୮, ବାଲେଶ୍ୱର ୦.୮୮, ଅନୁଗୁଳ ୧.୨୩, ପୁରୀ ୦.୮୨ ଓ ସମ୍ବଲପୁର ୧.୨୨ ଇଞ୍ଚ ଓ ଗଡ଼ଜାତ ମଧ୍ୟରେ ସର୍ବୋଚ୍ଚ ତେଲାଜାଲରେ ୩.୨୭ ଓ ସର୍ବନିମ୍ନ ବୁଝୋଲରେ ୦.

ଇଞ୍ଚ ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ସବୁଦିନ ଏବଂ ଅବିରାମ ବୃଷ୍ଟିରେ ସମସ୍ତେ କାତର, ହେଲେ ମଧ୍ୟ ପୃଥିବୀ ଜଳରେ ଚଷାମାନେ ହର୍ଷାନ୍ୱିତ ନାହିଁ ।

ଏ ନଗରର ସନ୍ନିକଟ ଏବଂ ମୋହଲ୍ଲାର ଏକ ସ୍ଥାନରେ ଅଗ୍ନିଦାହ ଘଟଣା ବଳି ହୋଇଥିଲା । ମାତ୍ର ତାହା ସର୍ବସ୍ୱ ନହେ ।

ସାଧାରଣ ସ୍ୱାସ୍ଥ୍ୟ ଏକପ୍ରକାର ଭଲ । ମାତ୍ର ଜ୍ୱରରୋଗ ବୃଦ୍ଧି ହେଉଅଛି ।

ଜନରଲ ହସ୍ପିଟାଲରେ ଟେଟନ ନର୍ସ ହେବ ବିଶିଷ୍ଟ ମହାରଣୀ ପଦ ଦେଉଅଛି ଅନୁଚିତ ମଧ୍ୟରେ କାର୍ଯ୍ୟ ଶେଷ ହେବ । ସଃ ତୁଃ

ଉତ୍ତରଦିନ ପୂର୍ବେ ନୟାଗଡ଼ ରାଜା ଧରଣୀଧର ଦେଖିବାକୁ ଯାଇ ସେତେବେଳେ ଧରଣୀଧର ରାଜକୁମାରଙ୍କ ସଙ୍ଗେ ନେଇ ଫେରିଲେ । ସଂପ୍ରତି ଧରଣୀଧର ରାଜା ନୟାଗଡ଼ର ରାଜା ରାଣୀ ଜନନୀଙ୍କ ସଙ୍ଗେ ନେଇ ଫେରିଅଛନ୍ତି । ଧରଣୀଧର ଓ ନୟାଗଡ଼ ରାଜାମାନେ ଭଲ ଅଛନ୍ତି । ଏପରି ଭ୍ରାତୃପ୍ରେମ ବଡ଼ ସୁଖର କଥା । ସଃ ତୁଃ

## କେନ୍ଦ୍ରାପଡ଼ା ସମ୍ବାଦ ।

ଏ ସପ୍ତାହରେ ବର୍ଷା ଏକବାରେ ଛାଡ଼ ଓ ଖରା ପ୍ରବୋଧ ବୃଦ୍ଧି ହେବାର ଦେଖି କୃଷକମାନେ ବଡ଼ ଚିନ୍ତା ପଡ଼ିଲେ, ଏତେବେଳେ କେନାଲ ବର୍ତ୍ତମାନ ଜଳଦେବାରେ ଚତୁର ବ ଅଭିଯୋଗ ପ୍ରକାଶ କଲେ ମୃତ୍କାର୍ଯ୍ୟ ବଃଖଣ୍ଡ ଛଡ଼ ହେବ, ଗ୍ରାହକ ଯେ କେନାଲ ଦେଇବା ଦର୍ଶକ ବର୍ଦ୍ଧିତ ପ୍ରଚେଷ୍ଟା ବର୍ଷାସମୟ ମୌଳାରୁ ଅପେକ୍ଷା ପରିମାଣରେ ଜଳ ଯୋଗାଇବାର ସୁବନ୍ଦୋବସ୍ତ କରନ୍ତୁ ।

Split by PDF Splitter

Digitized by srujanika@gmail.com

ଅଷ୍ଟମୀ ଟାଇଫଣ୍ଡ ଓସରଠାରୁ ଉକ୍ତ ପୂର୍ବରୂପେ ଦୂର ହୋଇନାହିଁ ମାତ୍ର କମି ଯିବାର ବୋଧ ହୁଏ ।

ଗତସପ୍ତାହରେ ଏ ନଗରର ଉତ୍ସାହୀ ଓ ମହାଜନମାନଙ୍କ ଯତ୍ନରେ ଏକ ଅଙ୍ଗେଜପାଠ ଘେରା ନାଟକର ରେଲ୍‌କମ୍ପାନି ଦଳଦ୍ୱାରା ଏକେଶ୍ୱର ଚନ୍ଦ୍ରର ପ୍ରେମର ହୋଇଅଛି । ତହିଁରେ "ଜଗଦୁପର ଙ୍କୀ ଧାନସ୍ତଳ କ୍ଷେତ୍ର ଜଳ ବେଳାଭୋ ବାଟେ ଗ୍ରନ୍ଥାଗାର ଶିକ୍ଷା ଫଳ ପର୍ବତ ଏକ ଯାଗା ହେଲେ ଶ୍ରୀମାନ ହଉଛି" । ହେଲା ଦଣ୍ଡ ଏକେଣ୍ଡ ମନେ ଖବ ସୁଦ୍ଧ ଅହେ ?

ଚେ ଦୂରଦର୍ଶେରେ ଯୋଗ ଦେଇ ଜମେ ହୋଇ ଅଛିବାର ବୃଷ୍ଟିମାନେ ନଦୀ ଦେଖିବେ ଏ ବର୍ଷ ବର୍ଷାର ସ୍ତୁତି ଦେଉଛନ୍ତି ଓ କୋଟିଏ ଅଧିକ ହୋଇଅଛି ।

ଉଡ଼ିମଧ୍ୟରେ ବଳଭଦ୍ରପୁର ମୌଜା ଏବଂ ନଗର ମୋକଦ୍ଦମାରେ ପୁଲିସ ଏକ ସେବକୁ ଦ୍ୱନ୍ଦ୍ୱ ବୋଲି ଗ୍ରେଫ୍ତାର ଦେଇଥିଲା ମାତ୍ର ସବଡିଭିଜନ ମାଜିଷ୍ଟ୍ରେଟ ମହୋଦୟଙ୍କ ଛାମୁରେ ତାର ଦୋଷ ପ୍ରମାଣ ଅଭାବରେ ତାହାକୁ ଖଲାସ ଦେଉଅଛନ୍ତି ।

ବର୍ତ୍ତମାନ ବାଟ କଟାଇବା ନୂଆ ବାଲଗଣ କଣାଗ୍ର ଅଶ ଅଦୋଷ ହେବାରେ ପନ୍ଦରହ ଟଙ୍କା ମୂଲ୍ୟ ହୋଇଅଛି ।

ଏ ବର୍ଷ ଅଷ୍ଟମୀ ଭଲଟଙ୍କ ମଫସଲରେ ବାଉଁଶି ଚମାର ଅଟିଳ ଖଣ୍ଡ ଏଠେ ଜଣା ଯେଉଁରେ ଅନ୍ତତଃ ୧୩ ବା ଏକ ଚଲଗା ପୂରି ବଗର କାର୍ଯ୍ୟ ଦେଉଛି ଶିଶୁଗଣିରେ ଚାଲିଛି ଯେ ଅନୁମାନ ହୁଏ ଯେ ବଇହର ବୁଝି ପୂର୍ବେ ସମସ୍ତ ମଞ୍ଚ ଶେଷ ହୋଇଯିବ ।

ଗୌର ସ୍ତନାଗଡ଼ ଅଞ୍ଚଳର ୦ ୧୦ ବା ମଫସଲର କ୍ୟକେଲ ଅଷ୍ଟମୀ ଦେଓଗାଁ ଓ ଅଲବାସ ଅଦାଲ ଦଉ ଗ୍ରାମ ଏମାନଙ୍କ ଦୂରରେ ଅବସ୍ଥିତ ହୋଇଥିବାରୁ ଏମାନଙ୍କୁ ରଜଲ ମୁକ୍ତାର ନେବାରେ ଅସୁବିଧା ହେଉଅଛି । ଅନୁରୋଧ ଅବାଲତର ଦୂତାର ଏହାଂଶରେ କରେବ ହେଲେ ଶବତୋଷରେ ସୁବିଧା ହୁଅନ୍ତା ।

ଜଣାସ ସମ୍ବାଦ ।

ଫସଲର ଅବସ୍ଥା ମନ୍ଦ ହୋଇଅଛି । ଖସ ଶୀତ ହେଉଅଛି ।

ଏ ସପ୍ତାହରେ ବର୍ଷା ହୋଇ ନାହିଁ । ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ । ନଳିଆ, ଗଡ଼ସାହି ଓ ମଙ୍ଗଳପୁର ଏହି ତିନି ସ୍ଥାନରେ ବିସୂଚିକାରେ ପ୍ରାୟ ୫ ୬୫ ଏ ମାନବସର, ସମ୍ଭବ କରୁଅଛନ୍ତି । ବସ୍ତ୍ର ଅବର୍ଣ୍ଣନେଣ୍ଡ, ବାରୁ ଯୋଗାନନ୍ଦ ଦତ୍ତ ଡାକ୍ତରଙ୍କ ଚିକିତ୍ସା କରିବାରୁ ସେ ଅପପୂର୍ବ ଚଉଷା କଲେ ସୁଦ୍ଧା ଅଳ୍ପ ରୋଗମାନଙ୍କ ଉପସ୍ଥ ଦେଖା ଯାଉନାହିଁ । ସେଣ ବହୁତ ବୃଦ୍ଧି ହେଉଅଛି; ଏପ୍ରକାର ଅମଙ୍ଗଳ, ଅପୂର୍ବ ଗ୍ରହ ସମାବେଶର କେ ଫଳ ହେବ କି !

ଅଷ୍ଟ ତଦନ୍ତ କାନ୍‌ଚୋ ବାବୁ ଗୋପେନ୍ଦ୍ରହୋସ ପାତାସ୍ୱକଙ୍କ ସପୋଷ ମତ, ଜଡ ସ୍ଥଳ ବନ୍ୟାରେ ଖୋଲ ଯାଇଥିବା ଏଷ୍ଟର ଅବସ୍ଥା ପରିଦର୍ଶନ କରିବା ଚମଙ୍କେ ଯୋଗ୍ୟ ଗାଉମାହାର ଡଟ୍ଟିଲବାର ଜଣ୍ଡା ବାବୁ କୃଷ୍ଣଲାଲ ମଣ୍ଡଳ ମହୋଦୟ କଲେକ୍ଟରଙ୍କ ଶପଥ ଗ୍ରାମ ଅନେକ ମୌଜା ଗସ୍ତ ଓ ଅନୁସନ୍ଧାନ କରୁଅଛନ୍ତି ଫଳ ଜଣାଯାଇ ନାହିଁ ।

ସତ୍ୟବାଦୀ ଅ। ପୋ। ରେ ମୋକଦ୍ଦମାର ଅଧିକ ହେତୁ ଅଷ୍ଟ ଅ। ପୋ। ର ସୁଦ୍ଧକର ସା। ଇ। ବାବୁ ସମଗୋପାଳ ହ୍ୟାଗ୍ରନ୍ଥ ସେଠାକୁ ଦେଇ ହେଉଅଛନ୍ତି; ଏ ମହାଶୟ ଦୂରରେ କାର୍ଯ୍ୟଦକ୍ଷ ଲୋକ ଅଟନ୍ତି ।

ହିନ୍ଦେଣ୍ଡପ୍ରର ପଣ୍ଡିତ ଗୋପୀନାଥ ହିପାଠିଙ୍କ ସୁଦ୍ଧାଲକୁ ସମ୍ପର୍କ ଗୋଟିଏ ସାଇଁ ବର ମେସର ନେର ଗ୍ରାମାନ୍ତର ପଥରେ ବଧ କରି ତାକୁ ସେନି ଯାଇଅଛି ଯୋଗସ ତଦନ୍ତ କରୁଅଛନ୍ତି ।

ଡିଷ୍ଟ୍ରିକ୍ଟ ପରେ ତାସଟ୍ୟାସ୍ପେର ଗ୍ରେ ଲେଖ ଜଳ୍ଦି ତାଙ୍କର ସମେ କେଶୀପୀ ସ୍ତ୍ରୀ (ବ୍ରାହ୍ମଣୀ) ଚାହାର ଘର ସହର ଥାଇ ହେଲେ ସନ୍ତାନ ତାର ସୋଣସ୍ତ୍ରୀ ତାଙ୍କ ମାଳବାକୁ ସଂଗ ହଠାତ୍ ଗୋଡ଼ ଖସିଯାଇ ପ୍ରାଣ ତ୍ୟାଗ ଥିବାର ସ୍ପଷ୍ଟ ହୋଇଥିଲା । ସୁନ୍ଦର ତାହାର ମୃତ୍ୟୁରେ ସନ୍ଦେହ ହେବାରୁ ଯୋଗସ ଇନସ୍ପେକ୍ଟର ମୌଲବୀ ଅବଦୁଲ ମଜାନ ସାହେବ ଅଧିକ ଅନୁସନ୍ଧାନ କଲେନ୍ତ ମୃତଦେହ ଗ୍ରାମକ କଟକର ମନ୍ଦ ଶାଳ ଅସ୍ୱଚ୍ଛ ବଳୁଥିବାର ଜାଣି ତାହାକୁ ଡାକ୍ତରଖାନାକୁ ପଠାଯାଇ ଅଛି । ମାଜେଷ୍ଟର ସ୍ୱେଣ ସାହେବ ମଧ୍ୟ ସେଠାକୁ ଯାଇ ଅଛିବାର ସମ୍ଭାବନା । ତଦନ୍ତ ଚଳିଅଛି । ଯଥାର୍ଥ ଘଟନା ପରେ ଜଣାଯିବ ।

ସାଧାରଣ ସମ୍ବାଦ ।

ସୁଜରବନ ଅନ୍ତର୍ଗତ ଘଟେଳମାଧବ ଯୋଗଙ୍କ ଅଫିସ ଜମିଦାରୀରୁ ଜଣେ ଚିହ୍ନାସ ଗତ ତା ୧୬ ରଖରେ ଗୋଟିଏ ବଡ଼ ମହାବଳ ବାଘ ମାରି ଅଦସୁର ମାଜିଷ୍ଟ୍ରେଟଙ୍କ ନିକଟରେ ଅଣି ଦେଖାଇଥିଲା । ବାଘଟା ମୁଣ୍ଡରୁ ଲାଙ୍ଗୁଳ ପର୍ଯ୍ୟନ୍ତ ପ୍ରାୟ ହା ୧୨ ଓ । ମାଜିଷ୍ଟ୍ରେଟ ସାହେବ ତାହାକୁ ସରକାର ପୁରସ୍କାର ଟ ୨୦୦ ଦେଲେ ଏବଂ ଘଟେଳମାଧବ ମଧ୍ୟ ଯଥୋଚିତ ପୁରସ୍କାର ଦାନ କରୁଅଛନ୍ତି ।

ସର ଅଗ୍‌ନେଷ୍ଟ କେସଲ୍ ସମାଟ ଏଡ୍‌ୱାର୍ଡ଼ ସ୍ମରଣ ସ୍ମୃତିରକ୍ଷା ସହାୟେ ୫୦ ଲକ୍ଷ ଟଙ୍କା ଦାନ କରୁଅଛନ୍ତି । ଏହି ଟଙ୍କାରେ ଇଂଲଣ୍ଡବାସୀ ଦରିଦ୍ର ଜର୍ମ୍ମାନ ଏବଂ ଜର୍ମ୍ମାନବାସୀ ଦରିଦ୍ର ଇଂରେଜଙ୍କର ଭରଣପୋଷଣ ହେବ ।

ଅସନ୍ତା ଡିସେମ୍ବରରେ ଭାରତୀୟ ଜାତୀୟ ସଭା ଏଲାହାବାଦରେ ଅଧିବେଶନ ହେବ । ଏଥିର ବ୍ୟୟ ୭୦ ହଜାର ଟଙ୍କା ହେବ । ଅଭ୍ୟର୍ଥନା କମିଟି ଆଶା କରନ୍ତି ଯେ ପ୍ରତିନିଧି ଓ ଦର୍ଶକଠାରୁ ୨୦ ହଜାର ଟଙ୍କା ମିଳିବ ଅବଶିଷ୍ଟ ୫୦ ହଜାର ଟଙ୍କା ଚାନ୍ଦା ଦ୍ୱାରା ଉଠାଇବାକୁ ହେବ ।

ପେସ୍ୱାଭରେ ଗୋଟିଏ ଭୀଷଣ ଡକାୟତି ହୋଇ ଯାଇଥିବାର ସମ୍ବାଦ ମିଳିଲା । କଟକ ମହୋଦୟଙ୍କ ଶପଥ ଉଚ୍ଚ ସରକାର ଯୋଗମ ହୋଟେଲ ଖାଁ ବାହାଦୁର ଅପଣା ଅବାସରେ ଥିବାସମୟରେ କୋମଳଦରେ ଚୋର ମାଳ ବୃଦ୍ଧି ଚପଳ ଧାଇଁ ଶିକାମାନଙ୍କୁ ସେଠାରେ ଥିବା ଏକ ମେଲ ସରକାରଙ୍କ ଗଣ୍ଡ ଚଳବାକୁ ଗୋଲି ଚାଲି ହଣି ପକାଇଲା । ସେମାନେ ତତ୍କ୍ଷଣାତ୍ ମରି ଗଲେ । ଚୋରମାନେ ନାନା ପ୍ରକାର ଜିନିଷ କରିବାକୁ ଅଧିକ ଅବଶ୍ୟ ହୋଇ ଅଛନ୍ତି । ସେହିଠାରୁ ଧରପଡ଼ ଅପରାଧ ସ୍ୱୀକାର କରୁଅଛି ।

ବୋର୍ଡ଼ଇଣ୍ଟରବା ମୁଦ୍ରା ଖାସନି ସନ୍ନିକଟ ନଗରରେ ଗୋଟିଏ ମହାବଳ ବାଘ ଅନେକ ଗୋରୁଗାଈ ନଷ୍ଟ କରୁଥିବାରୁ ଜଣେ ପଞ୍ଜାବୀ ଶିକାରୀ ଲେଖି ବାଘ ମାରିବାର ଉପାୟ କରିବା ସକାଶେ ଲୋକମାନଙ୍କୁ ଅନୁରୋଧ କରୁଅଛନ୍ତି ।


# ବିଜ୍ଞାପନ ।

ନ ୧୬୪୭ ମିର ସରେଜ ୬ ସନ ୧୯୧୦ ମସିହା ଦେଓୱାନୀ କାର୍ଯ୍ୟବିଧି ଅଇନର ୧ ସର୍ତ୍ତର ୮ ରୁଲ ଅନୁସାରେ ନୋଟିସ

ନ ୧ ଅନନ୍ତଚନ୍ଦ୍ର ପଣ୍ଡା ଓରଫ ଅଚ୍ୟୁତଚନ୍ଦ୍ର ତନୁଧିପ୍ପ ଓ ୨ ଦାମୋଦରଚନ୍ଦ୍ର ପଣ୍ଡା ଓରଫ ଦାମୋଦରଚନ୍ଦ୍ର ତନୁଧିପ୍ପ ଓ ୩ ପ୍ରାଣକୃଷ୍ଣ ପଣ୍ଡା ଓରଫ ପ୍ରାଣକୃଷ୍ଣ ତନୁଧିପ୍ପ । ସା । ନୃସିଂହମଠ ଶ୍ରୀପଟଣା । ପ୍ର । ଚଉମୂଳ ବାଦୀମାନେ

( ବନାମ )

୧ । ଗୌରର ସ୍ୱାଇଁ ଓ ୨ ଗଣ୍ଡଯତା ଓ ୩ ଭଜଗଉ ସାହୁ ଓ ୪ ବରେଉ ସାହୁ ଓ ୫ ସୁଦାମ ନାୟକ । ସା । ଉନା । ପ୍ର । ସୁପଡ଼ା ପ୍ରତିବାଦୀ

କଟକଜିଲା ଅନ୍ତର୍ଗତ କ୍ଷେତ୍ରପଡ଼ ପୁଲିସ ଓ ସବରେଜିଷ୍ଟ୍ରର । ମୁ । ସାଲେପୁର ଇଲାକାଧୀନ । ପ୍ର । ସୁପଡ଼ା ତ ୫୨୦୧ ନମ୍ବର ତଉଜିଭୁକ୍ତ । ମୌ । ଉନା ଉତ୍ତରାରେ ଥିବା ଜମିଦାରୀ ଖଜଣା ତ ୪୦୩ ନମ୍ବର ଶାସନ । ବା, । ଏ ୨—୧୨୨ ଓ : ଜମିରୁ ତହିଁର ଜମା ୮୮।୶ ଅଟେ ଉକ୍ତ ଜମି ପକ୍ଷେ ଉନା ଗ୍ରାମବାସୀ ପ୍ରଜାମାନେ ତାହା ଘେରାଇଥିବା ଚଗର ଦେଇ ତହିଁର ଜଳ ଘାଟ କୂଳରେ ମାଡ଼ୁଥିବ ଓ ଗୋ ମହିଷାଦ ପଶୁମାନେ ବ୍ୟବହାର କରୁଥିବା ଉକ୍ତେଶ ସେମାନଙ୍କର ସତ୍ତ୍ୱ ଥିବାର ଅଦ୍ୟାପି ଜମେ ଦାଖଲଖାରଜ ବନ୍ଦୋବସ୍ତ କାଗଜାତରେ ଅପଣା ନାମ ଦରଜ କରିଥିବାରୁ ଉକ୍ତ ଜମି ପକ୍ଷେ ବାଦୀମାନଙ୍କର ଜଳସ୍ୱତ୍ୱ ସତ୍ୟାବ୍ୟସ୍ତ ପୂର୍ବକ ତହିଁର ଦଖଲ ବାହେଲ ରଖାଯିବା ଓ ବେଦଖଲ ହୋଇଥିବାର ସାବ୍ୟସ୍ତ ହେଲେ ଦଖଲ ପାଇବାହାରଣ ଗ୍ରାମବାସିମାନଙ୍କ ତରଫରୁ ଉପରୋକ୍ତ ବ୍ୟକ୍ତିମାନଙ୍କୁ ପକ୍ଷ କରି ପ୍ରତିବାଦୀମାନଙ୍କ ନାମରେ ଉପରୋକ୍ତ ମୋକଦ୍ଦମା ଦାଏର କରଅଛନ୍ତି ଉକ୍ତ ମୋକଦ୍ଦମାର ଶୁଣାଣି ତାରିଖ ଚଳିତମାସ ତା ୧୬ ରଖକୁ ଧାର୍ଯ୍ୟଅଛି ଏଥିରୁ ଦାଖି ସମ୍ପର୍କରେ ଯେଉଁମାନଙ୍କର ସତ୍ତ୍ୱଥାଏ ତାହା ଯେତେବେଳେ ଏ ମୋକଦ୍ଦମାରେ ପକ୍ଷ ହେବାକୁ ଇଚ୍ଛାନ୍ତି ସେମାନେ ଉକ୍ତ ମୋକଦ୍ଦମାରେ ହାଜର ହୋଇ ବହୁତ ତଦବିର କରି ପାରିବେ ।—


———

ପତ୍ରପ୍ରେରକଙ୍କପ୍ରତି !

ଶ୍ରୀ ଦାମୋଦର ମିଶ୍ର ବାବାଙ୍କ ପୁରୁଣ ସ୍ୱ ତୀର୍ଥ— ଜନସାଧାରଣର ଉପଯୋଗୀ ନ ହେବା କାରଣରୁ ପ୍ରକାଶିତ ହେଲା ।

ବୋ୮ ସବ ୨୦।୮ ୨୮ ଓ୍ୱ ୨ଣା ସାଉଁଆଡ଼ । ମୁସଲମାନ

Split by PDF Splitter
Digitized by srujanika@gmail.com

ସଣ ବନ୍ଦୋବସ୍ତ ହେଲେ ବଡ଼ ହେବନାହିଁ । ସେବେ ବାଙ୍ଗଳସେଟର ସମ୍ପାଦକ ସେଉଁପରି ଦେଉଛନ୍ତି ତେବେ ତାହାଙ୍କ ଉକ୍ତିର୍ ସତ୍ୟ ଲେଖିବ ଉଚିତ ।

ଜଣେ ଏଗରାଳବାସୀ—ଦୂର ଜଗନ୍ନାଥ ମହାପ୍ରଭୁଙ୍କ ଏଗରଛାତ ମାହାଲରେ ବନ୍ଦୋବସ୍ତ ଗୋଳର କର ବଢ଼ିଅଛି ତାହା ଶୀଘ୍ର ଦୂର ନ କରାହେଲେ ପ୍ରଜାଏ ବଞ୍ଚିବାକୁ ସକ୍ଷମ ହେବେ ନାହିଁ ।

---

## ପ୍ରେରିତ ପତ୍ର ।

ପତ୍ର ପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଉତ୍କଳ-ଦୀପିକା ସମ୍ପାଦକ ମହୋଦୟ
ସମୀପେଷୁ ।

ମହାଶୟ !

### ମୁଷ୍ଟିଭିକ୍ଷା ।

ମୁଷ୍ଟିଭିକ୍ଷାଦ୍ୱାରା କେତେ ମହତ କାର୍ଯ୍ୟ ସାଧିତ ହୁଏ, ତାହା ଶିକ୍ଷିତ ମାତ୍ରେ ଜାଣନ୍ତି । ଏହି ମୁଷ୍ଟିଭିକ୍ଷାଦ୍ୱାରା "ରାମକୃଷ୍ଣ ମିଶନ" ଦଳର କେତେ ଉନ୍ନତି ସାଧିତ ହେଉଅଛି । ତାହା କାହାକୁ ଅବିଦିତ ନୁହେ ।

ଆଜକୁ ପ୍ରାୟ ଅଠ ମାସ ହେଲା ତା ୧୬।୧ ୧୯୧୦ ସନରେ ଲଇମଠ କଟକସ୍ଥ ବାଳିକାମାନେ ପ୍ରତି ସପ୍ତାହରେ ରବିବାର ଦିନ ମୁଷ୍ଟିଭିକ୍ଷା କରୁଥାନ୍ତି । ଗୃହସ୍ଥମାନେ ପ୍ରତିଦିନ ରନ୍ଧନ ସମୟରେ ଏକ ମୁଷ୍ଟି ତଣ୍ଡୁଳ ରଖିଥାନ୍ତି । ଉକ୍ତ ତଣ୍ଡୁଳ ପ୍ରତିସପ୍ତାହରେ ବିକ୍ରୟ ହୋଇ ବିକ୍ରୟଲବ୍ଧ ଅର୍ଥ ସଂଗ୍ରହ ହୋଇଥାଏ । ଏହିପରି ମୁଷ୍ଟିଭିକ୍ଷାଦ୍ୱାରା ବର୍ତ୍ତମାନ ଏହି "ଗ୍ରାମବାସ ଫଣ୍ଡ"ରେ ତା ୨୮।୮।୧୦ ସୁଦ୍ଧା ଟ ୩୬।୯।୬ ସଞ୍ଚିତ ଅଛି । ଅଳ୍ପ ଅଳ୍ପ ଯୁବକଙ୍କର କାର୍ଯ୍ୟଦ୍ୱାରା ଏହା ସମ୍ପାଦିତ ହୋଇଅଛି । ଏଥିରେ କେବଳ ଗୋ ୭୫ ଟି ପରିବାରଠାରୁ ନିୟମିତ ଆଦାୟ ହୁଏ । ଏବଂ ଅଦ୍ୟପର୍ଯ୍ୟନ୍ତ ବା ୨୯ ର ମାତ୍ର ଆଦାୟ ହୋଇଅଛି । ଏଥିରୁ ଯେପରି ଆଶା କରାଯାଏ ସେଥିରେ ଭବିଷ୍ୟତରେ ଉତ୍ତମ ଫଳ ହେବ ସନ୍ଦେହ ନାହିଁ । 'ଉତ୍କଳ-ସମ୍ମିଳନୀ' ଏହିପରି କାର୍ଯ୍ୟରେ ହସ୍ତକ୍ଷେପ କଲେ ଆଉ କୌଣସି ଅର୍ଥର ଅଭାବ ହୁଅନ୍ତା ନାହିଁ । ଇତି ।

କଟକ } ଶ୍ରୀ ଲକ୍ଷ୍ମୀ ପ୍ରଭାସଚନ୍ଦ୍ରପୂର୍ଣ୍ଣ ରାୟ
୩୦।୮।୧୦ } କୃଷ୍ଣପ୍ରିୟା କୁଟୀର

---

ମହାଶୟ !

ଭଦ୍ରକ ସବଡିଭିଜନ ଅନ୍ତର୍ଗତ ଆଗରପଡ଼ା ଗ୍ରାମ ଭୁଲେଇ ଥିବା ଗୋଟିଏ ପ୍ରାଚୀନ ଜମିଦାର ବାସସ୍ଥଳୀ । ରାଜ-ଉପାଧି ଗବର୍ଣ୍ଣମେଣ୍ଟ-ପ୍ରଦତ୍ତ ନ ହେଲେହେଁ ପ୍ରଜାସାଧାରଣ ଏହି ଜମିଦାରମାନଙ୍କୁ 'ରାଜା' ବୋଲି କହୁଥାନ୍ତି । ଏଠା ଲୋକସଂଖ୍ୟା ଓଡ଼ିଶାର କୌଣସି କୌଣସି ଛୋଟ ସହରର ଲୋକସଂଖ୍ୟା ସଙ୍ଗେ ପ୍ରତିଯୋଗିତା କରିପାରେ । ଏଠାରେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଖଣ୍ଡାୟତ, ଗଉଡ଼, ସୁଣ୍ଢି, ତେଲି, ତାମ୍ବୁଲୀ, କୁଟିଳ, ଓ ମୁସଲମାନ ପ୍ରଭୃତି ନାନାଶ୍ରେଣୀର ପ୍ରାୟ ୨୦୦୦ ଘରର ଊର୍ଦ୍ଧ୍ୱ ବାସ କରନ୍ତି । ମାତ୍ର ବଡ଼ ଦୁଃଖର ବିଷୟ ଯେ ଏ ନବଯୁଗର କଣିକା ଆଲୋକ ଏ ଅବଧି ଏପରି ସ୍ଥଳରେ ପଡ଼ିପାରି ନାହିଁ । ରାଜ ପରିବାରଠାରୁ ପ୍ରଜାସାଧାରଣ ପର୍ଯ୍ୟନ୍ତ କାହାର ମଧ୍ୟରୁ ଜଣେ କେହି କୌଣସି ବିଷୟରେ ଉଚ୍ଚଶିକ୍ଷା ପାଇ ପାରିନାହାନ୍ତି । ଲୋକଙ୍କର ଅଭାବ ଥିଲେହେଁ ସୁବିଧାର ଏକାନ୍ତ ଅଭାବଯୋଗୁଁ ଏପରି ଦୁର୍ଦ୍ଦଶା ଘଟିଅଛି; ବିଶେଷତଃ ଦାରିଦ୍ର୍ୟ ଏହାର ସମ୍ପୂର୍ଣ୍ଣ ପୋଷକତା ସମ୍ପାଦନ କରୁଅଛି । ଉଚ୍ଚଶ୍ରେଣୀୟ ଶିକ୍ଷାଲାଭ ଦୂରରେ ଥାଉ ମଧ୍ୟମ ଶ୍ରେଣୀର ଶିକ୍ଷାଲାଭ କରିବାର କାହାର କିଛି ସୁବିଧା ନ ଥିଲା । ଏଠାର ସୁଯୋଗ୍ୟ ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣଚରଣ ଦାସ ମହୋଦୟଙ୍କର ସମ୍ପାଦକତ୍ୱରେ ଗୋଟିଏ ନିଃ ପ୍ରାଃ ବିଦ୍ୟାଳୟ ମାତ୍ର ଥିଲା । ସମ୍ପ୍ରତି ବିଦ୍ୟୋତ୍ସାହୀ ସମ୍ପାଦକ ମହୋଦୟ ଡିଷ୍ଟ୍ରିକ୍ଟବୋର୍ଡ଼ ସାହାଯ୍ୟ ବ୍ୟତୀତ ସମସ୍ତ ବ୍ୟୟଭାର ସ୍ୱହସ୍ତରେ ଗ୍ରହଣ କରି ଏବଂ ଲୋକମାନଙ୍କୁ ନୂତନ ଧରଣର ଶିକ୍ଷାରେ ପ୍ରବର୍ତ୍ତାଇ ଉକ୍ତ ନିଃ ପ୍ରାଃ ବିଦ୍ୟାଳୟଟିକୁ କ୍ରମେ ଉଃ ପ୍ରାଃ ରେ ଏବଂ ପରେ ମିଡ଼ିଲ୍ ଭର୍ଣ୍ଣାକ୍ୟୁଲରରେ ପରିଣତ କରାଇ ଲୋକଙ୍କର ଶିକ୍ଷାଲାଭ ନିମନ୍ତେ ଅନେକ ସୁବିଧା କରାଇ ଦେଇଅଛନ୍ତି । ପ୍ରାୟ ଟ ୫୦୦ ଟଙ୍କାରୁ ଅଧିକ ବ୍ୟୟରେ ଗୋଟିଏ ସ୍କୁଲଘର ଏବଂ ବିଦେଶୀୟ ଛାତ୍ରମାନଙ୍କର ରହିବାନିମନ୍ତେ ଗୋଟିଏ ବୋର୍ଡିଂ ଘର ନିର୍ମାଣ କରାଇ ଦେଇଅଛନ୍ତି । ଏଥିର ଗ୍ରାମବାସିମାନଙ୍କର ଦୃଷ୍ଟି ଅନେକ ପରିମାଣରେ ଶିକ୍ଷା ଆଡ଼କୁ ଫେରି ପଡ଼ିଅଛି । ଲୋକେ ଅଗ୍ରସର ହୋଇ ପିଲାମାନଙ୍କୁ ସ୍କୁଲରେ ଶିକ୍ଷା ଦେବାକୁ ଅଗ୍ରସର ହୋଇଅଛନ୍ତି । ସମ୍ପାଦକ ମହୋଦୟ ଉତ୍କଳ ମାତାଙ୍କର ଜଣେ କୃତୀ ସନ୍ତାନ ଅଟନ୍ତି, ସେ ଏଥିରେ କ୍ଷାନ୍ତ ନାହାନ୍ତି, ଅଗ୍ରସର ଅଛି । ଭଗବତ୍‌କୃପା ବଳରେ ଯାହାହେଉ । ଆମ୍ଭେମାନେ ତାହାଙ୍କର ଏହି ସତ୍‌କାର୍ଯ୍ୟ ନିମନ୍ତେ ତାହାଙ୍କୁ ଶତ ଶତ ଧନ୍ୟବାଦ ପ୍ରଦାନ କରୁଅଛୁଁ ଏବଂ ଈଶ୍ୱରଙ୍କଠାରେ ଅନ୍ତରର ସହିତ ପ୍ରାର୍ଥନା କରୁଅଛୁଁ ଯେ, ଲୋକମାନଙ୍କର ମଙ୍ଗଳ ସାଧନ କରୁ ଈଶ୍ୱର ତାହାଙ୍କୁ ଦୀର୍ଘ ଜୀବନ ପ୍ରଦାନ କରନ୍ତୁ । ଇତି ।

Yours mostobediently.
Krupa Sindhu Mahanty
ତା ୫।୮।୧୯୧୦ ମସିହା
ମୁଃ ବଡ଼ହାଟ ଜିଲ୍ଲେ ଭଦନପୁର
ପୋଃ ଅଃ ବଡ଼ହାଟ ଜିଲ୍ଲେ ଭଦନପୁର
ଗ୍ରାମ ଭଦ୍ରକ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ବ୍ରଜମୋହନ ପଣ୍ଡା | କଲିକତା | ଟ ୩( |
| " ଗଣେଶ ପ୍ରଧାନ | ପଞ୍ଚୁପଲଣ୍ଡା | ଟ ୩ |
| " ହରେକୃଷ୍ଣ ମହାନ୍ତି ବଡ଼ହାଟ ଖିସେଲକବୁର | | ଟ ୩ |
| " ରଘୁନାଥ ମହାନ୍ତି | ତେଲଙ୍ଗ | ଟ ୧ |
| " ଶ୍ୟାମଚରଣ ମଲ୍ଲ | ଲୁଣାହାର | ଟ ୩ |
| " ଗଣେଶ ଦାସ | ସରଗୁଆଁ | ଟ ୧ |
| " ଦୁଃଖିକ ମହାନ୍ତି | ଭନ୍ଦାଗାଶ | ଟ ୩ |
| " ରାମଚନ୍ଦ୍ର ଦାସ | ଗୁରୁପୁର | ଟ ୩ |
| ରାଣୀ । ତ । ରାମଦେଈ | | ଟ ୩ |
| ବାବୁ ଶ୍ରୀ ନାରାୟଣଚନ୍ଦ୍ର ମିଶ୍ର | କାଲାପାଟଣା | ଟ ୨ |

---

## ନିଲାମୀ ଇସ୍ତାହାର ।

ସ ୫୩୨ ନଂର ଡିକ୍ରୀଜାରୀ ସନ ୧୯୧୦ ମସିହା
କଟକ ମୋକାମ ଦ୍ୱିତୀୟ ମୁନସଫି ଅଦାଲତ
ଜଗ୍‌ଜୀବନ ବିଶାଲ । ବା । ଅବ୍ଦୁଲରଲୁଲ ସାମନ୍ତ
ଜୋଟକଣା । ପ୍ର । ବଳଦେବପୁରବାସୀ ଡଃ ଦାର
ବଢ଼ାମ

ଭଗବତୀଚରଣ ମହାନ୍ତି ଓଗେରେ ପ୍ରଃ ଦେ ...ମାନେ
ଉପରଲିଖିତ ନମ୍ବର ମୋକଦ୍ଦମାରେ ...ବାଦ-
ଙ୍କର ପାଉଣା ଜଲଡିକ୍ରୀ ଓଗେର ଟଙ୍କା ଦାୟ
ସକାଶେ ପ୍ରତିବାଦୀମାନଙ୍କର ନିମ୍ନଲିଖିତ ବନ୍ଧକୀ
ସମ୍ପତ୍ତି କଟକ । ମୁ । ଦ୍ୱିତୀୟ ମୁନସଫି ଅଦାଲତରେ ସନ ୧୯୧୦ ମସିହା ସେପ୍ଟେମ୍ବର ମାସ ତା ୧୫ ରଣ ଦିବା ଘ ୧୨ ଘା ସମୟରେ ନିଲାମ ହେବ ।

### ତଫସିଲ ।

କଟକ ଜିଲ୍ଲା ଅନ୍ତଃପାତୀ ଷ୍ଟେସନ ପୁଲିସ ଓ ସବରେଜିଷ୍ଟ୍ରୀ ମୋକାମ ଜଗତସିଂହପୁର ଅନ୍ତର୍ଗତ । ପ୍ର । ନଅଡ଼ାବାଦ । ତା । ଗୋପୀନାଥପୁର ନ ୬୮୩୭ ନଂର ତଉଜୀ ଲେଖେ ହରିହରପୁର ଜମିଦାରୀ ଷଡ଼ିଲ । ମୌ । ଧରାଧରପୁର ମୌରସି ସରବରାକାରୀ ତଲବ ବନ୍ଦୋବସ୍ତରେ ଅନ୍ୟ ସର୍ବରାକ ନଗ୍ନାଇନ ମହାନ୍ତି ଓଗେରଙ୍କ ନାମ ଖାରିଜ ନ ୧ ନଂର ପ୍ରତିବାଦୀ । ମୁ । ନାମରେ ରେକର୍ଡ ହୋଇଥିବା ଅଦାୟ ଜମା ଟ ୧୦।୮ ରୁ ଅଟେ ତହିଁ ମଧ୍ୟରୁ ରେକର୍ଡ । ମୁ । ନ ୧ ନଂର ପ୍ରତିବାଦୀ । ମୁ । ର ନିଜ ଦଖଲ । ବ । ଟ ୦ ୩ ରୁ ମଧ୍ୟେ ଅଦାୟ ଜମା ଟ ୨ ।୦ ମଧ୍ୟରୁ । ବ । ଟ ୦ ୨ ରୁ ମଧ୍ୟେ ଅବାଦ ଜମା ଟ ୦।୨୫ ହିସାବ ଓ ତତ୍‌ସ୍ଥିତ ଜଳଯୋଗ ଓ ନଜରଣ ସହିତ ବନ୍ଧକ ଥିବାରୁ ତାହା ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୫୦ ୧ ଙ୍କା ।

Split by PDF Splitter



# NOTICE

Wanted an experienced and passed Compounder for Jagatsingpur Charitable Dispensary District Cuttack on salary Rs 15 per month rising up to Rs 20 with free quarters. Application will be received up to 16th September 1910. Apply to the President of the Dispensary.

## NOTICE.

WANTED, for the Lady Fraser Girls' School at Baripada, Mourbhanj State, a qualified Head Mistress on Rs 20 per month (rising to Rs 30) with free quarters. Applicants should state age, residence, qualifications and experience and submit copies of testimonials. The selected candidate shall have to join at once. Apply to the undersigned by the 15th September 1910

Baripada, 20-8-1910 } S. N. Chakravarti, Superintendent of Education, Mourbhanj State

No. 390 M

In the court of the District Judge of CUTTACK.

NOTICE is hereby given under clause (2) of section 12 of the Provincial Insolvency Act III of 1907 to all concerned that the petition filed by Loke Nath Misra alias Brahma of Kalikadevisahi, Puri for being declared insolvent, has been admitted and registered as miscellaneous case No. 12 of 1910 and that the 14th day of September 1910 has been fixed for hearing thereof.

Persons desiring to be represented in the matter should attend in person or by duly instructed Pleaders on that date. The particulars of the debts alleged in the petition to be due are as follows.

| Names of creditors | Amount of debts |
|---|---|
| 1 Bhagyarathi Panda | Rs 451-7-0 |
| 2 Banamali Mahapatra | Rs 637-8-0 |

Cuttack 31st August 1910. } M. M. Dutta, Sub-Judge in charge

## ବିଜ୍ଞାପନ ।

ଟ୍ରାମଗାଡ଼ି ଚଳାଇବା ପାଇଁ ଉଚ୍ଚ ବଂଶୀୟ ସ୍ୱରତକାଶୀ ଯୁବକ ଆବଶ୍ୟକ । ଭଲ ବେତନ ଦିଆଯିବ, ଧୀର ଏବଂ ବୁଦ୍ଧିମାନ୍ ଲୋକଙ୍କର ଭବିଷ୍ୟତରେ ଉନ୍ନତିର ଆଶା ଅଛି । କଲିକତା ଟ୍ରାମଓ୍ୱେ କମ୍ପାନୀ ଲିମିଟେଡ଼ର ଟ୍ରାଫିକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିବାକୁ ହେବ । ୨୭୩ ନମ୍ବର ଡ୍ୟାଲହାଉସି ଷ୍ଟ୍ରିଟ କଲିକତା

### ବିଜ୍ଞାପନ ।

ସହରକଟକ । ସା। ମାହତାବବଜାର ନିବାସୀ ରାମଚନ୍ଦ୍ର ପରିଡ଼ା ଓ ମୋହନଲାଲମିଶ୍ରମାନେ ଅମ୍ଭମାନଙ୍କ ନିକଟରେ ତଳତପସିଲ ଲିଖିତ ସୁନା ଓ ରୂପାର ଅଳଙ୍କାରମାନ ଦଫାଓ୍ୱାରି ବନ୍ଧକ ରଖି ସନ ୧୯୦୮ ମସୀହା ଡିସେମ୍ବରମାସ ତା ୨୫ ରିଖଠାରୁ ଉକ୍ତ ସନ ଜୁନମାସ ତା ୨୭ ରିଖ ସୁଦ୍ଧା ଅମ୍ଭମାନଙ୍କଠାରୁ ନଗଦ ଟ ୭୫୭ଙ୍କା କରଜ ବସୁ କରିଥିଲେ ବର୍ଷରୁ ଊର୍ଦ୍ଧ୍ୱ ହେଲା ଅପଣାଉଥରେ ଉକ୍ତ ଟଙ୍କା ଓ ତହିଁର ସୁଧ ଶତକଡ଼ା ପ୍ରତିମାସିକ ଟ ୩୵ ଲେ: ଟ ୫୯୫୩୵୯ ପାଇ ଏରୂପ ମୋଟ ଟ ୧୨୫୨୪୵୯ ପାଇ ଅପଣାମାନଙ୍କ ଉପରେ ବାକି ରହି ଅମ୍ଭମାନଙ୍କର ତଲବ ମତେ ଅଦାୟ ଦେଇ ନ ଥିବାରୁ ଅମ୍ଭେ ସେମାନଙ୍କୁ ଏଥିପୂର୍ବେ ସନ ୧୯୧୦ ମସୀହା ଅଗଷ୍ଟ ମାସ ତା ୫ ରିଖେ ଡାକଦ୍ୱାରା ଅମ୍ଭମାନଙ୍କର ଉକିଲ ବାବୁ ହେମଚନ୍ଦ୍ର ଘୋଷଙ୍କଦ୍ୱାରା ରେଜେଷ୍ଟ୍ରି ନୋଟିସ ଦେଇଥିଲୁଁ ଉକ୍ତ ନୋଟିସରୁ ସେମାନେ ଓ୍ୟାପସ ହୋଇ ଫେରାଇ ଦେଇଥିବାରୁ ବର୍ତ୍ତମାନ ସ୍ଥାନୀୟ ସମ୍ବାଦପତ୍ରରେ ନୋଟିସ ଛପା କରାଇ ସେମାନଙ୍କୁ ଜଣାଇଦେଉଅଛୁଁ କି ସେମାନେ ଅମ୍ଭମାନଙ୍କର ଅସଲ ସୁଧ କବାକ ଟଙ୍କା ଥିଲନ୍ତୁ ଦ ୧୫ ଦ ମଧ୍ୟରେ ଅଦାୟ ଦେଇ ଉକ୍ତ ସୁନା ଓ ରୂପାର ମାଲମାନ ନ ନେଲେ ଅମ୍ଭେମାନେ ବାଧ୍ୟମତେ ଉକ୍ତ ଜିନିସମାନଙ୍କୁ ସନ ୧୯୧୦ ମସୀହା ସିତମ୍ବର ମାସ ତା ୨୫ ରିଖେ ବଦ୍ଧ ନୀଲାମମାନଙ୍କ ମୁକାବଲାରେ ସକାଶେ ବାଧ୍ୟମତେ ଉଚିତ ପ୍ରକାଶରେ ବିକ୍ରୟ କରିଲ ଯେତେଟଙ୍କା ଅଦାୟ ହେବ ତାହା ଆଦାୟରେ ନଇ ଅବଶିଷ୍ଟ ଟଙ୍କା ଅଦାଲତରେ ନାଲିସ କରି ଡିକ୍ରୀ ହାସଲଦ୍ୱାରା ଅଦାୟ କରିନେବୁଁ ସେଥିରେ ଯାହା ଖଇ ଖର୍ଚ୍ଚାହେବ ସେ ସମସ୍ତ ଖର୍ଚ୍ଚାରେ ସେମାନେ ଦାୟୀ ହେବେ ଏତଦର୍ଥେ ଏ ନୋଟିସଦ୍ୱାରା ଜଣାଇ ଦେଉଅଛୁଁ କି ସେମାନେ ଏ ନୋଟିସରୁ ଅବଗତ ହୋଇ କର୍ମକାରକ ହେବେ ଏବଂ ଉକ୍ତ ବନ୍ଧକୀ ମାଲମାନଙ୍କରେ ଭବିଷ୍ୟତରେ ଅମ୍ଭମାନଙ୍କ ଉପରେ କେଉଁଣସି ଦାବୀ କରି ନ ପାରିବେ ।

ଇତି ତା ୬।୯।୧୦ ରିଖ

| ତପସିଲ ସୁନାର । | ରୂପାର ଅଳଙ୍କାର |
|---|---|
| ପଞ୍ଚଲଡ଼ି ହାର ଗୋ ୨ | ରୂପା ବାଜୁ ଗୋ ୨ଟି |
| ସୁନା ଶ ୨ ଶ୍ରୀ ର ୪ | |
| ମୋହର ଗୋ ୧୪ ଟା | |
| ପଟୁଆ ଗୋ ୧ ଟି | |
| ଭୁଲକା ହାର ଗୋ ୧ଟି | |
| ଧାନମାଳ ଗୋ ୨ ଟି | |
| କାନଫୋଲ ଗୋ ୪ଟା | |
| ମୁଦି ଗୋ ୨ ଟି | |

ରାମଚନ୍ଦ ଓ କୃଷ୍ଣଲାଲ ମାରବାଡ଼ି
। ସା । ନୟାସଡ଼କ କଟକ

## ବିଜ୍ଞାପନ ।

ସେହେତୁ ଏହ ନୟାଗଡ଼ଷ୍ଟେଟ ଜଙ୍ଗଲମାନଙ୍କରୁ ନିମ୍ନଲିଖିତ ବଣଜାତ ଦ୍ରବ୍ୟମାନ ସଂଗ୍ରହ କରିବା ଅଧିକାର ଆଗାମୀ ଅକ୍ଟୋବରମାସ ତା ୪ ରିଖ ରୋଜ ମଙ୍ଗଳବାର ଦିବା ୧୧ଘଣ୍ଟା ସମୟରେ ନୟାଗଡ଼ ମୁକାମରେ ଉକ୍ତ ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସରେ ପ୍ରକାଶ୍ୟ ନୀଲାମଦ୍ୱାରା ବିକ୍ରୟ କରାଯିବ—ଗ୍ରାହକମାନେ ଉପସ୍ଥିତ ହୋଇ ନୀଲାମ ଡାକପାରିବେ—ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟ ସର୍ବୋଚ୍ଚ ବା କୌଣସି ଡାକ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ଇତି

୧ ଦମଲାଗୁଣ୍ଡି
୨ କୋଚିଲାମଞ୍ଜି
୩ ହରଡ଼ାଫଳ

Nayagarh, 30—8—10. } G. S. Mahanty. Superintendent.

## ରାମରସାମୃତସିନ୍ଧୁ ରାମାୟଣ ।

### ଏକତ୍ରେ ସାତକାଣ୍ଡ ।

ଅଗ୍ରଶ୍ରୀ ବ୍ରାହ୍ମଣ ରାମଭକ୍ତ କବି ଦ୍ୱାରିକାଦାସଙ୍କ ରଚିତ । ପ୍ରତିଅଧ୍ୟାୟ ୧୦୮ ପଦ ଏବଂ ୧୦୮ ଅଧ୍ୟାୟରେ ସମାପ୍ତ । କୋମଳ ଓ ସୁଲଳିତ ପଦ୍ୟ । ମୂଲ୍ୟ ଟ ୧୲ ମାତ୍ର ।

—*†*—

ଅଷ୍ଟାଦଶପୁରାଣାନ୍ତର୍ଗତ
ଶୁଦ୍ରମୁନି ସାରଳା ଦାସଙ୍କ ରଚିତ

## ଚଣ୍ଡୀପୁରାଣ ।

### ପ୍ରକାଣ୍ଡ ଯନ୍ତ୍ରାଳୟ ।

ସରଳ ଓ ସୁଲଳିତ ଚତୁର୍ଦ୍ଦଶାକ୍ଷରୀ ପଦ୍ୟ । ପଠନ ଓ ଶ୍ରବଣକର୍ତ୍ତାର ସର୍ବ ଅଶାନ୍ତି ଦୂର କରି ପ୍ରଦାୟକ । ଶାକ୍ତଧର୍ମର ତତ୍ତ୍ୱବୋଧକ । ଦେବୀଙ୍କ ମାହାତ୍ମ୍ୟ ଓ ଲୀଳା ଜାଣିବାକୁ ଏକମାତ୍ର ସଦ୍ଗ୍ରନ୍ଥ । ବର୍ଷକ ମଧ୍ୟରେ ନିତ୍ୟ ବା ବିଶେଷତଃ ଆଶ୍ୱିନ ଦେବୀପକ୍ଷ ଷୋଳଦିନ ମଧ୍ୟରେ କେଉଁ ହିନ୍ଦୁମାତ୍ରର ନବାନ୍ତପକ୍ଷରେ ଥରେମାତ୍ର ଶ୍ରବଣ ବା ପଠନ କରିବା ଅବଶ୍ୟ କର୍ତ୍ତବ୍ୟ ।

ମୂଲ୍ୟ ଟ ୧ ମାତ୍ର ।

ଶ୍ରୀ ଚକ୍ରମଣି ପ୍ରଧାନ
ଇଣ୍ଡାଦେଉଳ ସାହେବଯାଦା

Digitized by srujanika@gmail.com

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ଜିଲ୍ଲାର ବନ୍ଦୋବସ୍ତ ସହାସେ ପେସ୍କାର, ଅ: ପେସ୍କାର, ଡ୍ରାଫ୍ଟସ୍‌ଲଡେଷର୍ ଡାଟକୋଷ ଓ ଟ୍ରାରଣ୍ ଅଫିସ୍ ଆସନ୍ତା ଡିସେମ୍ବରମାସ ତା୧ଖଠାରୁ ଅବଶ୍ୟକ ହେବେ କାର୍ଯ୍ୟପ୍ରାର୍ଥୀମାନେ ନିଜର ପ୍ରଶଂସାପତ୍ର ନକଲ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ସେପ୍ଟେମ୍ବର ତା ୨୦ ରିଖ ପୂର୍ବରୁ ଅବେଦନପତ୍ର ପଠାଇବେ । ଇତି ତା । ୨୨।୮।୧୦

Brahmananda Das
Assistant Settlement officer
at Hd. quarters


( ଶ୍ରୀ ଶ୍ରୀ ଦୁର୍ଗା ପୂଜା ଉପଲକ୍ଷେ )

## ନବବିଧାନ ।

ଅଳ୍ପକାଳ ନିମନ୍ତେ ଅପୂର୍ବ ସୁଯୋଗ
ଏବ୍ଦା ସୁଭଲାର ନହେ ।

କେବଳ ପ୍ରଚାର ଉଦ୍ଦେଶ୍ୟରେ ନିମ୍ନଲିଖିତ ପୁସ୍ତକମାନ ଅଧାଗତ କମିଶନ ସହ ବିକ୍ରୟାର୍ଥ ରହିଅଛି ସେହିମାନେ ଆସନ୍ତା ୮ ଦୁର୍ଗାପୂଜା ମଧ୍ୟରେ ଉକ୍ତ ପୁସ୍ତକମାନ କ୍ରୟ କରିବେ ସେମାନଙ୍କୁ ନିମ୍ନଲିଖିତ ଦରରେ କମିଶନ ଦିଆଯିବ ।

ଟ୧ଙ୍କା ଠାରୁ ଟ୫ଙ୍କା ପର୍ଯ୍ୟନ୍ତ ଟଙ୍କାପ୍ରତି ଟ୦।

| | | | | |
|---|---|---|---|---|
| ଟ୫ " | " ଟ୧୦୧ | " | " | ଟ୦।/ |
| ଟ୧୦ " | " ଟ୨୫୧ | " | " | ଟ୦।୵ |
| ଟ୨୫ " | " ଟ୫୦୧ | " | " | ଟ୦।୷ |
| ଟ୫୦ " | " ଟ୧୦୦୧ | " | " | ଟ୦୵ |

| | | |
|---|---|---|
| ଭାଗବତ ୧ମ ଓ ୧ ସ୍କନ୍ଧ | | ଟ ୦। |
| " ୨ୟ | " | ଟ ୦।୷ |
| " ୫ମ | " | ଟ ୦। |
| ରାସକ୍ରୀଡ଼ା | " | ଟ ୦/୩ |
| ମୟୂର ଚନ୍ଦ୍ରିକା | " | ଟ ୦।। |
| ଦାରୁବ୍ରହ୍ମ ଗୀତା | " | ଟ ୦୵ |
| ରାଧାକୃଷ୍ଣ ମିଳନ | " | ଟ ୦/ |
| ଅପରାଜିତା ସ୍ତୋତ୍ର | " | ଟ ୦୧୬ |
| ସାରସ୍ୱତ ଗୀତା | " | ଟ ୦୴ |
| ବ୍ରହ୍ମାଣ୍ଡ ପ୍ରଶ୍ନୋତ୍ତର | " | ଟ ୦୧୬ |
| ଅଦତ୍ୟ ହୁଦନ୍ତ | " | ଟ ୦/ |
| ଯୋଗୀଭାଷା | " | ଟ ୦୧୯ |
| ଅଲଙ୍କାର ବୋଲି | " | ଟ ୦୧୬ |
| କାନ୍ତ କୋଇଲି | " | ଟ ୦୧୩ |
| ମାଳିଣୀ | " | ଟ ୦୧୯ |
| ମାଳ୍ୟାଣୀ ସୁଅଙ୍ଗ | " | ଟ ୦୧୬ |
| କେଶବ କୋଇଲି | " | ଟ ୦୧୩ |
| ଲକ୍ଷ୍ମୀପୁରାଣ | " | ଟ ୦୵ |
| ଧର୍ମ ଉପଦେଶ | " | ଟ ୦/ |

ପ୍ରାପ୍ତିସ୍ଥାନ—

ପୋ: ବୁଦନରଚକ } ଶ୍ରୀ ବୃନ୍ଦାବନ ଷଡ଼ଙ୍ଗୀ ମ୍ୟାନେଜର ଓଡ଼ିଶା ପ୍ରେଟ୍ରିୟଟ ପ୍ରେସ


## ବିଜ୍ଞାପନ ।

### ଫରେଷ୍ଟ ଡିପାର୍ଟମେଣ୍ଟ ବେଙ୍ଗଲ ପୁରୀ ଡିଭିଜନ

—*—

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୧୦—୧୯୧୧ ସାଲର ନିମ୍ନଲିଖିତ ବନଜାତ ଦ୍ରବ୍ୟମାନ ଚଳିତ ସେପ୍ଟେମ୍ବର ମାସ ତା ୧୬ ରିଖରେ ଖୋର୍ଦ୍ଧା ମୁକାମ ପୁରୀ ଡିଭିଜନ ଫରେଷ୍ଟ ଅଫିସଠାରେ ନିଲାମ କରାଯିବ ।

(୧) ପୁରୀ ଡିଭିଜନ ଉଲ୍ଲଡା ରେଞ୍ଜର ଉତ୍ତର ଅଟକ ଓ ବାଦାର ଜଙ୍ଗଲଜାତ ମହୁ ଓ ମମ, କମଳାଗୁଣ୍ଡି ଓ କୋଚିଲାଫଳ

(୨) ଖୋର୍ଦ୍ଧାରେଞ୍ଜର ½ ଅଂଶ ଅଟତ ଓ ବାଦାରଜଙ୍ଗଲ ମଧ୍ୟରେ ଥିବା ସୁଧାସାଗରର ହେଲ ।

(୩) ନିମ୍ନଲିଖିତ ପ୍ରତ୍ୟେକ ବ୍ଲକରେ ଚିହ୍ନିତ ହୋଇଥିବା କୂପମଧ୍ୟରୁ ବାଉଁଶ ଛଡ଼ା ଅନ୍ୟ ସକଳ ବନଜାତ ଦ୍ରବ୍ୟ ( ଜାଲେଣିକାଠ, ଦେଶ ଓଗେର )

ପ୍ରତ୍ୟେକ କୂପ ଓ ତାହାର ଆନୁମାନିକ ପରିମାଣ ନିମ୍ନରେ ଉଲ୍ଲେଖ କରାଗଲା ।

| | | | |
|---|---|---|---|
| ଚନ୍ଦକା | ୯୬ନମ୍ବର କୂପ | ... ୨୫୦ | ଏକର |
| ବାଲିପଟା | " | ... ୨୭୫ | " |
| ଚଳତାଇ | " | ... ୭୩ | " |
| ମାଜଣା | " | ... ୧୩ | " |
| ବଉସୁର | " | ... ୨୭ | " |
| ମେଣ୍ଢାଶାଳ | " | ... ୨୭ | " |
| ଲଉଚପୁର | " | ... ୯୭ | " |
| ଭୁସୁର | " | ... ୩୭ | " |
| ରୁଗୁଡ଼ି | ୯୪ନମ୍ବର କୂପ | ... ୪୪ | " |
| ବରୁଣାଇ | ନ୬ନମ୍ବର କୂପ | ... ୪୦ | " |
| ଜୟମଙ୍ଗଳ | " | ... ୧୦ | " |
| କାଗାଦଲି | " | ... ୪୭ | " |
| ପାଷାଗଡ଼ | " | ... ୫୮ | " |
| କୁହୁଡ଼ି | " | ... ୫୫ | " |
| ସୁଲଥ | " | ... ୧୨୭ | " |

ଉପରୋକ୍ତ କୂପମାନ ଜମି ଉପରେ ଲାଲ ଦ୍ୱାରା ଚିହ୍ନିତ ହୋଇଅଛି, ଗ୍ରାହକମାନେ ଜଙ୍ଗଲ ଓ ଖୋର୍ଦ୍ଧାରେଞ୍ଜ ଭାରପ୍ରାପ୍ତ କର୍ମଚାରୀଙ୍କ ନିକଟରେ ଅବେଦନ କଲେ କୂପମାନ ଦେଖାଇ ଦିଆଯିବ । ନିଲାମରେ ଗ୍ରାହକମାନଙ୍କୁ ଅନ୍ତତଃ ଶତକଡ଼ା ମୂଲ୍ୟର ଏକ ଚତୁର୍ଥାଂଶ ଓ ଅଗ୍ରିମ ଟ ୧୦୧ ଡିପୋଜିଟରେ ଦାଖଲ କରିବାକୁ ହେବ । ଡିଭିଜନାଲ ଫରେଷ୍ଟ ଅଫିସର ନିଲାମର ସର୍ବୋଚ୍ଚ ଡାକ କୌଣସି ଡାକ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।

ଖୋର୍ଦ୍ଧା ତା ୧୮ ରିଖ ଅଗଷ୍ଟ ସନ ୧୯୧୦ ମସିହା } R. G. A. Hannah ଡିଭିଜନେଲ ଫରେଷ୍ଟଅଫିସର ପୁରୀ ଡିଭିଜନ

### ଫରେଷ୍ଟ ଡିପାର୍ଟମେଣ୍ଟ ବେଙ୍ଗଲ ପୁରୀ ଡିଭିଜନ

—*—

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ବାଣପୁର ଜଙ୍ଗଲରୁ କଟା ହୋଇଥିବା ଆନୁମାନିକ ୩୦୦ ଟା ମୁଣ୍ଡି ପୋଟେଲ ଶାଳକାଠ ବେଙ୍ଗଲ ନାଗପୁର ବାଲୁଗାଁ ରେଲଷ୍ଟେସନଠାରେ ଚଳିତ ସନ ୧୯୧୦ ମସିହା ସେପ୍ଟେମ୍ବର ମାସ ତା ୧୮ରିଖ ଦିବା ଘ ୧ ଘା ସମୟରେ ନିଲାମରେ ବିକ୍ରୟ କରାଯିବ । ଉକ୍ତ ମୁଣ୍ଡି ପୋଟେଲ ଶାଳକାଠମାନ ଫ ୪ ଟ ଠାରୁ ଫ ୭ ଟ ପର୍ଯ୍ୟନ୍ତ ମୋଟ ଓ ଫ ୧୦ ଟ ଠାରୁ ଫ ୨୦ ଟ ପର୍ଯ୍ୟନ୍ତ ଲମ୍ବ ଅଟେ ଏହି ନିମ୍ନସ୍ଥ କର୍ମଚାରୀଙ୍କ ନିଲାମରେ କୌଣସି ଉଚ୍ଚ ଡମ୍ଭ ଡମ୍ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।

R G A Hannah
ଡିଭିଜନାଲ ଫରେଷ୍ଟ ଅଫିସର ।
ପୁରୀ ଡିଭିଜନ

# ଉତ୍କଳ ଦୀପିକା ।

## Indians Outside India.

In our last issue we said that Hindu Shastras of old are replete with references to sea voyages. That Hindus in good old days travelled abroad in quest of wealth admits of no doubt. Testimony is not wanting to show that they even settled down in distant countries beyond the shores of India. Various causes contributed to the degeneration of the Indians. Gradually we lost our position in the scale of nations. For many centuries the *Summum Bonum* of human happiness was considered to lay in supineness, in renunciation of all worldly cares and anxieties; the ideal of the "yellow robe and the begging bowl" predominated. The world is but *Maya*, this life a mere bubble—a temporary sojourn. The spirit of endeavour, the appreciation of good things of life and a longing for them that characterised Vedic Hindus gave way to the asceticism preached by the Upanishads. With the cultivation of the spiritual side the material advancement was neglected and in time we drifted far away from our goal. Long before the advent of the English, India suffered terribly from chronic warfare and pillage. She had no rest. Education was neglected and along with it the high ideal of spirituality that had been inculcated for ages. The meditative Aryans of the East found it difficult to maintain their position before the practical Aryans of the West. The result needs no mention, as it is well known to every student of Indian History.

Split by PDF Splitter
Digitized by srujanika@gmail.com

Split by PDF Splitter



Now after a century or more of British Rule during which period India had rest and advantage of being acquainted with what is noble and grand in the Western civilisation she has been awakening from her long lethargic torpor. A philosophy quite different from what had been taught by the Purans is now instilling the life of young India. The "buoyancy of the Vedic age, its love of life and of life's good things and its readiness to strive for them" has been returning. Not only do the high and middle class Indians now aspire to go abroad in quest of knowledge and wealth, lakhs and lakhs of Indians of the labouring class have gone and are going to different parts of the world. Lord Curzon writes to the North American Review—"After the abolition of Slavery in the West Indies, had it not been for the supply of Indian labour, many of the islands must have fallen out of cultivation, and would probably long before now have been transferred by cession or secession to another flag. In Trinidad there are now 86,000 East Indians and in Jamaica 10,000. * * * But for a similar relief Mauritius, where there are 206,000 Indians, would probably have fallen to France and British supremacy in the Indian ocean would have been in grave peril. * * * The Indian population there (British Guiana) is now 105,000 out of a total of 278,000; the Figi Islands contain 17,000. * * * The planters of Natal would not have been able to develop that colony had it not been for an Indian population, which is now 115,000 strong and exceeds in numbers the European Inhabitants of the State. The Uganda Railway was constructed by more than 20,000 Indian coolies."

True, the Indians abroad are not finding sympathetic treatment at the hands of the foreigners, but they have been gaining ground everywhere. Mr. Saint Nihal Singh writes to the Indian Review—"The progress which Hindustan has been making during the last generation or two is visualized by the presence of the Indian immigrants on all continents, and in their ability to win success in the face of unethical opposition and unequal competition. They not only have gone abroad, but they have distinguished themselves in evey walk of life in which they have engaged. Indian students have won honours in Japan, England, America and other foreign countries, beating natives in their favourite subjects in their own lands. Indian immigrants have established their claim to superior intelligence, hardiness, sobriety and thrift. Indian merchants and professional men have demonstrated that in a foreign land they were the peers of their competitors. They have achieved sucess in the face of colour * * * It augurs well for the future of India that her sons have proved virile and capable abroad."

---

ସନ ୧୯୧୧ ସାଲ ମାର୍ଚ୍ଚମାସ ଓ ତହିଁପରେ ଓଡ଼ିଶାର ଯେ ସମସ୍ତ ଛାତ୍ର ମାଟ୍ରିକ୍ୟୁଲେସନ୍ ଅର୍ଥାତ୍ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦେବେ ସେମାନଙ୍କର ପରୀକ୍ଷା ରେଭେନସା କଲେଜରେ ନିଆଯିବ ଓ କଲେଜର ପ୍ରିନ୍ସିପାଲ ତହିଁର ବିଶେଷ ବନ୍ଦୋବସ୍ତ କରିବେ ।

---

ଗତମାସ ତା ୨୭ ରିଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗ ମୃତ୍ୟୁ ୧୩୨୫ ଥିଲା ବମ୍ବେରେ ସର୍ବୋଚ୍ଚ ୫୪୯ ଓ ତହିଁ ତଳେ ମଧ୍ୟପ୍ରଦେଶରେ ୨୬୯ ହାଇଦରାବାଦରେ ୧୪୧ ଓ ମହୀଶୂରରେ ୯୮ ଉଲ୍ଲେଖ ଯୋଗ୍ୟ । ରାଜପୁତାନାର ମୃତ୍ୟୁସଂଖ୍ୟା ଅଧି ନ ଥିଲା ନୋହିଲେ ମୋଟ ମୃତ୍ୟୁ ଆହୁରି ଅଧିକ ଦେଖାଯାନ୍ତା । ଗତ ସପ୍ତାହର ମୃତ୍ୟୁ ୧୦୨୫ ଥିଲା । ଅତଏବ କ୍ରମେ ଅଙ୍କ ବଢ଼ୁଅଛି ।

---

ଗତ ତା ୧ ରିଖରେ ଶେଷହେବା ସପ୍ତାହରେ ବଙ୍ଗସାଗରର ବର୍ଷା ସ୍ରୋତ ଦୁର୍ବଳ ଥାଇ କେବଳ ବ୍ରହ୍ମ ଓ ପୂର୍ବବଙ୍ଗରେ ବୃଷ୍ଟି ହୋଇଥିଲା । ମାତ୍ର ଆରବସାଗର ବର୍ଷା ସ୍ରୋତ ବଳବାନ୍ ଥାଇ ପଞ୍ଜାବ, ରାଜପୁତାନା, ମଧ୍ୟଭାରତ, ମାନ୍ଦ୍ରାଜ, ମହୀଶୂର ପ୍ରଭୃତିରେ ଉତ୍ତମ ବୃଷ୍ଟି ହୋଇଥିଲା । କେବଳ ଓଡ଼ିଶା, କାଶ୍ମୀର ଏବଂ ବେଲୁଚିସ୍ଥାନରେ ଏ ସମୟପ୍ରତି ଜଳର ପରିମାଣ ଊଣା ଥିଲା ।

---

ଓଡ଼ିଶା ସବାଡେଶ ଖଣ୍ଡାଧିବା ୧୨ ଟା ଜୁନିୟର ଛାତ୍ରବୃତ୍ତି ସମ୍ବନ୍ଧରେ ଓଡ଼ିଶା କମିଶନର ସାହେବ ବିଜ୍ଞାପନ ଦେଇଅଛନ୍ତି ଯେ ୨ୟ ଶ୍ରେଣୀର ଚାରିଟା ବୃତ୍ତି ଓଡ଼ିଶା ସ୍କୁଲ ସମୂହରୁ ପାସ କରିଥିବା ସର୍ବୋଚ୍ଚ ଜ ୪ ଣ ଛାତ୍ର ପାଇବେ ଏବଂ ୩ୟ ଶ୍ରେଣୀର ଆଠଟା ବୃତ୍ତି ମଧ୍ୟରୁ କଟକ ଓ ଢେଙ୍କାନାଳ ୩, ବାଲେଶ୍ୱର ଓ ମୟୂରଭଞ୍ଜ ୨ ପୁରୀ ୧ ଏବଂ ସମ୍ବଲପୁର ଓ ବାମଡ଼ା ୨ ଟା ପାସ କରିବା ଛାତ୍ର ପାଇବେ ।

—※—

ବଙ୍ଗପ୍ରଦେଶର ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଆଦେଶ ଦେଇଅଛନ୍ତି ଯେ ସନ ୧୮୭୨ ସାଲର ବିଶେଷ ବିବାହସମ୍ବନ୍ଧୀୟ ଆଇନାନୁସାରେ ମଧ୍ୟପ୍ରଦେଶ ଚିଫ କମିଶନରଙ୍କର ଯେ ସମସ୍ତ ଆଦେଶ ସମ୍ବଲପୁର ଜିଲ୍ଲାରେ ପ୍ରଚଳିତ ଥିଲା ସେ ସମସ୍ତ ଗତମାସ ତା ୩୧ ରିଖରେ ରହିତ ହେଲା । ତହିଁ ପରବର୍ତ୍ତିରେ ବଙ୍ଗପ୍ରଦେଶର ନିୟମାବଳୀ ପ୍ରଚଳିତ ହୋଇଅଛି ।

---

ଏ ଜିଲ୍ଲା ରାମବାଗ ଦଶରଥପୁର ମଠର ଝୁଲଣ ଯାତ୍ରା ଯଥାସମାରୋହରେ ହୋଇଥିବା ଓ ସ୍ଥାନୀୟ ଅନେକ ଭଦ୍ରଲୋକ ଉପସ୍ଥିତ ହୋଇ ଆନନ୍ଦ ଲଭିଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଏ ଉପଲକ୍ଷରେ ବାଲେଶ୍ୱର ବସ୍ତୁଡ଼ି ଆନନ୍ଦପୁରର ଏକ ଓଡ଼ିଆ ଯାତ୍ରାଦଳ ଅସି ପ୍ରତିଦିନ ନୂତନ୨ ନାଟକମାନ ଅଭିନୟ ଦେଖାଇ ଦର୍ଶକମାନଙ୍କର ଧନ୍ୟବାଦ ଲାଭ କରିଥିଲେ । ଯଥୋଚିତ ଉତ୍ସାହ ପାଇଲେ ଓଡ଼ିଆ ଯାତ୍ରାଦଳଙ୍କ ଅଭିନୟ ସରୁଚିସଙ୍ଗତ ଉନ୍ନତି ଲଭିବା କଷ୍ଟକର ନୁହେ ।

---

ପୁରୀର ରାଜା ଖୋରଧାର ନ ୨ ଣ ସରବରାହକାର ଗୋପୀନାଥ ସାହୁ ଓ ସାଧୁଚରଣ ସାହୁଙ୍କ ନାମରେ ବେଦଖଲ ଅଥବା ଇମାରୃତିର ନାଲିସ କରିଥିଲେ ମଧ୍ୟ ତାହା ଡିସମିସ୍ ହେବାରୁ ହାଇକୋର୍ଟରେ ଅପିଲ ଦାଏର ହୋଇଅଛି । ରାଜାଙ୍କ ପକ୍ଷରୁ ଡାକ୍ତର ରାସବିହାରୀ ଘୋଷ ଏବଂ ବାବୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ ଉପସ୍ଥିତ ଥାଇ ନିମ୍ନ ଅଦାଲତ ଇମାରୃତି ସମ୍ବନ୍ଧରେ ଆଦୌ ବିଚାର କରି ନ ଥିବା ଓ ତାହା ଦେବାନୀ ଅଦାଲତର ବିଚାର୍ଯ୍ୟ ଥିବାର ଦର୍ଶାଇବାରୁ ଅପିଲ ଗୃହୀତ ହୋଇଅଛି ।

---

ଏ ଜିଲ୍ଲା ତାଳଦଣ୍ଡା କେନାଲ ନ ୧୨ ମ୍ବର ଶାଖାନାଳ ହେଡ଼ରୁ (କ) ନାମଧେୟ ଗୋଟିଏ ଶାଖାନାଳ ନିର୍ମାଣ ହେବ । ତହିଁ ପାଇଁ ସରକାରୀ ବ୍ୟୟରେ ଉଣାଧିକ ୧୬ ଏକର ଜମି ଖରିଦ ହେବାର ବିଜ୍ଞାପନ ମାନ୍ୟବର ବଙ୍ଗେଶ୍ୱରଙ୍କ ଆଦେଶରେ ଗତ ଅଗଷ୍ଟମାସ ତା ୩୧ ରିଖର କଲିକତା ଗେଜେଟରେ ବାହାରିଅଛି । ଏହି ଶାଖାନାଳ ପ୍ରାୟ ୪ ମାଇଲ ଲମ୍ବ ଏବଂ ଝିଙ୍କତ ପ୍ରଗନା କସନ୍ତ ଓ ଆଇଶ ଏବଂ ଚଉରଣ ପ୍ରଗନା, ଉଡ଼ାପଧୋ, ଜଗନ୍ନାଥପୁରଗଞ୍ଜ ପ୍ରଭୃତି ମୌଜାରେ ହେବ ।

---

ପତିୟାଲା ରାଜ୍ୟର ବାଳିକା ବିଦ୍ୟାଳୟର ପୁରସ୍କାର ବିତରଣକ୍ରିୟା ସ୍ୱୟଂ ସେଠା ମହାରାଣୀ ସମୁପସ୍ଥିତ ଥାଇ ସମ୍ପନ୍ନ ହୋଇଥିଲା । ଗୃହଧର୍ମ ଓ ସ୍ୱାସ୍ଥ୍ୟରକ୍ଷାର ବିଧାନ ବିଷୟକ ବକ୍ତୃତା ଇତ୍ୟାଦି ଶୁଣି ଏବଂ ସୂଚିକର୍ମ ଦେଖି ମହାରାଣୀ ମହୋଦୟା ବିଶେଷ ଆନନ୍ଦ ପ୍ରକାଶ କରିଥିଲେ । ମହାରାଜା ମଧ୍ୟ ଏତଦୁପଲକ୍ଷେ ସମୁପସ୍ଥିତ ଥିଲେ ଏବଂ ବିଧବାମାନଙ୍କୁ ଉଦାରଶିକ୍ଷା ଦେବାକାରଣ ପ୍ରତିଶ୍ରୁତ ହେଲେ । ବିଧବାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ଯେ ନିତାନ୍ତ କର୍ତ୍ତବ୍ୟ ତାହା ମହାରାଜା ମହୋଦୟ ବୁଝିଥିବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ ଏବଂ ଦେଶଲୋକଙ୍କର ଏଥିପ୍ରତି ଆମ୍ଭେମାନେ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

---

ଆମ୍ଭମାନଙ୍କର ବର୍ତ୍ତମାନ ଗବର୍ଣ୍ଣର ଜେନେରଲ ମହାମାନ୍ୟ ଲର୍ଡ ମିଣ୍ଟୋ ସ୍ୱ ଦରସାର୍ଥେ

Digitized by srujanika@gmail.com

Split by PDF Splitter



ଏଲ୍ଲାହାବାଦରେ ଗୋଟିଏ ଉଦ୍ୟାନ ପରିବେଷ୍ଟିତ କୀର୍ତ୍ତିସ୍ତମ୍ଭ ସ୍ଥାପନ ଓ ତହିଁର ନାମ ମିଣ୍ଟୋପାର୍କ (ଉଦ୍ୟାନ) ହେବ । ଏଥିପାଇଁ ୩ ଲକ୍ଷ ଟଙ୍କା ଏଷ୍ଟିମିଟ ଏବଂ ଚେନ୍ଦା ସଂଗ୍ରହ ଓ କାର୍ଯ୍ୟନିର୍ବାହ କମିଟି ଗଠିତ ହୋଇଅଛି । ବନାରସ ବା ବାରାଣସୀର ମହାରାଜା ସେହି କମିଟିର ସଭାପତି ଏବଂ ଭିନ୍ନ ୨ ପ୍ରଦେଶର ନେତାମାନେ ସଭ୍ୟ ହୋଇଅଛନ୍ତି । ଏଥିମଧ୍ୟରେ ଗ୍ୱାଲିଅରର ମହାରାଜା ୧୫୦୦୦୦ ଟଙ୍କା ଚେନ୍ଦା ଦେବାକୁ ସ୍ୱୀକାର କରିଅଛନ୍ତି ।

---

ପୁରୀର ଅଲଲଥ ମଠର ମହନ୍ତଙ୍କ ସ୍ତ୍ରୀ ସେଠା ବରହର ବଡ଼ ମହାପାତ୍ରଙ୍କ ନାମରେ ଗୋଟିଏ ସମର୍ପଣ ପତ୍ର କରି ଦେଇଥିଲେ । ତାହା ରଦ କରିବା ସମ୍ପର୍କୀୟ ମୋକଦ୍ଦମାର ଅପିଲ ଏଠା ଜଜସାହେବ ଡିସମିସ କରନ୍ତେ ତହିଁ ଉପରେ ହାଇକୋର୍ଟରେ ଅପିଲ ହୋଇଥିଲା । ବରହର ବଡ଼ ମହାପାତ୍ର ଉପାଧ୍ୟାୟଙ୍କ ପକ୍ଷରୁ ହାଇକୋର୍ଟର ଓକିଲ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଏବଂ ବାବୁ ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀ ଉପସ୍ଥିତ ହୋଇ ବାଦ ବିଧିମତେ ଯେ ଷ୍ଟାମ୍ପ ନ ହେବା ଓ ତମାଦି ଘଟିବାର ଆପତ୍ତି କଲେ । ହାଇକୋର୍ଟର ଜଜମାନେ ଉକିଲଙ୍କ ସହିତ ଐକ୍ୟ ହୋଇ ବାଦୀ ସାବାଳକ ହେବା ପରେ ଉପଯୁକ୍ତ ସମୟମଧ୍ୟରେ ମୋକଦ୍ଦମା କରି ନ ଥିବାହେତୁ ତମାଦି ଦୋଷରେ ଅପିଲ ଡିସମିସ୍ କରିଅଛନ୍ତି ।

---

କୋରିଆ ଉପଦ୍ୱୀପ ଜାପାନ ସାମ୍ରାଜ୍ୟଭୁକ୍ତ ଓ ତହିଁର ନାମ ଚୋସେନ ହୋଇଅଛି । କୋରିଆର ସମ୍ରାଟ ଆପଣା ପଦ ତ୍ୟାଗ କରି ଅଛନ୍ତି ଏବଂ ରାଜ୍ୟର ଉନ୍ନତି ଆଶାରେ ତାହା କରିବାରେ ମନୁଷ୍ୟତା ଅଛି । ଜାପାନ କୋରିଆବାସିଙ୍କି ଜାପାନୀ ପ୍ରଜାତୁଲ୍ୟ ସମାନ ଅଧିକାର ଦେବାକୁ ପ୍ରତିଶ୍ରୁତ ହୋଇଅଛନ୍ତି । ସେଠା ନୂତନ ଗବର୍ଣ୍ଣର ଜେନେରଲ ଘୋଷଣା ପତ୍ରରେ ସାମାନ୍ୟ ଅପରାଧରେ ଅପରାଧୀ ପ୍ରଜାଙ୍କ ଅବ୍ୟାହତି ଏବଂ ଟିକସ ଆଦାୟ ହେଉ ନ ଥିବା ଲୋକଙ୍କ ତାହା ମାଫ ଦିଆଯିବାର ଜଣାଇ ଦେଇଅଛନ୍ତି । ଏବଂ ସେ ରାଜ୍ୟର ଶିଳ୍ପୋନ୍ନତି ଶିକ୍ଷା, ହସପିଟାଲ ଓ ଦରିଦ୍ରଙ୍କର ସାହାଯ୍ୟ ସକାଶେ ରାଜକୋଷରୁ ଅଢ଼ାଇକୋଟି ଟଙ୍କା ଦିଆଯିବାର ପ୍ରକାଶ କରିଅଛନ୍ତି । କୋରିଆ ରାଜ୍ୟରୁ ୧୦୦ ଜଣ କଏଦୀ ମୁକ୍ତ ହୋଇଅଛନ୍ତି ।

---

ବିଲାତର ଗତମାସର ତା ୩୦ ରିଖର ୱେଷ୍ଟମିନଷ୍ଟର ଗେଜେଟରେ ଭାରତର ଅଶାନ୍ତି-ସମ୍ବନ୍ଧରେ ଗୋଟିଏ ସୁନ୍ଦର ଚିନ୍ତାଶୀଳ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ତହିଁରେ ଲେଖାଅଛି ଯେ ଭାରତର ଅଶାନ୍ତି ନିତାନ୍ତ ଅନ୍ଧତାମୂଳକ ନୁହେ । ଇଂରେଜମାନେ ଦେଶୀୟ ଲୋକଙ୍କ ଉନ୍ନତି କରିବାକାରଣ ଯେଉଁ ନୀତି ଅବଲମ୍ବନ କରିଥିଲେ ତାହାହିଁ ଏହି ଅଶାନ୍ତିନିମିତ୍ତ ବିଶେଷ ଦାୟୀ ଅଟେ । ଏଥିର ପ୍ରଥମ ଫଳ ଅସ୍ୱାଚ୍ଛନ୍ଦଜନକ ହେଲେହେଁ ପାଶ୍ଚାତ୍ୟ ଗବର୍ଣ୍ଣମେଣ୍ଟଙ୍କୁ ଏହା ଅନେକ ସମୟରେ ଭେଟିବାକୁ ହୋଇଅଛି ଏବଂ ଏଥିର ପ୍ରତିକାର ଅଧିକ ଏବଂ ଉତ୍କୃଷ୍ଟତର ଶିକ୍ଷାଦାନ । ସହଯୋଗୀ ରୋଗର ନିଦାନ ଏବଂ ପ୍ରତିକାର ଯାହା ଲେଖିଅଛନ୍ତି ତାହା ସୁସଙ୍ଗତ ଓ ଯଥୋଚିତ ବୋଧ ହେଉଅଛି । ଅଳ୍ପ ଶିକ୍ଷାର ଫଳ ଯାହା ହୁଏ ତାହା ଆମ୍ଭମାନଙ୍କୁ ଘଟିଅଛି । ପ୍ରକୃତ ଶିକ୍ଷା ଲାଭ କରିଥିଲେ ଚରମପନ୍ଥିମାନେ କଦାପି ଅଶାନ୍ତ ପଥରେ ପଥିକ ହୋଇ ନ ଥାନ୍ତେ । ଗବର୍ଣ୍ଣମେଣ୍ଟ ଏଥିରେ ବିଚଳିତ ନ ହୋଇ ଆହୁରି ଅଧିକ ଏବଂ ଅଧିକ ତର ଉତ୍ତମ ଶିକ୍ଷାଦେବାରେ ବ୍ରତୀ ହେଲେ ଲୋକେ କାର୍ଯ୍ୟ ବୁଝିପାରି ଅକାର୍ଯ୍ୟରୁ କ୍ଷାନ୍ତ ହେବେ ।

---

କଲିକତାର ସ୍ୱାସ୍ଥ୍ୟ ଏବଂ ଶୋଭା ବୃଦ୍ଧି ଓ ଜନତା ହ୍ରାସ ଉଦ୍ଦେଶ୍ୟରେ ପ୍ରାୟ ତିନିବର୍ଷ ଯେ ବିଚାର ଲାଗିଥିଲା ଏବେ ଦିନେ ପରିପକ୍ୱ ହୋଇ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଏକ ଆଇନର ପାଣ୍ଡୁଲିପି ଆଗତ ହୋଇଅଛି । ଏହି ଉନ୍ନତିସାଧନରେ ୮ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ ହେବ । ତହିଁମଧ୍ୟରୁ ତିନକୋଟି ୩୬ ଲକ୍ଷ ଟଙ୍କା ବିକ୍ରୟଦ୍ୱାରା ଆଦାୟ ହେବ ଅର୍ଦ୍ଧକୋଟି ଟଙ୍କା ଭାରତ ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦେବେ ବାକି ୪ କୋଟି ୩୬ ଲକ୍ଷ ଟଙ୍କା ଋଣ ହେବ ଯେ ତହିଁର ବାର୍ଷିକ ସୁଧ ୨୦ ଲକ୍ଷ ଟଙ୍କା ଦେବାକୁ ହେବ । ଏଥିପାଇଁ ଅଧିକା ଟିକସ ବସାଇବାର ପ୍ରସ୍ତାବ ହୋଇଅଛି । ସେହି କର ୩ ପ୍ରକାର ହେବ ଯଥା କଲିକତାର ସ୍ଥାବର ସମ୍ପତ୍ତି ବିକ୍ରି ମୂଲ୍ୟଉପରେ ଶତକଡ଼ା ୮ ୨ ଟଙ୍କା ରେଲଯାତ୍ରିମାନଙ୍କ ଉପରେ ଜଣପ୍ରତି ଦୁଇପଇସା ଏବଂ ଝୋଟଗାଣ୍ଠି ପ୍ରତି ଦୁଇଅଣା । ନୂତନ ବ୍ୟବସ୍ଥା ଉପଲକ୍ଷରେ ଗୋଟିଏ ଲମ୍ବ ଏଭିନ୍ୟୁ ମହଲ୍ଲମା ବସି ସହରର ଭିଡ଼ ଭାଙ୍ଗି ଦେଇ ତହିଁର ପ୍ରାନ୍ତଭାଗରେ ଉଠିଯିବା ଲୋକଙ୍କୁ ସ୍ଥାନ ଦିଆଯିବ । ଆଇନଟି ଆଗତ ହୋଇ ରହିଅଛି । ଆଗାମୀ ଶୀତକାଳରେ ତହିଁର ବିଚାର ହେବ ଏବଂ ଇତିମଧ୍ୟରେ ଲୋକେ ତାହା ଦେଖି ମତାମତ ସ୍ଥିର କରିବେ ।

---

ଢାକାରେ ପୁଣି ଏକ ଭୀଷଣ ଅଗ୍ନିକାଣ୍ଡ ଘଟିବାର ଉଦ୍ୟୋଗ ହୋଇଥିବାର ସମ୍ବାଦ ଆସିଅଛି । ଗତବର୍ଷର ଜନ୍ମାଷ୍ଟମୀ ସମୟର ହତ୍ୟାକାଣ୍ଡ ତଦନ୍ତ କରିଥିବା ପୁଲିଶକର୍ମଚାରୀ ଶରତଚନ୍ଦ୍ର ଘୋଷ ବର୍ତ୍ତମାନ ପୁଲିଶର ତଦନ୍ତ ବିଭାଗର ଇନସ୍ପେକ୍ଟର ସ୍ୱରୂପ କାର୍ଯ୍ୟ କରୁଅଛନ୍ତି । ଚଳିତ ମାସ ତା୧ ରିଖ ରାତିକାଳରେ ସେ ବଜାର ଯାଉଥିବା ସମୟରେ ୨ ଜଣ ବାଳକ ଆଗେ ୨ ଯାଉଥିବାର ଦେଖିବାମାତ୍ରକେ ବାଳକମାନେ ଫେରିପଡ଼ି ଗୁଳି ଦାଗିଲେ । ଗୋଟିଏ ଗୁଳିଦ୍ୱାରା ତାଙ୍କର ପଞ୍ଜରହାଡ଼ ଛୁଞ୍ଚି ଗଲା ମାତ୍ର ଗୁଳି ଆଉ ଭିତରକୁ ପଶି ନାହିଁ । ଅନ୍ୟ ଗୁଳିଟି ବାମ ବାହୁରେ ବିଦ୍ଧ ହେଲା ଏବଂ ତୃତୀୟଟି ତାଙ୍କ ଉପର ଦେଇ ଚାଲିଗଲା । ଇନସ୍ପେକ୍ଟର ଜଣେ ପିଲାର ବାଳ ଧରିପକାଇଥିଲେ ମାତ୍ର ଉଭୟେ ଖସି ପଳାଇଲେ ! ଦୁଇ ପିଲାକୁ ଚିହ୍ନିଥିବାରୁ ଧରା ହୋଇଅଛନ୍ତି । ଜଣେ ଏକ ଓକିଲ ଏବଂ ଅନ୍ୟ ଜଣକ ଡାକ୍ତର ପୁତ୍ର ସେମାନେ ହାଜତରେ ଅଛନ୍ତି ଓ ଇନସ୍ପେକ୍ଟର ହସପିଟାଲରେ ରହି ଚିକିତ୍ସିତ ହେଉଅଛନ୍ତି । ଶୀଘ୍ର ଭଲ ହେବାର ଆଶା ଅଛି । ଦୁର୍ବୃତ୍ତ ପିଲାମାନେ କଠିନ ଦଣ୍ଡ ଦେଖି ସୁଦ୍ଧା ଘୃଣିତ ପାପ ଛାଡ଼ି ନାହାନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ ଏବଂ ଏମାନେ ଦେଶର କଳଙ୍କ ଏବଂ ଏ ଦଳ ନିଃଶେଷ ହେବାଯାଏ ଶାନ୍ତିର ଆଶା ନାହିଁ ।

---

ଗତ ତା ୨୬ ରିଖର ଗଞ୍ଜାମ ଗୁଣଦର୍ଶନର ସମ୍ପାଦକୀୟ ଏବଂ ପ୍ରେରିତପତ୍ର ସ୍ତମ୍ଭରେ ଆୟୁର୍ବେଦ ବା ବୈଦ୍ୟ ବ୍ୟବସାୟ ଶିକ୍ଷା ବିଷୟରେ କେତେଗୁଡ଼ିଏ ହିତକର କଥା ଲେଖାଅଛି । ପାଠକମାନଙ୍କର ତହିଁପ୍ରତି ମନୋଯୋଗ ପ୍ରାର୍ଥନା କରୁଅଛୁଁ । ଇଦାନୀଂ ରୋଗର ପ୍ରାଦୁର୍ଭାବ ଏବଂ ବୈଦ୍ୟର ଅଭାବ ଅତି ଶୋଚନୀୟ ହୋଇଅଛି ସନ୍ଦେହ ନାହିଁ । ବିଲାତି ଚିକିତ୍ସକ ବା ଡାକ୍ତର ସଂଖ୍ୟା କ୍ରମଶଃ ବଢ଼ୁଅଛି ସତ୍ୟ ମାତ୍ର ସେ ଚିକିତ୍ସା ବ୍ୟୟସାଧ୍ୟ ହେବାରୁ ଏ ଗରିବ ଦେଶର ସାଧାରଣ ଲୋକର ଉପଯୋଗୀ ହୋଇ ନାହିଁ ଓ ମୋଫସଲରେ ତାହା ସୁଲଭ ହେବାକୁ ଅନେକ ବିଳମ୍ବ ଅଛି । ଦେଶୀୟ ବା ବୈଦ୍ୟ ଚିକିତ୍ସା ଏଦେଶର ପ୍ରକୃତ ଉପଯୋଗୀ ଏବଂ ଜନସାଧାରଣ ତାହା ଲୋଡ଼ୁଥିଲେହେଁ ବୈଦ୍ୟର ଅଭାବ ଦିନ ୨ ବଢ଼ୁଅଛି ଅଥଚ ବୈଦ୍ୟ ପ୍ରସ୍ତୁତ କରିବାପ୍ରତି ଯତ୍ନ ଦେଖା ଯାଉନାହିଁ । ସହଯୋଗୀ ଯଥାର୍ଥ କହିଅଛନ୍ତି ଯେ ଯେ ସମସ୍ତ ରାଜା ବେତନଭୋଗୀ ବୈଦ୍ୟ ରଖିଅଛନ୍ତି ଯେବେ ସେମାନଙ୍କୁ କେତେଜଣ ଲେଖାଏ ଛାତ୍ର ଶିକ୍ଷାଦେବାର ବନ୍ଦୋବସ୍ତ କରନ୍ତେ ଏବଂ

Digitized by srujanika@gmail.com

ରୋଗିମାନଙ୍କୁ ଔଷଧ ବିତରଣ ଓ ତହିଁର ଫଳାଫଳ ଲେଖି,ରଖାନ୍ତେ ତେବେ କ୍ରମେ ବୈଦ୍ୟସଂଖ୍ୟା ବୃଦ୍ଧି ହୁଅନ୍ତା ପୁଣି ଯେଉଁମାନେ ସମ୍ମତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କେବଳ ଶିକ୍ଷକତାର୍ଯ୍ୟରେ ଅଥବା ରଜା ଓ ବଡ଼ଲୋକଙ୍କ ଦାଣ୍ଡର ଅନୁସରଣ ବା ଇଚ୍ଛାରେ ଦିନପାତ କରୁଅଛନ୍ତି ସେମାନେ ସ୍ଥାନୀୟ ବା କଲିକତା ପ୍ରଭୃତିର ଭଲ ବୈଦ୍ୟଙ୍କଠାରୁ ଶିକ୍ଷା କରନ୍ତେ ତାହା ହେଲେ ସେମାନଙ୍କର ସାଂସାରିକ ଅବସ୍ଥା ଉତ୍ତମ ଏବଂ ଜନସାଧାରଣର ମଙ୍ଗଳ ହୁଅନ୍ତା ।

———

### ଖାମବନ୍ଦୋବସ୍ତ ଏବଂ ଓଡ଼ିଶା କମିଶନର ।

ଖାମ ବା ସରକାରି ବନ୍ଦୋବସ୍ତ ଯାହା ବର୍ତ୍ତମାନ ଓଡ଼ିଶାର କଟକ ବାଲେଶ୍ୱର ଓ ପୁରୀ ତିନି ଜିଲାରେ ଚାଲିଅଛି ସେ ସମ୍ବନ୍ଧୀୟ ହାକିମମାନଙ୍କର ନାନା ଅତ୍ୟାଚାର ଏବଂ ଅନିୟମପ୍ରଭୃତି ନିମ୍ନକର୍ମଚାରୀଙ୍କର ଅତ୍ୟାଚାର ଲେଖି ଏ ଜିଲାର ଜଣେ ବଡ଼ ଜମିଦାର ବାବୁ ଯୋଗେନ୍ଦ୍ରନାଥ ବୋଷ ଶ୍ରୀଯୁକ୍ତ କମିଶନର ସାହେବଙ୍କ ସମୀପକୁ ଏକ ପ୍ରକାଶ୍ୟପତ୍ର ଲେଖିଥିଲେ । ସେ ପତ୍ର ଏଥିପୂର୍ବେ ଏ ପତ୍ରିକାରେ ପ୍ରକାଶ ହୋଇଥିଲା । ଶ୍ରୀଯୁକ୍ତ କମିଶନର ସାହେବ ସେ ପତ୍ରର ଉତ୍ତର ଦେଇଅଛନ୍ତି ଏବଂ ତାହା ଷ୍ଟାର ଅବ ଉତ୍କଳ ପତ୍ରିକାରେ ପ୍ରକାଶିତ ହୋଇଅଛି । ଉତ୍ତରର ସାରମର୍ମ ଏହି କି ଯେ ସମସ୍ତ ଗୃହାସ୍ୱର ଉପଯୁକ୍ତ କାରଣ ଅଛି ସେ ସମସ୍ତର ପ୍ରତିକାର କରିବାକୁ ବନ୍ଦୋବସ୍ତ କର୍ମଚାରୀ ଯଥେଷ୍ଟ ଉପାୟ ଅବଲମ୍ବନ କରୁଅଛନ୍ତି । ସୁତରାଂ ଜମିଦାରମାନଙ୍କୁ ଡକାଇ ବୈଠକ କରିବାର ଆବଶ୍ୟକ ନାହିଁ । ପୁଣି ଯେ ସ୍ଥଳେ ଜମିଦାରମଣ୍ଡଳୀ ଭିତରେ ସେ ଏକା ଗୃହାସ୍ୱ କରୁଅଛନ୍ତି ଓ ତାହାଙ୍କ ସଙ୍ଗେ ବା ପଛେ ଆଉ କେହି ଜମିଦାର ବାହାରି ନାହାନ୍ତି ସେ ସ୍ଥଳେ ସ୍ପଷ୍ଟ ବୁଝି ଯାଉଅଛି ଯେ ବନ୍ଦୋବସ୍ତ କାର୍ଯ୍ୟରେ ଅସନ୍ତୁଷ୍ଟ ଜମିଦାର ସଂଖ୍ୟା ଅତ୍ୟଳ୍ପ ଅଟେ । ସାହେବ ମହୋଦୟଙ୍କର ଏପରି ଉତ୍ତରରେ ଆମ୍ଭେମାନେ ଦୁଃଖିତ ଓ ହତାଶ ହୋଇଅଛୁଁ । ବନ୍ଦୋବସ୍ତ କର୍ମଚାରୀ ଉପଯୁକ୍ତ ପ୍ରତିକାରର ଉପାୟ ଅବଲମ୍ବନ କରୁଅଛନ୍ତି । ଏ କଥ ଲେଖିବାଦ୍ୱାରା ସ୍ପଷ୍ଟ ଜଣାଯାଉଅଛି ଯେ କେତେକ ଗୃହାସ୍ୱ ନ୍ୟାୟସଙ୍ଗତ ଥିବାର ସାହେବ ମହୋଦୟଙ୍କର ହୃଦୟଙ୍ଗମ ହୋଇଥିଲୁ ଅଥଚ ପ୍ରତିକାରର ପରିଚୟ କିଛି ଦେଇ ନ ଥିବାରୁ ଜମିଦାରମାନେ ନିଶ୍ଚିନ୍ତ ହୋଇ ପାରୁନାହାନ୍ତି । ଆଶାକରୁ ଜଣାଯାଏ ଯେ କମିଶନର ସାହେବ ମହୋଦୟ ବନ୍ଦୋବସ୍ତକର୍ତ୍ତା ସଙ୍ଗେ ବିଚାର କରି ଜମିଦାରଙ୍କ ସନ୍ତୋଷର କିଛି ବ୍ୟବସ୍ଥା କରିଅଛନ୍ତି । ସେଥିପାଇଁ ସେ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ମାତ୍ର କଥାଟା ଫିଟାଇ କହିଥିଲେ ଅଧିକ ଭଲ ହୁଅନ୍ତା । ପରନ୍ତୁ ଯୋଗେନ୍ଦ୍ର ବାବୁ ଏକା ଗୃହାସ୍ୱ କରିବାର ଦେଖି ସାହେବ ମହୋଦୟ ଅଧିକାଂଶ ଜମିଦାର ସନ୍ତୁଷ୍ଟ ଥିବାର ଯାହା କହୁଅଛନ୍ତି ଏହା ବନ୍ଦୋବସ୍ତ କର୍ମଚାରୀଙ୍କର କଥାପରି ହୋଇଅଛି, ବିଚାରୀୟ ରାଜପ୍ରତିନିଧି କମିଶନର ସାହେବଙ୍କପ୍ରତି ଶୋଭନୀୟ ନୁହେ । ବିଶେଷତଃ ଦୁଃଖର କିଛି କାରଣ ଥିବାର ସେ ବୁଝିପାରି ତହିଁର ପ୍ରତିକାର ପକ୍ଷରେ ସଦାଶୟତା ଦେଖାଇବାସ୍ଥଳେ ଏ ଦୁଃଖ ଅଳ୍ପ ବା ଅନେକ ଜମିଦାରର ମନେକରିବା ନ୍ୟାୟସଙ୍ଗତ ହେଉନାହିଁ । ଯୋଗେନ୍ଦ୍ର ବାବୁଙ୍କପରି ଅନ୍ୟ କେହି ଜମିଦାର ସାହସୀ ନ ହେବାର ଅନେକ କାରଣ ଅଛି । ସାହେବ ମହୋଦୟଙ୍କର ଓଡ଼ିଶାର ବହୁଦର୍ଶିତା ଅଳ୍ପ ହେତୁ ତାହାଙ୍କର ଭ୍ରମଘଟିବାର ଅନୁମାନ ହୁଅଇ । ମାତ୍ର ଯେତେବେଳେ ସେ ସାଧାରଣ ହିତୈଷଣତା ଓ ବହୁଦର୍ଶିତାଦିଗୁଣରେ ବିଚାରୀୟ ଶାସନକର୍ତ୍ତାର ଭାର ପାଇଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟର ଆଦେଶ ଅଛି ଯେ ହାକିମମାନେ ଜନସାଧାରଣଙ୍କୁ ମିଳାମିଶା କରି ଓ ସହାନୁଭୂତି ଦେଖାଇ ସେମାନଙ୍କର ମନର ଭାବ ଗତି ବୁଝିବେ ଓ ଦୁଃଖମୋଚନର ଯତ୍ନ କରିବେ ସେତେବେଳେ ସେ ଇଚ୍ଛା କଲେ ନାନା ମତେ ଏହି ବନ୍ଦୋବସ୍ତ ସଙ୍କ୍ରାନ୍ତରେ ଜମିଦାର ଓ ରଇତର କଥା ଜାଣି ପାରନ୍ତି । ଅନେକ ଲୋକ ନ ଜଣାଇଲେ ବୋଲି ଜଣକଠାରୁ କୌଣସି ଦୁଃଖ ଶୁଣି ଟାଳିଦେବା ଭଲ ନୁହେ ।

—o*o—

### ସମ୍ରାଟ ଏଡ୍‌ୱାର୍ଡ ସ୍ମୃତି କମିଟି ।

ଏଡ୍‌ୱାର୍ଡ ସ୍ମୃତିରକ୍ଷା ସକାଶେ କଲିକତାରେ ପ୍ରାଦେଶିକ କମିଟି ବସି ବଙ୍ଗପ୍ରଦେଶର ସକଳ ଜିଲା ଓ ଗଡ଼ଜାତରେ ଚାନ୍ଦା ଆଦାୟ କରିବାକାରଣ ପ୍ରତ୍ୟେକ ଜିଲାରେ କମିଟି ଗଠିତ ହେଉଅଛି । ଏଠାରେ ଯେଉଁ କମିଟି ଗତମାସ ତା ୨୭ ରଖ ସାଧାରଣ ସଭାରେ ଗଠିତ ହୋଇଅଛି ତାହା ଗୋଟିଏ ଜିଲାକମିଟି ବୋଲାଯାଇ ପାରେ । ଏ ଜିଲାର ଲୋକଙ୍କଠାରୁ ଚାନ୍ଦା ଆଦାୟ କରିବା, ଆଦାୟ ଟଙ୍କାମଧ୍ୟରୁ କେତେଭାଗ ପ୍ରାଦେଶିକ କମିଟି ନିକଟକୁ ପଠାଯିବ ଏବଂ କେତେ ଏଠାରେ ରହିବ ପୁଣି ଯାହା ଏଠାରେ ରହିବ ତହିଁରେ କିପ୍ରକାର ସ୍ମୃତି ରକ୍ଷା ହେବ ତାହା ସ୍ଥିର କରିବା ଏହି କମିଟିର କାର୍ଯ୍ୟ ଅଟେ । ଆସନ୍ତା ସୋମବାର ସକାଳ ଘ ୮ ଘାବେଳେ କମିଶନରଙ୍କ କଚେରୀଘରେ ଏହି କମିଟିର ପ୍ରଥମ ଅଧିବେଶନ ହେବ ଓ ଶ୍ରୀଯୁକ୍ତ ଗାରେଟ ସାହେବ କମିଶନର ସଭାପତିର ଆସନ ଗ୍ରହଣ କରିବେ । କମିଟିର ସଭ୍ୟ ସଂଖ୍ୟା ପ୍ରାୟ ଏକଶତ । ଆଶା କରୁଁ ସମସ୍ତ ବା ଅଧିକାଂଶ ସଭ୍ୟ ଉପସ୍ଥିତ ହେବେ । ଯଥେଷ୍ଟ ଚାନ୍ଦା ଆଦାୟ ଯେମନ୍ତ ଗୁରୁତର ସ୍ମୃତିର ଆକାରନିର୍ଣ୍ଣୟ ତେମନ୍ତ ଗୁରୁତର ଅଟେ । ଚାନ୍ଦା ସଂଗ୍ରହ ସମ୍ପର୍କରେ ଦେଖୁଅଛୁଁ ଯେ ଗଡ଼ଜାତ ରାଜାମାନଙ୍କଠାରେ ବିଶେଷ ଆଶା ନାହିଁ । ସେମାନେ ପ୍ରାଦେଶିକ କମିଟିକୁ ଚାନ୍ଦା ପଠାଇବେ । ତାହା ହେଲେ କମିଟିର କ୍ଷେତ୍ର କେବଳ ଏ ଜିଲାର ମୋଗଲବନ୍ଦୀରେ ଆବଦ୍ଧ ରହିଲା । ଏଥିରେ ରଜା, ଜମିଦାର, ମହାଜନ, ବ୍ୟବସାୟୀ ପ୍ରଭୃତି ସଙ୍ଗତିପନ୍ନ ବ୍ୟକ୍ତିଙ୍କ ସଂଖ୍ୟା ଅଳ୍ପ ଏବଂ ଚାଷୀ, ମଜୁରି, ଭିକ୍ଷୁକ ଅଧିକ । ସମସ୍ତଙ୍କଠାରୁ ଅର୍ଥ ସଂଗ୍ରହର ସୁବ୍ୟବସ୍ଥା ହେଲେ ମଧ୍ୟ ଯେବେ କୋଡ଼ିଏ ହଜାର ଟଙ୍କା ଉଠିବ ତେବେ ବଡ଼ ସୁଖର ବିଷୟ ହେବ ଏବଂ ଏ ଜିଲାର ଟେକ ରହିବ । ସମ୍ରାଟପ୍ରତି ଉତ୍କଳବାସିର ରାଜଭକ୍ତି ଯେପରି ପ୍ରଗାଢ଼ କାର୍ଯ୍ୟରେ ତାହା ଦେଖାଇଲେ ଏଥିରୁ ଅଧିକ ଟଙ୍କା ଉଠିବା ବିଚିତ୍ର ନୁହେ ଫଳେ ୨୦ ହଜାର ଟଙ୍କା ଉଠିଲେ ତହିଁରୁ ଅଧିକ ନ ହେଉ ଅନ୍ତତଃ ଶତକଡ଼ା ୨୫ ବା ଚତୁର୍ଥାଂଶ କଲିକତା ପ୍ରାଦେଶିକ ସମିତିକୁ ପଠାଇବାକୁ ହେବ ଅବଶିଷ୍ଟ ଟଙ୍କାଦ୍ୱାରା ଏଠାରେ କେଉଁ କୀର୍ତ୍ତି ସ୍ଥାପନ ହେବ ତାହା ବିଚାର୍ଯ୍ୟ । ଅଭାବର ସୀମା ନାହିଁ । ଅନ୍ୟାନ୍ୟ ବିଷୟମଧ୍ୟରେ ଚିକିତ୍ସା ଏବଂ ଶିକ୍ଷାଦାନ ସ୍ୱର୍ଗୀୟ ସମ୍ରାଟଙ୍କର ଦୟାଳୁ ଅନ୍ତଃକରଣର ଅନୁରୂପ ବୋଲି ଭାରତର ସକଳ ପ୍ରଦେଶରେ ସ୍ୱୀକୃତ ହେବାର ଜଣାଯାଏ । ଏଠାରେ ଜେନେରଲ ହାସପାତାଲର ଗୋଟିଏ ଅତ୍ୟାବଶ୍ୟକୀୟ ପ୍ରୟୋଜନସାଧନରେ ସେହି ସ୍ମୃତିରକ୍ଷାର ପ୍ରସ୍ତାବ ହୋଇଥିଲା ଏବଂ ତଦପେକ୍ଷା ବହୁକାଳର ପ୍ରୟୋଜନୀୟ ପ୍ରସ୍ତାବ ପଡ଼ି ରହିଥିବାର ଯାହା କଥିତ ହୋଇଥିଲା ତହିଁମଧ୍ୟରେ ଏଠାରେ ଇଞ୍ଜିନୀୟରିଂ ସ୍କୁଲ ସ୍ଥାପନ ପ୍ରସ୍ତାବକୁ ସର୍ବପ୍ରଧାନ ବୋଲିବାକୁ ହେବ । ଏ ପ୍ରସ୍ତାବଟି ପ୍ରାୟ ଏକ ଯୁଗ ହେବ ଚିରସ୍ମରଣୀୟ ଅତୁଳ ଦୟାମୟୀ ଭିକ୍ଟୋରିୟା ସାମ୍ରାଜ୍ଞୀଙ୍କ ସ୍ମୃତିରକ୍ଷାର୍ଥ ହୋଇଥିଲା, ଏହି ସ୍କୁଲର ଅଭାବ ଓଡ଼ିଶାରେ ପ୍ରତିଦିନ ଅନୁଭବ ହେଉଅଛି ଏବଂ ସବଓଭରସିୟର ପ୍ରଭୃତି ଅନେକ ଲୋଡ଼ା ଥିବାସ୍ଥଳେ ଉତ୍କଳୀୟମାନେ ତହିଁରୁ ବଞ୍ଚିତ ଅଛନ୍ତି । ଏଥିପାଇଁ ଅନେକ ଟଙ୍କା ଦରକାର ମାତ୍ର ଚେଷ୍ଟା କଲେ ସମ୍ରାଟସ୍ମୃତି ଉପଲକ୍ଷରେ ତାହା ସଂଗ୍ରହ ହେବାର ଆଶା ହେଉଅଛି । ଯେବେ ନିତାନ୍ତ ତାହା ନ ହୁଏ ତେବେ ଜେନେରଲ ହସପାତାଲ ସମ୍ବନ୍ଧୀୟ ଅନ୍ତ ବ୍ୟୟର ସ୍ମୃତିରେ ଗତି ହେବା ଅନିବାର୍ଯ୍ୟ ।

ଇଞ୍ଜିନୀୟର

Split by PDF Splitter



ସ୍କୁଲ ସ୍ଥିର ହେଲେ ପୁରୀ ଓ ବାଲେଶ୍ୱର କମିଟିଗଣ ନିଜ ନିଜ ଜିଲ୍ଲାରେ ସାମାନ୍ୟ କିଛି କାର୍ଯ୍ୟ ନ କରି ଏଠା କମିଟିକୁ ସେମାନଙ୍କର ଉଠାଇବା ଟଙ୍କା ଦେବା ଯୁକ୍ତିସଙ୍ଗତ ବିଚାର କରିବେ କାରଣ ଏହି ସ୍କୁଲ ସମସ୍ତ ଓଡ଼ିଶାର ମଙ୍ଗଳ ସାଧକ କରିବ ।

=୦※୦=

## ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ।

ମୁଦ୍ରାରାକ୍ଷସ ।— ଶ୍ରୀ ମୃତ୍ୟୁଞ୍ଜୟ ରଥ ବାଣୀଭୂଷଣ କାବ୍ୟତୀର୍ଥଙ୍କ କର୍ତ୍ତୃକ ସଂସ୍କୃତରୁ ଭାଷାନ୍ତରିତ ହୋଇ ମୁକୁର ପ୍ରେସରେ ମୁଦ୍ରିତ । ମୃତ୍ୟୁଞ୍ଜୟ ରଥେ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଜଣେ ଲବ୍ଧପ୍ରତିଷ୍ଠ ଲେଖକ । ସଂସ୍କୃତ ଭାଷାରେ ତାଙ୍କର ବିଲକ୍ଷଣ ଜ୍ଞାନ ଅଛି । ମୁଦ୍ରାରାକ୍ଷସ ସଂସ୍କୃତ ଭାଷାରେ ଗୋଟିଏ ଉତ୍କୃଷ୍ଟ ନାଟକ । ଅନ୍ୟାନ୍ୟ ନାଟକ ପ୍ରାୟ ଏହାର ପତନ ନୁହେ । ତାହା ବିଜନଘର ଅରଣ୍ୟ ଏବଂ ସଂସାର ନୀରସ ହେଲା ପ୍ରାୟ ଏହା ଯେମନ୍ତ ନୀରସ ତେମନ୍ତ ପାଠକଙ୍କୁ ଅରଣ୍ୟରେ ଇତସ୍ତତଃ ବୁଲାଇ ବାଉଳା କରେ । ତେବେ ସଂସ୍କୃତ ଭାଷାର କଥା ସ୍ୱତନ୍ତ୍ର ଏବଂ ସେ ଭାଷାର ପରିପାଟି ଛନ୍ଦରେ ଏହା ଗ୍ରଥିତ ହୋଇ ସର୍ବଜନର ଆଦରଣୀୟ ହୋଇଅଛି । ଯେ କାଳରେ ସଂସ୍କୃତ ଭାଷାର ନାଟକମାନ ରଚିତ ହୋଇ ଥିଲା ସେ କାଳର ଲୋକଙ୍କର ରୁଚି ମଧ୍ୟ ସ୍ୱତନ୍ତ୍ର ଥିବାରୁ ଦୃଶ୍ୟାବଳୀର ପରିପାଟି ବା ସୌନ୍ଦର୍ଯ୍ୟପ୍ରତି ଅଦୌ ଲକ୍ଷ ନ ଥିଲା । ପରନ୍ତୁ ବର୍ତ୍ତମାନ କାଳର ଲୋକଙ୍କ ପିପାସା ତହିଁରେ ନିବୃତ୍ତ ହେବା କଠିନ । ଲେଖକ ସଂସ୍କୃତ ଭାଷାରୁ ସରଳ ଓଡ଼ିଆରେ ଭାଷାନ୍ତର କରିବାରେ ଯଥେଷ୍ଟ ପାଣ୍ଡିତ୍ୟ ଦେଖାଇ ଅଛନ୍ତି । ଯେଉଁମାନେ ସଂସ୍କୃତ ନ ଜାଣନ୍ତି ସେମାନେ କିପରି ଭାବରେ ନାଟକଟି ସଂସ୍କୃତରେ ଲେଖାଅଛି ତାହା ଅନୁଭବ ଏଥିରୁ ଦେଖି ପାରିବେ ମାତ୍ର ଏଥିରେ ନୂତନତ୍ୱ କିଛି ମାତ୍ର ନାହିଁ । ଆଧୁନିକ ରଙ୍ଗମଞ୍ଚ ଅଭିଜ୍ଞତା ଲଭି ଲୋକ ରୁଚିକର ଦୃଶ୍ୟାବଳୀରେ ନାଟକଟିର ପତନ କରି ଚିତ୍ତାକର୍ଷକ ବିଷୟମାନ ସଜାଇ ଯେଉଁଠାରେ କବିଙ୍କର ଭାବ ଗାମ୍ଭୀର୍ଯ୍ୟ ବିଶେଷ ପରିଦୃଶ୍ୟମାନ ସେହି ସ୍ଥାନ କବିଙ୍କ କଥାରେ ଲେଖା ଯାଇଥିଲେ ଯେମନ୍ତ ରୁଚିକର ତେମନ୍ତ ମନୋହର ହୋଇଥାନ୍ତା । ଲେଖକ ମଧ୍ୟ ଅମିତ୍ରାକ୍ଷର ଛନ୍ଦରେ ଭାଷାନ୍ତର କରିବାରେ ପ୍ରୟାସୀ ହୋଇ ନୀରସତାକୁ ବଢ଼ାଇ ଅଛନ୍ତି ଏବଂ ନାନାସ୍ଥାନରେ ଯତିଭଙ୍ଗ ଦୋଷ ବିଦ୍ୟମାନ ଅଛି । ଏଥିରେ ଗୀତ ନାହିଁ ବୋଇଲେ ହୁଏ [illegible] ଠାରେ ପୁଣି ତାଲ ବା ରାଗ ଲେଖା ନାହିଁ । ଏଣୁ ନାଟକଟି ଅଲଣା ଲାଗୁ ହୋଇଅଛି । ଯାହା ହେଉ ସାହିତ୍ୟସେବୀ ବ୍ୟକ୍ତିମାନଙ୍କଠାରେ ଯେ ଏହା ଆଦରଣୀୟ ନ ହେବ ଏମନ୍ତ ବୋଲି ଯାଇ ନ ପାରେ । ମୂଲ୍ୟ ଆଠଅଣା ।

ବୃତ୍ରବଧ ।— ଶ୍ରୀ ଜଗନ୍ନାଥ ପଣ୍ଡାଙ୍କ ପ୍ରଣୀତ ଏବଂ ପାଲଲହଡ଼ାଧିପତି ରାଜା ଶ୍ରୀ ମୁନିଭକୃଷ୍ଣ ଗଣେଶ୍ୱର ପାଲ ଦେବ ମହୋଦୟଙ୍କ ଆନୁକୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନି ଲିମିଟେଡ଼ଙ୍କ ଯନ୍ତ୍ରାଲୟରେ ମୁଦ୍ରିତ ହୋଇ ପ୍ରକାଶିତ । ଜଗନ୍ନାଥ ପଣ୍ଡାଏ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଅପରିଚିତ । ସେ ସ୍ୱୟଂ ଅଭିନେତା ଥିବାରୁ ତାଙ୍କର ରଙ୍ଗମଞ୍ଚର ଯଥେଷ୍ଟ ଅଭିଜ୍ଞତା ଅଛି ଏବଂ ଦୃଶ୍ୟାବଳୀର ପରିପାଟି ସହିତ ସଙ୍ଗୀତର ସମାବେଶ ନାଟକର ଜୀବନ ବୋଲି ତାଙ୍କ ଜଣା ଅଛି । ଏଣୁ ସମାଲୋଚିତ ନାଟକରେ ଉଭୟ ଯଥାଯୋଗ୍ୟ ସ୍ଥାନ ପାଇଥିବାର ଦେଖି ଅମ୍ଭେମାନେ ଆନନ୍ଦିତ ହେଉଅଛୁଁ । ସଙ୍ଗୀତ ଓ ରଙ୍ଗମଞ୍ଚର ଅଭିଜ୍ଞତା ବିନା ନାଟକ ଲେଖିବା ବୃଥା ବୋଲି ଅମ୍ଭେମାନେ ବାରମ୍ବାର କହି ଆସିଅଛୁଁ ଏବଂ ସେ ଦୁହେଁ ବିଦ୍ୟମାନ ଥିଲେ ନାଟକଟି କେମନ୍ତ ରୁଚିକର ହୋଇ ପାରେ ଏହି ନାଟକ ଦେଖିଲେ ପାଠକେ ଜାଣି ପାରିବେ । ପାଲଲହଡ଼ାର ରଙ୍ଗମଞ୍ଚରେ ଏହା ଅଭିନୀତ ହୋଇଥିବାର ପ୍ରଶଂସା ଲେଖି ଅଛନ୍ତି । ଅନେକ ସ୍ଥାନର ରାଜାମାନେ ଆପଣା ଆପଣା ରାଜଧାନୀରେ ରଙ୍ଗମଞ୍ଚ ସ୍ଥାପନ କରିଥିବାରୁ ଓଡ଼ିଆରେ ଭଲ ଭଲ ନାଟକମାନ ବାହାରିବାର ଆଶା ବଳବତୀ ହୋଇଥିଲା ଏବଂ ପଣ୍ଡାଙ୍କ ବୃତ୍ରବଧ ନାଟକ ସେ ଆଶା ଫଳାଇଅଛି । ଏ ନାଟକ ଖଣ୍ଡିକ ଯେ ଉତ୍କଳ ସାହିତ୍ୟ ମଧ୍ୟରେ ଗୋଟିଏ ଉଜ୍ଜ୍ୱଳ ରତ୍ନସ୍ୱରୂପ ପରିଗଣିତ ହେବ ଏଥିରେ ସନ୍ଦେହ ନାହିଁ । ଏଥିର ଭାଷା ଯେମନ୍ତ ପରିପାଟି ଓ ନାଟକର ଉପଯୋଗୀ ସ୍ଥାନେ ସ୍ଥାନେ ସଂଯୋଜିତ ଅମିତ୍ରାକ୍ଷର ଛନ୍ଦମାନ ମଧ୍ୟ ସେମନ୍ତ ସୁଲଳିତ ଓ ରସାତ୍ମକ ହୋଇଅଛି ।

ନରସିଂହପୁର ।— କଥା ନରସିଂହପୁରର ଶ୍ରୀମତୀ ରାଜମାତାଙ୍କ କର୍ତ୍ତୃକ ବିରଚିତ ଏବଂ ସେଠାରାଜାଙ୍କ ଦ୍ୱାରା କଟକର ଓଡ଼ିଶା ପେଟ୍ରିୟଟ ପ୍ରେସରେ ମୁଦ୍ରିତ ହୋଇ ବିନାମୂଲ୍ୟେ ବିତରିତ । ଏଥିରେ ପଦ୍ୟାକାରରେ ନରସିଂହପୁରର ପୂର୍ବ କାହାଣିଠାରୁ କ୍ରମାଗତ ରାଜାମାନଙ୍କର ଇତିହାସ ଦିଆଯାଇଅଛି । ପୁସ୍ତକ ଉପରେ "ପଦ୍ୟାନୁବାଦ" କାହିଁକି ଲେଖାଅଛି ବୁଝି ପାରିଲୁଁ ନାହିଁ କିମ୍ବା କେଉଁ ପୁସ୍ତକରୁ ଏହା ଅନୁବାଦିତ ତାହା ମଧ୍ୟ ଲେଖା ନାହିଁ । ପୁସ୍ତକ ଖଣ୍ଡିକ ପାଠ କଲେ କୋମଳ ପ୍ରାଣା ପ୍ରାଚୀନ ମହିଳାଙ୍କ ଲେଖା ବୋଲି ସହଜରେ ଜଣା ପଡ଼େ ଏବଂ ପୁତ୍ର ଓ ପୁତ୍ରବଧୂଙ୍କ ପ୍ରତି ସ୍ନେହପ୍ରାଣତା ନିଦର୍ଶନ ବୋଲି ସହଜରେ ଧରାପଡ଼ୁଅଛି ଏମନ୍ତସ୍ଥଳେ ଅନୁବାଦ କଥାଟି ଭ୍ରମ ବୋଲି ଜଣାଯାଏ । ଯାହାହେଉ ପୁସ୍ତକ ଖଣ୍ଡିକ ପଢ଼ି ଅମ୍ଭମାନଙ୍କର ସନ୍ତୋଷ ଜନ୍ମିଅଛି ଏବଂ ନରସିଂହପୁରର ବିଷୟ ଜାଣିବାକୁ ଇଚ୍ଛୁକ ଥିବା ଲୋକେ ଏଥିରୁ ଅନେକ କଥା ଜାଣି ପାରିବେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ୍ ।

କଟକର ଡେ: ମା: ଓ ଡେ: କଲେକ୍ଟର ବାବୁ ମନ୍ମଥନାଥ ମୁଖର୍ଜ୍ଜୀ [illegible] ହାବଡ଼ା ଜିଲ୍ଲା ଉଲୁବେଡ଼ିଆ ସବ ଡିଭିଜନର ଭାର ପାଇଲେ ।

ରେଭେନ୍ସା କଲେଜିଏଟ୍ ସ୍କୁଲର ସହକାରୀ ଶିକ୍ଷକ ଓ ରେଭେନ୍ସା କଲେଜର ଲେକ୍ଚରର ବାବୁ ଶ୍ୟାମାଚରଣ ମୁଖର୍ଜ୍ଜୀ ଅନ୍ୟ ଆଦେଶପର୍ଯ୍ୟନ୍ତ ପାଟଣା କଲେଜର ଲେକ୍ଚରର ହେଲେ ।

ସମ୍ବଲପୁରର ଅଫିସିଏଟିଂ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ମେ, ଇ, ଏ, ଅର ହୋମେଜ ସାହେବ ମା ୨ । ୩ ଦିନ ଛୁଟି ପାଇଲେ ।

ବାବୁ ଅଭୟକୃଷ୍ଣ ଦେବ ଡ, ଏ, ମାସିକ ଟ ୫୦ ବେତନରେ ବାଲେଶ୍ୱରଜିଲ୍ଲା ସ୍କୁଲର ସହକାରୀ ହେଡ଼ମାଷ୍ଟର ହେଲେ ।

ସନ ୧୯୧୦ ଫେବ୍ରୁଆରୀ ମାସରେ ସବ୍ ଓଭରସିୟର-ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଛାତ୍ରମାନେ ଉପାଧି ଓ ପୁରସ୍କାର ପାଇଅଛନ୍ତି । ଯଥା:—

ନାମ

ମଧୁସୂଦନ ମହାପାତ୍ର ନିମାପଡ଼ା, ବାଳକୃଷ୍ଣ ନନ୍ଦ ଢେଙ୍କାନାଳ, ସଦାଶିବ ମହାପାତ୍ର ମୟୂରଭଞ୍ଜ, ଗଙ୍ଗାଧର ମହାପାତ୍ର ବାଲେଶ୍ୱର, ଜଗନ୍ନାଥ ହୋତା ପୁରୀ, କାବ୍ୟତୀର୍ଥ ଓ ଦାମୋଦର ମିଶ୍ର ପୁରୀ ସ୍ମୃତିତୀର୍ଥ

ଏମାନଙ୍କ ମଧ୍ୟରୁ ଜଗନ୍ନାଥ ହୋତାର ଶିକ୍ଷକ ପଣ୍ଡିତ ରଘୁନାଥ ମହାପାତ୍ର ସରକାରୀ ପୁରସ୍କାର ଟ ୫୦ ପାଇଅଛନ୍ତି ।

ଓଡ଼ିଶାରୁ ନିମ୍ନଲିଖିତ ଛାତ୍ରମାନେ ସନ ୧୯୧୦ ସାଲ ମାସରେ ଧାର୍ଯ୍ୟ ହୋଇଥିବା ଆଇନ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

| | |
|---|---|
| ସଦାନନ୍ଦ ଦାସ | ଲକ୍ଷ୍ମୀଧର ମହାନ୍ତି |
| ନୀଳକଣ୍ଠ ଦାସ | ଦୟାଧର ମହାପାତ୍ର |

ଗତ ତା ୫ ରଖରେ ଶେଷହେବା ସପ୍ତାହରେ ମଲଲଭବର ହାର କଟକ ସେ ୧୦୭, ବାଲେଶ୍ୱର ସେ ୧୩୩, ଅନୁଗୁଳ ସେ ୧୪୩, ପୁରୀ ସେ ୧୧୭/ ଓ ସମ୍ବଲପୁର ସେ ୧୪ ର ଏବଂ ଗଡ଼ଜାତମଧ୍ୟରେ ସର୍ବୋଚ୍ଚ ବାମଣ୍ଡା ସେ ୨୨ ର ଓ ସର୍ବ ନିମ୍ନ [illegible] ସେ ୧୧ ର

ସେହି ସପ୍ତାହରେ ବୃଷ୍ଟିର ପରିମାଣ ଯଥା—କଟକ ୧,୭୭, ବାଲେଶ୍ୱର ୦.୮୧, ଅନୁଗୁଳ ୦.୧୯ ପୁରୀ ୦.୬୦ ଓ ସମ୍ବଲପୁର ୦,୨୫ ଇଞ୍ଚ ଓ ଗଡ଼ଜାତମଧ୍ୟରେ ସର୍ବୋଚ୍ଚ ବଡ଼ମ୍ବା ୫.୭୮ ଓ ସର୍ବ ନିମ୍ନ ବୌଦ ୦.୩୨ ଇଞ୍ଚ ।

---

Digitized by srujanika@gmail.com

Split by PDF Splitter



## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଗତ ରବିବାର ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓ ତହିଁ ମଧ୍ୟରେ ୧.୨୦ଇ ବର୍ଷା ହୋଇଥିଲା । ଜଳ ସାମାନ୍ୟ ବଢ଼ିଅଛି ।

ଏ ନଗରରେ ଜ୍ୱର ଓ ଅମାଶୟ ପ୍ରଭୃତି ରୋଗର ପ୍ରାଦୁର୍ଭାବ ହେଉଅଛି ।

ଏ ସପ୍ତାହର ଶେଷ ଭାଗେ ଉତ୍ତାପଟେ ହୋଇଥିବାରୁ ପୂର୍ବ ସପ୍ତାହର ଶୀତ ଜଳରେ ପଡ଼ିଥିବା ଯେଉଁ ଘଟନା ହୋଇଥିଲା ସେ ସମସ୍ତ ଦୂର ହୋଇଅଛି ।

ଶ୍ରୀଯୁକ୍ତ କମିଶନର ସାହେବ ସମ୍ବଲପୁର ଓ ବାଲେଶ୍ୱର ପରିଦର୍ଶନ କରି ଗତ ବୁଧବାର ଏ ନଗରକୁ ଫେରି ଆସିଅଛନ୍ତି ।

ଶ୍ରୀଯୁକ୍ତ ଜଜସାହେବ ବଢ଼ିବ ବିଷୟ ସମ୍ବାଦ ପଡ଼ି ଚେତିବାକୁ ବାଧ୍ୟ ହୋଇଅଛନ୍ତି ।

ଗତ ବୁଧବାର ଗଣେଶଚତୁର୍ଥୀ ଉପଲକ୍ଷରେ ଗଣେଶ ପ୍ରତିମା ଅନେକ ଘରେ ପୂଜା ହୋଇଥିଲା । ନଗରର ଅନେକ ସ୍ଥାନରେ ପୂଜା ହୋଇଥିଲା । ସେଠାରେ ବାଲକ ଆଦି ଭକ୍ତମାନେ ଉତ୍ସବ କରିବା ହେତୁ ବଡ଼ ଆନନ୍ଦ ହୋଇଥିଲା ।

ଏଠାରେ ଗୋଟିଏ ନୂତନ ନାଟ୍ୟ ସମ୍ପ୍ରଦାୟରେ ବଡ଼ ଧୂମ ସହିତ ନାଟକ ଅଭିନୟ ହେଉଅଛି । ଗତ ଶନିବାର ରାତ୍ରିରେ ଅଭିନୟ ହେବାର କଥା ଥିଲା ମାତ୍ର ବର୍ଷା ହେତୁ ତାହା ବନ୍ଦ ରହିଥିଲା ।

ଶାହାଜାଦା ରୂପ ବଜାରଠାରେ ଗୋଟିଏ ଚଳନ୍ତି ଗ୍ରେସ ଖୋଲାଯାଇଅଛି । ଏଥିରେ ଗତ ସୋମବାର ଠାରୁ ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇ ମାସ ୨ ର ବିକ୍ରୀ ପତ୍ର ଛପା ଯାଉଅଛି ।

ଏଠାରେ ଲୁଣ ଦାମ ବଢ଼ିବାର ଖବର ପାଇ ଗତ ମଙ୍ଗଳବାର ହାଟରେ ଲୁଣ ଦର ଟଙ୍କା ପ୍ରତି ୫ ।୯୨ ଖା ଲୁଣ ଉଠି ଯାଇଅଛି ।

ଗତ ବୁଧବାର ରାତ୍ରରେ ଚଉଧୁରୀବଜାର ବୃଦ୍ଧ ସାହୁ ଠାକୁର ଗାଈ ଭଙ୍ଗି ହେଉଁ କୁକୁର ଗୋଟିଏ ସହିତ ଆଳୀ ଗୋ ୫ ଟା ଟଙ୍କା ୫ ୪୦୮ ଓ ଗୋ ୧ ଟା ମୂଲ୍ୟବାନ ଚୋରି ହୋଇଅଛି ।

ଏଠା ଦକ୍ଷିଣ ଭାରତର ଶ୍ରୀ ରଘୁନାଥ ଦାସଙ୍କ ଜଣେ ବ୍ରାହ୍ମଣ ପୁତ୍ରର ବିବାହ ହେତୁ ଘରଦ୍ୱାର ମାନ ହୋଇଥିବା ଏକ ଲମ୍ବା ଶ୍ରଦ୍ଧା ଘରେ ଜଣେ ଲୋକ ଚୋରି ଅପରାଧ କରିଥିବା ସନ୍ଦେହରେ ପୁଲିସ ଅନୁସନ୍ଧାନ ହେଉଥିବାରୁ ଜଣେ ପଣ୍ଡିତଙ୍କ ନେଇଅଛନ୍ତି । ବିଚାର ପରେ ଏ ସମସ୍ତର ପତ୍ର ଜଣାଯିବ ।

ଗତ ସୋମବାର ଜଗନ୍ନାଥ ଅଖିଳ ସାହି ଘ ୧୧ ଘଟିକା ସମୟରେ ଟ୍ରେନରୁ ଜଣେ ଲୋକ ଖସିଯାଇ ଓ ଜଣେ ମୁଣ୍ଡରେ ଆଘାତ ପାଇ ମରିଯାଇଥିବା ଖବର ପୁଲିସ ଅଫିସରଙ୍କ ନିକଟରେ ଜଣେ ପହଞ୍ଚାଇ ଦେଇଅଛନ୍ତି ।

ପ୍ରଥମ ଏକବାର ଜଣେ ଡେପୁଟି କଲେକ୍ଟର ସାହେବ ଘୋଡ଼ା ଗାଡ଼ିରେ ଯାଉଥିବା ବେଳେ ଗାଡ଼ି ବାହାର ହୋଇ ସ୍ଥାନରୁ ଅନେକ ଦୂର ଯାଇ ମାଟିରେ ଓ ଆଉ ଏକ ବ୍ୟକ୍ତି ଆଘାତ ପାଇ ମୂଳ ନ ହେବାରେ ନାନା ଯାତନା ଭୋଗିଥିଲେ । ଡେପୁଟି ସାହେବ ଅଥବା ମିଉନିସିପାଲ କମିଶନମାନ ନିକଟରେ ଉପାୟ ଚଳାଇବା ଉଚିତ ।

ଅମ୍ଭେମାନେ ଆନନ୍ଦପୂର୍ବକ ପ୍ରକାଶ କରୁଅଛୁ ଯେ ସାହେବଙ୍କ ନିକଟ ସମ୍ପ୍ରଦାୟର ନୂତନ ହାସପାତାଲ ଗୃହ ଏବଂ ଡେପୁଟି ମଧ୍ୟରେ କୋଠରୀ ମରାମତି କରିବା ପାଇଁ ସରକାରଙ୍କ ପ୍ରଥମେ ଟ ୧୦୦୦ ଖା ପରେ ପୁଣି ଟ ୨୦୦୦ ଖା ଏବଂ ଟ ୩୦୦୦ ଖା ଦାନ କରିଅଛନ୍ତି । ଏହିପରି ସୁଦାନଶୀଳ ମହନ୍ତ ମହାତ୍ମା ସାଧାରଣ ହିତକାର୍ଯ୍ୟ ପରମ ଉତ୍ସାହ ଓ ଉଦାରତା ଦେଖାଇ ଅଛନ୍ତି । ଏହା ଅନୁକରଣୀୟ ଅଟେ ।

## ନ ଲ ମୀ ଇ ସ୍ତା ହା ର ।

ଜିଲ୍ଲା କଟକ । ମୁ । କେନ୍ଦ୍ରାପଡ଼ା ମୁନସଫି ଅଦାଲତ
ନ ୧୧୬୯ ମର ଡିକ୍ରୀଜାରୀ । ବା ।
ସନ ୧୯୧୦ ମସିହା

୧ ଷେଶମୋହନ ପୃଷ୍ଟି ବାଳଗ ୨ ଅନ୍ତର୍ଯ୍ୟାମୀ ପୃଷ୍ଟି ୩ ଚକ୍ରଧର ପୃଷ୍ଟି ୪ ଶ୍ରୀଧର ପୃଷ୍ଟି ୫ ଗଦାଧର ପୃଷ୍ଟି ନାବାଳଗମାନଙ୍କର ଗାର୍ଜିନ ଷେଶମୋହନ ପୃଷ୍ଟି । ସା । ଇଛାପୁର । ପ୍ର । ହାଏମା
ଡିକ୍ରୀଦାର

( ବନାମ )

୧ ରତ୍ନାକର ନାୟକ । ସା । ଉଗ୍ରସ ୨ ସଦେଇ ମଙ୍ଗରାଜ । ସା । ଗୁଆଗାଁ । ଇ । ଛମୁକା । ତା । କନକା　　ଦେଣଦାର

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୨୯୬।୶୨ ଅଦାୟ ନିମନ୍ତେ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ସେପ୍ଟମ୍ବର ମାସ ତା ୧୫ ଋଖେ ଦିବା ଘ ୧୨ ଘଟା ସମୟେ କେନ୍ଦ୍ରାପଡ଼ା ମୁନସଫି ଅଦାଲତଠାରେ ନିଲାମ କରାଯିବ ।

ତପସିଲ ସମ୍ପତ୍ତି

୧ କଟକଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ୍‌ରେଜିଷ୍ଟାରି ଓ ଅଳ ପୁଲିଶଷ୍ଟେସନ ଇଲାକାର । ତା । କନକା । ଇ । ଛମୁକା । ମୌ । ଉଗ୍ରସ ରହବାରେଥିବା ନ ୧ ମ୍ବର ପ୍ରତିବାଦୀର ପିତା ରାଧାଶ୍ୟାମ ନାୟକ ନାମର ବନୋବସ୍ତି ଅଗ୍ରଜ ଜଳ ଓ ଜଳା ଏ ୪—୭୨—୩ ଡିଉ ଜମିର ଜମା ଟ ୭ । ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୭୦୯ ଅଟେ ।

୨ କଟକଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ୍‌ରେଜିଷ୍ଟାର ଓ ଅଳ ପୁଲିଶ ଷ୍ଟେସନ ଇଲାକାର । ତା । କନକା । ଇ । ଛମୁକା । ମୌ । ସିଅଳଅ ରହବାରେଥିବା ନ ୧ ମ୍ବର ପ୍ରତିବାଦୀର ପିତା ନାମର ବନୋବସ୍ତି ଅଗ୍ରଜ ଜଳ ଓ ଜଳା ଏ ୦—୩୫ ଜମିର ଜମା ଟ ୧ ୯ଖା ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୫ ୯ଖା ଅଟେ ।

———

କଟକ ପ୍ରଥମ ମୁନସଫଙ୍କ ଅଦାଲତ
ନ ୭୦୪ ମର ଜାରୀ ସନ ୧୯୧୦ ମସିହା

ନାରାୟଣଚନ୍ଦ୍ର ସେନ । ସା । ବାଲୁବଜାର ସହର କଟକ　　ଡିକ୍ରୀଦାର

( ବ )

ଅଲ୍ଲତ ବେହେରା । ସା । ସାଲନ୍ଦପୋଖ । ପ୍ର । କୋହାଖଣ୍ଡ　　ଦେଣଦାର

ଡିକ୍ରୀଦାରର କଲଡିଗ୍ରୀ । ବା । ଟ ୭୬୪। ପାଉଣା ସକାଶେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ସିପ୍ତମ୍ବର ମାସ ତା ୧୫ ଋଖରେ ନିଲାମ ହେବ ।

## ତପସିଲ ସମ୍ପତ୍ତି ।

କଟକଜିଲ୍ଲା ଅନ୍ତର୍ଗତ ପୁଲିସ ଷ୍ଟେସନ ସଦର ଓ ସବରେଜିଷ୍ଟାର । ମୁ । କଟକ ଇଲାକାଧୀନ । ପ୍ର । କୋହାଖଣ୍ଡ ନ ୧୯୪ ମ୍ବର ତଉଜିରକ୍ତ । ତା । କନିକା ଖା । ମୌ । ସାଲନ୍ଦପୋଖ ରହବାରେ ଥିବା ଖାରିଜିତିବାନ୍ ଏ ୪—୦ ରୁ ଜମା ଟ ୧୫।୩ ପାହି ଉକ୍ତ ଜମି ଓ ତହିଁରି ଜାହି ଉପରସ୍ଥ ମଧ୍ୟେ ଦରଖତ ଉତ୍ପାଦ ସହିତ ଓ ଯାବତ ସ୍ୱତ୍ୱାଦି ସହିତ ଉକ୍ତ ସମ୍ପତ୍ତିରେ ପ୍ରତିବାଦୀ ସ୍ଥିତିବାନ୍ ପ୍ରଜାସ୍ୱତ୍ୱ ଦଖଲକାର ଅଛି ତାହା ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୪୦୯ ଖା

—0✻0—

ନ ୧୦୧୮ ମ୍ବର ପରେନର୍ଜ
ସନ ୧୯୦୯ ମସିହା ।

କଟକ । ମୁ । ପ୍ରଥମ ମୁନସଫି ଅଦାଲତରେ
ଦାମ ଦେବତା　　ବାଦୀ ଡିକ୍ରୀଦାର

( ବନାମ )

ମାଗେଇ ଲେଙ୍କା　　ପ୍ରତିବାଦୀ ଦେଣଦାର

ଉପର ଲିଖିତ ନମ୍ବର ମୋକଦ୍ଦମାରେ ନଗ ଡିକ୍ରୀ ଓଗେର ଟଙ୍କା ପ୍ରତିବାଦୀ ବାଦିଙ୍କୁ ଅଦାୟ କରି ନ ଥିବାରୁ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ସେପ୍ଟେମ୍ବର ମାସ ତା ୧୫ ଋଖେ ନିଲାମ ହେବ ।

ତପସିଲ ସମ୍ପତ୍ତି ।

୧ । ଜି । କଟକ ଥାନା ଓ ସବରେଜିଷ୍ଟ୍ରି ଜଗତ୍‌ସିଂହପୁର । ପ୍ର । ସାଇଲୋ ନ ୨୦୨୫ମ୍ବର । ତ । ଖା । ଗୋପାଳପୁର । ମୌ । ବଡ଼ବୁଡ଼ି ରହବାରେ ଥିବା ସ୍ଥିତିବାନ୍ ପାହି ନ ୪/୨ ମ୍ବର । ସି । ବା । ଏ୦—୫୫ରୁ ଜମା ଟ ୧।୶୧ ଅଟେ ତାହା ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୧୦୯ ଖା ହେବ ।

୨ । ପ୍ର । ସାଇଲୋ ନ ୨୧୬୬ ମ୍ବର । ତ । ଉକ୍ତ । ଖା । ସୁନ୍ଦରଗାଁ । ମୌ । ସାଳସ୍ତେହଲରେ ଥିବା ପାହି ନ ୫୬/୨ ମ୍ବର । ସି । ବା । ଏ୦-୭୨ ଡି ଜମିରୁ ଜମା ଟ ୧।୶୨ ପାହି ଅଟେ ନିଲାମ ହେବ । ତହିଁର ଅନୁମାନିକ ମୂଲ୍ୟ ଟ ୧୨୯ ଖା ଅଟେ ।

୩ । ପ୍ର । ସାଇଲୋ ନ ୨୧୬୯, ୨୧୭୧, ୨୧୬୮ ମ୍ବର ତଉଜିମାନଙ୍କ ଯୁକ୍ତ । ଖା । ସୁନ୍ଦରଗାଁ । ମୌ । ଗ୍ରୋହଳ ରହବାରେ ଥିବା ନ ୫୭/୧ ମ୍ବର ସିକ୍ରଲ ପାହି ଏ ୧—୦୬ ଉପେମିଲ ଜମିରୁ ଜମା ଟ ୧୪।୯ ପାହି ମଧ୍ୟରୁ ପ୍ରତିବାଦୀର । ତ । ଟ ୦ ୧୶୮ ପାହିରୁ ଏ୦—୭୦୪ରୁ ଜମା ଟ ୧/୦ ପାହି ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୧୯ ଖା ଅଟେ ।

Digitized by srujanika@gmail.com

## ପୁରୀ ସମ୍ବାଦ ।

ସବଯୋହା ଉପଭା ବାଉଗଡା ଗ୍ରାମର ଉଦ୍ଧବର ବ ୧୮ ବର୍ଷ ବୟସ ବନ୍ଧୁଦ୍ୱାରା ଯେଉଁ ଗ୍ରାମବାସୀ ବର୍ତ୍ତମାନ ଦୁଷ୍କାର ସଙ୍ଗୀତ ତା ୧୧ ଦଶ ଘଡିରେ ତାଳଗଛରୁ ପେଡ଼ ତୋଳ ଅର୍ଦ୍ଧ ସନ୍ଧ୍ୟାରେ ତାହାର ପୁତ୍ର ଜଣେ ଅଳଙ୍କାର ନେଇଥିବାରୁ ଉକ୍ତ ଯାତ୍ରାର ସୁଯୋଗ ସେହି ଘର ସମ୍ପ୍ରଦାୟର ବାବୁ ସବ୍ଡିଭିଜନ ମହାନ୍ତି ତହିଁ ସେଠାରେ ସହିତ ଅନ୍ୟାନ୍ୟ ଓ ସାହାଯ୍ୟକାରୀ ଜଣେ କନିଷ୍ଟବଲ ଯେବେ ଶ୍ରୀଯୁକ୍ତ ଡେପୁଟି ମାଜିଷ୍ଟ୍ରେଟ ବାବୁ ତୌକିଦାର ଭାରପ୍ରାପ୍ତ ହୋଇଅଛନ୍ତି ।

ମାଜିଷ୍ଟ୍ରେଟ ଜଜ ସାହେବ ବାହାଦୁର ଗତ ଦିନ ଯୋଗ୍ୟତାକୁ ସ୍ୱୟଂ ଚୌକି ବସାଇ ଦେଉଅଛନ୍ତି ।

ଚେର ଦେବସ୍ଥାନ ରୂପେ ଶ୍ରୀ ଜଗନ୍ନାଥଙ୍କର ସମସ୍ତ ବୃତ୍ତ ଦଳାର କାଳସାହା ଦେଇଥିଲେ । ଗତ ବର୍ଷ ବୁଧବାର ବଂଶବନ୍ଧ ହୋଇ ଯାତ୍ରୀ ଦେଖ ହୋଇଅଛି ।

କଣ୍ଟକ ଓ ଚାଷଶସ୍ୟ ପରେ ବର୍ତ୍ତମାନ ବର୍ଷା ହେଉଅଛି ସ୍ୱାସ୍ଥ୍ୟର ସାମାନ୍ୟ ପରିବର୍ତ୍ତନ ହୋଇଅଛି । ମାଛ ଦର ସସ୍ତା ହେଉନାହିଁ ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଗତ ସପ୍ତାହରେ ରବିବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି ସବଡିଭିଜନରେ ଯଥେଷ୍ଟ ବୃଷ୍ଟିପାତ ହୋଇ ଯାଇଅଛି । ବିଲସବୁ ପୂର୍ଣ୍ଣ ହୋଇ ଅଧିକନ୍ତୁ ଏ ଲଗାଣ ବର୍ଷା ହେବାରୁ କୃଷିକାର୍ଯ୍ୟର ଉପକାର ହୋଇଅଛି । ଲୁଥବେହୁଡ଼ା ପର୍ଯ୍ୟନ୍ତ ଯେଉଁ ରୋଇବାକୁ ବାକି ଥିଲା ତାହା ଏହି ସପ୍ତାହ ଭିତରେ ଶେଷ ହେବ ।

[illegible] ନିରନ୍ତର ବର୍ଷା ହେଉଥିବାରୁ ଯେଉଁସବୁ ଉଚ୍ଚ ଜମିରେ ଚାଷ ହେବା ଉଚିତ ଥିଲା ତାହା ଏ ବର୍ଷ ଏବେ ପର୍ଯ୍ୟନ୍ତ ହୋଇ ନାହିଁ । ମାତ୍ର ପାଟଜମିରେ ଯେ ଲାଭ ହେଉଅଛି ତାହା ସବୁ ପୂରଣ ହେବାର କଥା ଧାନ ଗଛର ଗଣ୍ଡି ବଢ଼ୁଅଛି । ଅଶ୍ୱିନ କାର୍ତ୍ତିକ ମାସରେ ଧାନ ଗଛରେ ଗଣ୍ଡି ବନ୍ଧିବ ତହିଁରେ ଯଦି ଝାଉଁଳ ରୋଗ ଲାଗିବ ଗଛରେ ପଶିବ ନାହିଁ ।

ଗତ ସପ୍ତାହ ପର୍ଯ୍ୟନ୍ତ ସହରରେ ବାଯୁ ଓ ତହିଁ ଚତୁଃସୀମାବର୍ତ୍ତୀ ଗ୍ରାମମାନଙ୍କରେ ଓଲାଉଠା ରୋଗ ଦୂର ହୋଇଅଛି ମାତ୍ର ଗାଁରେ ଜରି ଡାଣା ଓ ଜ୍ୱରରୋଗ ଦେଖାଦେଉଅଛି ।

ଗତ ସପ୍ତାହରେ ମାହାକାଳପଡ଼ା ଥାନାର କନଷ୍ଟବଲ ଗଡ଼ୁର ସବ ଇନସ୍ପେକ୍ଟର ପ୍ରକାଶ ଚନ୍ଦ୍ରଶେଖର କୁମାର ମଠ ଅଳବା ସବଡ଼ିଭିଜନ ଦେଖିବାକୁ ଆସିଥିଲେ । ମାସରେ ଦେଖାଗଲା ଦ୍ୱାରିକା ନାମରେ ଅଠଗଡ଼ର ଲୋକ ଏକ ଚୋରି କରିବା ବିଷୟରେ ଧରାଯାଇ କେତେକ ମାଲ ବାହାରିଅଛି । ଏ ସବଡିଭିଜନର ଉଲ୍ଲେଖ ଯୋଗ୍ୟ ନଗ ମାନ ଏବେ ଦେଢ଼ ୨ ହାତିରେ ପୂର୍ଣ୍ଣ ଏବଂ ଏମାନଙ୍କଦ୍ୱାରା ସ୍ଥାନେ ସ୍ଥାନେ ବହୁ ଗୋମହିଷାଦି ଓ ମନୁଷ୍ୟ ନଷ୍ଟ ହେଉଅଛନ୍ତି । ଏ ମାସ ସନ୍ତୁଷ୍ଟ ରାଜା ଭୁବନେଶ୍ୱର ପଣ୍ଡିତ କେନ୍ଦ୍ରାପଡ଼ା ହୀରକଜୁବଲି ସାଧାରଣ ପୁସ୍ତକାଳୟ Kendrapara Diamond Jubilee Public Library ) ର ସଦାଚାରମାନଙ୍କର ସଭାରେ ସଭାପତି ହୋଇ ଏକ ବକ୍ତୃତା ଦେଇଥିଲେ ।

---

## ନିଲାମ ଇସ୍ତାହାର ।

ନଂ ୬୬୬ ନମ୍ବର ଡିକ୍ରିଜାରୀ ।

ସନ ୧୯୧୦ ମସିହା ।

କଟକ । ମୁ । ଦ୍ୱିତୀୟ ମୁନସଫି ଅଦାଲତ ।

ପାଣ୍ଡୁ ଦାସ । ସା । ମଧ୍ୟଶାସନ ମହାଜନସାହି । ପ୍ର । ହରିହରପୁର ଦାବୀ ଡି:

ବନାମ ।

ଗଣେଶ୍ୱର ମହାନ୍ତି ବୃନ୍ଦାବନ ମହାନ୍ତି । ସା । କୁଆଁଗାଁ । ପ୍ର । ହରିହରପୁର ଦେ:

ବାଦୀଙ୍କର ପାଉଣା ଜରଡକ୍ରୀ ଓଗେର ଟ ୧୦୭୪୩॥/୮ ଅଦାୟ ନିମନ୍ତେ ନିମ୍ନଲିଖିତ ପ୍ରତିବାଦୀମାନଙ୍କର ସମ୍ପତ୍ତିମାନ ସନ ୧୯୧୦ ମସିହା ସେପ୍ଟେମ୍ବର ମାସ ତା ୧୭ ଋଖେ ନିଲାମ ହେବ ।

ଥାନା ଜଗତସିଂହପୁର । ପ୍ର । ହରିହରପୁର । ମୌ । ଉତ୍ତରଶାସନ ମହାଜନସାହିରେ ଥିବ ଶରଦା ଜମାବନ୍ଦୀ ଏ ୦—୬୦୫ ଜମା ଟ ୦।/୪ ଓ ଥଳ ମିଶ୍ରା ଏ ୧—୧୩୯୫ ଜମା ଟ ୩୧ ୪୫ ଓ ପତିତ ଏ ୦—୬୫୭ ଜମା ଟ ୦୫୵ ଓ ମୌ: କୁଆଁଗାଁ ଖା: ଦା: ସାହାବାଦ ଲ: ବାହେଲ ଏ୦—୬୪୮ ଓ । ମୌ । ମଧ୍ୟଶାସନ ଉତ୍ତରବାରେ ଥିବା ପାହି ଏ ୦—୬୮୦ ଜମା ଟ ୧୧୬ ଓ । ମୌ । କୁଆଁଗାଁ କଟି ବାୟାପ୍ରି ଏ ୦—୫୪୭ଲୁ ଜମା ଟ ୦୩୵ ଥାଳ ଏ ୧—୩୩୫୩ଲୁ ଜମା ଟ ୬୩/୪୩ ଓ ଥାଳ ଏ ୦—୭୯୯୩ ଜମା ଟ ୧୩/୧୦୩ ଓ ପାହି ଏ ୦—୩୮୭ ଜମା ଟ ୧୵୩ ପାଡ଼ି ଏ ୧—୭୬ଲୁ ଜମା ଟ ୩।୵ ଖା: ଦା: ଲିଙ୍ଗଥପଡ଼ା ଥାଳ ଏ ୦—୮୯ଲୁ ଜମା ଟ ୦।୵୩ କୁଆଁଗାଁ ଖା: ଦା: ଶାଳିକଙ୍କ ସ୍ତ୍ରିଭିକାନ୍ ପାହି ଏ ୦—୩୯୬ଲୁ ଜମା ଟ ୧।୭ ଓ । ମୌ । ହଳଦିଆପଡ଼ା ଖା: ଦା: କୁଆଁଗାଁରେ ଥିବା ଥଳ ଏ ୦—୮୯ଲୁ ଜମା ଟ ୦।୵୯ ଓ । ମୌ । ମଧ୍ୟଶାସନ ଖା: ଦା: କୁଆଁଗାଁରେ ଥିବା କାମିଲ ବାୟାପ୍ରି ଏ ୦—୧୧୫ ଡି: ଲୁ ଜମା ଟ୦।୵ । ମୌ । ଖଟୁଆବାଟୀ ଶରଦା ଜମାବନ୍ଦୀ ଏ୧—୪୭୫ ଜମା ଟ୬। ବାୟାପ୍ରି ଏ୦ ୧୭୧୯ ଜମା ଟ ୦।୪୩ ଓ । ମୌ । ଉତ୍ତରଶାସନ ମହାଜନସାହିରେ ଥିବା । ଲ । ବାହେଲ ଏ୦-୫୦ ଓ । ଲ । ଏ୦—୮୮୫ ଓ ଶରଦା ଜମାବନ୍ଦୀ ଏ ୦—୭୩୫ ଜମା ଟ ୦।୮। ଓ କଟିବାୟାପ୍ରି ଏ୦—୬୩୬ ଲୁ ଜମା ଟ ୦। ବାୟାପ୍ରି ଏ୦-୬୬ ଜମା ଟ ୦୧ ୬। କଟି ବାୟାପ୍ରି ଏ ୦—୮୮୫ ଜମା ଟ ୦/୯ । ଲ । ବାୟାପ୍ରି ଏ ୦—୧୩୩ଲୁ ଜମା ଟ ୦।୪୩ ଓ । ମୌ । ଖଣ୍ଟଥବାଟି ଖା: ଦା: ଦଇତ୍ୟପାର ଶରଦା ଜମାବନ୍ଦୀ ଏ୦—୧୦୪ଲୁ ଜମା ଟ ୦।୵୭ । ମୌ । କୁଆଁଗାଁ ଖା: ଦା: ହଳଦିଆପଡ଼ା ଶରଦା ଜମାବନ୍ଦୀ ଏ ୦—୧୩୭ ଲୁ ଜମା ଟ ୦।୬ । ମୌ । ମଧ୍ୟଶାସନ କାମିଲ ବାୟାପ୍ରି ଏ୦-୧୬୬ ଲୁ ଜମା ଟ ୦।୵୬ । ମୌ । ଉତ୍ତରଶାସନ ମହାଜନସାହିରେ ଥିବା । ଲ । କଟି ବାୟାପ୍ରି ଏ୦—୧୯୯ ଲୁ ଜମା ଟ୦।୵୩ ଓ ବାୟାପ୍ରି ଏ୦—୧୮୦ ଲୁ ଜମା ଟ୦।୵୩

—※—

ନଂ ୯୪୪ ନମ୍ବର ଡିକ୍ରିଜାରୀ ସନ ୧୯୧୦ ମସିହା ।

ଗଦାଧରସ୍ୱାମୀନ୍ଦ୍ର ଦାସ । ସା । ମଠ ତୁଳସୀପୁର । ପ୍ର । କଟକ ହାବେଲି ଡି:

( ବନାମ )

ପ୍ରସନ୍ନ ମିଶ୍ର । ସା । ବ୍ରହ୍ମପୁର । ତା । ଭାଲକୋଡ଼ା ଦେ:

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରଙ୍କର ମୋଟ ଜମା ଡିକ୍ରୀଓଗେର ଟଙ୍କା ଅଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ କଟକ । ମୁ । ପ୍ରଥମ ମୁନସଫି ଅଦାଲତରେ ସନ ୧୯୧୦ ମସିହା ନଭେମ୍ବର ମାସ ତା ୧୫ ରଖେ ଦିବା ଘ ୧୨ ଘଣ୍ଟା ସମୟରେ ନିଲାମ ହେବ ।

ସ: ଡି: ପୁ: ଓ ସ: ରେ: । ମୁ । କଟକ ଇଲାକାଧୀନ । ପ୍ର । ଭାଲଯୋଡ଼ା ନ ୬୦୦୮।୬୦୦୯ ନମ୍ବର । ଇ । ଦା । ଲ । ବାହେଲ । ମୌ । ବ୍ରହ୍ମପୁର ଇଲାକାରେ ଥିବା ନ ୮ ନମ୍ବର । ସି । ବା । ଏ ୫—୮୯ ଡି: ବୃତ୍ତିମଧ୍ୟରୁ ନିମ୍ନଲିଖିତ ଖେସଡ଼ା ନମ୍ବର ତଉଡ଼ିଦ ଅନୁସାରେ ଏ ୦—୫୦ ଡି: ବୃତ୍ତି ଓ ତହିଁର ସର୍ବପ୍ରକାର ସତ୍ତ୍ୱ ଲାଭ ସହିତ ଏ ମୋକଦ୍ଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୧୦୦ ଙ୍କା ଅଟେ ।

---

ନଂ ୨୧୪୮ ନମ୍ବର ସରେଜମ ସନ ୧୯୦୮ ମସିହା

ସିଦ୍ଧପାଳଡ଼ା [illegible] । ସା [illegible] । ପ୍ର । କାଟେ [illegible]

( ବନାମ )

ଉଦ୍ଧବ ଲେଙ୍କା ଓଗେର । ସା । ଭଣ୍ଡିସାହି । ପ୍ର । ଚୋଧାର ପ୍ରତିବାଦୀ

ଉପରଲିଖିତ ନମ୍ବର ମୋକଦ୍ଦମାରେ ବାଦୀଙ୍କର ମୋଟ ଜରଡକ୍ରୀ ଓଗେର ଟଙ୍କା ଅଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସିହା ନଭେମ୍ବର ମାସ ତା ୧୫ ରଖେ ଦିବା ଘ ୧୨ ଘଣ୍ଟା ସମୟରେ କଟକ । ମୁ । ଦ୍ୱିତୀୟ ମୁନସଫି ଅଦାଲତରେ ନିଲାମ ହେବ ।

ସ: ଡି: ପୁ: ଓ ସ: ରେ: । ମୁ । ଜଗତସିଂହପୁର ଅନ୍ତର୍ଗତ । ପ୍ର । କାଟେ ନ ୬୭୧୮ ନମ୍ବର ତଉଜିଭୁକ୍ତ ଜମିଦାରୀ ସାମିଲ । ମୌ । ସ୍ୱାତକାଳଥ ମୌରସି ମକ୍ରଦମିତ ତହିଁର ଦୋରବସ୍ତ ଅଦାୟ ଜମା ଟ ୬୯/ ନ ୧।୬। ନମ୍ବର ପ୍ରତିବାଦୀମାନଙ୍କର ପିତା ଦାସଲେଙ୍କା ନାମରେ ତଉଜିଅଛ ସେରସ୍ତାରେ ଦରଜ ଅଛି ଉକ୍ତ ମକ୍ରଦମି ହିସ୍ୟାର ମଧ୍ୟରୁ ନ ୧ ନମ୍ବର ପ୍ରତିବାଦୀର । ହ । ଟ ୦ /୮ ଓ ନ ୨ ନମ୍ବର ପ୍ରତିବାଦୀର । ହ । ଟ ୦ ୧୧୭ ଏରୂପ ଟ ୦ ୶୪ ଲୁ । ମ । । ମୁ । ଅଦାୟ ଜମା ଟ ୪ ୧୧୬/ ଅଟେ ତାହା ଏ ମୋକଦ୍ଦମାରେ ନିଲାମ ହେବ ।

---

Split by PDF Splitter

Digitized by srujanika@gmail.com

## NOTICE.

**W**ANTED a Vaccination Sub-Inspector for Narsingpur State on a monthly salary of Rs. 25- plus Rs. 5- fixed Travelling allownce with future prospect. None need apply who is not a passed Sub-Assistant surgeon ( Hospital Assistant ) from the Cuttack Medical School. Applications with copies of testimonials will be received by the undersigned up to 25th October next.

Narsingpur Raj Office
The 13th Septr. 10

D. Pattnaik
Dewan
for Rajah Saheb.


# ଉତ୍କଳ ଦୀପିକା ।

ଗତ ତା ୩ ରଖରେ ଶେଷହେବା ସପ୍ତାହରେ ଭାରତରେ ପେଲଗ ରୋଗ ମୃତ୍ୟୁ ୧୭୨୦ ଥିଲା । ବମ୍ବେଇରେ ସର୍ବୋଚ୍ଚ ୮୫୭ ଓ ତହୁଁ ତଳେ ମଧ୍ୟପ୍ରଦେଶରେ ୨୪୮ ହାଇଦ୍ରାବାଦରେ ୧୪୧ ଓ ରାଜପୁତାନାରେ ୧୩୩ ଉଲ୍ଲେଖ ଯୋଗ୍ୟ । ଗତ ସପ୍ତାହର ମୃତ୍ୟୁ ୧୩୨୫ ଥିଲା । ଅତଏବ କ୍ରମେ ଅଙ୍କ ବଢ଼ୁଅଛି ।

---

ଅବରୋଧବାସିନୀ ମହିଳାମାନଙ୍କୁ ଶିକ୍ଷା ଦେବା କାରଣ ଗବର୍ଣ୍ଣମେଣ୍ଟ ଦୁଇ ବର୍ଷ ହେଲା କଲିକତା ବହୁଲ ବାଗାନରେ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ଶ୍ରୀମତୀ ସରଳା ମିତ୍ର ବି, ଏ କଲିକତାରୁ ପ୍ରତ୍ୟାଗତା ହୋଇ ଏଥିର ଭାର ନେଇଅଛନ୍ତି । ତାଙ୍କ ଅଧୀନରେ ମୋଟ ୬ ଟି ଛାତ୍ରୀ ଅଛନ୍ତି । ଏମାନେ ସମସ୍ତେ ବିଧବା । ଏ ବର୍ଷ ଜଣ୍ଣ ଦେଶୀୟ ଭାଷାର ଶିକ୍ଷୟିତ୍ରୀ ପରୀକ୍ଷାରେ ଉପସ୍ଥିତ ହୋଇ ଉଭୟେ ଉତ୍ତୀର୍ଣ୍ଣା ହୋଇଅଛନ୍ତି । ତାଙ୍କ ମଧ୍ୟରେ ଜଣେ ରାୟ ଶରତଚନ୍ଦ୍ର ଦାସ ବାହାଦୁର ସି, ଆଇ, ଇଙ୍କ କନ୍ୟା ସରୟୂବାଳା ସେନ ଆଗାମୀ ମାର୍ଚ୍ଚ ମାସରେ ସ୍ନାତକ ଉପାଧି ପରୀକ୍ଷା ଦେବେ । ବିଧବାମାନଙ୍କୁ ଶିକ୍ଷାରେ ଲଗାଇଲେ ଦେଶର ପ୍ରକୃତ କାର୍ଯ୍ୟ ସାଧିତ ହେବ ।

---

'ଉତ୍କଳବାର୍ତ୍ତାର' ଗତ ସଂଖ୍ୟାରେ 'ଉତ୍କଳ ସଭାର ଉଦ୍ଦେଶ୍ୟ' ନାମକ ପ୍ରବନ୍ଧ ପାଠକରିବାରୁ ଜାଣି ଦେଖିଲୁଁ ଯେ ତାହା 'ଓଡ଼ିଆ ସଭା'ର ଉଦ୍ଦେଶ୍ୟ ସମ୍ବନ୍ଧରେ ଲେଖା ଯାଇଅଛି । ଉତ୍କଳ ସଭା ବ ୨୮ ବର୍ଷ କାଳ ଅତିକ୍ରମ କରିଅଛି ଏବଂ ତହିଁର ଉଦ୍ଦେଶ୍ୟରେ ନୂତନତ୍ୱ କିଛିମାତ୍ର ଘଟି ନାହିଁ । ବରଂ ଯେଉଁମାନେ ତାହାକୁ ଖାସ ଓଡ଼ିଆଙ୍କ ସଭା ରୂପେ ସଙ୍କୀର୍ଣ୍ଣ କରିବାକୁ ପ୍ରୟାସୀ ହୋଇଥିଲେ ସେହିମାନେ ଆପଣା ଉଦ୍ଦେଶ୍ୟ ସାଧନାର୍ଥ 'ଓଡ଼ିଆ ସଭା' ନାମରେ ସଙ୍କୀର୍ଣ୍ଣ ସଭା କରିଅଛନ୍ତି । ସେମାନେ ସଭା କରି ଆପଣାର ଉନ୍ନତି ସାଧନରେ ପ୍ରୟାସୀ ହେବା ସୁଦ୍ଧା ଯେ ପ୍ରଶଂସନୀୟ ତାହା ଆମ୍ଭେମାନେ କହୁଅଛୁଁ । 'ଓଡ଼ିଆ ଜାତିର ଯେ କୌଣସି ବ୍ୟକ୍ତି ଓଡ଼ିଆ ସଭାର ସଭ୍ୟ ହୋଇ ପାରିବା'ର ସହଯୋଗୀ ପ୍ରକାଶ କରିଅଛନ୍ତି ମାତ୍ର ଓଡ଼ିଶାର ସ୍ଥାୟୀ ନିବାସୀ ମଧ୍ୟରୁ ଯେଉଁମାନେ ଓଡ଼ିଆ ଜାତି ମଧ୍ୟରେ ଗଣ୍ୟ ହୋଇ ନ ପାରନ୍ତି ତାହାଙ୍କୁ ପରିଚୟ ଦେଇ ନାହାନ୍ତି ଅଥଚ ଏହି ଓଡ଼ିଆଜାତି କଥାଟା ବର୍ତ୍ତମାନ ଅନର୍ଥର ମୂଳ ହୋଇଅଛି । ଅନୁମାନ ହୁଏ ଓଡ଼ିଆ ଏବଂ ଉତ୍କଳୀୟ ଏକଇ କଥା ବା ଏକାର୍ଥବୋଧକ ନୁହେ ଏବଂ ଉତ୍କଳ ସମ୍ମିଳନୀର 'ଉତ୍କଳୀୟ' ସଂଜ୍ଞା ଓ ଉଦ୍ଦେଶ୍ୟ ଅକର୍ମଣ୍ୟ ହୋଇଅଛି । ନତୁବା ସମ୍ମିଳନୀଦ୍ୱାରା କଥିତ ଓଡ଼ିଆଙ୍କର କେଉଁ ଅଭାବ ମୋଚନର ବାଧା ଘଟିଲା ଯେ ତହିଁପାଇଁ ଓଡ଼ିଆ ସଭା ନାମରେ ଆଉ ଗୋଟିଏ ସଭା ବା ସମ୍ମିଳନୀ ସ୍ଥାପିତ ହୋଇଅଛି ?

---

ବାଲେଶ୍ୱରଠାରେ ସାମନ୍ତ ଶ୍ରୀ ରାଧାଚରଣ ଦାସଙ୍କ ମାତାଙ୍କ ନାମରେ ଡାକ୍ତରଖାନାର ଶୁଭ ହେବା ଉପଲକ୍ଷରେ ଲେଫଟେଣ୍ଟ ମହୋଦୟ ଯେଉଁ ବକ୍ତୃତା କରିଥିଲେ ତହିଁରେ ରାଧାଚରଣ ବାବୁ ମିଉନିସିପାଲିଟିର ଚେୟାରମାନ ଓ ଭାଇସଚେୟାରମାନ ଏବଂ ଜିଲ୍ଲାବୋର୍ଡ଼ର ଭାଇସଚେୟାରମାନ କାର୍ଯ୍ୟ କେତେକ ବର୍ଷ କରିଥିବା ଏବଂ ତାଙ୍କର ବଦାନ୍ୟ ଏବଂ ସାଧାରଣ କାର୍ଯ୍ୟୋତ୍ସାହୀ ହେତୁ ପାଇ ବାଲେଶ୍ୱର ଜିଲ୍ଲା ସୌଭାଗ୍ୟବାନ୍ ହୋଇଥିବା ମର୍ମରେ ଆନନ୍ଦ ପ୍ରକାଶ କଲେ ଶାସନକର୍ତ୍ତାଙ୍କ ମୁଖରୁ ଦେଶ ଲୋକଙ୍କର ଏପରି ସୁଖ୍ୟାତି ସଦାବେଳେ ଶୁଣା ନ ଯାଏ ଏବଂ ଆମ୍ଭମାନଙ୍କ ଅଯୋଗ୍ୟତା ତହିଁର ହେତୁ । ସର୍ବସାଧାରଣଙ୍କ ଅବଗତି ନିମିତ୍ତ ଆମ୍ଭେମାନେ ନିମ୍ନେ ତାହା ଅବିକଳ ପ୍ରକାଶ କଲୁଁ ଏବଂ ଭରସାକରୁଁ ରାଧାଚରଣ ବାବୁ ଏତିକରେ ସନ୍ତୁଷ୍ଟ ନ ହୋଇ ଉତ୍ତରୋତ୍ତର ଅଧିକ ସୁଖ୍ୟାତି ଅର୍ଜି ଦେଶକୁ ଏବଂ ଆପଣାକୁ ଧନ୍ୟ କରି ଅନ୍ୟଲୋକଙ୍କର ଅନୁକରଣୀୟ ହେବେ । ଲାଟସାହେବଙ୍କ ଉକ୍ତି ଯଥା—"In addition to these, he has freely rendered personal service in a variety of public capacities, as an Honourary Magistrate, as Vice-Chairman and Chairman of the Balasore Municipality, and for several years recently as Vice-Chairman of the District Board. I congratulate the District of Balasore that it is fortunate enough to include so generous and public spirited a gentleman among its citizens."

---

ଗତ ତା ୧ ରଖ ସନ୍ଧ୍ୟାବେଳେ ନରସିଂହପୁର ଗଡ଼ରେ ଗୋଟିଏ ସଭା ହୋଇ 'ନରସିଂହପୁର ଲକ୍ଷ୍ମୀଭଣ୍ଡାର' ନାମରେ ଗୋଟିଏ ବ୍ୟବସାୟୀ ଦଳ ବା କମ୍ପାନୀ ପ୍ରତିଷ୍ଠିତ ହୋଇଥିବାର ଆନନ୍ଦ ସହିତ ଗଡ଼ଜାତବାସିମାନେ ପାଠ କଲୁଁ । ନରସିଂହପୁର ରାଜା ମହୋଦୟ ଏହି ସଭାର ସଭାପତି ହୋଇଥିଲେ ଏବଂ ଦେବାନ ଓ ଅନ୍ୟାନ୍ୟ କର୍ମଚାରୀ ସହିତ ସାମନ୍ତ ସରବରାକାର ପ୍ରଭୃତି ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ । କମ୍ପାନୀ କି ବ୍ୟବସାୟ କରିବେ ପ୍ରକାଶ ହୋଇ ନାହିଁ । ମାତ୍ର କେତେ ଜଣ ଭଦ୍ରଲୋକ ମିଳିତ ଭାବରେ ଗୋଟିଏ ବ୍ୟବସାୟ କରିବା ସଙ୍କଳ୍ପ କରିଅଛନ୍ତି ସୁଖର ବିଷୟ । ଏ ସଭାରେ ସଭାପତି ମହାଶୟ ଗୋଟିଏ ସୁନ୍ଦର ଉପଦେଶପୂର୍ଣ୍ଣ ବକ୍ତୃତା କରିଥିଲେ ତହିଁରେ ସେ ଯଥାର୍ଥ କହିଅଛନ୍ତି କି "ସରଳତା ହୃଦୟର ପ୍ରଧାନ ସମ୍ବଳ ଆମ୍ଭେମାନେ ଆଜି ସେହି ସରଳତାରୂପ ସମ୍ବଳ ହରାଇ ବସିଥିବାରୁ ପରସ୍ପର ମଧ୍ୟରେ ଏକତା ବା ମିଳନ ସୁଖ ଭୋଗ କରିବାକୁ ଅସମର୍ଥ ହୋଇଅଛୁଁ । ଆଉ ଯେଉଁଠାରେ ମିଳନ ସୁଖ ନାହିଁ ସେଠାରେ କାର୍ଯ୍ୟକ୍ଷେତ୍ରରେ ସୁଖୀ ହେବା ବିଡ଼ମ୍ବନା ମାତ୍ର ।" ଆମ୍ଭେମାନେ ଆଶାକରୁଁ ରାଜା ମହୋଦୟଙ୍କର ଏହି ବାକ୍ୟ ସମସ୍ତେ ଦୃଢ଼ଭାବରେ ହୃଦୟଙ୍ଗମ କରିବେ । ସରଳତା ବିନା ଏକତା ଓ ସରଳ ସମ୍ମିଳନ ବିନା କୌଣସି ବ୍ୟବସାୟ ବା ହିତକାର୍ଯ୍ୟ ସଫଳ ହୋଇ ନ ପାରେ ।

---

ବାଲେଶ୍ୱର ଜିଲ୍ଲାବୋର୍ଡ଼ ମାନ୍ୟବର ବଙ୍ଗେଶ୍ୱରଙ୍କୁ ଯେଉଁ ଅଭିନନ୍ଦନ ପତ୍ର ଦେଇଥିଲେ ତହିଁରେ ଲେଖାଅଛି କି ଜିଲ୍ଲାବୋର୍ଡ଼ ବେଲଗାଛିଆ ପଶୁ ଚିକିତ୍ସାଳୟକୁ ଜଣେ ଛାତ୍ର ପଠାଇଅଛନ୍ତି, ଶ୍ରୀରାମପୁର ବୟନ ବିଦ୍ୟାଳୟକୁ ଚାରିଜଣ ଛାତ୍ର ପଠାଇଅଛନ୍ତି ଯେ ସେମାନଙ୍କ ମଧ୍ୟରେ ଦୁଇଜଣ ଶିକ୍ଷା କରୁଅଛନ୍ତି ଏବଂ ଅନ୍ୟ ଦୁଇଜଣ ପାସ କରି ଆସି କାର୍ଯ୍ୟ ନ ପାଇ ବସିଅଛନ୍ତି ଏବଂ ଏକ ଜଣ ମହିଳା କଟକରୁ ପଠାଯାଇ ଧାତ୍ରୀର ବୃତ୍ତି ଶିକ୍ଷା କରି ଫେରିଆସି ଅଛନ୍ତି । ପଶୁ ଚିକିତ୍ସାରେ ଉତ୍ତୀର୍ଣ୍ଣ ହୋଇ ଆସିଲେ କାର୍ଯ୍ୟ ପାଇବାର ସହଜ ହୋଇପାରେ ମାତ୍ର ଯେଉଁମାନଙ୍କୁ ଅନ୍ୟ ଗୁଣ ଶିଖାଇ ଆଣିଅଛନ୍ତି ସେମାନଙ୍କୁ ସେହି ବ୍ୟବସାୟ ଚଳାଇବାର ଉପାୟ କରି ନ ଦେବା ସୁବିବେଚନା ନୁହେ । ମାନ୍ୟବର ମହୋଦୟ ମଧ୍ୟ ତହିଁରେ ସନ୍ତୋଷ ପ୍ରକାଶ କରିପାରି ନାହାନ୍ତି । ମିଉନିସିପାଲ କମିଶନରମାନଙ୍କର ପୂର୍ବବର୍ତ୍ତୀ ମହାଶୟଗଣର ତ୍ରୁଟିରେ ବହୁତ ଟଙ୍କା କ୍ଷତି ହୋଇଥିବା ସ୍ଥଳେ ସେମାନଙ୍କର ପାର୍ଶ୍ୱ ଅଭିନନ୍ଦନ ପତ୍ର ସୁନ୍ଦର ହୋଇ ନାହିଁ । ମାନ୍ୟବର ମହୋଦୟ

Digitized by srujanika@gmail.com

ସମ୍ଭବତଃ ଅପ୍ରୀତିକର ମନ୍ତବ୍ୟ ପ୍ରକାଶ କରିବା ବିଷ୍ଣୁଙ୍କର ମଣି ସେ ପ୍ରସଙ୍ଗର କଡ଼ା ଉତ୍ତର ଦେଇ ନାହାନ୍ତି । ଏ ସମସ୍ତ ସେ ଜିଲ୍ଲା ଲୋକଙ୍କର ସ୍ୱାୟତ୍ତ ଶାସନ ଅଧିକାର ଲାଭର ଅନୁକୂଳ ନୁହେ । ଏଥିରୁ ଜଣାଯାଏ ଯେ ବାଲେଶ୍ୱର ଜିଲ୍ଲା ସେହି ଅଧିକାର ପ୍ରାପ୍ତିର ଯଥୋଚିତ ଯୋଗ୍ୟ ହୋଇ ନାହିଁ । ଅନ୍ୟାନ୍ୟ ଜିଲ୍ଲାରେ ଅନେକ ତ୍ରୁଟି ଅଛି ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ।

———

ଏମାରମଠର ବୈକୁଣ୍ଠଗାମୀ ମହନ୍ତ ମହାରାଜଙ୍କ ପାରଲୌକିକୀ କ୍ରିୟା ଉପଲକ୍ଷେ ଏକୋଦ୍ଦିଷ୍ଟ ଦଶାହ ପର୍ଯ୍ୟନ୍ତ ପ୍ରତିଦିନ ସହସ୍ର୨ ନିମନ୍ତ୍ରିତ ଓ ଇବାହୂତ ବ୍ରାହ୍ମଣ ଓ ବୈଷ୍ଣବମାନେ ଯଥୋଚିତ ଦକ୍ଷିଣା ସହକାରେ ପ୍ରଚୁର ମହାପ୍ରସାଦ ଭୋଜନ କରିଥିଲେ । ସତସାସ୍ତ୍ରୀ ଓ ଶାସନୀୟ ବ୍ରାହ୍ମଣମାନେ ଏକ୍ଟ୨ ବସ୍ତ୍ର ଏବଂ ପଣ୍ଡିତମାନେ ପ୍ରତ୍ୟେକେ ଏକ ଯୋଡ଼ା ଲେଖାଏ ବସ୍ତ୍ର ଓ ଏକଟଙ୍କା ଦକ୍ଷିଣ ସହ ମିଷ୍ଟାନ୍ନାଦି ଭୋଜନ କରିଥିଲେ । ସେଶେଷ ଦିବସ ଶ୍ରୀଯୁକ୍ତ ମହନ୍ତ ଗଦାଧରରାମାନୁଜଦାସ ମହାରାଜ ମଠଗାଦିରେ ସମାସୀନ ହେଲେ । ଏଦିନ ମଧ୍ୟ ସ୍ୱର ସମ୍ପ୍ରଦାୟ ବୈଷ୍ଣବ ଓ ବ୍ରାହ୍ମଣ, ଏପରି ନାନାଶ୍ରେଣୀର ଦରିଦ୍ର, ମିଶି ପ୍ରାୟ ୫ ହଜାର ଲୋକର ଭୋଜନ ହୋଇଥିଲା । ଏହି କେତେକ ଦିନ ମଠମଧ୍ୟରେ "ଦୀୟତାଂ" "ଭୁଜ୍ୟତାଂ" ଲାଗିରହିଥିଲା । ଏହି କ୍ରିୟାରେ ପ୍ରାୟ ୨୦ହଜାର ଟଙ୍କା ବ୍ୟୟ ହେବାର କଥିତ ହୁଏ । ଏହି କାର୍ଯ୍ୟ ଉପରେ ଯୋଗଦେବା କାରଣ ବୃନ୍ଦାବନ, ହରିଦ୍ୱାର, ପାଟଣା, ଗଞ୍ଜାମ ହରଡ଼ାଗଣ୍ଡି କଟକ ପ୍ରଭୃତି ନାନା ଦୂରସ୍ଥାନର ମଠର ମହନ୍ତମାନେ ଶିଷ୍ୟ ଓ ପାରିଷଦବର୍ଗ ସହିତ ଆମନ୍ତ୍ରଣମତେ ଆଗମନ କରିଥିଲେ ସୁତରାଂ ଗ୍ରଣ୍ଡ ସମାରୋହ ହୋଇଥିଲା । ନୂତନ ମହନ୍ତ ଗଦାଧର ମହାରାଜ ସର୍ବଦା ଅକ୍ଲାନ୍ତ ପରିଶ୍ରମ ଏବଂ ବିନୟ ଓ ଦୟାର୍ଦ୍ର ସ୍ୱଭାବରେ ସମସ୍ତଙ୍କୁ ସନ୍ତୁଷ୍ଟ କରିବାର ଦେଖି ଆନନ୍ଦିତ ହେଲୁଁ । ଭଗବାନ ଏହାଙ୍କୁ ଦୀର୍ଘାୟୁ ସ୍ୱସ୍ଥକାୟ ଓ କର୍ତ୍ତବ୍ୟନିଷ୍ଠା ପ୍ରଦାନ କରନ୍ତୁ ।

———

ପରଗଣା ବନ୍ଦୋବସ୍ତର ଖଣ୍ଡିସ୍ଥାନ ।

ପରଗଣା ବନ୍ଦୋବସ୍ତର ଖଣ୍ଡିସ୍ଥାନ ଯେଉଁ କାଗଜରେ ଦିଆଯାଉଅଛି ତାହା ନିତାନ୍ତ ଦୁର୍ବଳ । ଗତ ବନ୍ଦୋବସ୍ତର ଖାଲିକାଗଜ ବରଂ ଦୃଢ଼ ଥିଲା ଏବଂ ତାହା ଦଶବର୍ଷ ଅତୀତ ହେଲାପରେ ହିଁ ଚିରିଗଲେ ଅଥିଲେହେଁ ବର୍ତ୍ତମାନ ଦିଆଯାଉଥିବା ଖଣ୍ଡିସ୍ଥାନ ଶୀଘ୍ର ଯିବାରେ କିଛି କଲମ ସନ୍ଦେହ ନାହିଁ । ତହିଁରେ ପୁଣି ପ୍ରକାଶର ୧୦୬ ଦଫା ମତେ ଶେଷଜାଞ୍ଚ (Final publication) ର ତିନିମାସ ମଧ୍ୟରେ ଆପତ୍ତି ଆଗତ କରିବାର ନିୟମ ଥିଲେହେଁ ଜମିଦାରମାନଙ୍କ ଗୃହମାସ ପରେ ତାହା ଅଫିସରୁ ମିଳୁଅଛି । ଏଥିରେ ଅଧିକ ଗଲମ୍ ହେବାର କାରଣ ଆମ୍ଭେମାନେ ଆଦୌ ବୁଝି ପାରୁନାହୁଁ । ସମୁଦାୟ କାଗଜ ପ୍ରସ୍ତୁତ ନ ହୋଇ ଶେଷଜାଞ୍ଚ କରୁପେ ହେଲା ? ଶେଷଜାଞ୍ଚ ସମୟରେ ଯେ ସମସ୍ତ ପ୍ରଜାମାନଙ୍କୁ ସେମନ୍ତ ଜମିଦାରଙ୍କୁ ମଧ୍ୟ ଖଣ୍ଡିସ୍ଥାନ ଦେବା ଉଚିତ । ତାହାହେଲେ ଜମିଦାର ସମୟ ମଧ୍ୟରେ ୧୦୬ ଦଫା ମତେ ଆପତ୍ତି କରି ପାରିବେ । ଅନନ୍ତରେ ଖଣ୍ଡିସ୍ଥାନ ପାଇବାଠାରୁ ତିନିମାସମଧ୍ୟରେ ୧୦୬ ଧାରାମତେ ଆବେଦନ କରିବାର ବିଧି ଥିଲେ ଖଣ୍ଡିସ୍ଥାନ ଦେବାରେ ଯେତେ ବିଲମ୍ବ ହେଲେ ସୁଦ୍ଧା ଆପତ୍ତି ବା ଅସୁବିଧା ନ ଥାନ୍ତା । ମାତ୍ର ଶେଷଜାଞ୍ଚ ତାରିଖରୁ ତିନିମାସ ମଧ୍ୟରେ ଆବେଦନ କରିବାର ବିଧି ଥିବା ସ୍ଥଳେ ଯେଉଁ ଖଣ୍ଡିସ୍ଥାନ ଜମିଦାରଙ୍କୁ ଦିଆଯିବ ତାହା ପ୍ରସ୍ତୁତ ହେବା ପୂର୍ବେ ଶେଷଜାଞ୍ଚ ହେବ ତଥାପି ଉଚିତ ନୁହେ । ଅଧିକନ୍ତୁ ଗୃହମାସ ଉତ୍ତାରୁ ଜମିଦାରଙ୍କୁ କାଗଜ ଦିଆଯିବାରୁ ନାନାସ୍ଥଳରେ ନାନାପ୍ରକାର ଅର୍ଥ ହେଉଅଛି ଏବଂ ଯେଉଁଠାରେ ଜମିଦାର ଶେଷଜାଞ୍ଚ ସମୟରେ ସମୁଦାୟ କଥା ତନ୍ନ ତନ୍ନ କରି ବୁଝିନେଇ ନାହାନ୍ତି ସେଠାରେ ଷଡ଼ଗ୍ରସ୍ତ ହେବାକୁ ହେଉଅଛି ମଧ୍ୟ ଜମିଦାରର ସମସ୍ତ କଥା ଶେଷଜାଞ୍ଚ ସମୟରେ ଟିପି ନେବା ସହଜ ନୁହେ । ଟିପି ନେଲେ ସୁଦ୍ଧା କମ୍ପା ଉକ୍ତ କାଗଜମାନ ଦେଖିବା କାରଣ ସୁବିଧା ଦିଆ ଗଲେ ମଧ୍ୟ ତାହା ଦୋଷ ବା ଅସୁବିଧା ଲାଘବ କରି ନ ପାରେ କାରଣ ଜମିଦାରଙ୍କୁ ଯେତେବେଳେ କାଗଜ ଦେବାର ବିଧି ଅଛି ସେତେବେଳେ ସେ ତାହା ନ ପାଇବା ଯାଏ ନାନାପ୍ରକାର ଭ୍ରମ ଇତ୍ୟାଦିରେ ଅସୁବିଧା ଘଟିପାରେ । ଆମ୍ଭେମାନେ ଏଥିପ୍ରତି ବନ୍ଦୋବସ୍ତ କର୍ମଚାରୀଙ୍କର ତୀକ୍ଷ୍ଣ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରାର୍ଥନା କରୁଅଛୁଁ ଯେ ଜମିଦାରଙ୍କ ଦିଆଯିବା ଖଣ୍ଡିସ୍ଥାନ ପ୍ରସ୍ତୁତ ନ ହେବାପର୍ଯ୍ୟନ୍ତ ଶେଷଜାଞ୍ଚ ବନ୍ଦ ରହିବା ଏବଂ ଶେଷଜାଞ୍ଚ ହେବା ଦିନ ଜମିଦାରଙ୍କୁ ଉକ୍ତ କାଗଜ ଦିଆଯିବାପକ୍ଷେ ସେ ଆଦେଶ ପ୍ରଦାନ କରିବେ । ପରନ୍ତୁ ଖଣ୍ଡିସ୍ଥାନ ପ୍ରସ୍ତୁତ ହେବା କାଗଜ ବଦଳାଇବାରେ ଯତ୍ନବାନ୍ ହେବେ ।

———

ଜାପାନର ବାଣିଜ୍ୟ ।

ଜାପାନର ଟୋକିଓରେ ଅବସ୍ଥିତ ବାଣିଜ୍ୟ ସମ୍ବନ୍ଧୀୟ ଇଂରାଜ ଦୂତ କୋମର ସାହେବ ଜାପାନର ସନ ୧୯୦୯ ମସିହାର ବାଣିଜ୍ୟ ବିବରଣୀ ପ୍ରକାଶ କରିଅଛନ୍ତି । ତହିଁରୁ ଦେଖାଯାଏ ଯେ ୧୮୭୮ ମସିହା ଓ ୧୮୮୮ ମସିହା ବ ୧୦ ବର୍ଷ ମଧ୍ୟରେ ଜାପାନର ବହିର୍ବାଣିଜ୍ୟ ଦ୍ୱିଗୁଣ ହୋଇଥିଲା ଏବଂ ୧୮୮୮ ମସିହାରୁ ଗତବର୍ଷ ସୁଦ୍ଧା ବ ୨୦ ବର୍ଷରେ ସାତଗୁଣ ବଢ଼ିଅଛି । ଗତବର୍ଷ ବୃଷ୍ଟି ଅଭାବହେତୁ ପୃଥିବୀର ଅନ୍ୟତ୍ର ବାଣିଜ୍ୟର ଅବସ୍ଥା ମନ୍ଦ ଥିବାସମୟରେ ଜାପ ନରେ ମଧ୍ୟ ଉଣା ହୋଇଥିଲା । ତଥାପି ଗତବର୍ଷର ଆମଦାନୀ ଓ ରପ୍ତାନୀ ଦ୍ରବ୍ୟର ମୂଲ୍ୟ ୧୨୦ କୋଟି ଟଙ୍କାର ଊର୍ଦ୍ଧ୍ୱ ଥିଲା । ବଣିକମାନଙ୍କର ଦୋଷ ଏବଂ କାର୍ପଣ୍ୟର ତରଙ୍ଗ ଦୀର୍ଘକାଳ ସ୍ଥାୟୀ ହେବାହେତୁ ବାଣିଜ୍ୟର କଥଞ୍ଚିତ୍ ଅବନତି ଘଟିଥିଲେ ସୁଦ୍ଧା ଜାପାନୀମାନଙ୍କର ବାଣିଜ୍ୟ ସ୍ପୃହାରେ ତିଳମାତ୍ର ହାନି ଦେଖାଯାଇ ନାହିଁ ଏବଂ ଗତବର୍ଷ ଆମଦାନୀ ଦ୍ରବ୍ୟର ମୂଲ୍ୟ ତିନିକୋଟି ଟଙ୍କା ଅଧିକ ହୋଇଥିବାହେତୁ ସେମାନେ ସନ୍ତୁଷ୍ଟ ଅଛନ୍ତି । ରପ୍ତାନୀ ଦ୍ରବ୍ୟମଧ୍ୟରେ ସୂକ୍ଷ୍ମ ରେଶମ ଓ ଚାଉଳ ପ୍ରଧାନ ଅଟେ । ଜାପାନ ଗବର୍ଣ୍ଣମେଣ୍ଟଙ୍କ ଆର୍ଥିକ ଅବସ୍ଥା ଭଲ ହେଣୁ ଜାପାନୀ ତମସୁକର ଆଦର ଅନ୍ୟ ଦେଶରେ ଦୃଢ଼ ହୋଇ ରହିଥିଲା ଏବଂ ଏତଦ୍ୱାରା ଉଠିଥିବା ଧନରୁ ଦେଶର ଅନେକ କାର୍ଯ୍ୟ ହୋଇଅଛି । ଜାପାନର ପ୍ରଧାନ୨ ମିଉନିସିପାଲଟୀମାନ ଲଣ୍ଡନ ଓ ପାରିସରେ ଋଣଦ୍ୱାରା ଟଙ୍କା ଉଠାଇ ଅନେକ କାର୍ଯ୍ୟ କରିଅଛନ୍ତି । ଏଣୁ ଟଙ୍କା ଶସ୍ତା ହେବାରୁ ବାଙ୍କମାନଙ୍କରେ ଜମା ଥିବା ଟଙ୍କା ଖଟାଇବାରେ କିଛି ଅସୁବିଧା ହୋଇଥିଲା । ବର୍ଣ୍ଣିତ ବର୍ଷର ଯୋଡ଼ିଏ ପ୍ରଧାନ ଦୁର୍ଘଟଣା ଘଟିଥିଲା । ଜୁଲାଇମାସ ତା ୩୧ ରିଖର ଅଶୋକର ଅଗ୍ନିକାଣ୍ଡଦ୍ୱାରା ୧୨୦୦୦ ଘର ପୋଡ଼ିଯାଇ ଶୃଲକ୍ଷ ହଜାର ଲୋକଙ୍କୁ ଗୃହହୀନ କରି ପକାଇଲା । ସୌଭାଗ୍ୟକ୍ରମେ ପ୍ରାଣିନାଶ ଅଳ୍ପ ଘଟିଅଛି ଏବଂ ସହରର ଗୁଦାଗୁଣ୍ଡ ଅଂଶ ପୋଡ଼ିଯିବାଦ୍ୱାରା ବରଂ ବାଟ ଇତ୍ୟାଦି ପ୍ରଶସ୍ତ କରିବାରେ ଉପକାର ହୋଇଅଛି । ଦୁଃସ୍ଥ ଲୋକଙ୍କୁ ସାହାଯ୍ୟ କରିବା ସକାଶେ ଦେଶର ଚାରିଆଡ଼ୁ ଟଙ୍କା ଅଜାଡ଼ ପଡ଼ିଲା । ସେହି ବର୍ଷ ଅଗଷ୍ଟମାସରେ ଗୋଟିଏ ଗୁରୁତର ଭୂମିକମ୍ପ ହୋଇ ତଦ୍ୱାରା ନଗୋୟାର ଚତୁର୍ଦ୍ଦିକସ୍ଥ ମୃଣ୍ମୟ ପାତ୍ର ଗଢ଼ା ହେଉଥିବା ସ୍ଥାନମାନଙ୍କର ବିଶେଷ କ୍ଷତି ହୋଇଅଛି । ଏଥିରେ ସୁଦ୍ଧା ଜାପାନୀମାନେ ହଟି ନ ରହି ସେହି ବ୍ୟବସାୟ କଥଞ୍ଚିତ୍ ମାନ୍ଦ୍ୟ ଧରିଥିବାରୁ ତାହାକୁ ଉଠାଇବାକାରଣ ପ୍ରାଣପଣେ ଲାଗିଅଛନ୍ତି । ଦେଶରେ ବାଙ୍କ ଏବଂ କମ୍ପାନୀ ସଗଠନ ଅଥବା ତହିଁର ମୂଳଧନ ବଢ଼ାଇବାକାରଣ ଲୋକେ ବର୍ଷମଧ୍ୟରେ ୧୭ କୋଟି ଏକଶଲକ୍ଷ ୟେନ ସ୍ୱାକ୍ଷର କରି ୧୨ କୋଟି ଗୃଲକ୍ଷ ଲକ୍ଷ ୟେନ ଆଦାୟ ଦେଇଅଛନ୍ତି । ପ୍ରତି ୟେନର ମୂଲ୍ୟ ତିନିଟଙ୍କା

Split by PDF Splitter

Digitized by srujanika@gmail.com

Split by PDF Splitter



ହୁଅଣା । ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସମ୍ବନ୍ଧରେ ଜାପାନ ଠିକ୍ ଅଛି ଏବଂ ସେଠା ଲୋକେ ଯେମନ୍ତ ମିତଶୀଳ ସେମନ୍ତ ମିତବ୍ୟୟୀ ସୁତରାଂ ପ୍ରୟୋଜନରୁ ଅଧିକ ବ୍ୟବହାର ହେବାର ନୁହେ ଏବଂ ସେତକ ସୁଦ୍ଧା ଦେଶର ଉତ୍ପନ୍ନ ବୃଦ୍ଧି କରିବାରେ ଉତ୍ସାହ ଦେଉଅଛି । ଏଥିରୁ ପାଠକମାନେ ଦେଖିବେ ଯେ ସେଠା ଲୋକେ କେମନ୍ତ ମନୁଷ୍ୟତା ସାଧନ କରି ଉନ୍ନତପଥରେ ଦ୍ରୁତବେଗେ ଅଗ୍ରସର ହେଉଅଛନ୍ତି । ପଞ୍ଚାଶବର୍ଷ ପୂର୍ବରେ ଯେଉଁ ଜାପାନ ଅସଭ୍ୟ ବୋଲି ପରିଚିତ ହେଉଥିଲା ଯୁଦ୍ଧରେ ଜୟ ଲାଭ କରିବାର ବାସନା କଲା ମାତ୍ରକେ ସେଠା ଲୋକେ କେମନ୍ତ ଲାଗିପଡ଼ି ପୃଥିବୀର ଗୋଟିଏ ପ୍ରଚଣ୍ଡ କ୍ଷମତାଶାଳୀ ରାଜ୍ୟକୁ ହରାଇଦେଇ ଆପଣାର ପ୍ରତିପତ୍ତି ବଢ଼ାଇଲା । ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ହୋଇ ନ ବସି ଅର୍ଥ, ବ୍ୟବହାର, ବାଣିଜ୍ୟ, ଶିଳ୍ପ ଇତ୍ୟାଦି ସମସ୍ତ ଶିକ୍ଷା କରିବାକାରଣ ଦୂର ଦେଶକୁ ଯୋଗ୍ୟ ସନ୍ତାନଙ୍କୁ ପଠାଇ ଆପଣା ଦେଶର ଯେଉଁ ଉନ୍ନତିସାଧନ କଲେ ତାହା ଏହି ବାଣିଜ୍ୟରୂପୀ ଉପାୟଦ୍ୱାରା ଧନାଗମରୁ ସ୍ପଷ୍ଟ ଜଣା ଯାଉଅଛି । ଆମ୍ଭମାନଙ୍କ ଦେଶଲୋକେ ଆପଣା ମଧ୍ୟରେ କାମୁଡ଼ାକାମୁଡ଼ି ନ ହୋଇ ଏବଂ ବିଦେଶୀ ଲୋକଙ୍କ ସଙ୍ଗେ ବିଦ୍ୱେଷ ନ କରି ମନୁଷ୍ୟତା ସାଧନପୂର୍ବକ ଶିଳ୍ପ ବାଣିଜ୍ୟଦ୍ୱାରା ଧନାଗମ କରିବାକାରଣ ବଦ୍ଧପରିକର ହେଲେ ଅତ୍ୟନ୍ତ ଆନନ୍ଦର ବିଷୟ ହେବ ।

---

## ସମୁଦ୍ରଯାତ୍ରା ।

ଅଳ୍ପଦିନ ତଳେ ବାରାଣସୀଠାରେ ସମୁଦ୍ରଯାତ୍ରା ସମ୍ବନ୍ଧରେ ସେଠା ଟାଉନହଲରେ ଏକ ପ୍ରକାଣ୍ଡ ସଭା ହୋଇଥିଲା । ସୁବିଖ୍ୟାତ ପଣ୍ଡିତ ମହାମହୋପାଧ୍ୟାୟ ଦ୍ୱିବେଦୀ ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ଲକ୍ଷ୍ମୀରମଣ ବିଶ୍ୱନାଥ ସହାୟ ଏବଂ ଅମରନାଥ ମହାଶୟମାନେ ବିଜ୍ଞାନ ଶିକ୍ଷାର୍ଥେ ଇଂଲଣ୍ଡ ଓ ଆମେରିକାକୁ ଯାଇ କୃତବିଦ୍ୟ ହୋଇ ଫେରିଆସି ଥିବାରୁ ସେମାନଙ୍କୁ ଅଭ୍ୟର୍ଥନା କରିବା ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । କାଶୀଧାମର ମହାରାଜା ସଭାରେ ଉପସ୍ଥିତ ହେବା କାରଣ ପ୍ରତିଶ୍ରୁତ ହୋଇଥିଲେ ମାତ୍ର ଅନିବାର୍ଯ୍ୟ କାରଣ ଯୋଗେ ଆସି ନ ପାରି ତାଙ୍କ ବକ୍ତବ୍ୟ ପାଠ ସକାଶେ ତାଙ୍କର ପ୍ରାଇଭେଟ ସେକ୍ରେଟରୀଙ୍କୁ ପଠାଇଥିଲେ । ସେ ବକ୍ତବ୍ୟରେ ପ୍ରକାଶ ଯେ ଆର୍ଯ୍ୟମାନଙ୍କର ନଷ୍ଟ ଗୌରବ ପୁନରୁଦ୍ଧାର କରିବା କାରଣ ସମୁଦ୍ରଯାତ୍ରା ସର୍ବୋତ୍କୃଷ୍ଟ ଉପାୟ । ସମୁଦ୍ରଯାତ୍ରାର ଯେଉଁ ତରଙ୍ଗ ଉଠିଅଛି ତାହାକୁ କେହି ପ୍ରତିହତ କରିପାରିବ ନାହିଁ ଏବଂ ଯହିଁରେ ସମାଜ ନଷ୍ଟ ନ ହୁଏ ତାହା ନିବାରଣ କରିବା ଦରକାର ସଙ୍ଗତ । ପୂର୍ବକାଳରେ ସମୁଦ୍ର ପାରକୁ ଯିବା ଆସିବା ଅବାଧେ ହେଉଥିଲା । ବର୍ତ୍ତମାନ ଶତ ଶତ ଲୋକ କାର୍ଯ୍ୟୋପଲକ୍ଷେ ଜାଞ୍ଜିବାର, ମରିଶସ ପ୍ରଭୃତି ସ୍ଥାନକୁ ଯାଇ ଜାତି ହରାନ୍ତି ନ ଥିବା ସ୍ଥଳେ ଛାତ୍ରମାନେ ଜ୍ଞାନାର୍ଜନ ସକାଶେ ଗଲେ ତାଙ୍କୁ ଜାତିଚ୍ୟୁତ କରିବା ହିନ୍ଦୁ ସମାଜ ପ୍ରତି କଳଙ୍କ ଅଟେ । ଯେପରି ସମୟ ଉପସ୍ଥିତ ହୋଇଅଛି ତହିଁପ୍ରତି ସମଲକ୍ଷ ହୋଇ କାର୍ଯ୍ୟ କରିବା ସମସ୍ତଙ୍କର କର୍ତ୍ତବ୍ୟ । ଧର୍ମତଃ ସମୁଦ୍ରଯାତ୍ରା ଦୂଷଣୀୟ ନୁହଇ । ସ୍ମୃତିମାନଙ୍କରେ ସମୁଦ୍ରଯାତ୍ରା ସାମାନ୍ୟ ବା ଗୁରୁତର କୌଣସି ପାପ ମଧ୍ୟରେ ଗଣ୍ୟ ହୋଇ ନାହିଁ । ଏହି ପ୍ରକାରେ ମହାରାଜାଙ୍କ ବକ୍ତବ୍ୟ ପାଠପରେ ସଭାପତି ମହାଶୟ ଗୋଟିଏ ଜ୍ଞାନଗର୍ଭ ବକ୍ତୃତା ପ୍ରଦାନ କରି ସମୁଦ୍ର ଯାତ୍ରା ଶାସ୍ତ୍ରସିଦ୍ଧ ଥିବାର ପ୍ରତିପନ୍ନ କଲେ, ସେ ସ୍ପଷ୍ଟ କହିଲେ ଯେ କେବଳ ସାହସର ଅଭାବ ବର୍ତ୍ତମାନ ଉନ୍ନତି ପଥରେ ବାଧା ଜାତ କରୁଅଛି । ଦେଶର ଯେଉଁ ଯୁବକମାନେ ସମୁଦ୍ର ପାରହୋଇ ପାଶ୍ଚାତ୍ୟ ପୃଥିବୀ ଖଣ୍ଡରୁ ନାନା ପ୍ରକାର ଦର୍ଶନ ବିଜ୍ଞାନର ପରମଜ୍ଞାନ ଏବଂ ଐଶ୍ୱର୍ଯ୍ୟ ଘେନି ଆସି ଆପଣାର ଜନ୍ମ ଭୂମିକୁ ଧନବତୀ କରିବେ ସେମାନଙ୍କର ବାଟ ମାରିଦେବା ନିତାନ୍ତ ମୂର୍ଖତା । ଯେଉଁମାନେ ବିଦେଶରୁ ପ୍ରତ୍ୟାଗତ ହେଉଅଛନ୍ତି ସେମାନଙ୍କ ସମ୍ବନ୍ଧେ ହିନ୍ଦୁ ଶାସ୍ତ୍ରର କୌଣସି ଯୁକ୍ତି ସଙ୍ଗତ ଆପତ୍ତି କଥା ଯାଇ ନ ପାରେ । ଯଦି ଧର୍ମନିଷ୍ଠ ହିନ୍ଦୁମାନେ ଯୁବକମାନଙ୍କୁ ଜାତି ନିୟମ ପ୍ରତିପାଳନ କରାଇବାକୁ ଇଚ୍ଛୁକ ଥାନ୍ତି ସେମାନେ ୟୁରୋପର ପ୍ରଧାନ ପ୍ରଧାନ ଶିକ୍ଷାକ୍ଷେତ୍ରମାନଙ୍କରେ ବିଶୁଦ୍ଧ ହିନ୍ଦୁ ନିୟମରେ ଧର୍ମଶାଳା ନିର୍ମାଣ କରନ୍ତୁ । ଦୟାଳୁ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କୁ ନାନା ପ୍ରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିବାସ୍ଥଳେ ଆମ୍ଭେମାନେ ତହିଁରୁ ଉପକୃତ ହେବାକୁ ଚେଷ୍ଟା ନ କରି ଘରେ ଲୁଚିହୋଇ ବସି ରହିବା ନିତାନ୍ତ ଦୁର୍ଭାଗ୍ୟର ବିଷୟ ହେବ । ଅତଃପର ସଭାପତି ମହାଶୟଙ୍କୁ ଧନ୍ୟବାଦ ଓ ବିଦେଶ ପ୍ରତ୍ୟାଗତ ଯୁବକଦ୍ୱୟଙ୍କୁ ଯଥୋଚିତ ଅଭ୍ୟର୍ଥନା କରାଯାଇ ସଭା ଭଙ୍ଗ ହେଲା । ଆମ୍ଭେମାନେ ଗତ ଦୁଇ ସପ୍ତାହରେ ସମୁଦ୍ରଯାତ୍ରା ସମ୍ବନ୍ଧୀୟ ବେଦ, ମନୁସ୍ମୃତି, ରାମାୟଣ ଇତ୍ୟାଦି ଉଲ୍ଲେଖ କରି ଇଂରାଜୀ ପ୍ରବନ୍ଧ ପ୍ରକାଶିତ କରିଅଛୁଁ । ବର୍ତ୍ତମାନ ମହାମହୋପାଧ୍ୟାୟ ପଣ୍ଡିତ ଦ୍ୱିବେଦୀ ମହାଶୟଙ୍କ ଉକ୍ତି ତଥା ବାରାଣସୀର ମହାରାଜାଙ୍କ ବକ୍ତବ୍ୟ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କଲୁଁ । ଭରସାକରୁଁ ଏଣିକି ସମୁଦ୍ର-ଯାତ୍ରାରେ କେହି ଆପତ୍ତି କରିବେ ନାହିଁ । ଛାତ୍ର ମଧ୍ୟରେ ଶିକ୍ଷାର୍ଥୀହିଁ ପ୍ରଧାନ ଏବଂ ସମୁଦାୟ ଛାତ୍ରମାନଙ୍କର ଉଦ୍ଦେଶ୍ୟ ଶିକ୍ଷା । ଏଣୁ ଜାତିରକ୍ଷା ସକାଶେ ଧର୍ମଶାଳା ନିର୍ମାଣ କରିବାର ଯେଉଁ ପରାମର୍ଶ ପଣ୍ଡିତ ମହୋଦୟ ଦେଇ ଅଛନ୍ତି ତାହା ସମୀଚୀନ ଅଟଇ । ଜ୍ଞାନାର୍ଜନ ଅବଶ୍ୟ କରଣୀୟ । ଯେମନ୍ତ ତୀର୍ଥକୁ ଗଲେ କୌଣସି ଜାତିନାଶାଦି ଦୋଷ ନ ଥାଏ ସେମନ୍ତ ଶିକ୍ଷାଲାଭ ସକାଶେ ପ୍ରବାସୀ ଛାତ୍ର ମାନଙ୍କ ସମୁଦ୍ର ପାରି ହୋଇ ଯିବାଦ୍ୱାରା ଜାତିନାଶ ହୋଇ ନ ପାରେ । ଦେଶ କାଳ ପାତ୍ର ଦେଖି ଶାସ୍ତ୍ରରେ ଆହାର ବିହାରର ବିଧାନ ଅଛି । ଯେଉଁ ଦେଶର ଯେମନ୍ତ ବ୍ୟବହାର ତାହା କରିବାରେ ଧର୍ମ ନାଶର ଭୟ ନାହିଁ । ବରଂ ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶ୍ୟରେ ଯାହା କରଣୀୟ ତାହା ନିଶ୍ଚୟ କରିବାକୁ ହେବ । ବାସ୍ତବରେ ସହସ୍ର ସହସ୍ର ଲୋକ ସର୍ବଦା ସମୁଦ୍ର ପଥରେ ନାନା ସ୍ଥାନକୁ ବ୍ୟବସାୟ ବାଣିଜ୍ୟ ସକାଶେ ଯିବା ଆସିବା କରୁଥିବା ସ୍ଥଳେ ଦଶ ପନ୍ଦରଜଣ ଛାତ୍ର ନେଇ ଗଣ୍ଡଗୋଳ କରିବା ସଂକୀର୍ଣ୍ଣତା ଓ ବିଦ୍ୱେଷ ନ ହେଲେ ବୃଥା ଅଭିମାନ ଭିନ୍ନ ଆଉ କିଛି ନୁହେ ।

---

## ସମ୍ରାଟ ଏଡୱାର୍ଡ଼ ସ୍ମୃତିକମେଟୀ ।

ପରଲୋକଗତ ସମ୍ରାଟ ଏଡୱାର୍ଡ଼ଙ୍କ ସ୍ମୃତିରକ୍ଷାର୍ଥ ଯେଉଁ କମେଟୀ କଟକଜିଲ୍ଲା ସକାଶେ ସଂଗଠିତ ହୋଇଅଛି ତହିଁର ପ୍ରଥମ ଅଧିବେଶନ ଗତ ସୋମବାର ପ୍ରାତଃକାଳରେ ହୋଇଥିଲା । ସଭାପତି ସ୍ୱୟଂ କମିଶନର ସାହେବ ଓ କଲେକ୍ଟର ସାହେବ ଯାଜପୁର ଓ କେନ୍ଦ୍ରାପଡ଼ାର ସବଡିଭିଜନ ଅଫିସର, କନିକାର ମାନ୍ୟବର ରାଜା, ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର ପ୍ରଭୃତି ୩୦ ଜଣରୁ ବେଶୀ ସଭାସ୍ଥଳରେ ଉପସ୍ଥିତ ଥିଲେ । ସଭାପତି ମହୋଦୟ କାର୍ଯ୍ୟାରମ୍ଭ କରି ପ୍ରକାଶ କଲେ ଯେ ସ୍ମୃତିରକ୍ଷା ସକାଶେ କେଉଁ କାର୍ଯ୍ୟ କରାଯିବ ତାହା ଚାନ୍ଦାଦ୍ୱାରା ସଂଗୃହୀତ ଅର୍ଥର ପରିମାଣ ନ ଜାଣିଲେ ସ୍ଥିର କରାଯାଇ ନ ପାରେ । ସଂଗୃହୀତ ଚାନ୍ଦାର ପରିମାଣ ଜଣାଗଲେ ଅତଃପର ତଦ୍ବିଷୟରେ କମିଟୀ ଆହ୍ୱାନ କରି ବିଚାର କରାଯିବ । ବର୍ତ୍ତମାନ ସଂଗୃହୀତ ଚାନ୍ଦାର କେତେ ଅଂଶ ପ୍ରାଦେଶିକ ସ୍ମୃତିରକ୍ଷା କାର୍ଯ୍ୟକୁ ଦିଆଯିବ ତାହା ସ୍ଥିର କରିବା ଏବଂ କାର୍ଯ୍ୟ ନିର୍ବାହ କରିବା କାରଣ ଗୋଟିଏ ସଦକାର୍ଯ୍ୟକରୀ କମେଟୀ ସଂଗଠନ କରିବା ଉଚିତ ହେଉଅଛି । ସଂଗୃହୀତ ଚାନ୍ଦାର ଯେ ଅଂଶ ପ୍ରାଦେଶିକ କମେଟିକୁ ଦିଆଯିବ ତାହା ଚାନ୍ଦାର ପରିମାଣ ଜଣାଗଲା ଉତ୍ତାରୁ ସ୍ଥିର କରିବା ବିଷୟରେ କେହି ଆପତ୍ତି କରିବାରୁ ସଭାପତି ମହୋଦୟ ବୁଝାଇ ଦେଲେ ଯେ ଅଧିକାଂଶ ପରିମାଣ ଏଠାରେ ବ୍ୟୟ ହେବାର ନ ଜାଣିଲେ ଅନେକେ ଅଧିକ ଚାନ୍ଦା ଦେବାକୁ

Digitized by srujanika@gmail.com

Split by PDF Splitter



ସ୍ୱୀକୃତ ହୋଇ ନ ପାରନ୍ତି । ଏଣୁ ସର୍ବସମ୍ମତି କ୍ରମେ ସଂଗୃହୀତ ଅର୍ଥର ଦଶମାଂଶ ପ୍ରାଦେଶିକ ସ୍ମୃତି କାର୍ଯ୍ୟ ସକାଶେ ଦଆଯିବା ଏବଂ କାର୍ଯ୍ୟ ନିର୍ବାହ କରିବା କାରଣ କମିଶନର ଓ କଲେକ୍ଟର ସାହେବଦ୍ୱୟ, ମାନ୍ୟବର କନିକାର ରାଜା, ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ବାବୁ ଯୋଗେନ୍ଦ୍ରନାଥ ବସୁ, ବାବୁ ଜାନକୀନାଥ ବସୁ, ବାବୁ ଗୋକୁଳାନନ୍ଦ ଚୌଧୁରୀ, ମୌଲବୀ ଅବଦୁସ୍ ସମଦ, ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର ଓ ବାବୁ ବ୍ରଜେନ୍ଦ୍ରନାଥ ଗୁପ୍ତଙ୍କୁ ନେଇ ଗୋଟିଏ କାର୍ଯ୍ୟକାରୀ କମେଟୀ ଗଠିତ ହେଲା । ସ୍ୱର୍ଗଗତା ଭକ୍ତୋଶ୍ୱରୀ ଦେବୀଙ୍କ ସ୍ମରଣାର୍ଥ ଯେଉଁ ଚନ୍ଦା ସଂଗୃହୀତ ହୋଇଥିଲା ତାହାର ବିଷୟ ସଭାପତି ପ୍ରଶ୍ନ କରନ୍ତେ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ମହୋଦୟ ଉତ୍ତର ଦେଲେ ଯେ ସମସ୍ତ ଭାରତୀୟ କମେଟୀ ସକାଶେ କଟକଜିଲ୍ଲାରୁ ଅଧିକ ଟଙ୍କା ସଂଗୃହୀତ ହୋଇ ଉକ୍ତ କମେଟିକୁ ପଠା ଯାଇଅଛି ମାତ୍ର ପ୍ରାଦେଶିକ ସ୍ମୃତିରକ୍ଷା ସକାଶେ ପ୍ରକୃତ ଚନ୍ଦାର କିଛି ମାତ୍ର ଆଦାୟ ହୋଇ ନାହିଁ । ଅତଃପର ସ୍ଥିର ହେଲା ଯେ ମୋଫସଲର ଚନ୍ଦା ସଂଗ୍ରହ କରିବା କାରଣ ଲୋକମାନଙ୍କୁ ତାହାର ଉଦ୍ଦେଶ୍ୟ ବୁଝାଇ ଦେବା ସକାଶେ ପତ୍ରିକା ଛପାଇ ବଣ୍ଟନ କରାଯିବ ଯେ ସ୍ୱେଚ୍ଛାମତେ ଲୋକେ ଆପଣାର ଦେୟ ଅର୍ଥ ପ୍ରେସିଡେଣ୍ଟମାନଙ୍କ ସମୀପରେ ଦେଇ ରସିଦ ନେବେ ଏବଂ ଚନ୍ଦାମାନ ତିନିମାସ ମଧ୍ୟରେ ସଂଗୃହୀତ ହେବ । ତତ୍ପରେ ଚନ୍ଦାବହି ସଭାସ୍ଥଳରେ ବୁଲାଇବାରୁ ନିମ୍ନ ଲିଖିତମତେ ଟ ୨୫୪୧ ଙ୍କା ଚନ୍ଦା ଉଠିଲା । ଚନ୍ଦାର ପ୍ରାରମ୍ଭ ଆଶାପ୍ରଦ ଅଟେ ଏବଂ ତତ୍ପର ହୋଇ ଲାଗିଲେ ବହୁତ ଅର୍ଥ ସଂଗୃହୀତ ହୋଇପାରେ କାରଣ ପରଲୋକଗତ ପ୍ରଜାରଞ୍ଜନ ସମ୍ରାଜ୍ଞୀଙ୍କ ସ୍ମୃତିରକ୍ଷାର୍ଥ ପ୍ରତ୍ୟେକ ପ୍ରଜା ସାଧ୍ୟମତ ଅର୍ଥ ଦେବାକୁ ଯେ କୁଣ୍ଠିତ ନ ହେବେ ଏହା ଆମ୍ଭମାନଙ୍କର ବିଶ୍ୱାସ ।

ଚନ୍ଦାଦାତାଙ୍କର ତାଲିକା:—

| | |
|---|---|
| ଜେ, ଏଚ. ଇ. ଗାରେଟ ଏସ୍କୁଆର | ଟ ୧୦୦ |
| ଏଲ, ବର୍ଲି ଏସ୍କୁଆର | ଟ ୫୦ |
| ରାଜା । ବ । କନିକା | ଟ ୧୦୦୦ |
| ରାଜା । ବ । ମଧୁପୁର | ଟ ୩୦୦ |
| ଡିଃ ଜେ ଏନ୍ ବୋଷ | ଟ ୨୦୦ |
| ବାବୁ କାର୍ତ୍ତିକଚନ୍ଦ୍ରରାୟ ଚୌଧୁରୀ | ଟ ୧୦୦ |
| " ବୃନ୍ଦାବନ ଦାସ | ଟ ୫୦ |
| ମାନ୍ୟବର ଏମ୍ ଏସ୍ ଦାସ | ଟ ୨୦୦ |
| ବାବୁ ଜାନକୀନାଥ ବୋଷ | ଟ ୫୧ |
| ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର | ଟ ୨୫ |
| ବାବୁ ବିଶ୍ୱନାଥ ସିଂହ | ଟ ୨୫ |
| ବାବୁ ରାମଶଙ୍କର ରାୟ | ଟ ୨୦ |
| " ଗୋକୁଳାନନ୍ଦ ଚୌଧୁରୀ | ଟ ୫୦ |
| " ଉପେନ୍ଦ୍ରନାଥ ଘୋଷ | ଟ ୧୦ |
| " ମଧୁସୂଦନ ସେନଗୁପ୍ତ | ଟ ୨୫ |
| " ଶାରଦାମ୍ବର ପାଲ | ଟ ୨୫ |
| ରାୟ ପୂର୍ଣ୍ଣଚନ୍ଦ୍ର, ମୌଲିକ ବାହାଦୁର | ଟ ୨୦ |
| ବାବୁ ନିମାଇଚରଣ ମିତ୍ର | ଟ ୨୫ |
| " ଶୁକଦେବ ରାମ | ଟ ୧୫ |
| " ଏ ଶାମେୟୁ | ଟ ୧୫ |
| " ରାଖାଲଚନ୍ଦ୍ର ଭଗତ | ଟ ୨୦ |
| " କଳ୍ପତରୁ ଦାସ | ଟ ୧୫ |
| " ରଘୁନାଥ ମହାନ୍ତି | ଟ ୧୫ |
| " ମାୟାଧର ଦାସ | ଟ ୧୫ |
| " ମୋହନମୋହନ ଦତ୍ତ | ଟ ୧୦ |
| " ବାଲମୁକୁନ୍ଦ କାନୁନଗୋ | ଟ ୧୦ |
| " ଗୌରୀଶଙ୍କର ରାୟ | ଟ ୫୦ |
| " ସୁରେନ୍ଦ୍ରନାଥ ମୁଖର୍ଜ୍ଜୀ | ଟ ୧୦ |
| " ବ୍ରଜାନନ୍ଦ ଦାସ | ଟ ୨୦ |
| " ଶଶିଭୂଷଣ ରାୟ | ଟ ୧୫ |
| " ବ୍ରଜଦୁର୍ଲ୍ଲଭ ହାଜରା | ଟ ୧୫ |
| " ବନବିହାରୀ ପାଲିତ | ଟ ୫ |
| ରାୟ ସାହେବ ପ୍ରାଣକୃଷ୍ଣ ସେନ | ଟ ୧୫ |
| ମୌଲବୀ ହାଜିନାଜର ମହମ୍ମଦ | ଟ ୧୦ |
| ବାବୁ ଉଇଲିୟମ ରାଉତ | ଟ ୫ |
| " ଯୋଗେଶଚନ୍ଦ୍ର ଦତ୍ତ | ଟ ୧୫ |
| | ଟ ୨୫୪୧ |

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ୍ ।

ଓଡ଼ିଶା ଡିଭିଜନର ସବ ଡେପୁଟି କଲେକ୍ଟର ଓ ଅସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ବାବୁ ଜାନକୀନାଥ ଗୁପ୍ତ ଗତମାସ ତା ୧୯ ଦିନଠାରୁ ମା ୧ । ୨୦ ଦିନ ଛୁଟୀ ପାଇଲେ ।

ଓଡ଼ିଶା ଡିଭିଜନର ଅସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର ଡବଲିଉ, ଡି, ଵେଷ୍ଟ ସାହେବ ଆଗାମୀ ଅକ୍ଟୋବର ପହିଲାରୁ ତି ୬ ନ ଛୁଟୀ ପାଇଲେ ।

ହାବଡ଼ା ଜେନେରେଲ ହସପିଟାଲର ହାଉସସର୍ଜନ ମିଡ଼ିକାଲ ଅସିଷ୍ଟାଣ୍ଟ ସର୍ଜନ ଏସ, ଜେ, ଏ, ଫର୍ଗୁ ସାହେବ ନିଜର ଶ୍ରେଣୀର ସିଭିଲ ସର୍ଜନ ନିଯୁକ୍ତ ହୋଇ ବାଲେଶ୍ୱରରେ ଅବସ୍ଥାପିତ ହେଲେ ।

ସମ୍ବଲପୁରର ସବ ଡେ ମାଜିଷ୍ଟ୍ରେଟ ବାବୁ ଗୋପୀନାଥ ଦାସ ୨ୟ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

କର୍ମଚାରୀମାନଙ୍କର ଷାଣ୍ମାସିକ ପରୀକ୍ଷା ଆଗାମୀ ଅକ୍ଟୋବର ମାସ ତା ୩।୪ ଦିନରେ କଟକ ମେଡ଼ିକାଲ ସ୍କୁଲରେ ଗୃହୀତ ହେବ ।

ହିନ୍ଦୁ ସ୍କୁଲର ସହକାରୀ ଶିକ୍ଷକ ବାବୁ ଶଶିଭୂଷଣ ସେନ ଗୁପ୍ତ ଏମ୍, ଏ, ଗତମାସ ତା ୧ ଦିନରୁ ପ୍ରେସିଡେନ୍ସୀ କଲେଜର ଲେକ୍ଚରର ନିଯୁକ୍ତ ହେଲେ ।

ବାବୁ ବସନ୍ତବିହାରୀ ରାୟ ଏମ, ଏ, ପରୀକ୍ଷାରେ ଦର୍ଶନ ଶାସ୍ତ୍ରର ଦ୍ୱିତୀୟ ଶ୍ରେଣୀ ଅଧିକାର କରି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଗତ ତା ୧୨ ଦିନରେ ଶେଷ ହେବା ସପ୍ତାହରେ ସ୍ଥାନର ତାପ କଟକ ସେ ୧୦୩, ବାଲେଶ୍ୱର ସେ ୧୩୩, ଅନୁଗୁଳ ସେ ୧୪½, ପୁରୀ ସେ ୧୧୩ ଓ ସମ୍ବଲପୁର ସେ ୧୫ ଏବଂ ଗଡ଼ଜାତମଧ୍ୟରେ ସର୍ବୋଚ୍ଚ କାମଗା ଓ ତାଳଚେର ସେ ୨୦ ଓ ସର୍ବନିମ୍ନ ଅଠମଲ୍ଲିକ ସେ ୧୧ ।

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା— କଟକ ୩.୨୦ ବାଲେଶ୍ୱର ୨.୩୪, ଅନୁଗୁଳ ୩.୪୧, ପୁରୀ ୦.୧୩, ଓ ସମ୍ବଲପୁର ୮.୩୮, ଇଞ୍ଚ ଏବଂ ଗଡ଼ଜାତ ମଧ୍ୟରେ ସର୍ବୋଚ୍ଚ ଖଣ୍ଡପଡ଼ା ୮.୮୨, ଓ ସର୍ବନିମ୍ନ ତାଳଚେର ୦.୨୧ ଇଞ୍ଚ ।

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଅନାବର୍ଷା ଗତ ସପ୍ତାହପରି ଚଳିଅଛି । ଆକାଶ ପ୍ରାୟ ସର୍ବଦା ମେଘାଚ୍ଛନ୍ନ । ବର୍ଷା ପ୍ରାୟ ଗୁଡ଼ିଏ ଦିନ ହେଉଅଛି । ସାଧାରଣ ସ୍ୱାସ୍ଥ୍ୟ ମନ୍ଦ ନୁହେଁ ।

ନଈବଢ଼ି ସାମାନ୍ୟରେ ହୋଇ ଅଛି । ଗତ କଲି ସୂର୍ଯ୍ୟାସ୍ତ ଏବର୍ଷ ଧରଣ ନଈ ବଢ଼ି ସାମାନ୍ୟ ହୋଇ ଗଲା ।

ଜଣେ ବଙ୍ଗୀୟ ଓକିଲ କମିସନ କରିବା ସୂତ୍ରରେ ଟିକଟରେ ଘାଟପିଉ ପକାଇବା ସ୍ୱୟଂ କମିଶନର ସାହେବଙ୍କ ଦୃଷ୍ଟିରେ ପଡ଼ନ୍ତେ ତାଙ୍କ ନାମ ରିପୋର୍ଟ ଯାଇଥିଲେ ଓ ପରେ ସାହେବ ମହୋଦୟ ପର୍ସୋନାଲ ଅସିଷ୍ଟାଣ୍ଟଦ୍ୱାରା ତାଙ୍କ ଜବାବ ତାଗିଦ କରି ନେଇଅଛନ୍ତି ।

ଏଠା ରେଭେନସା କଲେଜର ଅଧ୍ୟାପକ ଓ ସ୍କୁଲ ବିଭାଗର ସହକାରୀ ଶିକ୍ଷକ ବାବୁ ଶ୍ୟାମାଚରଣ ମୁଖର୍ଜ୍ଜୀ ପାଟନା କଲେଜକୁ ବଦଳି ହୋଇ ଯିବାରୁ ଏଠା କଲେଜ ଓ ସ୍କୁଲ ଛାତ୍ରମାନେ ତାଙ୍କ ବିଦାୟରେ ସଭାକରି ଦୁଃଖ ପ୍ରକାଶ କରିଥିଲେ । ଓ ଅନ୍ୟ ଶିକ୍ଷକମାନଙ୍କୁ ସେହି ବିଦାୟ ଭୋଜ ମଧ୍ୟ ଦେଇଥିଲେ । ବାବୁ ମହୋଦୟ ଯେପରି ବିଦ୍ୱାନ ସେହିପରି କର୍ତ୍ତବ୍ୟ ପାଳନରେ ତତ୍ପର ଥିଲେ ମଧ୍ୟ ଶାନ୍ତ ପ୍ରକୃତିର ଶିକ୍ଷକ ଥିଲେ ସୁତରାଂ ସକଳ ଛାତ୍ର ତାଙ୍କଠାରେ ସନ୍ତୁଷ୍ଟ ଥିଲେ । ଏପରି ଶିକ୍ଷକ ସାଧାରଣ ଅନୁକରଣୀୟ ।

କଲିକତା ହାଇକୋର୍ଟ ଗତମାସ ତା ୧ ଦିନରୁ ବନ୍ଦ ହୋଇଅଛି । ଆଗାମୀ ନଭେମ୍ବର ମାସ ତା ୨୧ ଦିନରେ ଖୋଲିବ । ହାଇକୋର୍ଟ ବନ୍ଦ ହେବାରୁ ଓକିଲ ବାବୁ ସୁରେନ୍ଦ୍ର ଚକ୍ରବର୍ତ୍ତୀ ଏ ନଗରକୁ ଆସିଅଛନ୍ତି । ବନ୍ଦ ସମୟରେ ବାବୁ ମହୋଦୟ ଏଠାରେ ଅବସ୍ଥାନ କରିବେ ।

ଓଡ଼ିଶାରୁ ଏଥର ପ୍ରଥମ ପରୀକ୍ଷାରେ ଗତ ପ୍ରକାଶିତ ଛାତ୍ରମାନଙ୍କ ଛଡ଼ା ଗୋପାଳଚନ୍ଦ୍ର ଦେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ହାଇକୋର୍ଟର ଫୌଜଦାରୀ ବେଞ୍ଚର ବିଚାରକ ହୋମ ଜଜ ଓ ଘୋଷ ମହୋଦୟମାନେ କଟକ ଯୌଥ ବିଚାରରେ ଦଣ୍ଡିତ ମଙ୍ଗରାଜର ମୋକଦ୍ଦମାର ବିଚାର ଚଳାଉ ଅଛନ୍ତି । ଓକିଲ ବାବୁ ସୁରେନ୍ଦ୍ର ଚକ୍ରବର୍ତ୍ତୀ ଆସାମୀ ତରଫରୁ ଉପସ୍ଥିତ ହୋଇଥିଲେ ।

ତାଳଚେର ରାଜା ଯୁବରାଜଙ୍କ ଯୋଷଣାହାର ସଂସ୍କାର ଦେବାରେ ସେ ଗ୍ରାମର ଲୋକମାନେ ଏକ ଦଳ ଗଠିତ ହୋଇଅଛି । ଏହି ଦଳମାନେ ସମୟରେ ରାଜ ଦ୍ୱାରେ ଉପସ୍ଥିତ ହୋଇ ଜନ୍ୟ ଭିତରେ ସହିତ ସ୍ୱ ପ୍ରଜାମାନଙ୍କ ପ୍ରବୃତ୍ତ ହେଉଅଛନ୍ତି । ଅତୀତ ରାଜାଙ୍କୁ ପ୍ରଜାମାନେ ଜେନେରଲ ମନ ଜାଣିଥିବେ ସୁଚିତ ଓ ସୁଜାତ ଅଟେ । ସ: ବା:

ଗତ ତା ୨ ରଖ ସର୍ପାଘାତରେ ବାଲେଶ୍ୱରରେ ସାମାନ୍ୟ ଭୂମିକମ୍ପ ହୋଇଥିବା ସେ ବିଷୟ ଯେତେ ଲୋକ ବୁଝି ପାରିଲେ ମାତ୍ର ତଥାପି ଲୋକ ଜାଣି ପାରିଲେ ନାହିଁ । ସ: ବା:

Digitized by srujanika@gmail.com

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ !

ଅଧୁନା ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ ଯେଉଁ ବିଦ୍ୱେଷ ଭାବ ଜାତ ହୋଇଅଛି ତାହା ମୋର କ୍ଷୁଦ୍ର ବିବେଚନାରେ ନ୍ୟାୟ ସଙ୍ଗତ ଓ ଶୁଭସୂଚକ ବୋଲି ବିବେଚିତ ହେଉ ନାହିଁ । ଗୃହବିବାଦ ଉତ୍କଳର ଉନ୍ନତିର ପ୍ରାଣ ପଥ୍ୟ ରୋଗ । ଗୃହ ବିବାଦହିଁ ଅମ୍ଭମାନଙ୍କର ଏତାଦୃଶ ଅଧଃପତନର ମୂଳ କାରଣ । ଏଣିକି ଯାହା ସବୁ କରୁଅଛନ୍ତି ତାହା କେବଳ ଅଲଣା କାର୍ଯ୍ୟ ।

କତିପୟ କ୍ଷୁଦ୍ରଚେତା ଓଡ଼ିଆ ନିଜର ଦୂରଦର୍ଶିତା ଅଭାବ ପ୍ରଯୁକ୍ତ ଏହି ନୂତନ ଉଦ୍ଭାବନ କରି ସମାଜରେ ବୃଥା ଏକ ଗୋଲମାଲ ଉପସ୍ଥିତ କରାଇଅଛନ୍ତି । ପ୍ରକୃତପକ୍ଷରେ ବିବେଚନା କରି ଦେଖିଲେ ବର୍ତ୍ତମାନ ଓଡ଼ିଆ ବୋଲି ଯେଉଁମାନେ ଦାବୀ କରୁଅଛନ୍ତି ସେମାନଙ୍କର ଦାବୀ ଆଦୌ ଯୁକ୍ତିସଙ୍ଗତ ହୋଇ ନ ପାରେ । ଐତିହାସିକ ଘଟନା ନିଚୟରୁ ସ୍ପଷ୍ଟ ଉପଲବ୍ଧ ହୁଅଇ ଯେ ବାଉରି, କନ୍ଧ, ପାଣ, ଶବର ପ୍ରଭୃତି ଓଡ଼ିଶାର ଆଦିମନିବାସୀ ଅଟନ୍ତି । ଅଧୁନା ଯେଉଁମାନେ ଓଡ଼ିଆ ଓ ଓଡ଼ିଶାର ଆଦିମ ନିବାସୀ ବୋଲି ଦାବୀ କରନ୍ତି ସେମାନେ ଡୋମିସାଇଲ୍ଡ ଅଟନ୍ତି । କାରଣ ସେମାନେ ସମସ୍ତେ କେହି ବା ବାଣିଜ୍ୟ କେହି ବା ରାଜକାର୍ଯ୍ୟରେ ଔପନିବେଶିକ ଭାବେ ଆସି ଉତ୍କଳରେ ବାସ କରିଅଛନ୍ତି ।

ଧୀରଚିତ୍ତ ଓ ସ୍ଥିରବୁଦ୍ଧିରେ ବିବେଚନା କରିବାକୁ ହେଲେ ଡୋମିସାଇଲ୍ଡ ଓଡ଼ିଆଙ୍କର ଉତ୍କଳରେ ଯେପରି ଦାବୀ ଡୋମିସାଇଲ୍ଡ ବଙ୍ଗାଳୀଙ୍କର ମଧ୍ୟ ତଦ୍ରୂପ ଦାବୀ ଅଛି । ଏଥିପାଇଁ ବୃଥାରେ କଳହ କରିବାଟା ମୂର୍ଖତାର ପରିଚାୟକ ।

ଶିକ୍ଷା ସମସ୍ତଙ୍କୁ ସଭ୍ୟ କରେ । ଓଡ଼ିଆ ଭାଇମାନେ ଔଷଧ ନ ଖାଇ ତାହିଆ କି ମୂଡିଲେ କଅଣ ହେବ । ଯେବେ ପ୍ରକୃତ ମନୁଷ୍ୟ ହେବାକୁ ଇଚ୍ଛା ଥାଏ ବଙ୍ଗାଳୀଙ୍କ ଭଳି ସର୍ବାଗ୍ରେ ସୁଶିକ୍ଷିତ ହେବାକୁ ଚେଷ୍ଟା କର । ଅଶିକ୍ଷିତ ଜଣେ ଶିକ୍ଷିତରେ ଏତେ ସବୁ ଫୁଟାଇବାଟା ମୂର୍ଖତାର ପରିଚାୟକ ନୁହେଁ କି ? ଯେବେ ପ୍ରକୃତ ବଙ୍ଗାଳୀଙ୍କ ଭଳି ମନୁଷ୍ୟ ବୋଲି ପରିଗଣିତ ହେବାକୁ ଇଚ୍ଛା କର । ବଙ୍ଗାଳୀଙ୍କ ସଙ୍ଗରେ ଆଉ କିଛିକାଳ ମିଶି, ସେମାନଙ୍କ ନିକଟରୁ ସଦ୍‌ଗୁଣ ନିଚୟ ଉତ୍ତମରୂପେ ଶିକ୍ଷା କର ଓ ବ୍ୟବହାରଦ୍ୱାରା ପରିଚୟ ପ୍ରଦାନ କର । ଭାଇମାନେ ! ମୋ ଉପରେ ରାଗିବ ନାହିଁ । ଦେଖ ବଙ୍ଗାଳୀମାନେ ପ୍ରାୟ ଅଧିକାଂଶ ଉଚ୍ଚଶିକ୍ଷା ପ୍ରାପ୍ତ, ତୁମ୍ଭମାନଙ୍କମଧ୍ୟରେ କେତେ ଜଣ ? ଜମା ଅଢ଼େଇ ଜଣ, ଏଥିପାଇଁ ଏତେ ଗୋଳମାଳ କିଆଁ । ଅଦ୍ୟାବଧିପର୍ଯ୍ୟନ୍ତ ଶିକ୍ଷାର ମହାତ୍ମ୍ୟ ବୁଝିବାକୁ ସକ୍ଷମ ହୋଇ ନାହିଁ ଶିକ୍ଷା ପ୍ରଭୃତିରେ ବଙ୍ଗାଳୀଙ୍କଠାରୁ ଅନେକ ଦୂରରେ ରହିଅଛ । ଯେ ଗୁରୁ ସ୍ଥାନୀୟ ତାହାଙ୍କ ସଙ୍ଗେ ବିବାଦ କଲେ ଗୁରୁମାର ବିଦ୍ୟା ହେବ ।

ବଶମ୍ବଦ ।

ଉଷା-ପଡ଼ା, କଟକ } ହାକିମ ସେଖ୍ ଓ୍ୟାସେଦୁଲ୍ଲା
ତା ୨ । ୯ । ୧୦ } ସେନାପତି ରାୟ
ଇୟୁଜାନ ହାକିମ ତହସିଲ ।

---

ଉତ୍କଳ-ସମ୍ମିଳନୀ ।

ମହାଶୟ !

ଉପରୋକ୍ତ ଶବ୍ଦଟିକୁ ଅଳ୍ପକ୍ଷଣ ଗମ୍ଭୀରଭାବରେ ଚିନ୍ତା କଲେ ଯହିଁରୁ କିପରି ପୁନବ ସ୍ନେହ ନିର୍ଗତ ହୁଏ ତାହା ଲେଖି ବୁଝାଇ ଦିଆଯାଇ ନ ପାରେ । ଛବର୍ଷ ହେଲା ଏହି ନାମ ଉତ୍କଳର ସର୍ବତ୍ର ପ୍ରବେଶ କରିଅଛି । ଏଥିପୂର୍ବରୁ ଏହି ଶବ୍ଦଟି ଯେ ଉତ୍କଳରେ ଉଦ୍ଭାବିତ ହେବ ଏହା କେହି ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ବର୍ତ୍ତମାନ ଏହା ଛବର୍ଷ ଅତିକ୍ରମ କରିଅଛି । ଏହି ଶିଶୁ ଅବସ୍ଥାରୁ ଏ ଯେପରି ଶିକ୍ଷା ପାଇବ ସେପରି ଯୌବନାବସ୍ଥାରେ ଉପଯୁକ୍ତ ହୋଇପାରିବ । କର୍ତ୍ତୃପକ୍ଷମାନେ ଏହାର ପିତା, ମାତା ସଦୃଶ; ଅନେକ ସ୍ଥଳରେ ପିତା ମାତାଙ୍କର ଅବହେଳାବଶତଃ ପୁତ୍ର କନ୍ୟାମାନେ ଯେପରି ଅଶିକ୍ଷିତ, ଅଶିକ୍ଷିତା ହୁଅନ୍ତି ତଦ୍ରୂପ ବର୍ତ୍ତମାନ କର୍ତ୍ତୃପକ୍ଷମାନଙ୍କର ଅବହେଳା ବଶତଃ ଶିଶୁ "ଉତ୍କଳ ସମ୍ମିଳନୀ"ର ଦଶା ସେପରି ହେବ ସନ୍ଦେହ ନାହିଁ । ବର୍ତ୍ତମାନ ଉପଯୁକ୍ତ କର୍ତ୍ତୃପକ୍ଷମାନେ ଶିଶୁ ସମ୍ମିଳନୀକୁ ଯେପରି ଚାଳନା କରୁଅଛନ୍ତି ସେପରି ଚାଳନା କଲେ ଭାବୀ ଉନ୍ନତି ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଢୋଲ, ଦଶହରା ସଦୃଶ ଏହା ବାର୍ଷିକ ପର୍ବ ହେଲେ ଦେଶର କୌଣସି ଉପକାର ହେବ ନାହିଁ । ଯେ ହେତୁ ବର୍ତ୍ତମାନ ସମ୍ମିଳନୀର କର୍ତ୍ତୃପକ୍ଷମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସମ୍ମିଳନୀର ଉନ୍ନତି କରିବାକୁ ପ୍ରକୃତ ବାସନା ଯଦି ଜାଗ୍ରତ ହୋଇଥାଏ ତେବେ ବର୍ତ୍ତମାନାବସ୍ଥାରୁ ଏହାକୁ ଉନ୍ନତି ମାର୍ଗରେ ଚାଳିତ କରନ୍ତୁ ।

ପରିଶେଷରେ ନିବେଦନ ଏହି ଯେ ସପ୍ତମ ଅଧିବେଶନ ଅତି ନିକଟ; ଅସନ୍ତା ଅଧିବେଶନ କେଉଁଠାରେ ହେବ ଏବଂ କିଏ ସଭାପତି ହେବେ, ଏହାର ଉପାୟ ଏବେଠାରୁ ନ କଲେ ପଛକୁ "ବାହାବେଳେ ବାଇଗଣ ରୁଅ କଥାପରି ହେବ" । ଅମ୍ଭେମାନେ ବୃଥାରେ ଏକବର୍ଷ ହରାଇଅଛୁଁ । ଯିବର ଏ ବର୍ଷ ଅମ୍ଭମାନଙ୍କର ଏହି ସମ୍ମିଳନୀପ୍ରତି ଆଶୀର୍ବାଦ କରନ୍ତୁ ଏହାହିଁ ପ୍ରାର୍ଥନା ।

ଇତି ।

କଟକ } ଶ୍ରୀ ଲକ୍ଷ୍ମୀ ପ୍ରତାପନାରାୟଣ ରାୟ ।
ତା ୬।୯।୧୦ } କୃଷ୍ଣପ୍ରିୟ କୁଟୀର କଟକ ।

---

ମହାଶୟ !

ଅଚ୍ୟୁତ ରଘୁନାଥ ଜୀଉଙ୍କ ମଠର ମହନ୍ତ ତପୋନିଧି ରଘୁନାଥ ପୁରୀ ଗୋସ୍ୱାମୀ ମହୋଦୟ ଜଣେ ଉଦାରମନା ଓ ସାଧୁଲୋକ ଅଟନ୍ତି । ତାଙ୍କର ଚରିତ୍ର ପ୍ରକୃତ ସନ୍ନ୍ୟାସୋପମ ଏଥିରେ ଆଦୌ ସନ୍ଦେହ ନାହିଁ । କାରଣ ଗତବର୍ଷ ରାଇମୁଣ୍ଡା ଚିକିତ୍ସାଳୟ ନିର୍ମାଣ ନିମନ୍ତେ ଏ ମହାଶୟ କଟକଜିଲ୍ଲାର ମାଜିଷ୍ଟ୍ରେଟ ସାହେବଙ୍କ ହସ୍ତରେ ଟ ୩୦୦୦ଙ୍କା ଦାନ କରିବାକୁ ପ୍ରତିଶ୍ରୁତ ହୋଇ ସେଥିମଧ୍ୟରୁ ଟ ୨୦୦୦ ଟ୍ରେଜରିରେ ଦାଖଲ କରିଅଛନ୍ତି ଏବଂ ଅବଶିଷ୍ଟ ଟ ୧୦୦୦ କିଛିଦିନ ପରେ ଦାଖଲ କରିବାକୁ ସମ୍ମତ ଅଛନ୍ତି । ଆଉ ମଧ୍ୟ ଏ ମହାଶୟଙ୍କର କତିପୟ କ୍ଷୁଦ୍ର ଓ ବୃହତ୍ ଦାନର ପ୍ରମାଣ ଅଛି । ଅଚ୍ୟୁତ ମିଃ ଇଂ ବିଦ୍ୟାଳୟରୁ ଶିକ୍ଷକମାନଙ୍କର ବେତନାର୍ଥ ମାସିକ ଟ ୧୫ଙ୍କା ଲେଖାଏଁ ଦାନ କରନ୍ତି । ପୁନରପି ବିଦ୍ୟାଳୟ ଟିଲ୍‌ନୂତନ ନିର୍ମାଣ କରି ସେଥିପାଇଁ ଟ ୧୭୦୦ଙ୍କା ସ୍ୱହସ୍ତରୁ ବ୍ୟୟ କରିଅଛନ୍ତି ।

ଏ ମହାତ୍ମା ସନ ୧୩୦୪ ସାଲରେ ଉତ୍ସୃଷ୍ଟିଙ୍କ ନଦୀ ବୃଦ୍ଧିହେତୁ ଏ ଅଞ୍ଚଳର ବନ୍ୟା ଓ ଦୁର୍ଭିକ୍ଷ ପ୍ରପୀଡିତ ବ୍ୟକ୍ତିମାନଙ୍କୁ ଅନ୍ନଦାନ କରି ମୃତ୍ୟୁମୁଖରୁ ରକ୍ଷା କରିଥିଲେ । ଆଉ ମଧ୍ୟ ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରୁ ନିଯୁକ୍ତ କର୍ମଚାରୀଙ୍କ ହସ୍ତରେ ଅନେକ ମହଣ ଚାଉଳ ବଣ୍ଟନାର୍ଥ ଅର୍ପଣ କରିଥିଲେ । ସନ ୧୩୧୪ ସାଲରେ ଯେତେବେଳେ ବାହ୍ମଣୀ ନଦୀ ବୃଦ୍ଧିରେ ସେ ସବୁ ଅଞ୍ଚଳ ଧୋଇ ହୋଇଯାଇ ଥିଲା ସେତେବେଳେ ଏ ମହାତ୍ମା ଟ ୧୫୦୦ଙ୍କାର ଧାନ୍ୟ ବନ୍ୟାପୀଡିତ ଲୋକମାନଙ୍କର ସାହାଯ୍ୟାର୍ଥ କଟକର ମାଜିଷ୍ଟ୍ରେଟ ଓ ଯାଜପୁରର ସବ୍‌ଡିଭିଜନାଲ୍ ଅଫିସରଙ୍କ ହସ୍ତରେ ଅର୍ପଣ କରିଥିଲେ । ଏ ମହାଶୟଙ୍କର ଇଦୃଶ ବଦାନ୍ୟତାରେ ଦେଶବାସିଙ୍କର ସବିଶେଷ କଲ୍ୟାଣ ସାଧିତ ହେଉଅଛି । ଏଣୁ ଓଡ଼ିଶାସ୍ଥ ଅନ୍ୟାନ୍ୟ ମଠର ମହନ୍ତମାନେ ତପୋନିଧି ମହୋଦୟଙ୍କର ଆଦର୍ଶ ଅନୁକରଣ କଲେ ଦେଶର ଅଶେଷ କଲ୍ୟାଣ ସାଧିତ ହେବ ।

ଇତି ।

କୋଠପଦା ମିଃ ଇଂ } ବଶମ୍ବଦ
ସ୍କୁଲ } ନାଥ ମିଶ୍ର

# ଉତ୍କଳ ଦୀପିକା ।

ବାର୍ଷିକ ଦୁର୍ଗୋତ୍ସବ ଉପଲକ୍ଷେ କଟକ ପ୍ରିଣ୍ଟିଂ କମ୍ପାନୀର କାର୍ଯ୍ୟାଳୟ ଆଜ ତାରିଖରେ ଦ ୧୬ ଦ ବନ୍ଦ ହେବ ଓ ଅସନ୍ତା ତା ୨୯ ଇଙ୍ଗ ଶୁକ୍ରବାର ଫିଟିବ । ଏହି ପତ୍ରିକା ମଧ୍ୟ ତୁଇ ସପ୍ତାହ ବାହାରିବ ନାହିଁ । ଅତ ପାଠକମାନଙ୍କଠାରୁ ବିଦାୟ ଗ୍ରହଣକଲୁଁ ।

---

ଶାରଦୀୟ ଦୁର୍ଗାପୂଜା ନିମନ୍ତେ କଲେକ୍ଟରୀ ଫଉଜଦାରୀ କଚେରୀ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟମାନ ଅଜଦିନ ସହିତ ଦ ୧୬ ଦ ବନ୍ଦ ହେଲା । ସ୍କୁଲମାନମଧ୍ୟ କେତେକ ଏକ ମାସ ଓ କେତେକ କହିଁରୁ ଊଣା ବନ୍ଦ ହୋଇଅଛି ଓ ଘରକୁ ଯିବାର ଧୂମ ଲାଗିଅଛି । ମୋଫସଲବାସୀ ଯେଉଁମାନେ ଘରକୁ ନ ଯାଇ ଏଠାରେ ରହୁଅଛନ୍ତି ଅଥବା ଅନ୍ୟ ସ୍ଥାନକୁ ଭ୍ରମଣାର୍ଥେ ଯାଉଅଛନ୍ତି ସେମାନଙ୍କର କଥା ସ୍ୱତନ୍ତ୍ର । ସେମାନେ ପୈତୃକ ବାସସ୍ଥାନପ୍ରତି ମାୟା ମମତା ସ୍ୱତ ନଜ ସ୍ୱାର୍ଥରେ ଜଡ଼ୀଭୂତ । ସେମାନଙ୍କଠାରେ ଜନ୍ମଭୂମିର ଆଶା ଅଳ୍ପ । ଯେଉଁମାନେ ସ୍ୱଗୃହକୁ ଯାଉଅଛନ୍ତି ସେହିମାନଙ୍କର ବନ୍ଧୁ କୁଟୁମ୍ବ ଓ ଅପର ଗ୍ରାମବାସିଙ୍କ ପ୍ରତି ଅନୁରାଗ ଅଛି ଏବଂ ଗ୍ରାମବାସିମାନେ ସେମାନଙ୍କର ସାକ୍ଷାତ ସୁଖକୁ ପ୍ରତୀକ୍ଷା କରୁଅଛନ୍ତି । ଏହି ସମ୍ମିଳନ ବଡ ପ୍ରୀତିକର ଏବଂ ଏହା ସ୍ୱଦେଶ ପ୍ରେମ ତଥା ବିଶ୍ୱପ୍ରେମର ପ୍ରଥମ ସୋପାନ ବୋଲାଯାଇପାରେ । ଅମ୍ଭେମାନେ ଏମାନ୍ତ ଆଶାକରୁଁ ଏହି ସୁଯୋଗରେ ନିଜ ନିଜ ଗ୍ରାମବାସିଙ୍କ ସେମାନଙ୍କର ମଙ୍ଗଳାର୍ଥ ନାନା ସଦୁପଦେଶ ଦେବେ ଏବଂ ଗ୍ରାମର ଅସ୍ୱାସ୍ଥ୍ୟର ଯଥାସାଧ୍ୟ ପ୍ରତିକାର କରିବାର ପନ୍ଥା ଦେଖାଇବେ ଓ ତହିଁରେ ଅନ୍ତଃକରଣ ସହିତ ଯୋଗ ଦେବେ ।

---

## THE POOJAH.

The Poojah is come. Every one of us is now busy in his own way. With the Bengalees it is a National festival and is observed with eclat. In this town too, the Poojah is observed with considerable pomp, and every section of the Hindu community take part in it more or less. The children enjoy it to their hearts' content; they connect it with fun, merriment, new dress and dainty dishes, besides relief from brow-beating teachers and *abodhans*. To the young men, the season is non the less agreeable as it brings them rest and affords them an opportunity of enjoying the pleasures of sweet home in muffosil away from the hubbub of town. Those who observe the ceremonies have a busy time of it. Most of them go through the formalities of the Poojah without pausing to think what they connote. Some have to look to the comforts of guests who flock in large numbers to enjoy the Poojah which to many is nothing but a great *Tamasah*. The rich and the poor, the old and the young try to enjoy the festival as best as they can according to their individual ideal and inclination. Some pass their days in contemplation, devoutly thinking what the Poojah is really meant for while other give themselves up to fun and merriment and do not care if they suffer in health. The traders are busy in selling their commodity, while the Railway Co's. invite people to travel long distances on concession fares, not losing sight of the gain they are likely to make out of additional traffic. Such is the sum total of Poojah enjoyments which are observed all over the Country.

In the *Purans* it is said that Ram Chandra worshipped Doorga before he fought Ravana. Doorga is otherwise called Sakti. Ravana is represented as a demon with ten heads and twenty arms. To kill him Rama invoked the aid of Sakti and with her blessing attained his object. But how is it that Doorga is represented as one having three eyes and ten hands? With a most beautiful and smiling face she rides a lion, the king of beasts. She delights in sacrifices and of all, the sacrifices of goats and buffaloes are the most approved. Did the acute Hindu think of killing a demon with the aid of a demoness? To some this conception of Sakti worship may seem a puzzle. The contemplative Hindus fond of allegories used symbols to represent certain concepts, but in later days with gradual deterioration of the race, the original ideals were lost sight of and form took the place of concept. As said above Ravana is described as having ten heads and twenty hands. Ten heads show that he was exceedingly haughty and his twenty hands mean that he was busy in his work. True to his Rakhasa nature he was bent on doing evil and this he did with great alacrity. To kill such a Rakhasa great strength is necessary. Sakti Poojah instructs us to do our work promptly and effectively as if we were possessed of ten hands. Doorga has two eyes like every mortal but she has an additional eye in the forehead. This third eye is always awake and forebodes a right understanding of things. In order to succeed a man must have a clear brain and he must also keep his mind wide open. He must not lose temper or be a slave to lust. He must sacrifice his passions at the altar of duty. The sacrifices of goats and buffaloes represent merely the sacrifice of passions—lust and anger. The goat is the most lustful of all animals and buffaloe is known for its ire. The three days of contemplation and poojah bring on *Vijoya* and *Siddhi*. On the day of *Dusserah*, the Votary has obtained *Siddhi*. He has no enemy to be afraid of. Universal brotherhood has taken possession of his heart, and he eagerly embraces one and all in full ecstacy having tasted the bliss, the poojah brought to him. The *Vijoya* and *Siddhi* have now degenerated to the tasting of *Siddhi* ( Bhang ) on the Vijoya day. Sacrifice of self and passion has given way to the sacrifice of a number of goats or buffaloes. It ought to be remembered that self and passions must be sacrificed before any noble object can be attained. Such is the ideal of the grand Poojah which the tradition says was inaugurated by the noblest of heroes, Sri Ramchandra. Let us pray to *Adyasakti* to lead us in the true path of righteousness and in her grace bring us uninterrupted peace and prosperty.

---

ଗତ ତା ୨୯ ଇଙ୍ଗ ଶେଷ ହେବା ସପ୍ତାହରେ କମ୍ବୁକ୍ତ ଓଡ଼ିଶା, ଛୋଟନାଗପୁର ମଧ୍ୟପ୍ରଦେଶ ମାନ୍ଦ୍ରାଜ ବମ୍ବେଇ ବିଶାଖପଟନ୍ ପ୍ରଭୃତିରେ ବୃଷ୍ଟି ହୋଇଥିଲା ଯେ ବ୍ରହ୍ମାରେ ବୃଷ୍ଟି ପରିମାଣ ସବାପେକ୍ଷା ଅଧିକ ସ୍ୱଳ୍ପ । ଅନ୍ୟାନ୍ୟ ସ୍ଥାନ ମଧ୍ୟରେ ବିଶାଖପଟ୍ଟମରେ ୬ ଇଞ୍ଚ ବାଲେଶ୍ୱରରେ ୨।୦ ଜଳ ପଡ଼ିଥିଲା । ଭାରତର ଅଧିକାଂଶ ସ୍ଥାନରେ ଜଳର ପରିମାଣ ଏ ସମୟଠାରୁ ଅଧିକ ହୋଇଅଛି ।

—O✱O—

ଗତ ତା ୨୪ ଇଙ୍ଗ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗରୋଗ ମୃତ୍ୟୁ ୨୬୪୧ ହୋଇଥିଲା ଯେ ତହିଁମଧ୍ୟରେ ବମ୍ବେଇ ୮୦୯ ମଧ୍ୟପ୍ରଦେଶ ୫୨୨ ରାଜପୁତାନା ୩୭୨ ମହୀଶୂର ୨୮୮ ପଞ୍ଜାବ ୧୫୮ ମାନ୍ଦ୍ରାଜ ୧୪୬ ଏବଂ ମଧ୍ୟଭାରତ ୧୧୮ ଉଚ୍ଚ ଥିଲା । ଗତ ସପ୍ତାହ ପ୍ରତି ବମ୍ବେ ପଞ୍ଜାବ ଓ ବ୍ରହ୍ମାରେ କହି ଊଣା ଏବଂ ଅନ୍ୟ ସକଳ ପ୍ରଦେଶରେ ବଢ଼ିଥିଲା । ମଧ୍ୟପ୍ରଦେଶର ବୃଦ୍ଧି ବିଶେଷ ଥିଲା । ଗତ ସପ୍ତାହର ମୋଟ ମୃତ୍ୟୁ ୨୫୨୩ ଥିଲା ।

---

ଓଡ଼ିଶାଜିଲ୍ଲା ସମୂହର ଗତ ଜୁଲାଇମାସର ଜନ୍ମ ମୃତ୍ୟୁ ତାଲିକା ।

| ଜିଲ୍ଲା | ଜନ୍ମ | | ମୃତ୍ୟୁ | |
|---|---|---|---|---|
| | ସଦର | ମୋଫସଲ | ସଦର | ମୋଫସଲ |
| କଟକ | ୧୨୪ | ୨୮୫୮ | ୧୫୭ | ୪୨୫୮ |
| ବାଲେଶ୍ୱର | ୪୧ | ୩୪୪୪ | ୨୭ | ୨୧୨୫ |
| ପୁରୀ | ୫୫ | ୩୩୭୪ | ୧୭୦ | ୨୩୪୦ |
| ସମ୍ବଲପୁର | ୪୩ | ୨୩୧୯ | ୩୫ | ୧୭୫୨ |

କଟକ ସଦରସ୍ଥାନ ମଧ୍ୟରେ କେନ୍ଦ୍ରାପଡ଼ା ଓ ଯାଜପୁର ସହର ସ୍ଥାନର ଅଙ୍କ ମିଶିଅଛି ।

Digitized by srujanika@gmail.com

Split by PDF Splitter



ଓଲଉଠା ଓ ବସନ୍ତ ରୋଗର ପ୍ରକୋପ କୌଣସିଠାରେ ନ ଥିଲା । ଜ୍ୱର ଏବଂ ଅତିସାର ପ୍ରଭୃତି ଅଧିକାଂଶ ମୃତ୍ୟୁର କାରଣ ଥିଲା ।

ଏ ବର୍ଷ ଏପର୍ଯ୍ୟନ୍ତ ଯେପରି ବୃଷ୍ଟିପାତ ହୋଇଅଛି ଲୋକମାନେ ପୂର୍ଣ୍ଣ ଫସଲ ପାଇବା ଆଶାରେ ଅଛନ୍ତି ଓ ଅନେକେ କହୁଅଛନ୍ତି ଯେ ଏଣିକି ବୃଷ୍ଟି ନ ହେଲେ ମଧ୍ୟ ବିଶେଷ କ୍ଷତି ହେବ ନାହିଁ । ଏ ବର୍ଷ ଧୂମକେତୁ ବାହାରି ଯେତେ ଅମଙ୍ଗଳର ଭୟ ଦେଖାଇଥିଲା ଏବଂ ଜଳପ୍ଲାବନ ଅଗ୍ନିଭୟ ଓ ରୋଗାଦିରେ ଅନେକ ସ୍ଥାନେ ଅନେକ ଅନିଷ୍ଟ ହୋଇଥିଲେହେଁ ଫସଲର ଅବସ୍ଥା ଦେଖି ସେ ସମସ୍ତ ଦୂର ହୋଇଅଛି ଏବଂ ବହୁଲୋକ ମୁକ୍ତକଣ୍ଠରେ ଏହାକୁ ଆମ୍ଭମାନଙ୍କର ନବସମ୍ରାଟ ଜର୍ଜ ପଞ୍ଚମଙ୍କର ସିଂହାସନାରୋହଣର ଶୁଭଫଳ ବୋଲି ନିର୍ଦ୍ଦେଶ କରୁଅଛନ୍ତି । ଈଶ୍ୱରଙ୍କ ଅପାର କରୁଣାରେ ସମ୍ରାଟ ଦୀର୍ଘଜୀବୀ ହୁଅନ୍ତୁ ଓ ତାହାଙ୍କ ଶାସନକାଳ ପ୍ରଜାପୁଞ୍ଜ ବିବିଧ ସୁଖଭୋଗ କରନ୍ତୁ ।

ମେଦନୀପୁର ଷଡ଼ଯନ୍ତ୍ର ମୋକଦ୍ଦମା କଲିକତା ହାଇକୋର୍ଟରେ ୩୭ଦିନ ଶୁଣାଯିବାପରେ ଗତ ପୂର୍ବ ଶୁକ୍ରବାର ଭୂରଜଣ ଶେଷ ସାକ୍ଷୀର ସାକ୍ଷ୍ୟ ନିଆଯାଇ ହାଇକୋର୍ଟ ସିଟି ଯାଏ ସ୍ଥଗିତ ରହିଲା । ଜଜଗଣ ଏ ସାକ୍ଷିର ଯୋବାନବନ୍ଦୀରେ ଏବେ ଦୀର୍ଘସ୍ଥଗିତ ରଖିଗଲେ । ଅସନ୍ତା ନବେମ୍ବର ମାସ ତା ୨୨ ରଖରେ ହାଇକୋର୍ଟ ସିଟିଂରେ ଏ ମୋକଦ୍ଦମା ଚଳିବ । ବିଚାରପତି ଫ୍ଲେଚର ସାହେବ ଅବସର ଭୋଗ କରିବାକୁ ଲୁରସଅଙ୍ଗ ପାହାଡ଼କୁ ଯାତ୍ରା କଲେ ଏବଂ ଶ୍ରୀଯୁକ୍ତ କରଟିନ ଓ ଶ୍ରୀଯୁକ୍ତ ଅଲଇମାନ ବାରିଷ୍ଟରମାନେ ସମୁଦ୍ର ପବନର ଶୀତଳ ସ୍ଥାନକୁ ଗଲେ । ସେଠାରେ ବର୍ଷ ପ୍ରତିବାଦର ମୋକଦ୍ଦମାର ଆଲୋଚନା କରିବେ ।

ଗଡ଼ଜାତବାସିନୀ ଲେଖିଅଛନ୍ତି କି "ଦେଖୁ ଅକ୍ଟୋବର ମାସ ଆସି ପ୍ରବେଶ ହେଲା ମାତ୍ର ଉତ୍କଳ ସମ୍ମିଳନୀ କଥା କିଛି ଏପର୍ଯ୍ୟନ୍ତ ପାଯାଉନାହିଁ । ସମ୍ମିଳନୀ ଓଡ଼ିଆଜାତିର ସମ୍ମିଳିତ ଚେଷ୍ଟାର ଏକମାତ୍ର ମୂଳାଧାର । ଓଡ଼ିଆଜାତି ଏ ବିଷୟ ଉତ୍ତମରୂପେ ହୃଦୟଙ୍ଗମ କରି ପାରୁଥିଲେ ମୁଦ୍ରା ଯଦ୍ୱାରା ଜାତୀୟତାର ଦୃଢ଼ତର ଭିତ୍ତି ସ୍ଥାପିତ ହୋଇ ଦେଶବ୍ୟାପୀ ମଙ୍ଗଳ ସାଧିତ ହେବ ତତ୍ପ୍ରତି ମନ ନ ବଳାଇ କେବଳ 'ବଙ୍ଗାଳ ଛଡ଼ାଅ ଶାସନରେ' ଏହି ଝୁର ତୋଳାଇବାରେ ବ୍ୟସ୍ତ । ସେଉଁମାନେ ଗଛର ମୂଳ ଛାଡ଼ି ଡାଳ ଧରି ଉପରକୁ ଉଠିବାକୁ ଚାହାନ୍ତି ସେମାନଙ୍କର ଅଧଃପତନ ଭିନ୍ନ ଅନ୍ୟ କଅଣ ଅଛି । ଯଦ୍ୱାରା ସର୍ବପ୍ରକାର ସୁବିଧା ସହଜେ ଲାଭ ହେବ ସେ କୌଶଳ ପ୍ରତି ଉପେକ୍ଷିତା ଶୋଚନୀୟ ନୁହେ"

---

କଲିକତା ବିଶ୍ୱବିଦ୍ୟାଳୟର ଏମ୍, ଏ, ଓ ଏମ୍, ଏସ୍, ସି ପରୀକ୍ଷାର ଫଳ ଏବର୍ଷ ଏକଥେ ନ ବାହାରି କ୍ରମେ ବାହାରିଅଛି । ସର୍ବସୁଦ୍ଧା ଏମ୍, ଏ, ରେ ୭୪ ଜଣ ପାସ କରିଅଛନ୍ତି ଯେ ସେମାନଙ୍କ ମଧ୍ୟରେ ଇଂରାଜୀରେ ୨୯, ଦର୍ଶନରେ ୧୩, ଇତିହାସରେ ୯, ସଂସ୍କୃତରେ ୭ ଏବଂ ଅବଶିଷ୍ଟ ଅନ୍ୟାନ୍ୟ ବିଷୟରେ । ଏମ୍, ଏସ୍ ସି ପରୀକ୍ଷାରେ ପାସ କରିଥିବା ୧୧ ଜଣ ମଧ୍ୟରେ ରସାୟନରେ ୬ ଭୂବିଦ୍ୟାରେ ୩ ଏବଂ ଗଣିତରେ ୨ ଜଣ ସଫଳ ହୋଇଅଛନ୍ତି । ଉଭୟ ଉପାଧିର ଅଧିକାଂଶ ଛାତ୍ର ୨ୟ ଓ ୩ୟ ଶ୍ରେଣୀରେ ସ୍ଥାନ ପାଇଅଛନ୍ତି ଏବଂ ଅଧିକାଂଶ ବିଶ୍ୱବିଦ୍ୟାଳୟର ଛାତ୍ର ଅଟନ୍ତି । ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଛାତ୍ର ଅତ୍ୟଳ୍ପ । ଏଥିରୁ ବୁଝାଯାଉଅଛି ଯେ ଅତ୍ୟନ୍ତ ସାବଧାନତା ସହିତ ଫଳ ନିର୍ଣ୍ଣୟ ହୋଇଅଛି ଏବଂ ସଫଳ ହେବା ଛାତ୍ରଗଣର ଯୋଗ୍ୟତା ଅଧିକତର ଆଦରଣୀୟ ।

---

ବେଦ ବିଷୟକ ପ୍ରତିଯୋଗିତା ପାଣିର ନିୟମାବଳୀ ଗତ ତା ୨୯ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେହି ପାଣିର ମୂଳଧନ ୫ ୨୭୦୦ ଟଙ୍କା ସରକାରୀ ୩ ୧/୨ ଟଙ୍କିଆ ସୁଧର ପ୍ରମିସରି ନୋଟ ଅଟେ । ଏହା ଦାତବ୍ୟ ସମ୍ପତ୍ତିର ସରକାରୀ ଟ୍ରେଜରର (ଖଜାଞ୍ଚି) ଙ୍କ ଜମା ରହିବ ଏବଂ ତହିଁର ସୁଧରୁ ଦୁଇବର୍ଷରେ ଏକଥର ୫ ୫୦୦ ଟଙ୍କା ପୁରସ୍କାର ବେଦବିଷୟକ ରଚନା ଯାହାର ଉତ୍କୃଷ୍ଟ ହେବ ତାହାକୁ ଦିଆଯିବ । କଲିକତା ସଂସ୍କୃତ କଲେଜର ଅଧ୍ୟକ୍ଷ ତହିଁର ବ୍ୟବସ୍ଥା କରିବେ । ରଚନା ବେଦସମ୍ବନ୍ଧୀୟ ଏପରି ହେବ ଯହିଁରେ କିଛି ଗବେଷଣାନୁସନ୍ଧାନ ଅଥବା ବିଶେଷ ଅନୁସନ୍ଧାନର ପ୍ରମାଣ ମିଳିବ । ଯେ ବିଷୟରେ ରଚନା ଲେଖାଯିବ ମାର୍ଚ୍ଚ ୧ ତାରିଖ ପୂର୍ବରୁ ତାହା ବିଜ୍ଞାପନଦ୍ୱାରା ଜଣାଇ ଦିଆଯିବ ଏବଂ ବଙ୍ଗ ଗବର୍ଣ୍ଣମେଣ୍ଟ ଅଧୀନ ସମସ୍ତ ଜିଲ୍ଲା ଏବଂ ପୂର୍ବବଙ୍ଗ ତାହା ସଙ୍ଗସାକ୍ଷୀ ଚଟ୍ଟଗ୍ରାମ ବିଭାଗ ଓ ସିଲହଟ ଜିଲ୍ଲା ଲୋକମାନେ ପ୍ରତିଯୋଗୀ ହୋଇପାରିବେ । ରଚନା ବଙ୍ଗଳା ସଂସ୍କୃତ ଅଥବା ଇଂରାଜୀଭାଷାରେ ଲେଖା ହେବ ।

---

ଏଠା ଜିଲ୍ଲାବୋର୍ଡ଼ର ହେଡ଼କିରାଣୀ ଓ ଏକାଉଣ୍ଟାଣ୍ଟ ପଦରେ ବାବୁ ବନମାଳୀଦାସଙ୍କୁ ବାହାଲ କରିବା ପ୍ରସଙ୍ଗ ଗତ ସୋମବାର ଅଧିବେଶନରେ ଉଠିଥିଲା । ସରକାରୀ ନିୟମାନୁସାରେ ଏକାଉଣ୍ଟ ପରୀକ୍ଷା ପାସ କରିଥିବା ବ୍ୟକ୍ତି ଏ କାର୍ଯ୍ୟରେ ନିଯୁକ୍ତ ହେବ । ମାତ୍ର ଓଡ଼ିଶାରେ ସେପରି ଯୋଗ୍ୟତା ଲାଭ କରିଥିବା ବ୍ୟକ୍ତି ବିରଳ । ତେଣୁ କର୍ମଖାଲି ବିଜ୍ଞାପନ ଦିଆ ଯାଇଥିଲେ ସୁଦ୍ଧା ନ ୩ ଜଣରୁ ଅଧିକ ପ୍ରାର୍ଥୀ ହୋଇ ନ ଥିଲେ ଓ ସେମାନଙ୍କ ମଧ୍ୟରେ ବନମାଳୀ ବାବୁଙ୍କୁ ଯୋଗ୍ୟତର ଦେଖି ନିଯୁକ୍ତ କରାଯାଇଅଛି । ଏହି ଅଧିବେଶନ ତାହାଙ୍କ ପରୀକ୍ଷା ପାଶ କରିବା କାରଣ ଏକବର୍ଷ ସମୟ ଦିଆଯାଇ ଅସ୍ଥାୟୀରୂପେ ରଖାଗଲା । ଓଡ଼ିଶାରେ ୪ ଟା ଜିଲ୍ଲାବୋର୍ଡ଼ ଓ ତଦନ୍ତର୍ଗତ କେତେକ ଇଞ୍ଜିନିୟର କରେଣ୍ଟି ଏବଂ ପୂର୍ତ୍ତବିଭାଗ ଓ ଅନ୍ୟାନ୍ୟ ମହକୁମାରେ ପରୀକ୍ଷୋତ୍ତୀର୍ଣ୍ଣ ଏକାଉଣ୍ଟାଣ୍ଟ ଲୋଡ଼ା । ଏହା ଜାଣି ଏ ପ୍ରଦେଶର ଛାତ୍ରଗଣ ଏ ଯୋଗ୍ୟତା ଲାଭ ପ୍ରତି ଯତ୍ନବାନ୍ ହେଉ ତାହାଙ୍କ ଭୃତ୍ତର ବିଷୟ ଅଟେ । ଭରସା କରୁଁ ବର୍ତ୍ତମାନ ଘଟଣା ଏଠା ଛାତ୍ରଗଣ ଓ ସେମାନଙ୍କ ଅଭିଭାବକଗଣର ଦୃଷ୍ଟି ଆକର୍ଷଣ କରିବ ।

—o—

ଏ ମାସ ପ୍ରଥମ ତାରିଖରେ ଏ ନଗରର ଭଡ଼ାଗାଡ଼ି ବା ଘୋଡ଼ାଗାଡ଼ିର ଯେଉଁ ଷାଣ୍ମାସିକ ପରୀକ୍ଷା ହୋଇଥିଲା ତହିଁରେ ଅନେକ ଗାଡ଼ି ପାସ ନ ହେବା ଯୋଗେ ଦ ୬୭ ନ ଗାଡ଼ି ଚଳପ୍ରଚଳ ବନ୍ଦ ହୋଇଥିଲା ଏବଂ ଲୋକଙ୍କର ବଡ଼ କଷ୍ଟ ହୋଇଥିଲା । ପ୍ରତି ମାସ ୬ ପରେ ଏପରି ପରୀକ୍ଷାର ନିୟମ ଅଛି ଏବଂ ମିଉନିସିପଲ କମିଶନରମାନେ କରନ୍ତି । ଏଥର ପଶୁଡାକ୍ତରଙ୍କୁ ସଙ୍ଗେ ନେଇ ପରୀକ୍ଷା କରିବାରେ ସେ ଅନେକ ଘୋଡ଼ା ପୀଡ଼ିତ ଥିବାର ମତ ଦେଲେ ତେଣୁ ଅତ୍ୟଳ୍ପ ଗାଡ଼ି ପାସ ହେଲା ଓ ଗାଡ଼ିବାଲାମାନେ ବିରକ୍ତ ହୋଇ ମେଳ ଆରମ୍ଭ କରିଥିଲେ । ଯାହା ହେଉ କମିଶନରମାନେ ବିଷୟକୁ ଜାଗ୍ରତ ହେବାରେ କ୍ରମେ ପାସ ହେବାଦ୍ୱାରା ଲୋକଙ୍କର ଅସୁବିଧା ଦୂର ଯାଇଅଛି । ଆମ୍ଭମାନଙ୍କ ବିବେଚନାରେ ପଶୁଡାକ୍ତରଙ୍କ ସାହାଯ୍ୟନେବା ସୁବିଚାର ନୁହେ । ସେ ପୀଡ଼ିତ ପଶୁ ଗାଡ଼ି ଟାଣ ଥିବାର ଦେଖିଲେ ପୁଲିଶ ବା ମିଉନିସିପଲ କର୍ମଚାରୀ ଡାକ୍ତରଙ୍କ ନିକଟକୁ ପଠାଇବା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସମାନ କଥା ନୁହେ । ସରକାରୀ ବା ମିଉନିସିପାଲଟି ଅମଲାଗଣର ସାମୟିକ ସ୍ୱାସ୍ଥ୍ୟ ପରୀକ୍ଷା ହେଲେ ସେମାନେ ପୁଣି ପାଇବେ କି ? ବାସ୍ତବରେ ପଶୁଡାକ୍ତରଙ୍କ ପରୀକ୍ଷା ହେଉ ତାହାଙ୍କ ପ୍ରତି ଗାଡ଼ିବାଲାଙ୍କର ମନ ବିଗଡ଼ ଯାଇଅଛି ଏବଂ ପଶୁ ରକ୍ଷା ବିସ୍ତାରର ଅନୁକୂଳ ନହେ ।

---

ନିମ୍ନ ଲିଖିତ ଓଡ଼ିଆ ପୁସ୍ତକମାନ ସ୍କୁଲପାଠ୍ୟ ପୁସ୍ତକରୂପେ ଅନୁମୋଦିତ ହୋଇ ଶିକ୍ଷାବିଭାଗୀୟ ଡାଇରେକ୍ଟରଙ୍କ ଆଦେଶମତେ ସାଧାରଣଙ୍କ ଗୋଚରାର୍ଥେ ଗତ ସେପ୍ଟେମ୍ବରମାସ ତା ୨୧ ରିଖ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଯଥା:—

Digitized by srujanika@gmail.com

୫ ମ ଓ ୬ଷ୍ଠ ଷ୍ଟାଣ୍ଡାର୍ଡ

| ପୁସ୍ତକର ନାମ | ଗ୍ରନ୍ଥକାର ନାମ | ମୂଲ୍ୟ |
|---|---|---|
| ସାହିତ୍ୟକଳା | ବାବୁ ମଧୁସୂଦନ ରାଓ | ଟ ୦ ୲ |
| ସଙ୍କଳିତ ବିଜ୍ଞାନ ଭାଗ | ବାବୁ ମଧୁସୂଦନ ରାଓ ଓ ବାବୁ ମଧୁସୂଦନ ଦାସ | ଟ ୦ ୲ |
| ଉତ୍କଳସାହିତ୍ୟ ୨ୟ ଭାଗ | ବାବୁ ଉମେଶଚନ୍ଦ୍ର ବସୁ | ଟ ୦ ୲ |
| ଜ୍ୟାମିତି ୧ମ | ବାବୁ ସୀତାନାଥ ବସୁ | ଟ ୦ । |
| ବ୍ୟବହାରିକ ଜ୍ୟାମିତି ଓ ପରିମିତି | | ଟ ୦ । |
| ବ୍ୟବହାରିକ ଜ୍ୟାମିତି ଓ ସହଜପରିମିତି | ବାବୁ ଉମେଶଚନ୍ଦ୍ର ବସୁ | ଟ ୦ । |
| ଭାରତବର୍ଷର ଇତିହାସ ( [illegible] ) | | ଟ ୦ । |
| ଭାରତବର୍ଷର ଇତିହାସ | [illegible] | ଟ ୦ । |
| ଭୂଗୋଳ ( ମିଶନରୀ ପ୍ରେସର ) | | ଟ ୦ । |
| ମଧ୍ୟଶିକ୍ଷାପାଠ | | ଟ ୦ ।୵ |

୩ୟ ଓ ଚତୁର୍ଥ ଷ୍ଟାଣ୍ଡାର୍ଡ

| | | |
|---|---|---|
| ସାହିତ୍ୟମଣ୍ଡପ | ଶ୍ରୀମତୀ ସରଳା ଦେବୀ | ଟ ୦ ୵ |
| ଉତ୍କଳପ୍ରାଥମିକ ଇତିହାସ | ବାବୁ ସତ୍ୟମ ବକ୍ସ | ଟ ୦ ୵ |
| ଐ ଭୂଗୋଳ | ଐ | ଟ ୦ ୵ |
| ଉତ୍କଳପ୍ରାଥମିକ ଶିକ୍ଷାପାଠ | | ଟ ୦ । |

୨ୟ ଷ୍ଟାଣ୍ଡାର୍ଡ ।

| | | |
|---|---|---|
| ଉନ୍ନତ ପ୍ରାଥମିକ ବିଜ୍ଞାନପାଠ | | ଟ ୦ ୵ |
| ଐ | ଜ, କ୍ରି, ଘୋଷ | ଟ ୦ ୵ |
| ସଙ୍କଳିତ | ବାବୁ ମଧୁସୂଦନ ରାଓ ଓ ମଧୁସୂଦନ ଦାସ | ଟ ୦ ୵ |
| ପ୍ରାଥମିକ ସନ୍ଦର୍ଶିକା | ସେଖ ମଜଲୁଦ୍ଦିନ | ଟ ୦ ୵ |

୧ମ ଓ ୨ୟ ଷ୍ଟାଣ୍ଡାର୍ଡ ।

| | | |
|---|---|---|
| ବାଲ୍ୟପାଠ ୧ମ ଭାଗ | ରସ୍ ସାହେବ ଗୋରକ ହିନ୍ଦୁ ଓଗେର | ଟ ୦ /୦ |
| ବାଲ୍ୟପାଠ ୨ୟ ଭାଗ | ରସ୍ ସାହେବ ଗୋରକ ହିନ୍ଦୁ ଓଗେର | ଟ ୦ /୨ |
| ସ୍କୁଲବୁକ୍ ସୋସାଇଟି ମେଟ୍ରିକ ମ୍ୟାକମିଲନକମ୍ପାନୀ | | ଟ ୦ ୵୯ |
| ଐ ଉତ୍ତରମାଳା | | ଟ ୦ / |

ଶିଶୁଶ୍ରେଣୀ ୨ୟ ବର୍ଷ ।

| | | |
|---|---|---|
| ଚିତ୍ରପାଠ | ରସ୍ ସାହେବ ଗୋରକ ହିନ୍ଦୁ ଓଗେର | ଟ ୦ (୯ |

---

ଅସ୍ମମାନଙ୍କର ଗବର୍ଣ୍ଣରଜେନେରଲ ମହାମାନ୍ୟ ଲର୍ଡ଼ ମିଣ୍ଟୋ ଅଳ୍ପ ଏକମାସ ପରେ ବିଦାୟ ହୋଇ ଯିବେ ଓ ତାହାଙ୍କ ସ୍ଥାନରେ ନୂତନ ଗବର୍ଣ୍ଣର-ଜେନେରଲ ଆସିବେ । ମହାମାନ୍ୟ ମିଣ୍ଟୋ ମହୋଦୟଙ୍କ ସୁଶାସନରେ ମୋହିତ ହୋଇ ସମସ୍ତ ଭାରତବାସୀ ତାହାଙ୍କ ସ୍ମୃତି ରଖିବା କାରଣ ଯତ୍ନବାନ୍ ହୋଇଅଛନ୍ତି । ଭାରତର ପ୍ରଧାନ ରାଜଧାନୀ କଲିକତାରେ ତାହାଙ୍କ ସ୍ମୃତି ରକ୍ଷାର୍ଥ ଗତମାସ ତା ୨୭ ରଖରେ କଲିକତା ବଣିକସଭାର ଉଦ୍ୟମରେ ଗୋଟିଏ ସାଧାରଣ ସଭା ହୋଇଥିଲା ଏବଂ କଲିକତାର ଅନ୍ୟାନ୍ୟ ପ୍ରଧାନ ସଭାସମିତି ଏବଂ ମାନ୍ୟ ଗଣ୍ୟ ଇଉରୋପୀୟ ଓ ଦେଶୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ସାଧାରଣ ଚାନ୍ଦାଦ୍ୱାରା ମହାମାନ୍ୟ ଲର୍ଡ ମିଣ୍ଟୋଙ୍କର ମୂର୍ତ୍ତି-ପ୍ରତିଷ୍ଠା ଓ ତାହାଙ୍କ ନାମରେ ଚାନ୍ଦା ସଂଗୃହୀତ ହେବା ଓ ଗୋଟିଏ କାର୍ଯ୍ୟନିର୍ବାହକ କମିଟୀ ଗଠିତ ହେବା ପ୍ରସ୍ତାବମାନ ଧାର୍ଯ୍ୟ ହୋଇଅଛି । ଭାରତର ଦେଶୀୟ ରାଜାଗଣ କମଲଣରେ ଅସି ନ ପାରି ସହାନୁଭୂତି ପ୍ରକାଶ ସଙ୍ଗେ ଯେ ଯେତେ ଚାନ୍ଦା ଦେବେ ପତ୍ରଦ୍ୱାରା ଜଣାଇଥିଲେ ଏବଂ ଉପସ୍ଥିତ ସଭ୍ୟମାନେ ଚାନ୍ଦା ସ୍ୱାକ୍ଷର କଲେ । ତହିଁର ମୋଟ ୭୦ ହଜାର ଟଙ୍କା ହୋଇଥିବାର ସଭାରେ ଘୋଷିତ ହେଲା । ଚାନ୍ଦାଦାତାଙ୍କ ମଧ୍ୟରେ ହାଇଦ୍ରାବାଦ ନିଜାମ ଟ ୧୦୦୦୦୯ ବିକାନେର, ପାଟିଆଲା ଓ କାଶ୍ମୀର ମହାରାଜାମାନେ ପ୍ରତ୍ୟେକେ ଟ ୭୦୦୦୯ ମହାମାନ୍ୟ ଦରଭଙ୍ଗା ଓ ରଣଜିତ୍ ସିଂହଜୀ, ପ୍ରତ୍ୟେକ ଟ ୫୦୦୦୯ ବର୍ଦ୍ଧମାନ ମହାରାଜା ଓ କୋଟା ମହାରାଜା ଟ ୩୦୦୦୯ ଲେଖାଏ ଅନ୍ୟମାନେ ତହିଁରୁ ଊଣା ଚାନ୍ଦା ଅଙ୍ଗୀକାର କରିଅଛନ୍ତି । ଏଥିରୁ ଜଣାଯାଏ ଅନେକ ଟଙ୍କା ଆୟ ହେବ ଓ ମୂର୍ତ୍ତି ପ୍ରତିଷ୍ଠାର ବ୍ୟୟ ଉତ୍ତାରୁ ଅନ୍ୟ କିଛି ହିତକାର୍ଯ୍ୟ ହୋଇ ପାରିବ ।

—*୦*—

ସ୍ଥାନାନ୍ତରେ ପ୍ରକାଶିତ ବିଜ୍ଞାପନରେ ପାଠକମାନେ ଦେଖିବେ ଯେ ସମ୍ରାଟସ୍ମୃତିରକ୍ଷା ଚାନ୍ଦା ଆଦାୟ କରିବାର ଭାର ମୋଫସଲସ୍ଥ ପଞ୍ଚାଏତ ପ୍ରେସିଡେଣ୍ଟଗଣଙ୍କୁ ଦିଆଯାଇଅଛି । ଗ୍ରାମବାସିମାନେ ଆପଣା ଇଚ୍ଛାମତେ ଯେ ଯାହା ଦେବେ ନିଜ ଏଲକା ପ୍ରେସିଡେଣ୍ଟଙ୍କ ପାଖରେ ଦାଖଲ କଲେ ସେ ନେଇ ଛପା ରେଜିଷ୍ଟରସିଦ ଲେଖି ଏକଖଣ୍ଡ ତାହାଙ୍କୁ ଦେବେ । ଚାନ୍ଦା ଦେବା ଶକ୍ତିର କଥା ତାହା କେହି ଦେବାକୁ ବାଧ୍ୟ ନୁହନ୍ତି ଏବଂ ଇଚ୍ଛା ନ ହେଲେ ନ ଦେବେ ବୋଲି ମାନନୀୟ କମିଶନରସାହେବ ସ୍ପଷ୍ଟ ବୁଝାଇ ଦେଇଅଛନ୍ତି । ଏଥିକୁ ଅମ୍ଭେମାନେ କହୁଁ କି ଓଡ଼ିଶାବାସିମାନଙ୍କ ଯେମନ୍ତ ରାଜଭକ୍ତ ଏବଂ ସ୍ୱର୍ଗୀୟ ସମ୍ରାଟ ଭାରତ ପ୍ରଜାପୁଞ୍ଜଙ୍କୁ ଯେପରି ପ୍ରେମ ଓ ସହାନୁଭୂତିରେ ପ୍ରତିପାଳନ କରିଥିଲେ ତାହାଙ୍କ ସ୍ମୃତିରକ୍ଷା କାର୍ଯ୍ୟରେ ଆପଣା ସଙ୍ଗତିମତେ କିଛି ଚାନ୍ଦା ଦେବାଦ୍ୱାରା ରାଜଭକ୍ତିର ପ୍ରତ୍ୟକ୍ଷ ପ୍ରମାଣ ଦେଖାଇବାକୁ ହେଲା କରିବାର ନାହିଁ । ଚାନ୍ଦାର ପରିମାଣ ମଧ୍ୟ କିଛି ବନ୍ଧା ନାହିଁ । ଶକ୍ତାନୁସାରେ କେହି ଦୁଇଅଣା ଚାରିଅଣା ଦେଲେ ମଧ୍ୟ ନିଆଯିବ ଏବଂ ଯେତେ ଅଧିକଲୋକ ଚାନ୍ଦା ଦେବେ ରାଜଭକ୍ତି ସେତେ ପ୍ରଗାଢ଼ ଏବଂ ବିସ୍ତୃତ ବୋଲି ଜଣାପଡ଼ିବ । ପୁଣି ଚାନ୍ଦାଟଙ୍କା ଯାହା ଆଦାୟ ହେବ ତାହା କେହି ନେଇଯିବ ନାହିଁ । ଏହି ଜିଲ୍ଲାର କୌଣସି ସାଧାରଣ ହିତକାର୍ଯ୍ୟ ସମ୍ରାଟଙ୍କ ନାମରେ ପ୍ରତିଷ୍ଠିତ ହେବ ଯେ ତଦ୍ଦ୍ୱାରା ସମ୍ରାଟଙ୍କ ନାମ ଜାଗ୍ରତ ରହିବ ଏବଂ ଜନସାଧାରଣ ତହିଁର ଉପକାର ଭୋଗ କରିବେ । ଅତଏବ ଏପ୍ରକାର କାର୍ଯ୍ୟରେ ଜିଲ୍ଲାବାସିମାନେ ପ୍ରଶସ୍ତହୃଦୟରେ ଶକ୍ତି ଅନୁସାରେ ଚାନ୍ଦା ଦାନ କରିବେ ଏହାହିଁ ଅମ୍ଭମାନଙ୍କର ଅନୁରୋଧ । ଆସନ୍ତା ମାର୍ଚ୍ଚ-ମାସ ତା ୧୫ ରଖ ମଧ୍ୟରେ ଚାନ୍ଦା ଦେବାକୁ ହେବ । ଏଥିପାଇଁ ସମସ୍ତଙ୍କର ତତ୍ପର ହେବା ଓ ଉପଯୁକ୍ତ ଚାନ୍ଦାଦ୍ୱାରା ଦାତ୍ତରେ ସମ୍ଭ୍ରମ ରଖିବା ଆବଶ୍ୟକ ।

---

ଯାତ୍ରି ବସାଘର ଆଇନ ।

ବଙ୍ଗପ୍ରଦେଶର ଯାତ୍ରିବସାଘର ଆଇନ ସମ୍ବନ୍ଧୀୟ ସନ ୧୯୦୯।୧୦ ସାଲର କାର୍ଯ୍ୟ ବିବରଣୀରେ ପ୍ରକାଶ ଯେ ଏ ବର୍ଷ ୨୧୫୪୩ ଯାତ୍ରୀ ରହିବା ଭଳି ୨୬୫୭ ଘର ଲାଇସେନ୍ସ ହୋଇଥିଲା । ତହିଁ ପୂର୍ବ ବର୍ଷର ଘର ଓ ଯାତ୍ରି ସଂଖ୍ୟା ଯଥାକ୍ରମେ ୨୪୧୨ ଓ ୧୦୭୫୬୯ ଥିଲା । ଏଥିରୁ ଦେଖାଯାଏ ଯେ ପୂର୍ବବର୍ଷ ପ୍ରତି ଘର ଅଧିକ ଏବଂ ଯାତ୍ରୀ ଊଣା ଥିଲା । ଗୟା ଏବଂ ବୃନ୍ଦାବନ ଛଡ଼ା ଆଉ ସକଳ ସ୍ଥାନରେ ବିଶେଷତଃ ପୁରୀ ଓ ଯାଜପୁରରେ ଅନେକ ଘର ପଟା ଦିଆଯାଇଥିଲା । ମାତ୍ର ପୁରୀକୁ ଦୋଳଯାତ୍ରାବେଳେ ଅଳ୍ପଯାତ୍ରୀ ଆସିବା ଏବଂ ଯାଜପୁରରେ ରଥଯାତ୍ରା ସମୟରେ ବସାଘର ଖାଲି ହେବା ହେତୁ ଯାତ୍ରୀ ଊଣା ପଡ଼ିଥିଲା । ଆଇନ ଲଙ୍ଘନ ଅପରାଧ ସକାଶେ ୪୧୫ ନମ୍ବର ମୋକଦ୍ଦମା ହୋଇଥିଲା ଯେ ତହିଁରେ ୩୮୪ ଜଣ ଦଣ୍ଡ ପାଇଥିଲେ ଏବଂ ଟ ୫୯୫୦ ଙ୍କା ଅର୍ଥଦଣ୍ଡ ହୋଇଥିଲା । ଗତ ବର୍ଷର ମୋଟ ଆୟ ୧୦୨୯୭୮୯ ଙ୍କାକୁ ଏ ବର୍ଷର ଆୟ ଟ ୮୩୯୬୫୯ ଙ୍କା ଅର୍ଥାତ ପ୍ରାୟ ୧୯ ହଜାର ଟଙ୍କା ଊଣା ହୋଇଥିଲା । ଏଥି ମଧ୍ୟରେ ପୁରୀରେ ଟ ୬୨୮୩୯ ଙ୍କା ଊଣା ପଡ଼ିଥିଲା । ଗତବର୍ଷ ଅନେକ ଟଙ୍କା ବକେୟା ଆଦାୟ ହେବା ଏବଂ ଏ ବର୍ଷ ପୁରୀର ରସିଦର କେତେକ ରହିବା ଅଯୋଗ୍ୟ ହେତୁ ଅଗ୍ରାହ୍ୟ ହେବା ଏଥିର କାରଣ ଅଟେ । ଅନ୍ୟ ଦଗରେ ମୋଟ ଖରଚ ଗତବର୍ଷ ଟ ୮୬୧୬୨ ରୁ ଏ ବର୍ଷ ଟ ୯୩୨୮୭୯ ଙ୍କା ହୋଇଅଛି । ସୁତରାଂ ଟ ୭୧୨୫୯ ଙ୍କା ବଢ଼ିଅଛି । କଟକଜିଲ୍ଲା ଜଗନ୍ନାଥ ସଡ଼କ ତଟ ସମୁଦ୍ର କୂଳ ପୁରୀ ଏବଂ କୈବାଟୀରେ ବଢ଼ିଅଛି ମାତ୍ର ବିଶେଷ ବୃଦ୍ଧି ପୁରୀ ସହରରେ ହୋଇଥିଲା ଯେ ସେଠାରେ ନାଳ ନିର୍ମାଣ କାର୍ଯ୍ୟ ସକାଶେ ମ୍ୟୁନିସିପାଲିଟିକୁ ଟ ୨୫ ହଜାର ଟଙ୍କା ଏବଂ ପିଲଗ୍ରିମ ହସପାତାଲ ବା ଯାତ୍ରି ଚିକିତ୍ସାଳୟ ଉନ୍ନତି ସକାଶେ ୩ ହଜାର ଟଙ୍କା ଦିଆଯାଇଥିଲା । କୈବାଟୀରେ ଯାତ୍ରୀଙ୍କୁ ପାଣିକଳ ଯୋଗାଇବା ଏବଂ ଯାତ୍ରୀ ପାଇଖାନା ନିର୍ମାଣ ସକାଶେ ଟ ୧୨୦୦୯ ଙ୍କା ଖରଚ ହୋଇଥିଲା । ଏ ବର୍ଷ କୌଣସି ସଂକ୍ରାମକ ରୋଗର ବିଶେଷ ପ୍ରାଦୁର୍ଭାବ ନ ଥିବା ହେତୁ ଯାତ୍ରିଙ୍କ ସ୍ୱାସ୍ଥ୍ୟ ଭଲ ଥିଲା ଗତବର୍ଷ ଯାତ୍ରୀ ମୃତ୍ୟୁ ୪୦୪ ରୁ ଏ ବର୍ଷ ୨୫୯

Digitized by srujanika@gmail.com

Split by PDF Splitter



ହୋଇଥିଲା ଯେ ତହିଁରେ ଏହା ପୂର୍ବରେ ୧୬୦ ମୃତ୍ୟୁ ଘଟିଥିଲା ଏବଂ ତହିଁର ଅର୍ଦ୍ଧେ ପ୍ରାୟ ଓଲଉଠା ଓ ଅମରକ୍ତ ଜନିତ ଥିଲା । ଗୟା ଓ ନବଦ୍ୱୀପରେ ଓଲଉଠା ପ୍ରକୋପ ସାମାନ୍ୟ ଥିଲା ।

—o※o—

## ସମ୍ରାଟ ଓ ଦଣ୍ଡୀ ।

ଗତ ମାସ କଲିକତା ସାହିତ୍ୟ ପରିଷଦ ଭବନରେ ରାୟ ଶରଚ୍ଚନ୍ଦ୍ର ଦାସ ବାହାଦୁର ସି, ଆଇ, ଇ, ସମ୍ରାଟ ଅଲେକ୍ଜାଣ୍ଡର (ସିକନ୍ଦର ବାଦଶାହା) ସମ୍ପର୍କୀୟ ଐତିହାସିକ ଆଖ୍ୟାନ ମୂଳକ ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ଏହି ଆଖ୍ୟାୟିକା ପ୍ରଥମେ ଗ୍ରୀକ ଐତିହାସିକ ପାଲାଡିୟସ ଲିପିବଦ୍ଧ କରିଯାଇଥିଲେ, ପରେ ଏହା ପାର୍ସି ଭାଷାରେ ଭାଷାନ୍ତରିତ ହୋଇ ବର୍ତ୍ତମାନ ଇଂରାଜୀରେ ପ୍ରକାଶିତ ହୋଇଅଛି । ଏହି ଆଖ୍ୟାୟିକାରେ ଅଲେକଜାଣ୍ଡର ଓ ଭାରତର ପ୍ରସିଦ୍ଧ ବ୍ରାହ୍ମଣ ଜବ ଦଣ୍ଡିଙ୍କର ବିଷୟ ବର୍ଣ୍ଣିତ ହୋଇଅଛି । ଅଲେକଜାଣ୍ଡର ବ୍ରାହ୍ମଣ୍ୟ-ଗୌରବ ଓ ଜବ ଦଣ୍ଡିଙ୍କ ବାହ୍ମଣ୍ୟ ମହିମା କଥା ଶୁଣି ତାହାଙ୍କୁ ଦେଖିବା ସକାଶେ ଡକାଇ ପଠାଇଥିଲେ କିନ୍ତୁ ଦଣ୍ଡୀ ଯିବାକୁ ଅସମ୍ମତ ହେଲେ । ତହୁଁ ସମ୍ରାଟ ପତ୍ରଦ୍ୱାରା ଅମନ୍ତ୍ରଣ କରି ଜଣାଇଲେ କି ସେ ବ୍ରାହ୍ମଣ ଧର୍ମର ଗୂଢ଼ ରହସ୍ୟ ଅନ୍ତତଃ କିଛି ପରିମାଣରେ ଜାଣିବାକୁ ଇଚ୍ଛା କରନ୍ତି । ଦଣ୍ଡୀ ଉତ୍ତର ଲେଖି ସମ୍ରାଟଙ୍କୁ ଜଣାଇଲେ ଯେ ତାଙ୍କର ( ସମ୍ରାଟଙ୍କର ) ହୃଦୟ ଉଚ୍ଚାକାଂକ୍ଷାରେ ପରିପୂର୍ଣ୍ଣ ଓ ସେ ତାହାଙ୍କୁ ତୋଷାମୋଦରେ ପରିତୁଷ୍ଟ କରିବାର ଇଚ୍ଛା ରଖନ୍ତି ନାହିଁ । ସୁତରାଂ ସେ ଯାଇ ପାରିବେ ନାହିଁ । ସମ୍ରାଟ ତାହାଙ୍କର ପତ୍ର ପାଇ ନିଜେ ତାହାଙ୍କୁ ଦେଖିବାକୁ ଗଲେ ଓ ଥାଳ ସଜାଡ଼ି ମୂଲ୍ୟବାନ୍ ଭେଟିମାନ ସଙ୍ଗେ ନେଲେ । ତାଙ୍କ ସହିତ ବ୍ରାହ୍ମଣ୍ୟ ଧର୍ମ ସମ୍ବନ୍ଧରେ କଥା ବାର୍ତ୍ତା ହେଲା । ପରିଶେଷରେ ଦଣ୍ଡୀ କହିଲେ ଯେ ତୁମ୍ଭେ ମୃତ୍ୟୁ ଭୟ କର କିନ୍ତୁ ଆମ୍ଭେ ମୃତ୍ୟୁ ଭୟ ରଖୁ ନା; ତୁମ୍ଭେମାନେ ଧାତୁର ସେବା କର ମାତ୍ର ଆମ୍ଭେମାନେ ତହିଁର ମମତା ରଖୁନା, ତୁମ୍ଭମାନଙ୍କ ସମାଜରେ ସନ୍ତୋଷ ନାହିଁ, ଆମ୍ଭମାନଙ୍କର କିଛି ଲୋଡ଼ା ନାହିଁ ଓ ସନ୍ତୋଷ ସର୍ବ ପ୍ରଧାନ । ତାହାଙ୍କର ଏହି ସବୁ କଥା ଶୁଣି ଅଲେକଜାଣ୍ଡର ଅତ୍ୟନ୍ତ ପ୍ରୀତ ହୋଇ କହିଲେ କି ଆପଣ ଯାହା କହିଲେ ତାହା ସବୁ ଠିକ । ଜୀବନରେ କେବେହେଁ ମୁଁ ଶାନ୍ତିର ସ୍ୱାଦ ପାଇଲି ନାହିଁ । ଚିରଜୀବନ ଅଶାନ୍ତ ହୃଦୟରେ ଅତିବାହିତ କରୁଅଛି । ଆତ୍ମୀୟ ସ୍ୱଜନଙ୍କ ମଧ୍ୟ ମୋର ଆଶଙ୍କା; ସାକ୍ଷାତ ଶତ୍ରୁ ଅପେକ୍ଷା ମିତ୍ରମାନଙ୍କ ମୋର ଭୟ ଅଧିକ । ବିଦାୟକାଳରେ ଦଣ୍ଡୀ ସମ୍ରାଟଙ୍କୁ କହିଲେ ଆପଣ ଯେ ସୁନା ରୂପା ଖାଦ୍ୟାଦି ଭେଟି ଆଣିଅଛନ୍ତି ସେ ସବୁ ଫେରି ନେଇଯାନ୍ତୁ । ସେ ସମସ୍ତରେ ମୋର ପ୍ରୟୋଜନ ନାହିଁ । ଈଶ୍ୱର ଦତ୍ତ ଜଳ ବାୟୁ ଫଳ ମୂଳାଦିରେ ମୁଁ ସୁଖରେ ଅଛି । ଏଠାରେ କଣା କଉଡ଼ା ନାହିଁ ଏବଂ ଈଶ୍ୱର ପୂଜା ବା ଟଙ୍କା ନେଇ କିଛି ଦେଖନ୍ତି ନାହିଁ । ପିଷ୍ଟକାଦି ଖାଦ୍ୟ ଦ୍ରବ୍ୟ ଯାହା ଆଣିଅଛ ତାହା ମଧ୍ୟ ଗ୍ରହଣୀୟ ନୁହେ ଯେବେ ସମସ୍ତ ଭଲ ତେବେ ଅଗ୍ନିରେ ପାକ ହେଲା ନାହିଁ କି ? ମୁଁ ପାକ କରି ଖାଏ ନା । କିନ୍ତୁ ନ ନେଲେ ଆପଣ ଦୁଃଖିତ ହେବେ ଏଥିପାଇଁ କେବଳ ଘୃତ ଗ୍ରହଣ କଲି । ଏହା କହି କାଠ ଗୋଟାଇ ଅଗ୍ନି ଜାଳି ମନ୍ତ୍ର ପଢ଼ି ସେହି ଘୃତରେ ସମ୍ରାଟଙ୍କ ସମ୍ମୁଖରେ ହୋମ କରି ଶାନ୍ତ ଚିତ୍ତରେ ତାହାଙ୍କୁ ବିଦାୟ ଓ ଉପହାରମାନ ଫେରାଇ ଦେଲେ । ପ୍ରାଚୀନ କାଳରେ ବ୍ରାହ୍ମଣ କେମନ୍ତ ତେଜସ୍ୱୀ ଓ ଧାର୍ମିକ ଥିଲେ ଏଥିରୁ ପାଠକମାନେ ବୁଝି ପାରିବେ । ସେହି ହେତୁ ସେ କାଳର ବ୍ରାହ୍ମଣ ସମସ୍ତଙ୍କର ପୂଜ୍ୟ ଥିଲେ । ଏବେ ସେ ଧର୍ମବୃତ୍ତି ଓ ସାଧନ ହରାଇ ନିଜର ତଥା ହିନ୍ଦୁ ସମାଜର ଅନିଷ୍ଟାଗ୍ରସ୍ତ ହୋଇଅଛନ୍ତି ଅଥଚ ଶ୍ରେଷ୍ଠତ୍ୱର ଅହଙ୍କାର ଛାଡ଼ୁ ନାହାନ୍ତି ।

—※—

## ପତିତ ଜାତିର ଉଦ୍ଧାର ।

ଏ ବିଷୟରେ ହିତବାଦୀରେ ଗୋଟିଏ ଯୁକ୍ତିସଙ୍ଗତ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ଦୀର୍ଘତା ହେତୁ ଅବିକଳ ପ୍ରକାଶ କରି ନ ପାରି ତହିଁର ସଂକ୍ଷେପ ଏଠାରେ ପାଠକଗଣଙ୍କୁ ଜଣାଇଲୁଁ । ସେ ଲେଖିଅଛନ୍ତି କି ବ୍ରାହ୍ମଣ ଅର୍ଥଲୋଲୁପ, କପଟୀ, ଅସଦାଗ୍ରସ୍ତ ସ୍ୱାର୍ଥପ୍ରିୟ ହୋଇ ନ ଥିଲେ ଏବଂ ଅନ୍ୟପକ୍ଷରେ ବୈଷ୍ଣବ ଗୋସ୍ୱାମିଗଣ ବିଳାସୀ ବାବୁ ଓ କର୍ତ୍ତବ୍ୟଚ୍ୟୁତ ହୋଇ ନ ଥିଲେ ସମାଜର ଦୁର୍ଗତି ହୋଇ ନ ଥାନ୍ତା । ସ୍ମାର୍ତ୍ତ ବ୍ରାହ୍ମଣମାନେ ସମାଜର ଅବସ୍ଥା ନ ଦେଖି ଏତେଦୂର ନିଜ ଟେକ ରଖିବାରେ ପ୍ରବୃତ୍ତ ହେଲେ ଯେ ପୁରୋହିତାଦି ବ୍ୟବସାୟିଙ୍କୁ ପତିତ କଲେ ଓ ଅନ୍ୟାନ୍ୟ ଜାତି ସେମାନଙ୍କର ସହାନୁଭୂତି ନ ପାଇ ମୁସଲମାନ ଧର୍ମାବଲମ୍ବନ କରିବାକୁ ବାଧ୍ୟ ହେଲେ । ସ୍ମାର୍ତ୍ତ ରଘୁନନ୍ଦନ ଏହି ଅନିଷ୍ଟକୁ ଅଧିକତର ବଢ଼ାଇଥିଲେ । ସେ ପତିତ ଅନ୍ତ୍ୟଜ ଜାତି ସମସ୍ତ ସକାଶେ କୌଣସି ବ୍ୟବସ୍ଥା କରି ନାହାନ୍ତି । ପତିତ ଜାତିର ଦୁର୍ଗତି ଦେଖି ମହାପ୍ରଭୁ ଶ୍ରୀ ଚୈତନ୍ୟ ଓ ତାହାଙ୍କ ଆଦେଶମତେ ପତିତପାବନାବତାର ଶ୍ରୀ ନିତ୍ୟାନନ୍ଦ ଓ ଶ୍ରୀମତ ଅଦ୍ୱୈତାଚାର୍ଯ୍ୟ ମହାପ୍ରଭୁଗଣ ପତିତ ଉଦ୍ଧାରର ବ୍ୟବସ୍ଥା କରି ହରି ନାମର ପବିତ୍ର ବନ୍ଧନୀଦ୍ୱାରା ପତିତ ଜାତିମାନଙ୍କୁ ହିନ୍ଦୁସମାଜରେ ବାନ୍ଧି ରଖିଲେ । ପ୍ରଭୁ ବଂଶାବତଂଶ ଗୋସ୍ୱାମିଗଣ ସମାଜରେ ଉନ୍ନତ ସ୍ଥାନ ପ୍ରାପ୍ତ ହେଲେ ଗୋସ୍ୱାମିଗଣ ପତିତ ଜାତିର ଯଜନ ଯାଜନ ଦାନ ଗ୍ରହଣ ଏମନ୍ତ କି ଅନ୍ତ୍ୟଜ ଓ ବେଶ୍ୟାଙ୍କୁ ନାମ ମନ୍ତ୍ର ଦେଇ ଭକ୍ତି ଅମୃତ ସେଚନଦ୍ୱାରା ସମାଜରେ ରଖିଲେ ତଦ୍ଦ୍ୱାରା ସେମାନଙ୍କର ଜାତି ଯାଇ ନାହିଁ । କାଳକ୍ରମେ ବ୍ରାହ୍ମଣପରି ଗୋସ୍ୱାମୀ କିଆ ଭ୍ରଷ୍ଟ ହେବାହେତୁ ସମାଜର ଦୁର୍ଗତି ଦିନ ୨ ବଢ଼ିବାରେ ଅଛି । ମୂଳଦୁଆ ଧସିଗଲେ ଘର ରହିପାରେ କି ?

ଅତଏବ ସହଯୋଗୀ କହିଅଛନ୍ତି କି ହିନ୍ଦୁ ସମାଜକୁ ରକ୍ଷା କରିବାକୁ ହେଲେ ପତିତ ଜାତି ସମୂହକୁ ସମାଜର ପୁଷ୍ଟିସକାଶେ ସଜୀବ ରଖିବାକୁ ହେଲେ, ବର୍ତ୍ତମାନ ବ୍ରାହ୍ମଣ ସମାଜରୁ ଏପରି ଗୋଟିଏ ଗୁରୁ ପୁରୋହିତର ଦଳ ସୃଷ୍ଟି କରିବାକୁ ହେବ କି ଯେଉଁମାନେ ଶୂଦ୍ରଜାତି ସମୂହମଧ୍ୟରେ ଶ୍ରୀ ଚୈତନ୍ୟ ଦେବଙ୍କ ଭକ୍ତି ଓ ଧର୍ମ ପ୍ରଚାର କରିପାରିବେ ଓ ପୌରୋହିତ୍ୟ ଓ ଯଜନ ଯାଜନ କରିବେ; ନମଃଶୂଦ୍ରାଦି ସମସ୍ତ ଶୂଦ୍ରଜାତିଙ୍କ ହସ୍ତରେ ଜଳ ଗ୍ରହଣ କରିବାର ନିୟମ କରି ପାରିବେ ଓ ସେମାନଙ୍କ ସହ ଶୂଦ୍ରମଧ୍ୟରେ ପରିଣତ କରାଇ ପାରିବେ ଏହି ସମସ୍ତ ପତିତ ଜାତିର କ୍ରିୟା କର୍ମରେ ଭଦ୍ର ଓ ଉଚ୍ଚ ଜାତୀୟମାନେ ପଂକ୍ତି ଭୋଜନରେ ଯୋଗ ଦେବେ—ସେମାନେ ଯେ ସମାଜର ଅଙ୍ଗ ଏବଂ ସେହି ଅଙ୍ଗସହିତ ସମାଜର ସର୍ବାଙ୍ଗର ଘନିଷ୍ଠ ସମ୍ବନ୍ଧ ଅଛି ଏ କଥା ଉଚ୍ଚ ଜାତୀୟମାନଙ୍କ ସର୍ବଦା ବୁଝାଇବାକୁ ହେବ । ଆର୍ଯ୍ୟ-ସମାଜ ଯେପରି ହରଦ୍ୱାରରେ ଗୁରୁକୁଳ ପାଠଶାଳା କରି ଗୁରୁ ପୁରୋହିତ ତୟାର କରୁଅଛନ୍ତି ବଙ୍ଗଳାର ହିନ୍ଦୁ ସମାଜର ନେତୃବର୍ଗଙ୍କୁ ସେହିପରି ଆର୍ଯ୍ୟ ସମାଜର ପଦାଙ୍କ ଅନୁସରଣ କରି ନୂତନ ଗୁରୁକୁଳର ସୃଷ୍ଟି କରିବାକୁ ହେବ । ଏ କାର୍ଯ୍ୟ ସକାଶେ ଗୋଟିଏ ବ୍ୟବସ୍ଥା କରିବାକୁ ହେବ । ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କୁ ସର୍ବ କର୍ମ ତ୍ୟାଗ କରି ସମାଜସଂସ୍କାର ଓ ସମାଜ ରକ୍ଷା କାର୍ଯ୍ୟରେ ବ୍ରତୀ ହେବାକୁ ହେବ । ଏ କାର୍ଯ୍ୟରେ ଭଗବାନ୍ ରାମକୃଷ୍ଣଙ୍କ ମାଶ୍ରିତମାନେ ସମାଜର ଯଥେଷ୍ଟ ସହାୟତା କରି ପାରନ୍ତି—ବେଲୁଡ଼ ପ୍ରଭୃତି ସ୍ଥାନର ସନ୍ନ୍ୟାସିମାନେ ( କେବଳ ସନ୍ନ୍ୟାସୀ ନ ସାଜି ) ପତିତୋଦ୍ଧାର ବ୍ରତରେ ବ୍ରତୀ ହେଲେ ସମାଜର ପ୍ରକୃତ ଉପକାର କରି ପାରିବେ । ଶ୍ରୀ ଚୈତନ୍ୟ ଦେବଙ୍କ ପ୍ରବର୍ତ୍ତିତ ବୈଷ୍ଣବ ସମାଜର ଗୋସ୍ୱାମୀମାନଙ୍କର ଏହି ଶୁଭ ଅବସର—ସେମାନେ ପୈତାମହ ବ୍ୟବସ୍ଥାନୁସାରେ ପତିତ ଜାତି ସମୂହର ଉଦ୍ଧାର ବ୍ରତରେ ବ୍ରତୀ ହେଲେ ସେମାନଙ୍କର ପୁରାତନ ଗୌରବ ଲାଭ କରି ପାରିବେ । ସେମାନଙ୍କର ଅବହେଳା ଓ କର୍ତ୍ତବ୍ୟଚ୍ୟୁତି ହେତୁ ପତିତ ଜାତି ସମୂହ ମୁସଲମାନ ଧର୍ମର ଆଶ୍ରୟ ନେଉଅଛନ୍ତି । ସେମାନେ

Digitized by srujanika@gmail.com

କର୍ତ୍ତବ୍ୟ ପରାୟଣ ହେଲେ ବଙ୍ଗଳାର ପଞ୍ଚମଜାତି ସମସ୍ତ ଉପଜାତି ସମାଜର ଉଦରସାତ୍ ହେବେ ନାହିଁ । ହିନ୍ଦୁ ସମାଜର ଧର୍ମ୍ମହୀନତା ଯୋଗୁଁ ମୋସ୍ଲେମ ସମାଜର ବିସ୍ତାର ବଢ଼ୁଅଛି । ହିନ୍ଦୁ ପ୍ରଧାନମାନେ ଦେଶ—ବ୍ରାହ୍ମଣ ଓ ଗୋସ୍ୱାମିମାନେ କର୍ତ୍ତବ୍ୟ କରନ୍ତୁ, ସୁତରାଂ ଏ ବୃଦ୍ଧି ଅନିବାର୍ଯ୍ୟ । ଏହି କଥା ମନେ ରଖି କାର୍ଯ୍ୟ କଲେ ସମସ୍ତ ପତିତ ହିନ୍ଦୁ ଜାତିରେ ଉଦ୍ଧାର ସମ୍ଭବପର ।

## ଅଫିମ ସେବନ ।

ଗତ ପୂର୍ବ ରବିବାରଦିନ ଏଠା ଉତ୍କଳସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ବୋର୍ଡରୁ ଆସିଥିବା ଅଫିମ ସେବନ ସମ୍ବନ୍ଧୀୟ ପତ୍ର ବିବେଚିତ ହୋଇଥିଲା । ପାଠକମାନଙ୍କୁ ଜଣାଅଛି ଯେ କେତେକବର୍ଷ ହେଲା ଚୀନ ସମ୍ରାଟ ଆପଣା ରାଜ୍ୟରୁ ମଦତଖଟିମାନ ଉଠାଇ ଦେଇଅଛନ୍ତି । ସାଙ୍ଘାଇଠାରେ ଯେଉଁ ଆନ୍ତର୍ଜାତିକ ଅଫିମକମିଟି ସନ ୧୯୦୯ ମସିହା ଫିବ୍ରୁଆରୀ ମାସ ତା୨୬ରିଖରେ ବସିଥିଲା ତହିଁରେ ପ୍ରସ୍ତାବ ଧାର୍ଯ୍ୟ ହୋଇଅଛି ଯେ ଚୀନଗବର୍ଣ୍ଣମେଣ୍ଟ ପରି ଅନ୍ୟାନ୍ୟ ଗବର୍ଣ୍ଣମେଣ୍ଟ ମଦତ ସେବନ ପ୍ରଥା କ୍ରମେ ଉଠାଇ ଦେବା ପକ୍ଷେ ଯତ୍ନଶୀଳ ହେବେ । କମିଟିର ଅଧିକ ସ୍ଥିର କରିଅଛନ୍ତି ଯେ ଔଷଧ ଛଡ଼ା ଅନ୍ୟ ରୂପେ ଅଫିମର ବ୍ୟବହାର ଦୂଷିତ ଅଟେ ଏବଂ ପ୍ରତ୍ୟେକ ଗବର୍ଣ୍ଣମେଣ୍ଟ ତାହା କ୍ରମେ କଠିନ ନିୟମଦ୍ୱାରା ବନ୍ଦ କରିବେ । ଭାରତ ଗବର୍ଣ୍ଣମେଣ୍ଟ ଉକ୍ତ ପ୍ରସ୍ତାବରେ ଐକ୍ୟ ହୋଇ ପ୍ରାଦେଶିକ ଗବର୍ଣ୍ଣମେଣ୍ଟମାନଙ୍କୁ ଯେଉଁ ପତ୍ର ଲେଖିଅଛନ୍ତି ତହିଁରେ ମଦତ ସେବନ ଭାରତର ପ୍ରାୟ ସର୍ବତ୍ର ପ୍ରଚଳିତ ଥିବା ଏବଂ ସର୍ବସାଧାରଣ ତାହା ନିନ୍ଦା କରୁଥିବା ସ୍ଥଳେ ଗବର୍ଣ୍ଣମେଣ୍ଟ ତାହା ରହିତ କରିବା ଉଦ୍ଦେଶ୍ୟରେ କଠିନ ନିୟମ ଅବଲମ୍ବନ କରୁଥିବାର ଲେଖି ମଦତ ଓ ଚଣ୍ଡୁ ଉପଯୁକ୍ତ ସମୟ ମଧ୍ୟରେ ଏକାବେଳକେ ନିଷିଦ୍ଧ କରିବା କେତେଦୂର ଯୁକ୍ତିସଙ୍ଗତ ହେବ ତାହା ପଚାରିଅଛନ୍ତି । ଭାରତ ଗବର୍ଣ୍ଣମେଣ୍ଟ ସାଙ୍ଘାଇ କମିଶନର ଇଂରାଜ ପ୍ରତିନିଧିଙ୍କ ସହିତ ଐକ୍ୟ ହୋଇ ଲେଖିଅଛନ୍ତି ଯେ ଔଷଧ ଛଡ଼ା ଅନ୍ୟ ରୂପେ ଅଫିମର ବ୍ୟବହାର ଦୂଷିତ ହେଲେହେଁ ତାହା ବନ୍ଦ କରିବା ସାଧ୍ୟାତୀତ ନୁହେ ମାତ୍ର ତାହା ଯଥାସାଧ୍ୟ ରହିତକରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ପ୍ରଚଳିତ ନିୟମମାନ ପରୀକ୍ଷାପୂର୍ବକ ରୂପେ ଦେଖି ନିୟମ ପରିବର୍ତ୍ତନ କରିବା ଆବଶ୍ୟକ ଲେଖିଅଛନ୍ତି । ଏଥିରୁ ବଙ୍ଗ ପ୍ରଦେଶର ପ୍ରଚଳିତ ନିୟମ ଏହିକି ମଦତ ଏବଂ ଚଣ୍ଡୁ ସେବନ ନିଷିଦ୍ଧ ହୋଇଅଛି ମାତ୍ର ଲୋକେ ଆପଣାର ବ୍ୟବହାର ସକାଶେ ଘରେ ମଦତ ବା ଚଣ୍ଡୁ ତିଆରିକରି ଖାଇ ପାରିବେ କେବଳ ଏକ ତୋଳାରୁ ଅଧିକ ଅଥବା ପାଞ୍ଚଜଣ ବା ତତୋଧିକ ସଙ୍ଗ ହୋଇ ଖାଇଲେ ପାଞ୍ଚତୋଳାରୁ ଅଧିକ ପାଖରେ ରଖି ପାରିବେ ନାହିଁ । ଅଫିମ ଖୁଚୁରା ବିକ୍ରୟ ସମ୍ବନ୍ଧରେ ପାଞ୍ଚ ତୋଳାରୁ ଅଧିକ କାହାଠାରେ ନ ରହିବା ଏବଂ କୌଣସି ଦୋକାନକୁ ସେରକରୁ ଅଧିକ ଖଜଣାଖାନାରୁ ବିକ୍ରୟ ନ ହେବାର ନିୟମ ହୋଇଅଛି । ଓଡ଼ିଶାର ସକଳ ଖଜଣାଖାନାରେ ଏକସେର ଅଫିମ ଦର ୪ ୩୫ ଟଙ୍କା ମାତ୍ର ସମ୍ବଲପୁରରେ ୪୨୫ଟଙ୍କା ଖଜଣାଦର ସେରକୁ ୪୪୦ଟଙ୍କାରୁ ୪ ୫୫ ଟଙ୍କା ଯାଏ । ଗତ ଦୁଇବର୍ଷରେ ଓଡ଼ିଶାର ଯେଉଁ ଜିଲ୍ଲାରେ ଯେତେ ଅଫିମ ବିକ୍ରୟ ହୋଇଥିଲା ତହିଁର ତାଲିକା ନିମ୍ନେ ପ୍ରଦର୍ଶିତ ହେଲା ।

| ଜିଲ୍ଲା | ୧୯୦୮-୯ | ୧୯୦୯-୧୦ |
|---|---|---|
| କଟକ | ୫୦୭୭ | ୫୪୩୭ ସେର |
| ,, ଗଡ଼ଜାତ | ୧୬୨୧ | ୧୮୬୪ ସେର |
| ବାଲେଶ୍ୱର | ୭୦୭୨ | ୭୨୮୭ ,, |
| ,, ଗଡ଼ଜାତ | ୧୭୬୯ | ୧୯୫୯ ,, |
| ଅନୁଗୁଳ | ୪୧୭ | ୨୬୩ ,, |
| ,, ଗଡ଼ଜାତ | ୯୭୧ | ୯୯୮ ,, |
| ପୁରୀ | ୨୩୮୬ | ୨୬୯୧ ,, |
| ,, ଗଡ଼ଜାତ | ୫୦୪ | ୫୦୪ ,, |
| ସମ୍ବଲପୁର | ୧୬୪୦ | ୧୫୩୮ ,, |
| ,, ଗଡ଼ଜାତ | ୧୨୬୦ | ୨୨୬୫ ,, |

ଏଥିରୁ ଦେଖାଯାଏ ଯେ ଅଫିମ ଦର ଉଚ୍ଚ ଏବଂ ବିକ୍ରୟ ସମ୍ବନ୍ଧରେ ନାନା କଠିନ ନିୟମ ଓ ନିୟମ ଲଙ୍ଘନର କଠୋର ଦଣ୍ଡ ବିଧିବଦ୍ଧ ହୋଇଥିଲେହେଁ ଅଫିମର ବ୍ୟବହାର ଊଣା ନୋହି ନାହିଁବରଂ ବୃଦ୍ଧିହିଁ ପାଉଅଛି ସୁତରାଂ ଗବର୍ଣ୍ଣମେଣ୍ଟଙ୍କର ସାଧୁ ଉଦ୍ଦେଶ୍ୟ ସଫଳ ହେଉନାହିଁ । ମଦତ ବା ଚଣ୍ଡୁ ସେବନ ଦ୍ୱାରା ଲୋକଙ୍କର ନୈତିକ, ଶାରୀରିକ ଓ ମାନସିକ ବଳ ନଷ୍ଟ ହେବା ହେତୁ ଅକର୍ମଣ୍ୟତା ବୃଦ୍ଧି ହେବା ଏବଂ ସର୍ବସାଧାରଣ ଏହାକୁ ନିନ୍ଦା କରୁଥିବା ବିଷୟରେ ଦ୍ୱିରୁକ୍ତି ନାହିଁ । ମଦତ ବା ଚଣ୍ଡୁ ନ ଖାଇଲେ ମଧ୍ୟ ଲୋକେ ଚଳି ପାରିବେ । କେବଳ ସୁବିଧା ଥିବା ହେତୁ ଲୋଭ ଛାଡ଼ି ପାରୁନାହାନ୍ତି । ଆମ୍ଭମାନଙ୍କ ବିବେଚନାରେ ମଦତ ବା ଚଣ୍ଡୁ ସେବନ ଏକାବେଳକେ ନିଷେଧ କରିବା ଉଚିତ । କେବଳ ଲୋକଙ୍କୁ ସାବଧାନ କରିଦେବା କାରଣ ବର୍ଷେ ମିଆଦ ଦେଲେ ଚଳିପାରେ । ବର୍ଷକ ଉତ୍ତାରୁ ମଦତ ବା ଚଣ୍ଡୁ ଯାହା ନିକଟରେ ମିଳିବ ତାକୁ ଦଣ୍ଡ ଦିଆଯିବ । ଅଫିମ ସେବନ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କ ନିୟମ ଅଧିକ କଠୋର ହେବା ଆବଶ୍ୟକ । ଯଥା; ବ୍ରହ୍ମ ରାଜ୍ୟପରି ୨୫ ବର୍ଷ ବୟସର ଊଣା ବ୍ୟକ୍ତିଙ୍କୁ ନ ବିକିବା ଏବଂ ଦିବା ସ ୧୦ ଘଣ୍ଟାରୁ ସ ୪ ଘଣ୍ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହିବା ୧ ତୋଳାରୁ ଅଧିକ କେହି ରଖି ନ ପାରିବା ଇତ୍ୟାଦି । ରୋଗିମାନଙ୍କ ସକାଶେ ଔଷଧାଳୟରେ ବିକ୍ରୟର ବ୍ୟବସ୍ଥା ହୋଇପାରେ । ପରନ୍ତୁ କେବଳ ସରକାର ମାସୁଲ ବା ଦର ବଢ଼ାଇବା ଦମନ କରିବାର ପ୍ରକୃତ ଉପାୟ ନୁହେ । ଥରେ ଅଭ୍ୟାସ ବଦ୍ଧମୂଳ ହେଲେ ଖରଚ ପ୍ରତି ଦୃଷ୍ଟି ନ ରଖି ଲୋକେ ମାଦକରେ ମାତିବାର ନିତ୍ୟ ଦେଖା ଯାଉଅଛି ଏବଂ ସେଥିପାଇଁ କେତେ ଲୋକ ଘରର ଦ୍ରବ୍ୟ ବିକ୍ରୀ ବା ଚୋରୀ ଇତ୍ୟାଦି କରୁଅଛନ୍ତି । ପ୍ରବୃତ୍ତିରେ ବାଧା ଦେବା ଏବଂ ପୁଲିସର ନିମ୍ନ କର୍ମଗ୍ରହଗଣ ଦୃଢ଼ରୂପେ ଜଗିବା ଯଥାର୍ଥ ଉପାୟ ଅଟେ ।

## ବଙ୍ଗୀୟ ଲବଣ ମହକୁମା ।

ବଙ୍ଗପ୍ରଦେଶର ଲବଣ ମହକୁମାର ସନ ୧୯୦୯।୧୦ ସାଲର ବିବରଣୀ ଯାହା କଲିକତା ଗେଜେଟରେ ପ୍ରକାଶ ହୋଇଅଛି ତାହା ଅନ୍ୟାନ୍ୟ ବର୍ଷାପେକ୍ଷା ଅଧିକ ସଂକ୍ଷେପ ହୋଇଅଛି ଏବଂ ଓଡ଼ିଶା ଓ ତଦନ୍ତର୍ଗତ ଗଡ଼ଜାତ ମାନଙ୍କରେ ପ୍ରଧାନତଃ ମାନ୍ଦ୍ରାଜ ଓ ବମ୍ବଇ ଲୁଣ ଖରଚ ହେଉଥିବା ସ୍ଥଳେ ସେଥିର କିଛି ବିବରଣ ପ୍ରକାଶ ହୋଇ ନାହିଁ । ବାଲେଶ୍ୱର ଜିଲ୍ଲା ଧାମରାରେ ଗୋଟିଏ ସରକାରୀ ଶୁଖୁଆ ଖଟି ସ୍ଥାପିତ ହୋଇଥିଲା ଏବଂ ବିନାମାସୁଲରେ ସେଠାରୁ ଲୁଣ ଦିଆ ଯାଉଥିଲା । ସେ ଖଟି ବନ୍ଦ ହୋଇଅଛି ମାତ୍ର ବନ୍ଦ ହେବାର କାରଣ କିଛି ଲେଖା ନାହିଁ । ସନ ୧୯୦୯ ସାଲ ସେପ୍ଟେମ୍ବର ମାସରେ କଟକ ଜିଲ୍ଲା ଧାମରାରେ ସରକାରୀ ତତ୍ତ୍ୱାବଧାନରେ ଗୋଟିଏ ଶୁଖୁଆ ଖଟି ବସାଇ ଥିଲେ ଏବଂ ସେ କାରଖାନାରୁ ବିନା ମାସୁଲରେ ଲୁଣ ଯୋଗାଇବା ନିମନ୍ତେ ଇନସ୍ପେକ୍ଟରଙ୍କୁ କ୍ଷମତା ଦିଆଯାଇଥିଲା । ସେହି ଖଟିର ଅସ୍ତିତ୍ୱ ଏବଂ କାର୍ଯ୍ୟ ପ୍ରସଙ୍ଗରେ ମଧ୍ୟ କିଛି ଲେଖା ନାହିଁ । ଏ ବର୍ଷ ବଙ୍ଗପ୍ରଦେଶରୁ ଆସିଥିବା ଲୁଣ ଗତ ବର୍ଷାପେକ୍ଷା ପ୍ରାୟ ୨୨ ଲକ୍ଷ ମହଣ ଊଣା ଥିଲା ଓ ସମସ୍ତ ପ୍ରଦେଶର ଖରଚ ମଧ୍ୟ ୮୧ ଲକ୍ଷ ୭୩ ହଜାର ମହଣ ଅର୍ଥାତ୍ ପୂର୍ବ ବର୍ଷ ପ୍ରତି ୪୨ ଲକ୍ଷ ମହଣ ଊଣା ହୋଇଥିଲା । ମୋଟ ବିକ୍ରୀ ଦର ଗତବର୍ଷ ପ୍ରତି କିଛି ଊଣା ଥିଲା ମାତ୍ର ବଜାର ଖୁଚୁରା ବିକ୍ରୀ ଦର ପୂର୍ବବର୍ଷ ସଙ୍ଗେ ସମାନ ଥିଲା । ସୁତରାଂ ମୋଟ ଦର ଊଣାଦ୍ୱାରା ଖାଉଟିମାନଙ୍କର କିଛି ଉପକାର ହୋଇ ନାହିଁ । ଆମଦାନି ଲୁଣର ଅଧିକାଂଶ ଇଂଲଣ୍ଡରୁ ଆସିଥିଲା । ତହିଁ ତଳେ ସ୍ପେନ, ଏଡେନ, ବମ୍ବଇ ସଏଦ ବନ୍ଦର ଏବଂ ଜରମାନୀରୁ ଲୁଣ ଆମଦାନି ହୋଇଥିଲା ଏବଂ ଇଟାଲି ଅଧିକୃତ ଆଫ୍ରିକା ଅନ୍ତର୍ଗତ ମସୋଆରୁ କିଛି ଲୁଣ ଏ ବର୍ଷ ନୂତନ ଆମଦାନି ହୋଇଥିଲା ଏବଂ ତାହା ଭଲ ବିକ୍ରୟ ହୋଇଥିଲା । ମାନ୍ଦ୍ରାଜରୁ

Split by PDF Splitter
Digitized by srujanika@gmail.com

ସାମାନ୍ୟ ପରିମାଣ ଲୁଣ ଆସିଥିଲା । ଓଡ଼ିଶା ସରକାରଙ୍କୁ ବିଲାତି ଲୁଣ ଅନ୍ୟାନ୍ୟ ବର୍ଷ ଅପେ ଥିଲା ପାଇଁ ପୂର୍ବ ବର୍ଷରେ ପ୍ରାୟ ୧୫ ଲକ୍ଷ ମହଣରୁ ଏ ବର୍ଷ ଏକ ଲକ୍ଷ ୪ ହଜାର ମହଣ ଆମଦାନି ହୋଇଥିଲା । ଚୋରାଲୁଣ ଘଟିତ ମୋକଦ୍ଦମା ସମ୍ବନ୍ଧେ ଊଣା ହୋଇଥିଲା । ମାତ୍ର ପୁରୁଷକାଳ ସାତ ପଡ଼ା ଓ କଟିଆ ଜଳ ବାଲିଗୁଡ଼ା ଠକ୍କରେ ଚୋରି ଥିଲା । ସ୍ଥାନୀୟ କର୍ମଚାରୀମାନେ ଏହି ଚୋରିର କାରଣ ବୁଝାଇ ନାହାନ୍ତି ମାତ୍ର କମର କମିଶନର ସାହେବ ଅନୁମାନ କରନ୍ତି କି ସେହି ଅଞ୍ଚଳର ଲୋକଙ୍କର ଦରିଦ୍ରତା ଏବଂ ସେଠାରେ ଲୁଣ ପ୍ରସ୍ତୁତ କରିବାର ସୁବିଧା ହେତୁ ସେପରି ଘଟି-ଅଛି । ଆମ୍ଭମାନଙ୍କୁ ସାହେବ ମହୋଦୟଙ୍କର ଅନୁମାନ ଠିକ ବୋଧ ହେଉଅଛି । ଦୁଃଖର ବିଷୟ ଯେ ପୁନଃ ଏ କଥା ଅନୁଭବ କରି ସୁଦ୍ଧା ସରକାର ବାହାଦୁର ଓଡ଼ିଶାରେ ଲବଣ ପ୍ରସ୍ତୁତର ବ୍ୟବସ୍ଥା କରିବା ପ୍ରତି ଏକାବେଳେ ପରାଙ୍ମୁଖ । ସତ୍କୁଲୀୟଙ୍କର ପ୍ରଧାନ ବ୍ୟବସାୟ ଲୁଣ ମାରିବା ଥିଲା ଏବଂ ତଦ୍ୱାରା ଯେମନ୍ତ ସେମାନଙ୍କର ପେଟ ପୋଷା ହେଉଥିଲା ସେମନ୍ତ ବେପାର ଓ ସ୍ଲୁପ ବା କ୍ଷୁଦ୍ର ଜାହାଜ ଚଳନ ଦ୍ୱାରା ଓଡ଼ିଶାକୁ ଧନାଗମ ହୋଇ ସାଧାରଣ ଉପକାର ହେଉଥିଲା । ଲୁଣ ମରା ବନ୍ଦ ହେବାରେ ଓଡ଼ିଶାର ଯେ କ୍ଷତି ହୋଇଅଛି ସରକାରୀ କାଗଜ ତହିଁର ସାକ୍ଷ୍ୟ ଦେଉଅଛି । ଆମ୍ଭମାନଙ୍କର ବୋଲିବା ଅଧିକ । ଭାଗ୍ୟବଳରେ ବର୍ତ୍ତମାନର ମହାରାଜାଧିରାଜ ଏବଂ କନିକା ରାଜା ବ୍ୟବସ୍ଥାପକ ସଭାରେ ସ୍ଥାନ ପାଇଅଛନ୍ତି । ଏମାନଙ୍କ ଇଲାକାରେ ଲୁଣ ମାରିବାର ସ୍ଥାନ ଅଛି ଓ ତହିଁ ଅଭାବରେ ଲୋକଙ୍କର ଦୁଃଖ ସେମାନେ ଅନୁଭବ କରୁଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କୁ ପ୍ରବର୍ତ୍ତାଇବା ସକାଶେ ସେମାନଙ୍କୁ ବିଶେଷ ଅନୁରୋଧ କରୁଅଛୁଁ । ଏହା କରି ପାରିଲେ ସେମାନଙ୍କର କୀର୍ତ୍ତି ରହିଯିବ ।

---

## ରେଭେନସା ସାହେବ ।

ମାନ୍ୟବର କନିକା ରାଜା ବିଲାତରେ ଥିବା ସମୟେ ଆମ୍ଭମାନଙ୍କର ପୁରାତନ ବନ୍ଧୁ ବୃଦ୍ଧ ରେଭେନ୍ସା ସାହେବ ମହୋଦୟଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲେ । ସାହେବ ମହୋଦୟ ତାଙ୍କଠାରୁ ଏଠା ଲୋକ ତଥା ରେଭେନ୍ସା କଲେଜ ଓ ବାଳିକା ବିଦ୍ୟାଳୟ ଇତ୍ୟାଦି କଥା ଶୁଣି ଆନନ୍ଦିତ ହୋଇଥିବା ବିଷୟ ପାଠକମାନଙ୍କୁ ଯଥା ସମୟରେ ଜଣାଇଅଛୁଁ । ବର୍ତ୍ତମାନ ସାହେବ ମହୋଦୟ ରେଭେନ୍ସା କଲେଜକୁ ଟ ୫୦୦ ଙ୍କା ଓ ରେଭେନ୍ସା ବାଳିକା ବିଦ୍ୟାଳୟକୁ ଟ ୫୦୦ ଙ୍କା ଏରୂପ ଏକ ସହସ୍ର ଟଙ୍କା ଓଡ଼ିଆ ଭାଷା ଶିକ୍ଷା ଉନ୍ନତି ନିମିତ୍ତ ପୁରସ୍କାର ଦେବା କାରଣ ପ୍ରଦାନ କରିଅଛନ୍ତି । ସେହି ଟଙ୍କା ଦେବା ବିଷୟରେ ସାହେବ ମହୋଦୟ ଏଠା କମିଶନର ସାହେବଙ୍କ ସମୀପକୁ ଉତ୍କଳର ସମସ୍ତ ବାଳକ ଓ ବନ୍ଧୁମାନଙ୍କ ମନେ ରଖି ଯେଉଁ ହୃଦୟସ୍ପର୍ଶୀ ପତ୍ର ଲେଖିଅଛନ୍ତି ଆମ୍ଭେମାନେ ଅତୀବ ଆନନ୍ଦିତ ଓ କୃତଜ୍ଞ ହୃଦୟରେ ଏଠାରେ ପ୍ରକାଶ କଲୁଁ ।

South Hill, Worth, Sussex.
17th August 1910.

To the Commissicner of
Orissa Division, Cuttack,

Dear Sir,

I have recently had the pleasure of meeting the Raja of Kanika and have learned particulars of progress of the Ravenshaw College and Girls' School. I retain many pleasant memories of my service in Orissa and affection for its people and I desire to make a small contribution towards prizes or scholarships for proficiency in Ooriya vernacular.

My bankers Messrs. Coutts & Co. have instructed the Bank of Bengal at Calcutta to pay to you on my behalf the sum of Rs 1000 and I will be much obliged if you will accept this gift to the Schools and apportion one half Rs 500 to the Boys department and the remainder 500 to the Girls' Schools in such a manner as the Schools Committees may with your approval desire providing only that any prizes awarded shall be given for proficiency in and encouragement of the local Oriya Vernacular.

I am advancing in years and in feeble health and write with difficulty. Will you kindly remember me most particularly to all old friends and boys that their old Commissioner still lives and prays for the happiness and prosperity of Orissa, its Rajas, Zemindars and people and specially for the rising generation.

I remain, Dear sir,
Yours very sincerely,
Sd. T. E. Ravenshaw.

ଉପରୋକ୍ତ ପତ୍ରରୁ ସାହେବ ମହୋଦୟଙ୍କ ଉଦାର ଚରିତ୍ର ଏବଂ ପ୍ରଶସ୍ତ ହୃଦୟର ଭାବ ମନରେ ସ୍ୱତଃ ଜାଗି ଉଠୁଅଛି । ସେ ଏଠାରେ ଥିବା ସମୟରେ ଓଡ଼ିଆ ଭାଷା ପ୍ରଚାର ଅନେକ ବୃଦ୍ଧି ହୋଇଥିଲା ଏବଂ ତାଙ୍କର ଅଧିନାୟକ ଓ ଶାସନ ଗୁଣରେ ଶିକ୍ଷାର ଯେଉଁ ବୀଜ ରୋପିତ ହୋଇଥିଲା ତାହା ବର୍ଦ୍ଧିତ ହୋଇ କୃତୀ ସନ୍ତାନମାନ ଫଳାଉଅଛି । ସାହେବ ମହୋଦୟଙ୍କ ଇଚ୍ଛା ମତେ କଲେଜ କମିଟି ଟ ୫୦୦ ଙ୍କା ସରକାରୀ କାଗଜରେ ଗଚ୍ଛିତ କରି ତହିଁର ସୁଧ ପ୍ରତିବର୍ଷ ଓଡ଼ିଆ ରଚନା ସକାଶେ କୃତୀ ଛାତ୍ରକୁ ପୁରସ୍କାର ଦିଆଯିବ ଏବଂ ବାଳିକା ବିଦ୍ୟାଳୟର କମେଟୀ ଟ ୫୦୦ ଙ୍କା ସରକାରୀ କାଗଜରେ ଗଚ୍ଛିତ କରି ତହିଁର ସୁଧରୁ ଓଡ଼ିଆ ଭାଷା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବ ଉଚ୍ଚଶ୍ରେଣୀ ଛାତ୍ରୀକୁ ଟ ୧୦ ଙ୍କା ଓ ନିମ୍ନ ଶ୍ରେଣୀର ଛାତ୍ରୀକୁ ଟ ୭ ୫ ଙ୍କା ବାର୍ଷିକ ପୁରସ୍କାର ଦେବାର ଧାର୍ଯ୍ୟ କରିଅଛନ୍ତି । ସେହି ନିର୍ଦ୍ଧାରଣମାନ ନିମ୍ନରେ ଉଦ୍ଧୃତ ହେଲା ।

ରେଭେନ୍ସା କଲେଜ କମିଟିର ନିର୍ଦ୍ଧାରଣ ଯଥା

At a meeting of the Ravenshaw Collegiate School Committee held on 26th September 1910 at 8 a. m.

Present,
J. H. E. Garrett, Esq.
R. Shaw, Esq.
J. Maclean, Esq.
Babu Benemadhab Das.

The question of the disposal of the gift of Rs.500 presented by Mr. T. E. Ravenshaw was considerd.

It was resolved that the money be invested in Government securities, and that the annual interest of Rs 17-8 be devoted to the payment of a money prize to be called the 'Ravenshaw prize' on the following conditions:—

In the month of October each year the Committee will select one or more subjects for an essay in Uriya, and will appoint an examiner to report on the essays submitted.

The subject or subjects of the essays will be announced to the competitors on some day during the first week in November, and they will there and then be called upon to write their essays during school hours. Separate numbers will be allotted the competitors by the Head Mas and the essays shall bear the numb and not the names of the competito.s. The essays shall be forwarded by the Head Master to the examiner on the day on which they are written, and the examiner shall be requested to return them marked in order of merit in a sealed cover to the Head Master before the end of November. During the first week of December a meeting of the committee shall be held at which the sealed cover containing the marked essays shall be opened, and the prize allotted.

The prize of Rs 17-8-0 will be presented to the winner at the annual distribution of prizes in the month of December.

ରେଭେନ୍ସା ବାଳିକା ବିଦ୍ୟାଳୟ କମିଟିର ନିର୍ଦ୍ଧାରଣ ଯଥା—

Proceedings of a meeting of the Ravenshaw Girl's High school committee.

Read copy of a letter addressed by Mr. T. E. Ravenshaw, the old popular Commissioner of Orissa, to the Commissioner of Orissa Division dated 17th August 1910.

The Committee wish to record their deep sense of gratitude to Mr. Ravenshaw for his liberal donation of Rs. 500 for the encouragement of the study of Uriya language by the girls of this School the foundation of which is associated with his name and the Committee further acknowledge with grateful appreciation Mr. Ravenshaw's interest and practical sympathy in the

Digitized by srujanika@gmail.com

Split by PDF Splitter



welfare of the School which is now affiliated to the Calcutta University and teaches up to the Matriculation standard.

The following resolutions were passed.—

Resolved that the money be invested in Government securities and that the annual interest of 17-8-0 be devoted to the payment of two money prizes, called the 'Ravenshaw prize' to be awarded on the following conditions:—

That one prize of Rs. 10-0-0 be awarded to the deserving girl in the High School classes who secures the highest marks in Uriya Literature in all the class examination of the school during the year.

That one prize of Rs. 7-8-0 be awarded to the deserving girl in the Vernacular classes who secures the highest marks in Uriya Literature in all the class examination of the school during the year.

ସାହେବ ମହୋଦୟ ଉକ୍ତ ଦାନକୁ ସାମାନ୍ୟ (small) ବୋଲି କହୁଅଛନ୍ତି ମାତ୍ର ତାହାଙ୍କ ଦାନର ଯେଉଁ ହୃଦୟ ପ୍ରେମସୂତ୍ର ମିଶିଅଛି ତାହାର ମୂଲ୍ୟ ନାହିଁ । ସେ ଦୂର ଦେଶରେ ସ୍ୱଦେଶ ବିଲାତରେ ଥାଇ ବହୁ ଦୂରବର୍ତ୍ତୀ ଓଡ଼ିଶା ଏବଂ ଓଡ଼ିଆମାନଙ୍କୁ ଅଦ୍ୟାପି ଯେଉଁ ସ୍ନେହ ଚକ୍ଷୁରେ ଦେଖୁଅଛନ୍ତି ତାହାର ପଟାନ୍ତର ମିଳିବା ଦୁଷ୍କର ।

ମହୋଦୟ ଆପଣାର ଶ୍ରୀବୃଦ୍ଧି ପ୍ରଦତ୍ତ ବିଦ୍ୟାଳୟକୁ ଦେଇ ତାହିଁରେ ଭୂମିର ପୁତ୍ର ନ ବନ୍ଧୁ (your old friend) ଲେଖି ସାକ୍ଷର କରିଅଛନ୍ତି । ଏହି ପୁରାତନ ବନ୍ଧୁ ଦୀର୍ଘଜୀବୀ ହୋଇ ସୁଖ ସ୍ୱଚ୍ଛନ୍ଦରେ ଜୀବନ ଯାତ୍ରା ନିର୍ବାହ କରନ୍ତୁ ଏହି ସର୍ବ କରୁଣା ଜଗଦୀଶ୍ୱରଙ୍କ ଠାରେ ଏକାନ୍ତ ପ୍ରାର୍ଥନା ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ବାଲେଶ୍ୱର ଡେଃ ମାଃ ଓ ଡେ଼ ଡେପୁଟି କଲେକ୍ଟର ବାବୁ ମନମୋହନ ବସୁ କଟକର ସବାଏ ସେହି ଉଚ୍ଚ ମାଜିଷ୍ଟ୍ରେଟ ଓ କଲେକ୍ଟର ହେଲେ ।

କୁଟବେରିଆ ଡେଃ ମାଃ ଓ ଡେ଼ କଲେକ୍ଟର ବାବୁ ବାମଦେବ ଦାସ ଟେଷ୍ଟ ତୃତୀୟ ଜଣ ପିଲ୍ଲମପୁର ସବ୍‌ଡିଭିଜନରେ ସଦସ୍ଥାପିତ ହେଲେ ।

ମାଃ ଓ କଲେକ୍ଟର ମିଃ କାରେଲ ରବ, ସେନ ଦିନସ୍ତ ସେଲଟ୍ ଛୁଟି ୧ ମ ସେଲଟ୍‌ର ଏହିଂ ହେଲେ ।

ବାଲେଶ୍ୱର ମାଃ ଓ କଲେକ୍ଟର ମିଃ ଗାରେଲ୍‌ଡ ସେନ ବ ୧ ଦିନ ଛୁଟି ପାଇଲେ ।

୨ ସ୍ୱ ସେଲ ଏକସ୍ଥା ପରିଷ୍କାର ପରେଷ୍ଟ କରେଲ ରେଃଭ ଏ ଦି ମୂଠ'ଇସ୍ୱାର ସ୍ୱଚ୍ଛ ଜଙ୍ଗଲ ଦଗରକୁ ବଦଳି ହେଲେ ।

ନିମ୍ନଲିଖିତ କମ୍ମଚାରୀମାନେ କଟକ, ପୁରୀ ଓ ବାଲେଶ୍ୱର ଜମିଦାରଙ୍କରେ ଅବୈତନିକ ମେଜିଷ୍ଟ୍ରେଟ ନିଯୁକ୍ତ ହେଲେ । ଯଥା—

ବାବୁ ହରେକୃଷ୍ଣ ନାୟକ, ବାବୁ ଭାଗବାନଙ୍କ ଦାସ, ବାବୁ ଗୋପବନ୍ଧୁ ହାଲଦାର, ବାବୁ ଜଗବନ୍ଧୁ, ବାବୁ ବୈଦ୍ୟନାଥ ବସୁ, ବାବୁ ସୁରେନ୍ଦ୍ରନାଥ ଲାହିଡ଼ୀ, ବାବୁ ଜଗମୋହନ ଦତ୍ତ, ବାବୁ ରାଧାରମଣ ଦାସ, ବାବୁ ଶଙ୍କର ନାଥ ଗୁପ୍ତ ବାବୁ ସୁରେଶଚନ୍ଦ୍ର ଦେବ, ବାବୁ ମଧୁସୂଦନ ଗୋସାଇଁ ବାବୁ ଜଗନ୍ନାଥ ବସୁ, ବାବୁ ଦଶରଥ ବସୁ ଓ ବାବୁ ରାଧାରମଣ ଚକ୍ରବର୍ତ୍ତୀ ।

କଟକର ଏକ୍‌ଟିଂ ସିଭିଲ୍ ସର୍ଜନ ବାବୁ ଗୋପାଳ ଚନ୍ଦ୍ର ବାନାର୍ଜ୍ଜୀ ସେ ମୁନ୍‌ସଫ ହେଲେ ।

ସମ୍ବଲପୁର ସ୍କୁଲ ସବ ଇନସ୍ପେକ୍ଟର ବାବୁ କଲ୍ୟାଣ ନନ୍ଦ ମାସ ୭ ମାସ ଛୁଟି ପାଇଲେ । ସେହି ସ୍ଥଳରେ ସ୍କୁଲ ଡେଃ ଇନସ୍ପେକ୍ଟରଙ୍କର କର୍ମ ବାବୁ ପୀତବାସ ରଥ ତାଙ୍କ କାର୍ଯ୍ୟ କରିବେ ।

ବାବୁ ଜଗନ୍ନାଥ ପଟ୍ଟନାୟକ ପୁରୀ ସଦର ସେକ୍‌ସନ ବୋର୍ଡ ମେମ୍ବରମାନ ହେଲେ ।

ସୋର୍ଡ଼ର ସଦସ୍ୟମାନଙ୍କ ସହିତ ବୋର୍ଡ଼ ସେକ୍‌ସନ ବୋର୍ଡ ମେମ୍ବରମାନ ହେଲେ ।

ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ପୁରୀ ଲୋକାଲ ବୋର୍ଡ ସଭ୍ୟ ନିର୍ବାଚିତ ହେଲେ । ଯଥା-ସଦର ର ବାବୁ ମଧୁସୂଦନ ଦାସ, ବାବୁ ଜଗବନ୍ଧୁ ପଟ୍ଟନାୟକ, ବାବୁ ଜଗନ୍ନାଥ ସିଂହ ଓ ଚୌଧୁରୀ ସ ବୃନ୍ଦାବନ ଦାସ । ଖୋର୍ଦ୍ଧା ଓ ଗୋପ ଅଞ୍ଚଳ ସବ୍‌ଡିଭିଜନ ସହିତ ସବ ଓ ସବଡେପୁଟିମାନ ।

ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ ପୁରୀ ଜିଲ୍ଲା ବୋର୍ଡର ସଭ୍ୟ ନିଯୁକ୍ତ ହେଲେ । ଯଥା— ପୁରୀର ସୁପରିଣ୍ଟେଣ୍ଡେଣ୍ଟ, ସିଭିଲ୍ ସର୍ଜନ, ସ୍କୁଲ ଡିପୁଟି ଇନ୍‌ସପେକ୍ଟର, ବାବୁ ହରିହର ଦାସ, ବାବୁ ବିଧୁଭୂଷଣ ବାନାର୍ଜ୍ଜୀ ଓ ବାବୁ ହରିହର ମିଶ୍ର ।

ଗତ ମାସ ୨ ତାରିଖରେ ଶେଷହେବା ସପ୍ତାହମଧ୍ୟ ମୃତ୍ୟୁର ହାର ଥିଲା କଟକ ସେ ୧୦୭, ବାଲେଶ୍ୱର ସେ ୧୪, ଅନୁଗୁଳ ସେ ୧୨୩, ପୁରୀ ସେ ୧୧୩/ ଓ ସମ୍ବଲପୁର ସେ ୧୪ ଏହି ଗଡ଼ଜାତ ମଧ୍ୟରେ ସର୍ବୋଚ୍ଚ ତାଳଚେର ସେ ୨୪ ଓ ସର୍ବ ନିମ୍ନ ଅଠଗଡ଼ ସେ ·୦୩ ।

ସେହି ସପ୍ତାହର ବୃଷ୍ଟିର ପରିମାଣ ଯଥା—କଟକ ୪.୭୦, ବାଲେଶ୍ୱର ୪.୯୮, ଅନୁଗୁଳ ୨.୪୦, ପୁରୀ ୩.୧୬ ଓ ସମ୍ବଲପୁର ୦.୧୩ ଇଞ୍ଚ ଏହି ଗଡ଼ଜାତମଧ୍ୟରେ ସର୍ବୋଚ୍ଚ ପାଲଲହଡ଼ା ୨.୭୦ ଓ ସର୍ବନିମ୍ନ ସୋନପୁରରେ ୦.୦୩ ଇଞ୍ଚ ।

---

## ସ୍ଥାନୀୟସମ୍ବାଦ ।

ତ ୧୨ ନ ବର୍ଷାପରେ ଗତ ସୋମବାରଠାରୁ ଛାଣ ସ୍ପଷ୍ଟ ହେଉଅଛି । ମାତ୍ର ଅଧିକ ଗ୍ରୀଷ୍ମ ଅନୁଭବ ହେଉଅଛି ଜନ୍ମୁ ସାମାନ୍ୟ ଭୋଗିଅଛି । ସକଳମାନେ ପାଉ ଚିଲ ହୋଇଅଛି ।

ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁ ଯେ ଏଠାର ସରକାରୀ ଅନୁବାଦକ ବାବୁ ଚତୁର୍ଭୁଜ ପଟ୍ଟନାୟକ ଅଳ୍ପ ଦିନ ପୀଡ଼ିତ ହୋଇ ଗତ ବୁଧବାର ପରଧାମ ଗମନ କରିଅଛନ୍ତି । ସେ ଜଣେ ସୁଦକ୍ଷ ବ୍ୟକ୍ତି ଓ ନାନା ବିଷୟରେ ତାହାଙ୍କର ଅଭିଜ୍ଞତା ଥିଲା ।

ଏ ନଗରରେ ବୈଦ୍ୟ ଦ୍ୱାରା ଔଷଧ ଦିଆଯାଉଅଛି । ନଗରରେ ମନମୋହିନୀ ତେଲ ଏବଂ ତିନି ଉପହାର ପାଇଅଛୁଁ । ଫିଟାଇ ଦେଖିଲୁଁ ଏହା ଅତ୍ୟନ୍ତ ସୁଗନ୍ଧ ଏବଂ ସୁନ୍ଦର ଓ ମୁଣ୍ଡରେ ଲଗାଇବାର ଅନେକ ସୁଗୁଣ ଲେଖା ଅଛି । ମୂଲ୍ୟ ୫୦ ଅ, ଅନ୍ୟାନ୍ୟ ସୁବାସ ତେଲର ସୀମା ନାହିଁ ହେ ଅନେକ ସେବ ବ୍ୟବହାର କରିବାର ଜଣାଯାଏ । ଅଣାକର୍ଣ୍ଣ ଏ ତେଲର ମଧ୍ୟ ବିଶେଷ ଆଦର ହେବ ।

ଷ.ଶସ୍ୟବାଦ ଇଂରାଜୀ ଅନୁବାଦ ହେଉ ସୋମବାର ଗତ ସୋମବାର ଡେଃ ମାଃ ଶ୍ରୀ ବୃନ୍ଦାବନ ସାହୁଙ୍କ ଦରବାର ଦରବାରୁ ମାସ ୭ ସ ବଷ୍ଟପ ୫ ୩୦ ଟଙ୍କା ଜରିମାନା କରିଲ ଚାରି ଜଣେ ଓ ଗୋଟିଏ ବେତବନ ମାସ ୧ ସ ଦପ୍ତରିଆ ହୋଇଅଛି ।

ହିତୋଳ ଉଦୟ ରାହାମା କନ୍ଯ ମହାପ୍ର ଓଡ଼ିଶାର ଗତେ ସପ୍ତାହ ନମନ୍ତ୍ରୀ ବାଳା ସଂସ୍କାର ସେବ ସେଠାର ଗୋଟିଏ ନଡ଼ିଆ ଉଦ୍ୟାନରେ ସାଇଗ୍ରା କେବଳ କେବେ ମନମଜ ମୁସଲମାନ ଏକତ୍ର ହୋଇ ଦଙ୍ଗାହଙ୍ଗାମା କରିବା ଅଭିଯୋଗରେ ଦଣ୍ଡବିଧି ଆଇନର ଦ ୧୪ ୨୧୨ ୧୫ ଧାରା ମତେ ଗମନ ହୋଇ ପ୍ରତ୍ୟେକ ୫ ୧୦୦ ଜାମିନରେ ଅଛନ୍ତି । ମକଦ୍ଦମା କି ହୁଏ ଜଣା ନାହିଁ ।

ଏଠାର ଇଞ୍ଜିନିୟର ଲୋକପାଲ ଶା ଓ ବାଣୀ ନାୟକ ଗଡ଼ଯାଗ ମଠ ବୋ ୨୩ ସହିତ ଏଠାର ଡେପୁଟିକଲେକ୍ଟରଙ୍କ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ । ଗତ ସେସନ କୋର୍ଟରେ ଦଣ୍ଡବିଧିର ବିଚାରରେ ତୋଳାପ ଟାକୁ ୫ ୭ - ଙ୍କା ଜରିମାନା ଓ ବାଣୀ ନାୟକଙ୍କୁ ମାସ ୧ ସ ସଶ୍ରମ କାରାଦଣ୍ଡ ହୋଇଅଛି ।

ସରକାରୀ କାର୍ଯ୍ୟରେ ଯଥା । ବିଧି ସାହାଯ୍ୟ କରୁଥିବାରୁ ରେଭେନ୍ୟୁଶାଲ ଭଉଜ ଓ ଦାକ୍ଷିଣାତ୍ୟର ଦେବେନ୍ଦ୍ର ସାଧାନରୁ ଗ୍ରାମ ସୋଲିସିଟର ଏବେ ସାହେବ ଗଉଣାଇ ସିଷ ନାମ କର ମାସ ଦେଉଅଛନ୍ତି ବୋଲି ସଉଦାଗରମାନଙ୍କରେ ପ୍ରକାଶ । ଏ କଥା କି ପ୍ରକାର ?

ଉତ୍ତର ମାଲକର ସ୍କୁଲ ଅବସ୍ଥା ଦେଲେ ଜ ଥିବାର ଜଣେ ପତ୍ର ପ୍ରେରକ ଲେଖି ସେଠା ସହାଙ୍କ ଦୃଷ୍ଟି ପ୍ରତି ଦୃଷ୍ଟି କରିବା ସକାଶେ ଅନୁରୋଧ କରିଅଛନ୍ତି । ଆଶାକରୁ ଛାତ୍ର ସୁଶିକ୍ଷାର ଉନ୍ନତି ବିଷୟରେ ମନୋଯୋଗ ହେବେ ।

ଶୁଣାଗଲା ହରିପୁର ବାବୁ ଗୋପାଳଚନ୍ଦ୍ର ଦାସଙ୍କ ଘର କେତେ ଗୁଡ଼ା ଜାଲ ନୋଟ ଓ ସୁନାରୂପା ଦ୍ରବ୍ୟ ଧରା ପଡ଼ିଅଛି । ବର୍ତ୍ତମାନ ପୁଲିସ ନୋଟ ବାଲେଶ୍ୱର ଖଜଣାଖାନାରେ ଥଇପଦନ ଅଛି ଓ ପାଗଲ କରିବା ସେଠା ପଡ଼ିଥିବା ବିଶ୍ୱନାଥ ଦାସ ନାମକ ଜଣେ ମୋହରର ମୌଜଲର ଦସ୍ତଖତ । ଏ ଦୁହେଁ ହାଜତରେ ଅଛନ୍ତି । ମୋକଦ୍ଦମା ବିଚାରାଧୀନ । ବାଃ ସଃ ବାଃ

କନିକାର ବନ୍ଦୋବସ୍ତ ପ୍ରଜାବତ୍ସଲ ରାଜା ଶ୍ରୀରାମଚନ୍ଦ୍ର ବ୍ରାହ୍ମଣମାନଙ୍କ ଜଣେ ବେଦ ଦେଉଅଛନ୍ତି ଓ ଯେଉଁ ବ୍ରାହ୍ମଣମାନେ ସନ୍ଧ୍ୟା ବନ୍ଦନା ନ କରିବେ ଅଥବା କେହି ସନ୍ତାନମାନଙ୍କ ଶିକ୍ଷା ନ ଦେବେ ସେମାନଙ୍କୁ ରାଜା ମେଷ୍ଟର କେମା ରହିବ ବ୍ୟବହାର କାର୍ଯ୍ୟାଳୟରେ ନିଯୁକ୍ତ କରିବେ ନାହିଁ । ଶିକ୍ଷା ଦେଇ ଅଛନ୍ତି ବନା ପଣ୍ଡିତ ଶାସନରେ ନୂଆ ଦେଖି ଉପାର୍ଜ୍ଜନ କରିବା କାରଣ ପଣ୍ଡିତ ଦାମୋଦର ମିଶ୍ର କାର୍ଯ୍ୟ ପୂରଣ ସ୍ୱାର୍ଥ ନିଯୁକ୍ତ ହୋଇଅଛନ୍ତି । —ଉଃ ଦାଃ

## ବାମଣ୍ଡପୁର ସମ୍ବାଦ ।

ଶ୍ରୀ ରାଜା ସାହେବ ବିଜ୍ଞାପନ ଦେଉଅଛନ୍ତି କ ଉଦ୍ଧାର ଏଥିପାଇଁ ଦେହ ବ୍ୟକ୍ତି ବ୍ୟବସାୟ ଦେ ଲୁ ବହୁ କରିବ ନାହିଁ । ଯେ ଏହା ଅମାନ୍ୟ କରିବ ସେ ଦୂର ଶାସ୍ତି ମତେ ଦଣ୍ଡନୀୟ ହେବ ।

ଶ୍ରୀ ଗଙ୍ଗାଧର ସାମନ୍ତ ଜିହାର ସବୁ ୫ ୩୦୦ ଙ୍କା ମୂଲ୍ୟର ଅଳଙ୍କାରଚିଏ ମେଳ ପାଇଅଛି । ପଞ୍ଜରରେ ସ୍ୱସ୍ତି ତଥ ଯଉ ଦରଜ୍ଞହେଉଅଛି । ଯ ଲ ଜଣା ଯାଉ ନାହିଁ ।

ମଠ ମାଂସ ବ୍ୟବହାର ବଢ଼ିବା ଦେଖାଯାଏ ।

## ରାଜ କନକା ସମ୍ବାଦ ।

ଏ ବର୍ଷ ମୃଣ୍ଡ ନଷ୍ଟ କିଛି ସମାଲୋଚରେ ହୋଇଥିବ ଧୂଳ୍ୟା ପଡ଼ିବ ଜମିଦାର ପ୍ରଜାମାନେ ଗୋଟିଏ ସଭା କରି ଶ୍ରୀଯୁକ୍ତ ରାଜା ବାହାଦୁରଙ୍କୁ ଅନୁଗ୍ରହ ଦେଉଥିଲେ, ତହିଁରେ ରାଜା ସନ୍ତୁଷ୍ଟ ହୋଇ ଯେଉଁ ଉତ୍ତର ଦେଇଥିଲେ ତାହା ସାଧାରଣ ଉତ୍କର୍ଷ କ ହୋଇଥିବ ।

ପ୍ରତିଦିନ ବର୍ଷା ହେଉଅଛି, କଟକେ ସବୁ ସ୍ଥାନରେ ଅସଲ ଜଳରୂପେ ପଡ଼ିଅଛି । ତୂଳ ସ୍ଥଳରେ ଚଳିତ ମାସ ତା ୨ ରାତରେ ସ୍କୁଲ ଓ ଟୋଲ ବନ୍ଦ ହେବାର କଥା, ହୋଇଅଛି ତା ୪ ରାତ୍ରର ଜରେସ ବନ୍ଦ ହେବ ।

ଏବର୍ଷ ଧୂନର୍ଷ ଜନ୍ମତିଥିରେ ରାଜା ସାଲାଗୋଳ ନୀଳାଉର ଅଧିବାସ ଗ୍ରାମ ରାଜ ସେଶର ପାଣ୍ଡେ ସ ବାରଳ ଏଠାର ଅଭିଯେଲେ । ତନ୍ମଧ୍ୟରେ ଶ୍ରୀ ଅଣାଦି ସେନା ଜାମତ ଚିତ୍ରକ ଏବେ ଶୁଣଉ ସାଜ କରିଥିଲ ସେ ତହିଁରେ ସମସ୍ତେ ମୁଗ୍ଧ ହୋଇଥିଲେ ।

Digitized by srujanika@gmail.com

Split by PDF Splitter



## ସାଧାରଣ ସମ୍ବାଦ ।

ଶ୍ରୀ ବାବୁ ଭରତ ମହାରଜା ଅପଣା ରାଜ୍ୟରୁ ସ୍ୱଦେଶୀ ଦ୍ରବ୍ୟମାନ ପରିବାର ସମାଚାର ସମ୍ବନ୍ଧ ଦିଗରେ ଚୋଳନ କର ଉକ୍ତ ପରିବାର ପ୍ରଧାନ ଦଳ ଓ ମହାରାଜ ଯତ୍ନ କରଅଛନ୍ତି । ସ୍ୱଦେଶୀବ୍ରତ ପ୍ରକାଶ ଲେଖିବା ଏଥିରୁ ହେଉ ଅଟେ ।

ସପ୍ଟେମ୍ବର ମାସ ତା ୨୬ ଦିନ ବା ରବିବାର ୫ ୩୦ କ ବଙ୍ଗପ୍ରଦେଶ ବୁଲିଥିବାର ଦଳ ହୋଇଥିଲେ । ସେଠାରେ ସଂସଦ ସଭାରେ ପ୍ରସ୍ତାବ ହୁଏ ଯେ ପରେ ହିନ୍ଦୁ ମୁସଲମାନ ଖ୍ରୀଷ୍ଟିଆନ ନିର୍ବିଶେଷରେ ସକ୍ଷିବନ୍ଧନ ପୂର୍ବକ ଯଥାସାଧ୍ୟ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ସ୍ୱଦେଶୀ ଦ୍ରବ୍ୟର ଉନ୍ନତି କରିବାରେ ଯତ୍ନବାନ ହେବା ମର୍ମରେ ମାନ୍ୟବର ସୁରେନ୍ଦ୍ରନାଥ ବସୁ ଓ ସୁରେନ୍ଦ୍ର ନାଥ ବାନର୍ଜ୍ଜୀ ପ୍ରଭୃତି ନେତାଙ୍କ ସ୍ୱାକ୍ଷରିତ ଏକ ବିଜ୍ଞାପନ ବାହାରିଅଛି । ବଙ୍ଗଦେଶ ହେବା ଦିନରୁ ପ୍ରତିବର୍ଷ ଏହା ସ୍ୱଦେଶର ଉନ୍ନତି କରିବ ପ୍ରତିପାଦନ ହେଉଅଛି ହେତୁ ବର୍ତ୍ତମାନ ପଦସ୍ଥାୟୀ ଗଣ୍ୟ ହୋଇ ନେତାଙ୍କ ବଙ୍ଗଳା ପାଠରେ ତହିଁର ଦିନ ଠିକଣା ଓ ସ୍ଥାନ ଦିଆଯାଇଅଛି । ବଙ୍ଗଳାର ଲୋକେ ଯଥାମତେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାରେ ବ୍ରତୀ ହେଲେ ବଡ଼ ସଫଳ ହେବ ।

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ରାମ ଚନ୍ଦ୍ରପଣ୍ଡା ବସ୍ତୁ—'ଅଶାନ୍ତିର କାରଣ' ପ୍ରବନ୍ଧ ତାହା ଲେଖିଅଛନ୍ତି ତାହା ପଢ଼ିବାରୁ ବୋଧ ହେଲା ଯେ ଏହା ଏକ ବଡ଼ ସମ୍ବାଦପତ୍ରର ଲେଖକ କିମ୍ବା ବର୍ତ୍ତମାନର ଶଠତା ତହିଁର ହେତୁ ଅଟେ । ଏ ବିଷୟରେ ଅନେକ ବକ୍ତବ୍ୟ ଅଛି ତହିଁ ପାଇଁ ଆପଣ ନିଜେ ପ୍ରଚାରଣାରେ ଦ୍ୱାରା ସୂକ୍ଷ୍ମ ସଙ୍ଗତରୂପେ ଦେଖାଇଲେ ଏଥିର ଉତ୍ତର ଗ୍ରହଣ କରିବେ ।

ଶ୍ରୀ ହରମୋହନ ପଟ୍ଟନାୟକ—ହିନ୍ଦୁ ମୁସଲମାନ ସମ୍ବନ୍ଧ ଯାହା ଲେଖାଇବା ସକ୍ଷମ । ସେହିମାନେ କେତେକ ଦିନ ହେଲା ହିନ୍ଦୁ ମୁସଲମାନ ମଧ୍ୟରେ ମାମଲା ଚଳୁଥିବା ସ୍ଥଳେ ନିଷ୍ପତ୍ତି ପରେ ମତାମତ ପ୍ରକାଶ କରିବା ଭଲ । ଉତ୍କଳ ବାର୍ତ୍ତାର ପ୍ରେରଣ ପତ୍ରର ପ୍ରତିବାଦ ଲେଖି ପତ୍ରିକାକୁ ପ୍ରଥମେ ପଠାଇବା ଉଚିତ । ସୁତରାଂ ବର୍ତ୍ତମାନ ସମ୍ପାଦକ ବିଷୟ ସୂଚନା ସୁତ୍ରଭଙ୍ଗ ଜଣାଇଲେ ଶୀଘ୍ର ସଫଳ ହେବ ।

ପାଠକେ ଅବଗତ ହେବା ନିମନ୍ତେ ଶ୍ରୀ ପଦ୍ମଲୋଚନ ଦାସ—ସମ୍ବାଦ ପ୍ରେରଣ ମହାମହୋପାଧ୍ୟାୟ ସାମନ୍ତ ଦ୍ୱାରା ଦିଆଗଲା ବିଶେଷ ମନୋଯୋଗପୂର୍ବକ ପଢ଼ି ନାହାନ୍ତି । ସେଥିରେ ଆପଣଙ୍କ କେତେକ ବିଷୟ ନ ପାଇବାର ଲେଖି ଅଛନ୍ତି ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଚନ୍ଦ୍ରଚୂଡ଼ ସେନା | କୋରକୋଶ | ଟ ୩୧ |
| " " ମଧୁସୂଦନ ଚୌଧୁରୀ | ଗଞ୍ଜାମ | ଟ ୧୨ |
| ପଣ୍ଡିତ ଶ୍ରୀ ମୃତ୍ୟୁଞ୍ଜୟ ରଥ | କଟକ | ଟ ୧୧ |
| ଶ୍ରୀ ବାବୁ ଯଦୁମଣି ମହାନ୍ତି ଓ ଅବଦୁଲ ଗଫର ଖାଁ | କେଠବାଡ଼ | ଟ ୧୧ |
| " " ବୃନ୍ଦାବନ ପଣ୍ଡା | କଟକ | ଟ ୧୧ |
| " " ଗଙ୍ଗାଧର ପ୍ରଧାନ | ଶାଲବୁଠା | ଟ ୩୧ |
| " " ଅଧ୍ୟକ୍ଷ ମହାବୀର ଦାସ | ଗଜପତିମଠ | ଟ ୩୧ |
| " " ବଳଭଦ୍ର ମହାପାତ୍ର | ଜଗନ୍ନାଥପୁର ଶାସନ | ଟ ୧୧ |
| " " ସଦାଶିବ ପାତ୍ର | ସାରସିଂହ ପୁର | ଟ ୨୧ |
| " " ଗୋପୀନାଥ ମହାନ୍ତି | ବାଲିଶିରିଆ | ଟ ୧୧ |
| " | | |

ନ ୨୪୬ ମିର ଡିକ୍ରୀଜାରୀ ସନ ୧୯୧୦ ମସୀହା ବିଦ୍ୟାଧର ଦାସ । ସା । ମାର୍କଣ୍ଡପୁର ଦୁଆପଟଣା । ପ୍ର । ହରିହରପୁର ଡିକ୍ରୀଦାର

[ ବ ]

ହରି ମହାପାତ୍ର ଓଗେର । ସା । ଏରଣ୍ଡ । ପ୍ର । ଦେଓଗାଁ ଦେଣଦାରମାନେ

ଉପରଲିଖିତ ନମ୍ବର ଡିକ୍ରୀଜାରୀ ମୋକଦ୍ଦମାର କରଭକ୍ତି ଓଗେର ପାଉଣା ଟଙ୍କା ଆଦାୟ କାରଣ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସୀହା ନବମ୍ବର ମାସ ତା ୧୫ ରଖ ଦିବା ଘ ୧୨ ଘା ସମୟେ କଟକ ମୁକାମ ଦ୍ୱିତୀୟ ମୁନସଫି ଅଦାଲତରେ ନିଲାମ ହେବ ।

ସ୍ଥାଃ ଡିଃ ପୁଃ ଓଃ ସଃ ରେଃ । ମୁକାମ ଜଗତସିଂହପୁର । ପ୍ର । ଦେଓଗାଁ ନ ୨୬୯୮ ମିର ତାଃ ଭୁକ୍ତ । ମୌ । ଏରଣ୍ଡ ଜମିଦାରୀ ର ତହିଁର ଦୋବେବସ୍ତ ସଦରଜମା ଟ ୮୦ ଙ୍କା ଅଟେ ତହିଁ ମଧ୍ୟରୁ ପ୍ରତିବାଦୀମାନଙ୍କର ଦଖଲ । ର । ଟ ୦ ୧ ୪୧୨୮୵ ଲୁ ମଥୋଟ ସଦର ଜମା ଟ୧୯୷୩୨ ଅଟେ ଉକ୍ତ ହକିୟତ ନିଲାମହେବ ଅନୁମାନିକ ମୂଲ୍ୟ ଟ ୧୦ ଙ୍କା ।

———

ନ ୨୫୧୫ ମିର ସରେଜଓ

ସିଜି ୧୯୦୭ ମସୀହା ।

କଟକ ମୁକାମ ପ୍ରଥମ ମୁନସଫଙ୍କ ଅଦାଲତ ।

ଗୌ: ଭଗବାନଚରଣ ପାତ୍ର । ସା । ଗୋଲମହମଦପଟଣା । ପ୍ର । କୋଠଦେଶ ବାଦୀ

ବନାମ ।

ହରି ସାହୁ ଓଗେର । ସା । ରଘୁଆଗୋରଡ଼ା । ତ । ଭଅଁରୀ । ପ୍ର । କୋଠଦେଶ ପ୍ରଃମାନେ

ଏ ମୋକଦ୍ଦମା ଜରଭକ୍ତି ଓଗେର ଟ୮୪୨୵ ଆଦାୟ ସକାଶେ ସନ ୧୯୧୦ ମସୀହା ନବମ୍ବର ମାସ ତା ୧୫ ରଖେ ନିମ୍ନଲିଖିତ ସମ୍ପତ୍ତି ନିଲାମହେବ ।

ପୁଲିସ ଷ୍ଟେସନ ଓ ସବରେଜିଷ୍ଟର ସିପିଲ ଇଃ । ପ୍ର । କୋଠଦେଶ । ତ । ଭଅଁରୀ । ମୌ । ରଘୁଆଗୋରଡ଼ା ଉଦବାରେ ଥିବା ମୌରସି ଥାନି ଜାଲପଟା ବୃତ୍ତି ମିଶା ଓ ରସୁଣ ସହିତ ସାବକ ମା ୨୧।୧୦୨୵ ଲୁ ଜମା ଟ ୪୩୵୯ ଲୁ ହାଲ ଏ ୧୭—୧୩ ଡ: ଲୁ ଜମା ଟ ୪୫।୵୬ ମଧ୍ୟରୁ ଥାନି ମିଶା ବୃତ୍ତି ମା ୧୫ ଲୁ ଜମା ଟ ୩୧୨୵୯ଲୁ ହାଲ ଏ ୧୧—୧୭ ଲୁ ଜମା ଟ ୩୦୨୵୬ ଓ ରସୁଣ ସାବକ ମା ୬।୧୦୨୵ ଲୁ ଜମା ଟ ୧୧।୵୬ ଲୁ ହାଲ ଏ୫—୫୬ଡ: ଲୁ ଜମା ଟ ୧୪୨୵ ବନ୍ଦର ଅଛି ଡିକ୍ରୀର ହୁକୁମ ଅନୁସାରେ ଉକ୍ତ ଏ ୧୭—୧୩ ମଧ୍ୟରୁ ନ ୧୨। ୧୩।୧୪ମିରପ୍ରତିବାଦୀମାନଙ୍କର ଶରଦ ଏ୨-୧୫ ଲୁ ଜମା ଟ ୫୨୧୧ ବାଦ୍ ଯାଇ ବାକି ପ୍ରତିବାଦୀମାନଙ୍କର ଏ ୧୪—୧୮ଲୁ ଜମା ଟ ୩୬୷୬ ନିଲାମ ହେବ ତହିଁର ଅଃ ମୂଲ୍ୟ ଟ ୫୦୦୧

—*O*—

ନ ୧୮୦ ମିର ଡିକ୍ରୀଜାରୀ ସନ ୧୯୧୦ ମସୀହା ପଦ୍ମନ ହିନ୍ଦ । ସା । ପୋଟଲ । ପ୍ର । ହରିହରପୁର ଡିଃ

ବନାମ

୧ ବନେଇ ସ୍ୱାଇଁ ଓ ୨ ଅଗନ୍ତି ସ୍ୱାଇଁ ଓ ୩ ଭଜନା ସ୍ୱାଇଁ ନାବାଳଗ ୪ ମଦନା ସ୍ୱାଇଁ ନାବାଳଗର ଅଭିଭାବକ ବନେଇ ସ୍ୱାଇଁ । ସା । ପାଟଣି ଗାଁ । । ପ୍ର । ହରିହରପୁର ଦେଣଦାର

ଡିକ୍ରୀଦାରଙ୍କର ପାଉଣା ଜରଭକ୍ତି ଓଗେର ଟଙ୍କା ଆଦାୟ କାରଣ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସୀହା ନବମ୍ବରମାସ ତା ୧୫ରଖେ ଦିବା ଘ ୧୨ ଘା ସମୟେ କଟକ ମୁକାମ ସବାର୍ଡିନେଟ ଜଜ ଅଦାଲତରେ ନିଲାମ ହେବ ।

ସ୍ଥାଃ ଡିଃ ପଃ ଓ ସଃ ରେଃ । ମୁ । ଜଗତସିଂହପୁର । ପ୍ର । ହରିହରପୁର ନ ୨୧୮୨ ମିର ତାଃ । କି । ତା । ହରିହରପୁର । ସା । ପାଟେଣିଗାଁ ଶାସନରେ ଥିବା ନ ୨ ମିର ସି । ବା । ଥାନି ପାହି ଏ ୭—୪୬୧ ଡିଃ ଲୁ ଜମା ଟ ୨୮୵ ମଧ୍ୟରୁ ଦେଣଦାରମାନଙ୍କର ଦଖଲ ଏ୨—୨୦୬ ଡିଃ ଜିମ୍ମିଲୁ । ମ । ଜମା ଟ।୵ ଅଟେ ଉକ୍ତ ବୃତ୍ତି ଓ ତହିଁର ରସୁଣସହ ଓ ବାହ ଘରଦ୍ୱାର ବ ୩ ଖଣ୍ଡ ଓ ପରଛଡ ସହିତ ନିଲାମ ହେବ ।

ନ ୯୭୧ ମିର ଡିକ୍ରୀଜାରୀ ସନ ୧୯୧୦ ମସୀହା କୃତ୍ତିବାସ ସାହୁ । ସା । ଗୁଣ୍ଡପୁର । ପ୍ର । ପୁଙ୍ଗଡ଼ା ଡିଃ

ବନାମ

ପରଶୁ ଦାସ । ସା । ମଲ୍ଲବସନ୍ତ । ପ୍ର । ଜଏପୁର ଓଗେର ଦେଃ

ଉପରଲିଖିତ ନମ୍ବର ମୋକଦ୍ଦମାରେ ଡିକ୍ରୀଦାରଙ୍କର ପାଉଣା ଟ ୧୮୦୨୫ ଆଦାୟ ସକାଶେ ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମସୀହା ନବମ୍ବର ମାସ ତା ୧୫ ରଖ ଦିବା ୧୨ ଘା ସମୟେ କଟକ ମୁକାମ ପ୍ରଥମ ମୁନସଫି ଅଦାଲତରେ ନିଲାମ ହେବ ।

ସ୍ଥାଃ ଡିଃ ପୁଃ ଓ ସଃ ରେଃ । ମୁ । କଟକ ଦ.କ ସାଲେପୁର । ପ୍ର । ଜୟପୁର ଓଗେର । ସା । ଦଉଲତପୁରରେ ଥିବା । ଲ । ବାଯ୍ୟାପ୍ତି ସାବକ ମା ୦ ।୨୪୨ ଲୁ ଜମା ଟ ୦୨୵ ସାଦା କି ହାଲ ବନ୍ଦୋବସ୍ତ ଅନୁସାରେ ଏ ୧—୦୪ ଡିଃ ଲୁ ଜମା ଟ ୧୨ ଅଟେ ଉକ୍ତ ବୃତ୍ତିର ସମସ୍ତ ସତ୍ୱ ନିଲାମ ହେବ ।

———

Digitized by srujanika@gmail.com

Split by PDF Splitter




## NOTICE

Post of a Head Cleark and Accountant in Mourbhanj State is vacant. It is in the grade Rs 40 to 50. Preference will be given to one who has passed the F, A, Examination and can write English correctly and has experience in correspondence and accounts,

Applications will be received by the undersigned up to the 12th of November next.

Baripada, 27-10-10 — Bhagirathi Mahapatra, Sadar Sub-Registrar, Mourbhanj State.

NOTICE is hereby given to the public that Babu Tarini Charan Sur has no connection with the firms of Messrs. Sur Brothers and the said firm will not recognise or be bound by any act done by or with the said Babu Tarini Charan Sur.

SUR BROTHERS.
39, College Street
Calcutta.
22-10-10

Wanted a Compounder for the branch dispensary at Kuarmunda in the Nagra estate on a monthly salary of Rs 15. None need apply who is not a passed Compounder from the Cuttack Medical School. Applications with copies of testimonials will be received by the undersigned up to 20th November 1910.

Kuarmunda, P.O. Panpost, B. N Ry, 23-10-1910 — Anirudha Patel, Manager of the Nagra estate

## NOTICE,

Beautiful and showy horses for sale in the Dhenkanal Raj Stable as H. H. wants to dispose them of, to make room for new ones.

1. Asvini Kumar—black and white, Pure Burma guelding, very fast, sound, quite and showy, excellent Kadambaj in harness and saddle, won several races. Price Rs 600.

2. Darjeeling—a black guelding about 14 hands C. B., an excellent polo-pony, sound and showy trotter, winner in Darjeeling. Rs. 450

3 Badul– iron grey entire, 14 hands C. B., sound and fast trotter and a winner. Price Rs. 300

4. Several other horses ranging from Rs. 150 to Rs. 200.

*N. B.*—The first two were H. H's own riding horses. They are being disposed of on account of opacity of Cornea in one eye. The horses are open to any trial.

Apply for full particulars to the Veterinary Surgeon Dhenkanal. (Orissa).


# ଉତ୍କଳ ଦୀପିକା ।

ମା ଜଗନ୍ମାତା ମର୍ତ୍ତ୍ୟମଣ୍ଡଳରେ ଶୁଭଦିବସ ଅବସ୍ଥାନ କରି ସ୍ୱଧାମକୁ ପ୍ରତ୍ୟାଗମନ କଲେ । ଏଣିକି ସେ ଯାହାର କର୍ତ୍ତବ୍ୟ କାର୍ଯ୍ୟରେ ଉପସ୍ଥିତ ହେଲେଣି ଓ ହେଉଅଛନ୍ତି । ଆମ୍ଭେମାନେ ସେହିପରି ସ୍ୱକାର୍ଯ୍ୟରେ ଉପସ୍ଥିତ ହୋଇ ଆମ୍ଭମାନଙ୍କର ଗ୍ରାହକ ଓ ଅନୁଗ୍ରାହକ ପାଠକ ଓ ପାଠିକାମାନଙ୍କୁ ଯଥାବିଧି ଅଭିବାଦନ କରୁଅଛୁଁ । ଆଶାକରୁଁ ସେମାନେ ଆମ୍ଭମାନଙ୍କୁ ପୂର୍ବବତ୍ ସ୍ନେହ ଓ ଅନୁଗ୍ରହ ଦେଖାଇ ଆମ୍ଭମାନଙ୍କୁ ଉତ୍ସାହିତ କରିବେ ।

—*O*—

## After the Poojahs.

Let us offer our heartiest congratulations to our readers and well-wishers. The Poojahs are now over and after the annual recess of two weeks we resume our work. The Criminal and the Revenue Courts opened on the 19th inst. and the Civil Court will open on the 14th November next. In spite of the rains people enjoyed the holidays as best as they could. The 'concession' or rather the 'congestion' tickets issued by the Bengal-Nagpur Railway Co. drew a large number of visitors to Puri. It is unfortunate that the Railway Co. cannot supply proper and sufficient accommodation to the persons invited by them by issuing notifications of concession fares. The heavy rains no doubt marred the pleasure a great deal. Since 27th inst. six planets have occupied their seats in *Tula Rasi*. Some ominous predictions have been made with reference to *Kurukhetra yoga*, but the unerring and inexorable laws of Nature have their own ways and work precisely in the way in which they worked in cycles past. If the Earth survived the planetary influences in ages past, we say there is no danger to be afraid of now, and we verily believe that the present *Kurukhetra yoga* will pass away without affecting us in the least. Let us with a cheerful heart apply ourselves to our respective work and try to realise the following well known couplet

"I slept and dreamt that Life is duty
I woke and found that Life is beauty"

We have repeatedly complained against Settlement work being carried on during the time of Latbundi but to our misfortune no heed appears to have been paid to it. A week before and a week after the Latbundi day both the raiyats and the Zemindars are awfully busy, the former in making arrangements by sale of grain or otherwise to pay their respective rents and the latter in adjusting accounts and realising the same. To suspend the settlement work for a fortnight will not seriously inconvenience the staff. But to our surprise we find the Assistant Settlement Officers are busy in going out to mofussil as they have received orders to begin work on the 1st November next just 8 days before the Latbundi which comes off on the 8th of that month. The readers will find settlement camps being pitched up in various places in mofussil and notices being circulated for attendance of the raiyats and gumastas of the landlords. We humbly draw the attention of our benign rulers-- our worthy and sympathetic Commissioner and Collector to this matter and pray that they may be pleased to get about exemption of the raiyats and landlords for attending the settlement camps and office from 1st to 15th November next both days inclusive. No harm will occasion if the settlement work will commence from the 16th instead of from 1st November.

———

ଗତ ତା ୨୨ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଳେଗ ରୋଗରେ ୩୨୨୯ ମୃତ୍ୟୁ ହୋଇଥିଲା ସେ ସବୁ ମଧ୍ୟରେ ବମ୍ବେରେ ୧୦୨୪, ରାଜପୁତାନା ୪୪୯, ମଧ୍ୟପ୍ରଦେଶ ୪୦୭, ମହୀଶୂର ୩୦୨, ପଞ୍ଜାବ ୨୮୯, ହାଇଦ୍ରାବାଦ ୧୯୫ ଓ ମଧ୍ୟ ଭାରତ ୧୭୫ ଥିଲା । ଗତ ସପ୍ତାହ ପ୍ରତି ମାନ୍ଦ୍ରାଜ, ଯୁକ୍ତ ପ୍ରଦେଶ, ମଧ୍ୟ ପ୍ରଦେଶ, ହାଇଦ୍ରାବାଦ, ମଧ୍ୟ ଭାରତ ଓ ରାଜପୁତାନାରେ କିଛି ଊଣା ଏବଂ ଅନ୍ୟ ସକଳ ପ୍ରଦେଶରେ ବଢ଼ିଥିଲା । ଗତ ସପ୍ତାହର ମୋଟ ମୃତ୍ୟୁ ୩୫୨୩ ଥିଲା । ସୁତରାଂ ରୋଗ ଊଣା ପଡ଼ିବାର ଜଣାଯାଏ ।

———

ଦୁର୍ଗୋତ୍ସବ ସମୟରେ ଢାକାର ବିକ୍ରମପୁରଠାରେ ଗୋଟିଏ ବ୍ରାହ୍ମଣ ସମିତିର ବାର୍ଷିକ ଅଧିବେଶନ ହୋଇଥିଲା । ସେଠାରେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଦୁଇଗୋଟି ନିର୍ଦ୍ଧାରଣ ପ୍ରଧାନ ଥିଲା । ପ୍ରଥମଟି ଏହି ଯେ ଯେଉଁ କାୟସ୍ଥ ଉପବୀତ ଧାରଣ କରୁଅଛନ୍ତି ଓ ସେମାନଙ୍କ ସଙ୍ଗରେ ଯେଉଁମାନେ ସାମାଜିକ କାର୍ଯ୍ୟରେ ଯୋଗ ଦେଉଅଛନ୍ତି ଉପବୀତ ଗ୍ରହଣ କରିବା ଶାସ୍ତ୍ର ସଙ୍ଗତ ପ୍ରମାଣ ନ ହେବା ପର୍ଯ୍ୟନ୍ତ ସେମାନେ ଜାତିଚ୍ୟୁତ ହେବେ । ଦ୍ୱିତୀୟ ନିର୍ଦ୍ଧାରଣ ଏହି ଯେ ଯେଉଁମାନେ ଇଉରୋପ ଗମନ କରି ସ୍ୱଦେଶକୁ ପ୍ରତ୍ୟାଗମନ କରିଅଛନ୍ତି ସେମାନେ ପ୍ରାୟଶ୍ଚିତ୍ତ କଲେ ସମାଜରେ ମିଳି ପାରିବେ । ଏହି ନିର୍ଦ୍ଧାରଣଦ୍ୱାରା ଜାତିକୁ ବାହାର କରିବା ଓ ଆଣିବାର ନୀତି

Digitized by srujanika@gmail.com

Split by PDF Splitter



ମଧ୍ୟରୁ ଆଣିବା ଏ ବିଷୟ ନିର୍ଦ୍ଧାରଣ ହେଲା ଅମ୍ଭମାନଙ୍କ ସ୍ଥୂଳ ବୁଦ୍ଧିରେ ବୁଝିପାରିଲୁ ନାହିଁ । ଗୋଟିଏ କୌଣସି ଦୋଷ କରି ନାହିଁ ତାଙ୍କୁ ଜାତିରୁ ବାହାର କରି ଦେବାର ଆଦେଶ ହେଲା ଓ ଅନ୍ୟ ଜଣକ ବିଦେଶକୁ ଯାଇ ଯବନ ଜାତି ସହିତ ଭୋଜନାଦି କଲା ଅଥଚ ସେ କେବଳ ଗୋମୂତ୍ର ପାନରେ ଜାତିରେ ଆସିଲା । ଏହା ଅଂଶୀ ଜନର ବ୍ରାହ୍ମଣମାନଙ୍କ ଜ୍ଞାନର ଫଳ । ଅହା କି କଳିକାଳ ଉପସ୍ଥିତ ହେଲା !

—•○•—

ଏଠାରେ କାଣ୍ଟନମେଣ୍ଟ କାଶ୍ଚି ଥିବା ସମୟରେ ପ୍ରତି ସପ୍ତାହରେ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିବା ୧୨ ଘଣ୍ଟା ସମୟରେ ତୋପ ପଡ଼ୁଥିଲା ଯେ ନଗରବାସୀ ତଥା ସରକାରୀ ଅଫିସର ଇତ୍ୟାଦିର ଲୋକେ ତାହା ଶୁଣି ଆପଣା ଘଡ଼ି ଠିକ କରି ନେଉଥିଲେ । କାଣ୍ଟନମେଣ୍ଟ ଉଠିଯିବା ସମୟରେ ତାହା ବନ୍ଦ ହୋଇ ମିଉନିସିପାଲଟିକୁ ଖର୍ଚ୍ଚ କରି ତୋପ ଦାଗିବା କାରଣ ଲେଖା ଯାଇଥିଲା । ମାତ୍ର ମିଉନିସିପଲ ଆଇନରେ ସେପରି ଖର୍ଚ୍ଚ କରିବାର ନିୟମ ନ ଥିବାରୁ ମିଉନିସିପାଲଟିର କର୍ତ୍ତୃପକ୍ଷ ଦାଗ୍ରି କରନ୍ତେ କେତେକଦିନ ପରେ ପୁଣି ତୋପ ଦଗା ଯିବାର ବନ୍ଦୋବସ୍ତ ହୋଇଥିଲା । ଏହି ମାସ ପ୍ରଥମରୁ ଆଉ ତୋପ ଦଗା ଯାଉ ନାହିଁ । କି କାରଣରୁ ତୋପ ଦଗା ବନ୍ଦ ହେଲା ଅମ୍ଭେମାନେ କହି ନ ପାରୁଁ ମାତ୍ର ତାହା ବନ୍ଦ ହେବାରୁ ସହରର ତଥା କଚେରିମାନଙ୍କର ଘଡ଼ିମାନ ଅମେଳ ହୋଇଅଛି । ଏ ହେତୁ ଅମଲାଠାରୁ ବ୍ୟବସାୟୀ ଲୋକେ ସମସ୍ତେ ହରବରରେ ପଡ଼ିଅଛନ୍ତି । ଅମ୍ଭେମାନେ ଏଥିପ୍ରତି ଅମ୍ଭମାନଙ୍କର ସୁଦକ୍ଷ କମିଶନର ତଥା କଲେକ୍ଟର ସାହେବମାନଙ୍କର ଦୃଷ୍ଟି ଆକର୍ଷଣ କରି ପ୍ରାର୍ଥନା କରୁଅଛୁଁ ଯେ ପୂର୍ବପରି ତୋପ ଦଗା ଯିବାର ବନ୍ଦୋବସ୍ତ କରାଯାଉ ।

———

ଉତ୍କଳ ବାର୍ତ୍ତାର ଅକ୍ଟୋବରମାସ ତା ୧ ରଖ ପତ୍ରରେ 'ଶ୍ରୀ ହରିବଲ୍ଲଭ ପାଣ୍ଡିତ ମିଶ୍ର'ଙ୍କ ଗୋଟିଏ ପ୍ରେରିତପତ୍ର ପ୍ରକାଶିତ ହୋଇଅଛି । ସେଥିରେ ସେଣ ଓ୍ୟ ହେତୁଣା ସେନାପତି ମହାଶୟଙ୍କର ଏକପତ୍ର ଅମ୍ଭମାନଙ୍କ ପତ୍ରିକାରେ ପ୍ରାପ୍ତ ସ୍ତମ୍ଭରେ ପ୍ରକାଶ ହୋଇଥିବାରୁ ତାଙ୍କୁ କଟାକ୍ଷକରି ଲେଖା ହୋଇଅଛି । ଲେଖକଙ୍କୁ ଶିକ୍ଷାନବିସ ବୋଲି ମିଶ୍ର ମହାଶୟ କହିଥିବାରୁ ଉତ୍କଳବାର୍ତ୍ତାର ସମ୍ପାଦକ ସେ ଏହା ତାହାଠାରୁ ଶିଖାଇ ନେଇ ଲେଖକ ବୋଲି ପରିଚୟ ଦେବାର ତାଙ୍କୁ ଦୋଷାରୋପ କରିଅଛନ୍ତି ଓ ସେଥି ସମ୍ବନ୍ଧରେ ବିଶେଷ ବିବରଣ ପାଇଥିବାର ପ୍ରେରିତପତ୍ରରେ ଟିପ୍ପଣୀ ଦେଇଅଛନ୍ତି । ସମ୍ପାଦକ ମହାଶୟଙ୍କୁ ସ୍ମରଣ ଥିବ ଯେ ବଙ୍ଗଳା ଓ ଓଡ଼ିଆଙ୍କ ବିବାଦ ସମ୍ବନ୍ଧରେ ସେନାପତି ମହାଶୟ ଯାହା ଲେଖି ପଠାଇଥିଲେ ତାହା ସେ କପିର ତାଙ୍କ ପତ୍ରରେ ସାଦରେ ପ୍ରକାଶ କରିଥିଲେ । ବର୍ତ୍ତମାନ ଅମ୍ଭମାନଙ୍କ ପତ୍ରିକାରେ ପ୍ରକାଶିତ ପ୍ରାପ୍ତ ପ୍ରବନ୍ଧଟି ତାଙ୍କ ମନକୁ ଆସିଲା ନାହିଁ କିସ ? ଯାହା ହେଉ ମିଶ୍ର ମହୋଦୟଙ୍କ ସେନାପତି ମହାଶୟଙ୍କ ଦ୍ୱାରା ଯାହା ଓଡ଼ିଆ ବଙ୍ଗାଳି ବ୍ୟାଖ୍ୟା କଲେ ତାହା ସେ ମଲ୍ଲନାଥଠାରୁ ବୁଝିଥିଲେ ପରା । ଅଚ୍ଛା ସେନାପତି ଶବ୍ଦରେ ଓଡ଼ିଆ ଓ ରାୟ ଶବ୍ଦରେ ବଙ୍ଗଲା ସଂଜ୍ଞା କିପରି ହେଲା ? ରାୟ ସଂଜ୍ଞା କି ଓଡ଼ିଆଙ୍କ ମଧ୍ୟରେ ସେନାପତି କି ଓଡ଼ିଆଛଡ଼ା ଅପର ଜାତିରେ ନାହିଁ ? ବ୍ୟକ୍ତିଗତ ତର୍କ ଛାଡ଼ି ବିଷୟଗତ ତର୍କ କରିବା ଉଚିତ । ବୃଥା ଦାୟିତାରେ କାଗଜ ପୂରଣ କଲେ କି ଦେଶର ମଙ୍ଗଳ ହେବ ?

•❋•—

ବାର୍ଷିକ ଦୁର୍ଗୋତ୍ସବ ଆରମ୍ଭ ପୂର୍ବରେ ବୃଷ୍ଟି ପ୍ରଚୁର ପରିମାଣରେ ହୋଇଥିଲା ଓ ପୂଜା ଚାରି ଦିବସ ବୃଷ୍ଟି ହୋଇଥିଲେ ସୁଦ୍ଧା ସମସ୍ତଙ୍କ ମନରେ ହର୍ଷ ଜାତ ହୋଇଥିଲା ଓ ସମସ୍ତଙ୍କ ମନରେ ଆଶାର ସଞ୍ଚାର ହୋଇଥିଲା ଯେ ଦଶହରା ପରେ ତୁଳାରେ ବର୍ଷା ଛାଡ଼ିଯିବ ମାତ୍ର ଛାଡ଼ିବା ତେଣିକି ଥାଉ ଦିନକୁ ଦିନ ବୃଷ୍ଟିର ବଳ ବୃଦ୍ଧି ହୋଇଅଛି ଓ ଶ୍ରାବଣମାସ ପରି କାର୍ତ୍ତିକରେ ବର୍ଷାର ଝଡ଼ ଲାଗିଅଛି । ଆକାଶ ମେଘାଚ୍ଛନ୍ନ ସୂର୍ଯ୍ୟ କ୍ୱଚିତ୍ ଦେଖା ଦେଉଅଛନ୍ତି ଦିବା ଓ ରାତ୍ର ପ୍ରତ୍ୟହ ବର୍ଷା ହେଉଅଛି । ଏହା ଦେଖି ସମସ୍ତଙ୍କ ମନରେ ଦଶହରା ସମୟରେ ଯେଉଁ ହର୍ଷ ଜାତ ହୋଇଥିଲା ତାହା ସ୍ଥିର ହୋଇ ପାରୁନାହିଁ ବର୍ଷା ସଙ୍ଗେ ପବନ ନାହିଁ ରକ୍ଷା ଏତିକି । ଏଣିକି ମେଘ ବା ପବନ ନ ହେଲେ ଧାନଫସଲ ଉତ୍ତମ ହେବ । ଧାନଫସଲ ସଙ୍ଗେ ସଙ୍ଗେ ଚାଷୀମାନେ ରବିଫସଲ ଆଦାୟ କରନ୍ତି । ଅତିବୃଷ୍ଟି ହେତୁ ପ୍ରଚୁର ଧାନ ଫସଲର ଯାହା ଆଶା କରୁଥିଲେ ତାହା ବର୍ତ୍ତମାନ ଦୁରାଶାରେ ପରିଣତ ହେବାର ଆଶଙ୍କା ହୋଇଅଛି । ରବି ଫସଲର ଆଶା ନାହିଁ ବୋଇଲେ ଚଳେ । ରବି ବୀହନ କେତେକ ସ୍ଥଳରେ ଘରୁ ବାହାରି ନାହିଁ । ଟିକିଏ ଖରାପାଗ ହେଲାରୁ ଯେଉଁ ଚାଷୀ ସାହାସ କରି ବୁଣିଥିଲେ ସେ ଏବେ ବୀହନ ଶୋଚନାରେ ବ୍ୟସ୍ତ, ବର୍ତ୍ତମାନ ବ୍ରୀହି କୋଳଥ ବିଲରେ ପାଣି ଅଣ୍ଟିଏ ଜମିଲେ ଅଙ୍କୁରି ହେବ ନାହିଁ । ଯାହାର ବୀହନ ଅଛି ସେ ମଧ୍ୟ କେବଳ ଆକାଶ ଆଡ଼କୁ ଦୃଷ୍ଟି ଦେଇ ଦିନ ଯାପନ କରୁଅଛି । ଦିନକୁ ଦିନ ବୁଣିବାର ସମୟ ବିଳମ୍ବ ଘଟୁଅଛି । ଅତି ପିଆଜ ମଞ୍ଜି ବିଲକୁ ଯିବାକଥା ତେଣିକି ଥାଉ ବିଲ ନ ଶୁଖିବାରୁ ଚାଷି ବିପଦରେ ହାତହେଉ ବସିଛି !! ଅନ୍ୟ ରବି ଫସଲ ମଧ୍ୟ ଉତ୍ତମ ହେବାର ସମ୍ଭାବନା ଦେଖାଯାଉ ନାହିଁ । ଏପ୍ରକାର ସ୍ଥଳରେ ଚାଷି ତାହାଙ୍କ ଦେଶବାସି ସମସ୍ତେ ଚିନ୍ତିତ ହେଲେଣି । ଏହା କି ଲକ୍ଷା ଭାଗର ଫଳ ?

—○❋○—

## ଗଙ୍ଗାଜଳ ।

ଇଣ୍ଡିଆନ ମେଡିକଲ ଗେଜେଟ ପତ୍ରିକାରେ ଲେଖାଅଛି ଯେ ଭାରତବାସୀ କୋଟି୨ ଲୋକ ଗଙ୍ଗାଜଳକୁ ଯେରୂପ ମର୍ଯ୍ୟାଦା କରନ୍ତି ତାହ ସମସ୍ତଙ୍କୁ ଜଣାଅଛି ଏବଂ ଅନେକେ ମନେକରନ୍ତି ଯେ ଋଷିପ୍ରଧାନ ପିପାସାପୀଡ଼ିତ ଆର୍ଯ୍ୟାବର୍ତ୍ତପରି ଦେଶରେ ଗଙ୍ଗା ପ୍ରାୟ ପ୍ରଶସ୍ତା ନଦୀ ଯେ ବହୁ ମାନ୍ୟ ପ୍ରାପ୍ତ ହେବ ଏହା ସ୍ୱାଭାବିକ । ମାତ୍ର ଆଧୁନିକ ବିଜ୍ଞାନ ସେହି ପୁରାତନ ପ୍ରବାଦକୁ ସମର୍ଥନ କରୁଅଛି ଏବଂ ଗଙ୍ଗାଜଳର ବିଶେଷ ପବିତ୍ରତାର କାରଣ ଧରି ପଡ଼ୁଅଛି । ଓଲାଉଠାର କାରଣ ଓ ନିବାରଣ ସମ୍ବନ୍ଧୀୟ ପୁସ୍ତକରେ ଡାକ୍ତର ହେନବିନ୍ ସହେବ ଲେଖିଅଛନ୍ତି ଯେ ଗଙ୍ଗା ଏବଂ ଯମୁନାର ଜଳ ଓଲାଉଠାର କୀଟାଣୁ ନଷ୍ଟ କରିବାର ସେ ଦେଖିଅଛନ୍ତି ଏବଂ ତହିଁରେ ଖାଦ୍ୟ ପଦାର୍ଥର ଅଭାବ ଓ ହନନି ଶକ୍ତି ଥିବାରୁ ଏହି କୀଟାଣୁ ସହଜରେ ବିନଷ୍ଟ ହୁଏ । ମାତ୍ର ଏମନ୍ତ ଗୁଣ କେଉଁଠାରୁ ଆସିଲା ତାହା ସାହେବ ମହୋଦୟ ନିର୍ଣ୍ଣୟ କରିବାକୁ ଅକ୍ଷମ ।—ଯେଉଁ ଜଗନ୍ନିୟନ୍ତା ଅପୂର୍ବ ସଂସାର ସୃଷ୍ଟି କରିଅଛନ୍ତି ସେ ଅପୂର୍ବ କୌଶଳ ବଳରେ ଅପୂର୍ବ ଜଳ ମଧ୍ୟ ସୃଷ୍ଟି କରିଅଛନ୍ତି । ପୂର୍ବକାଳର ଋଷିମାନେ ଗଙ୍ଗାଜଳର ଅପୂର୍ବ ଗୁଣ ଦେଖି ତାହାକୁ ପବିତ୍ରତାର ଚରମସୀମାରେ ଆସନ ଦେଇଅଛନ୍ତି ମାତ୍ର କେଉଁ କାରଣରୁ ତାହାର ଏ ବିଶୁଦ୍ଧ ଗୁଣ ହୋଇଅଛି ନିର୍ଣ୍ଣୟ କରି ନ ପାରି ହରି ଜଟାରୁ ସ୍ୱୟଂ ଅବତୀର୍ଣ୍ଣ ହେବାର ଲେଖି ସନ୍ତୁଷ୍ଟ ହେଲେ । ଆମ୍ଭେମାନେ ଅଦ୍ୟାପି ଗଙ୍ଗାଜଳକୁ ବହୁ ମାନ୍ୟ କରୁଁ, ମାନ୍ୟ କାହିଁକି ପୂଜା କରୁଁ ମାତ୍ର କପାଳଦୋଷରୁ ତାହାର କୂଳରେ ଓଲାଉଠାରେ ମରୁଆଉଁ । ସଂସାରକର୍ତ୍ତା ତାଙ୍କର ପ୍ରଶସ୍ତ ଘର ନିମିତ୍ତ ବିଶୁଦ୍ଧ ଜଳବାହୀ ସ୍ରୋତ ଆଦର୍ଶରୂପେ ରଖିଅଛନ୍ତି ଆମ୍ଭେମାନେ ତହିଁରୁ ଶିକ୍ଷାଲାଭ କରି ବିଶୁଦ୍ଧ ଜଳ ପାନ ଏବଂ ପବିତ୍ର ଖାଦ୍ୟ ବ୍ୟବହାର କଲେ କଦାପି ରୋଗରେ ପ୍ରପୀଡ଼ିତ ହୁଅନ୍ତୁ ନାହିଁ । କେବଳ ଗଙ୍ଗାଜଳକୁ ପବିତ୍ର ବୋଲି ପୂଜା ଏବଂ ତହିଁର ନାମୋଚ୍ଚାରଣ ପୂର୍ବକ ମୁକ୍ତିଲାଭ ଆଶାରେ ବସି ରହିଲେ ଚଳିବ ନାହିଁ ମାତ୍ର

Digitized by srujanika@gmail.com

ତାହାଙ୍କର ଯଥୋଚିତ ବ୍ୟବହାର ଏବଂ ତାହାଙ୍କୁ ଶିକ୍ଷାଲାଭ ପୂର୍ବକ ସବଳ ଯାନ ଲୋକଙ୍କ ଏବଂ ବସ୍ତୁର ଅନ୍ତର ବ୍ୟବହାରରେ ରତ ହେବା ପ୍ରୟୋଜନ ।

---

## ଧରାକୋଟ ସୁସମ୍ବାଦ

ଗତ ସେପ୍ଟେମ୍ବର ମାସ ତା ୨୨ ରିଖ ଦିନ ଅତ୍ରତ୍ୟ ରାଜଭବନରେ ମାନ୍ୟବର ରାଜା ମହୋଦୟଙ୍କର ଜ୍ୟେଷ୍ଠ ରାଜକୁମାର ଜନ୍ମଗ୍ରହଣ କରିଅଛନ୍ତି । ତଦୁପଲକ୍ଷେ ସେହି ଦିନାବଧି ଅଦ୍ୟପର୍ଯ୍ୟନ୍ତ ନାନାବିଧ ଉତ୍ସବ ଲାଗିଅଛି, ଏଥିଲାଗି ସ୍ଥାନୀୟ କି ଧନୀ କି ଗରିବ, କି ନୀଚ, କି ଉଚ୍ଚ ସବୁ ଶ୍ରେଣୀର ଲୋକେ ପରମାନନ୍ଦ ଲାଭ କରିଅଛନ୍ତି, ରାଜକୁମାରଙ୍କ ଜନ୍ମଦିବସର ଏବଂ ପର ଦିନମାନଙ୍କରେ ଶ୍ରୀମାନ୍ ରାଜା ମହୋଦୟ ଦୁର୍ଗସ୍ଥ ସମସ୍ତ ବାଳକ ବାଳିକାମାନଙ୍କୁ ପଞ୍ଚ ପ୍ରାଙ୍ଗଣରେ ସମବେତ କରାଇ ଅନେକ ଗୁଡ଼ିଏ ତାମ୍ର ଓ ରୌପ୍ୟ ମୁଦ୍ରା ବର୍ଷଣ କରିଥିଲେ ଏବଂ ସେମାନଙ୍କୁ ପ୍ରଚୁର ପରିମାଣରେ ନାନାବିଧ ମିଷ୍ଟାନ୍ନ ଦେଇ ସେହି ସମସ୍ତଙ୍କ ମନ ଆହ୍ଲାଦିତ କରାଇ ଥିଲେ ଏବଂ କେତେ ୨ ଦିନ ବ୍ରାହ୍ମଣ ଭୋଜନ କରାଇ ପ୍ରତି ଅସଂଖ୍ୟ ଗରିବ ବ୍ୟକ୍ତିମାନଙ୍କୁ ଅନ୍ନ ବସ୍ତ୍ରାଦି ଦାନ କରିବାରେ କିଛି ତ୍ରୁଟି କରି ନ ଥିଲେ ।

ଦ୍ୱାଦଶ ଦିବସରେ ତତ୍ପୂର୍ବ ସବୁଦିନ ଅପେକ୍ଷା ଅଧିକ ଉତ୍କୃଷ୍ଟଭାବରେ ବ୍ରାହ୍ମଣ ଭୋଜନାଦି କରାଯାଇଥିଲା । ଏଥିରେ ପାଞ୍ଚଶତ ଅନ୍ୟୂନ ସଂଖ୍ୟକ ବ୍ରାହ୍ମଣ ଉପସ୍ଥିତ ଥିଲେ । ସେହିଦିନ ରାତ୍ରି ରାଜ ସଦନ ନାନାବିଧ ଆଲୋକମାଳାରେ ଦୀପ୍ତ ହୋଇ ଦେବପୁରୀ ସଦୃଶ ଅତି ସୁରମ୍ୟରୂପେ ସଜ୍ଜିତ ହୋଇଥିଲା । ନୈମିତ୍ତିକ ଲେଖପାଠ ସିଂହାସନରେ ରାଜା ମହୋଦୟ ବିରାଜମାନ ହୋଇଥିଲେ । ନୃପୁରମାନଙ୍କର ଦିବ୍ୟ ବାଣୀ ସଭାସ୍ଥଳକୁ ସୁମଧୁର ତାନରେ ନିନାଦିତ କରୁଥିଲା ଓ ତଦନନ୍ତର କ୍ରୀଡ଼ାଳୟ ଅପୂର୍ବ ଶ୍ରୀ ଧାରଣକରି ଶ୍ରୀମାନ୍ ଚିରଞ୍ଜୀବ ପଟ୍ଟକୁମାର ମହୋଦୟଙ୍କଦ୍ୱାରା ସାଲଙ୍କୃତ ହୋଇଥିଲା । ଇତର ସ୍ଥାନାଗତ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଏଠାରେ ଶ୍ରୀମାନ୍ ପଟ୍ଟଦେବ ମହୋଦୟଙ୍କଦ୍ୱାରା ସାଦରାଭ୍ୟର୍ଥିତ ହୋଇଥିଲେ, ଏଥିରେ କେତେକଜଣ ସୁଟଗସିପୁନ୍ ଯୋଗ ଦେଇଥିଲେ । "ହଲଥର୍ଡ଼ସ" ଶେଲ, ଗ୍ରାମୋଫୋନ୍ ଓ ଇତର ସଙ୍ଗୀତ ଦ୍ୱାରା ଏହି ନବୋସ୍ଥିତ ସଦନ ଝଙ୍କାରିତ ହେଉଥିଲା । ଭଦ୍ରବ୍ୟକ୍ତିଗଣଙ୍କ ଜଳପାନର ସୁବନ୍ଦୋବସ୍ତ ହୋଇ ଏହା ଶ୍ରୀପଟ୍ଟଦେବ ମହୋଦୟଙ୍କଦ୍ୱାରା ପରିଚାଳିତ ହେଉଥିଲା । ଶ୍ରୀମାନ୍ ପଟ୍ଟଦେବ ମହୋଦୟ ବର୍ତ୍ତମାନ ଅତି ଅଳ୍ପ ବୟସ୍କ ହେଲେହେଁ ସ୍ୱଜନକାନୁପସ୍ଥିତ ସମୟରେ ଭଦ୍ରମଣ୍ଡଳୀ ସଙ୍ଗେ ଇଂରାଜୀଭାଷାରେ ମିଷ୍ଟାଳାପ କରି ସେମାନଙ୍କ ପରିଚର୍ଯ୍ୟା ପରିଚାଳନା କରିବା ବିଷୟ ଅତୀବ ଆନନ୍ଦଜନକ ଅଟେ । ତାହାଙ୍କର ମୂର୍ତ୍ତି ଦେଖି ସମସ୍ତେ ଆନନ୍ଦମଗ୍ନ ହୋଇଥିଲେ, ପଣ୍ଡିତ ସଭା ଭଙ୍ଗ ହେଲା ପରେ ଶ୍ରୀମାନ୍ ରାଜାମହୋଦୟ କ୍ରୀଡ଼ାଳୟରେ ଉପସ୍ଥିତ ହୋଇ ତତ୍ରତ୍ୟ ଭଦ୍ରମାନଙ୍କ ସଙ୍ଗେ ଅନେକକାଳ ଆମୋଦ ପ୍ରମୋଦରେ ସମୟାତିପାତ କରିଥିଲେ; ପରିଶେଷରେ ଉପସ୍ଥିତ ଭଦ୍ରମଣ୍ଡଳୀ ଶ୍ରୀ ରାଜା ମହୋଦୟଙ୍କ ଧନ୍ୟବାଦ ଅର୍ପଣ କରିଥିଲେ, ଏବଂ ରାଜାମହୋଦୟ ମଧ୍ୟ ସଭ୍ୟବୃନ୍ଦଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିଥିଲେ ।

---

## ସର୍ବସାଧାରଣ ନୋଟିସ ।

ପରତାଲ ବା ରିବିଜନ ବନ୍ଦୋବସ୍ତରେ ଅନାବାଦୀ ଇତ୍ୟାଦି ଜମି ଓ ପୋଖରୀ ପ୍ରଭୃତି ଅନ୍ୟାୟ ମତେ "ସର୍ବସାଧାରଣ" ବୋଲି ଲେଖି ଦେଇଥିବା ହେତୁ ଏ ଅଞ୍ଚଳର ପ୍ରଧାନ ଜମିଦାର ବାବୁ ଯୋଗେନ୍ଦ୍ରନାଥ ବସୁ ଆପତ୍ତି କରିବାରୁ ବର୍ତ୍ତମାନ କେତେକଜଣ ଅଧିଷ୍ଠାନ ବନ୍ଦୋବସ୍ତ କର୍ମଚାରୀ ଉକ୍ତ ଜମିମାନ ତଦନ୍ତ କରିବା କାରଣ ମୋଫସଲକୁ ପ୍ରେରିତ ହୋଇଅଛନ୍ତି । ସେହି ଏହି ମାସ ତା ୨୫ ରିଖଠାରୁ କେହି ଅବା ତା ୨୭ ରିଖଠାରୁ କାର୍ଯ୍ୟ ଆରମ୍ଭ କରି ଜମିଦାର ମୋକଦ୍ଦମ ପ୍ରଭୃତିଙ୍କ ନାମରେ ସେହି ତାରିଖଠାରୁ କାର୍ଯ୍ୟ ଶେଷ ହେବାଯାଏ ଉପସ୍ଥିତ ହେବା କାରଣ ନୋଟିସ ଜାରୀ କରିଅଛନ୍ତି । ବର୍ତ୍ତମାନ ଲାଟବନ୍ଦୀ ସମୟ ; ଜମିଦାର ମୋକଦ୍ଦମ ପ୍ରଭୃତିଙ୍କୁ ଆଦୌ ସମୟ ନାହିଁ କହିଲେ ଚଳେ । କର୍ମଚାରୀ ମହୋଦୟ ପ୍ରତ୍ୟେକ ଜମିଦାର ମୋକଦ୍ଦମଙ୍କ ନିକଟକୁ ଯେଉଁ ତାରିଖେ ତାଙ୍କର ମୋକଦ୍ଦମା ପଡ଼ିବ ସେହି ତାରିଖ ଧାର୍ଯ୍ୟ କରି ନୋଟିସ ଦେଇଥିଲେ କୌଣସି ଆପତ୍ତି ନ ଥିଲା । ମାତ୍ର କେଉଁ ଆଇନର ବିଧାନମତେ ଗୋଟିଏ ତାରିଖ ଲେଖି "କାର୍ଯ୍ୟ ଶେଷ ହେବାପର୍ଯ୍ୟନ୍ତ" ନୋଟିସ ଜାରୀ ହେଲା ଆମ୍ଭେ ବୁଝିପାରୁ ନାହୁଁ । ନୋଟିସମାନଙ୍କରେ ଦେବାନୀ କାର୍ଯ୍ୟବିଧି ଆଇନର ପ୍ରଥମ ତପସିଲ ନମ୍ବର ଅର୍ଡର ୧୦।୧୨ ମର ବିଧିଅନୁସାରେ ଉପସ୍ଥିତ ନ ହେଲେ ଦଣ୍ଡନୀୟ ହେବାର ଲେଖା ଅଛି । ଦେବାନୀ କାର୍ଯ୍ୟବିଧି ଆଇନରେ ତାରିଖ ଧାର୍ଯ୍ୟ କରି ନୋଟିସ ଦିଆ ଯିବାର ନିୟମ ବରାବର ପ୍ରଚଳିତ ଅଛି । 'କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ' ଉପସ୍ଥିତ ରହିବାର ହତକ ନୋଟିସ ଆମ୍ଭେମାନେ ଦେବାନୀ ଅଦାଲତରେ କେବେ ଦେଖି ନାହୁଁ । ଦଣ୍ଡ ହେବାବେଳକୁ ଯଦି ଦେବାନୀ କାର୍ଯ୍ୟବିଧିର ଆଶ୍ରୟ ନିଆଗଲା ତାରିଖ ଧାର୍ଯ୍ୟ ବେଳକୁ ସେ ଆଇନ ବନ୍ଦ ରଖାଗଲା କାହିଁକି । ଧାର୍ଯ୍ୟ ତାରିଖେ ମୋକଦ୍ଦମା ନେବାର ହାଇକୋର୍ଟଙ୍କ ଦେବାନୀ ଅଦାଲତଙ୍କ ପ୍ରତି ବିଶେଷ ଆଜ୍ଞା ଅଛି । ତାହା ପ୍ରତିପାଳନ କରୁଥିଲେ ଏ ଭଳି ନୋଟିସ ବାହାର ନ ଥାନ୍ତା । ଯେଉଁ ଜମିଦାରର ଗୋଟିଏ ମୌଜାରେ ଅତି ଅଳ୍ପ ମାତ୍ର ଜମି ଅଛି କିମ୍ବା ଯେଉଁ ମୋକଦ୍ଦମର ତାଲୁକର ଏକାଂଶରେ ମୌଜାଖଣ୍ଡିଏ ଅଛି ତାହା ପାଇଁ ଯେପରି ବଡ଼ ୨ ଜମିଦାରଙ୍କ ପାଇଁ ମଧ୍ୟ ସେହିପରି । ଉପସ୍ଥିତ ହେବାର ସୁବିଧା ନ ଦେଇ ପଲଲୁପଲ ଜମିଦାର ମୋକଦ୍ଦମ ଓ ପ୍ରଜାମାନଙ୍କୁ ଆପଣା ଇଲାକାରୁ ଦଶ ବାର ମାଇଲ ପ୍ରତିଦିନ ଦଉଡ଼ାଇବା ସଦାଶୟ ସରକାରଙ୍କର କଦାପି ଅଭିପ୍ରେତ ନୁହଇ । ଆମ୍ଭେମାନେ ଜାଣୁଁ ଯେ ଏକସ୍ଥାନରୁ ଅନେକାଳ ଦଶ ମାଇଲ ଅନ୍ତର ବାଟର ନୋଟିସ ତା ୨୫ ରିଖ ଦିବା ଘ ୧୦ ଘଣ୍ଟା ଠାରୁ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇ ତା ୨୪ ରିଖ ରାତ୍ରି ଘ ୭ ଘଣ୍ଟା ସମୟରେ ଜାରୀ ହେଲା । ଏହା ଜୁଲମ ଭିନ୍ନ ଆଉ କି ହୋଇ ପାରେ ? ଏବେ 'ସର୍ବସାଧାରଣ' ଅତ୍ୟାଚାର ତହିଁ ଉପରେ ଆପତ୍ତି କଲାରୁ ନୋଟିସର ଅତ୍ୟାଚାର । ଏଥିରେ ପ୍ରଜାଏ ପରତାଲ ବନ୍ଦୋବସ୍ତ ପ୍ରତି ସନ୍ତୁଷ୍ଟ ନ ହେବେତ ହେବେ କାହିଁରେ ?

---

## ରାଖୀ-ବନ୍ଧନ ।

ଗତମାସ ତା ୧୬ ରିଖ ଦିନ ପୂର୍ବ ନିର୍ଦ୍ଦେଶମତେ କଲିକତାଠାରେ ବଙ୍ଗ-ବିଭାଗ ଉପଲକ୍ଷେ ସ୍ୱଦେଶୀ ଦ୍ରବ୍ୟର ଉନ୍ନତି ଏବଂ ବଙ୍ଗଳାର ଲୋକମାନଙ୍କର ମେଳ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥିବା ରାଖୀ-ବନ୍ଧନ ପର୍ବ ଯଥାରୀତି ପ୍ରତିପାଳିତ ହୋଇଅଛି । ବଙ୍ଗ-ବିଭାଗ ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କ କର୍ତ୍ତୃକ ସ୍ଥିର ସିଦ୍ଧାନ୍ତ ହୋଇ ଯାଇଥିବା ହେତୁ ଏ ପର୍ବ ଆଇନ ସଙ୍ଗତରୂପେ ସଂରକ୍ଷିତ ହେଉଥିଲେହେଁ ତାହା ଆଉ ପ୍ରତିପାଳନ କରିବା ନିଷ୍ପ୍ରୟୋଜନୀୟ ଏବଂ ତହିଁରୁ ବିପରୀତ ଫଳ ହେଉଥିବାର ଜଣାଇ ଯଦ୍ୟପି ଗତତ ବର୍ଷ ଅଗଷ୍ଟମାସର ବର୍ଜ୍ଜନ ( boycott ) ପର୍ବପ୍ରାୟ ଏହାକୁ ମାନ୍ୟବର ଲେଫଟେନାଣ୍ଟ ମହୋଦୟ ଏବର୍ଷ ବନ୍ଦ ନ କଲେ ମାତ୍ର ଭବିଷ୍ୟତକୁ ତାହା ପ୍ରତିପାଳିତ ନ ହେବା ବିଷୟ ବଙ୍ଗାଧୀନ ରାଷ୍ଟ୍ର ବିଦ୍ୟାଳୟମାନଙ୍କର ଛାତ୍ରମାନଙ୍କୁ ଓ ରାଜଭକ୍ତ ପ୍ରଜାପୁଞ୍ଜକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ତହିଁରେ ଯୋଗ ନ ଦେବା କାରଣ ଆଦେଶ ପ୍ରଚାରିତ ହୋଇଥିଲା । ସେହେତୁ ଗଙ୍ଗା ସର

Split by PDF Splitter

Digitized by srujanika@gmail.com

ରାଖୀବନ୍ଧନ କଲିକତାର ଉତ୍ତରାଂଶର ବଜାର ଓ ଦୋକାନ ବନ୍ଦ ହୋଇଥିଲା ଓ ଅଧିକାଂଶ ଲୋକ ଅରନ୍ଧନ ବ୍ରତପାଳନ ପୂର୍ବକ ଚୂଡ଼ା ଦହି ଖାଇ ରହିଲେ । ଦଳେ ଦଳେ ବଙ୍ଗୀୟ ଯୁବକମାନେ ସ୍ୱଦେଶୀ ଗୀତ ଗାଇ ନଗର ବୁଲୁଥିଲେ ଓ ବଉବଜାର ଷ୍ଟ୍ରୀଟରେ ସାଢ଼େ ଦଶ ଘଣ୍ଟା ସମୟରେ ମାନ୍ୟବର ଭୂପେନ୍ଦ୍ର ନାଥ ବସୁ ଓ ସୁରେନ୍ଦ୍ରନାଥ ବାନର୍ଜ୍ଜ୍ୟା ମହୋଦୟମାନେ ସମୁପସ୍ଥିତ ହୋଇ ସନ୍ତ୍ରାନ୍ତଲୋକଙ୍କ ସଙ୍ଗେ ମିଳନ କରୁଥିଲେ ଓ ବକ୍ତୃତା ମଧ୍ୟ ହୋଇଥିଲା । ପରେ ସ୍ୱଦେଶୀ ବ୍ରତରେ ସମସ୍ତେ ବଦ୍ଧ ହେବାରୁ ସଙ୍କଳ୍ପ ହେଲା । ଅପରାହ୍ନ ୩ ଘଣ୍ଟା ସମୟରେ ସମ୍ମିଳନ ଗୃହରେ ଯଥାରୀତି ସଭା ହୋଇଥିଲା । ଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ଦଳ ଆସି ସେଠାରେ ସମବେତ ହୋଇଥିଲେ । ମାତ୍ର ପୂର୍ବବର୍ଷାପେକ୍ଷା ଜନତା ଊଣା ଥିଲା । ଏ, ରସୁଲ ମହୋଦୟ ସଭାପତିର ଆସନ ଗ୍ରହଣ ପୂର୍ବକ ଯେଉଁ ବକ୍ତୃତା କଲେ ତହିଁରେ ଉଭୟ ବଙ୍ଗଳା ଏକ ଗବର୍ଣ୍ଣରଙ୍କ ଅଧୀନରେ ରହିଲେ ଲୋକେ ସନ୍ତୁଷ୍ଟ ହେବାର ପ୍ରକାଶ ପୂର୍ବକ କହିଲେ ବଙ୍ଗଭଙ୍ଗ ଭାରତର ଅଶାନ୍ତିର ମୂଳ ଅଟେ ଏବଂ ଏହା ରହିତ ହେବା ଓ ହିନ୍ଦୁ ଓ ମୁସଲମାନମାନେ ଏକ ମେଳରେ କାର୍ଯ୍ୟ କରିବା କର୍ତ୍ତବ୍ୟ । ସୁରେନ୍ଦ୍ରବାବୁ ସଭାପତିଙ୍କୁ ଧନ୍ୟବାଦ ଦେବାର ପ୍ରସ୍ତାବ କରିବାରୁ ତାଙ୍କୁ ଧନ୍ୟବାଦ ଦିଆଯାଇ ସଭାଭଙ୍ଗ ହେଲା । ଏହିରୂପେ ରାଖୀବନ୍ଧନ ପର୍ବ ପ୍ରତିପାଳିତ ହେଲା । ଆମ୍ଭେମାନେ ଆଗରୁ କହିଅଛୁ ଏହି ପର୍ବଦ୍ୱାରା ସ୍ୱଦେଶୀ ବ୍ରତ ସ୍ଥିରରୂପେ ପ୍ରତିପାଳିତ ହେଲେ ଏଥିର ସାର୍ଥକତା ଜଣାଯିବ ମାତ୍ର ବର୍ତ୍ତମାନରେ ଯେରୂପ କାର୍ଯ୍ୟଦ୍ୱାରା ଲୋକଙ୍କର ସ୍ୱଦେଶୀ ଦ୍ରବ୍ୟ ପ୍ରତି ସେମନ୍ତ ଅନୁରାଗ ଦେଖା ଯାଉ ନାହିଁ । ଲୋକେ ବହୁପରିମାଣରେ ସ୍ୱଦେଶୀ ଦ୍ରବ୍ୟ ଉତ୍ପନ୍ନ ଏବଂ ତଦୁପଯୁକ୍ତ ଶିଳ୍ପାଗାର କରିବାରେ ଦୃଢ ସଂକଳ୍ପ ନ ହେଲେ କିଛି ଫଳ ଲାଭ ହେବ ନାହିଁ ।

---

## ଉତ୍କଳୀୟ ଓ ଓଡ଼ିଆ ।

କେତେକ ଦିନ ହେଲା ଏଠାରେ ଓଡ଼ିଆ ସଭା ନାମରେ ଏକ ସଭା ପ୍ରତିଷ୍ଠିତ ହୋଇଥିବାରୁ ତହିଁର ବିବରଣ ଉତ୍କଳ ବାର୍ତ୍ତାରେ ଦେଖି କେଉଁମାନେ ତହିଁର ସଭ୍ୟ ହୋଇ ପାରିବେ ଓ କେଉଁମାନେ ଓଡ଼ିଆ ଜାତି ମଧ୍ୟରେ ଗଣ୍ୟ ଆମ୍ଭେମାନେ ପଚାରିଥିଲୁଁ । ପ୍ରୋକ୍ତ ସଭାର ନିୟମାବଳୀ ତଥା ସଭାର ଉଦ୍ଦେଶ୍ୟ ସଭାର ପରିଚାଳକ କୌଣସି ବ୍ୟକ୍ତି ବା ସଭ୍ୟଙ୍କ କର୍ତ୍ତୃକ ପ୍ରକାଶିତ ହୋଇ ନ ଥିବାରୁ ତାହା ଜାଣିବା ଦୁଷ୍କର । 'ଉତ୍କଳ ବାର୍ତ୍ତା'ର ଗତ ଦ୍ୱାଦଶ ସଂଖ୍ୟାରେ ସହଯୋଗୀ ବ୍ୟସ୍ତ ହୋଇ ଆମ୍ଭମାନଙ୍କ ସମ୍ବନ୍ଧେ ନାନାପ୍ରକାର କଳ୍ପନା ଜଳ୍ପନା କରି "ଓଡ଼ିଶାରେ ଯେଉଁମାନେ ନିବାସୀ ସେମାନେ ଓଡ଼ିଆ" ବୋଲି ପ୍ରକାଶ କରିଅଛନ୍ତି । ଏ ଅର୍ଥରେ ଆମ୍ଭମାନଙ୍କର ତିଳମାତ୍ର ଆପତ୍ତି ନାହିଁ ବରଂ ଆମ୍ଭେମାନେ ବରାବର କହି ଆସିଅଛୁଁ ଯେ ଉତ୍କଳର ସ୍ଥାୟୀ ଅଧିବାସୀ ଓଡ଼ିଆ ଏବଂ ସେମାନେ ବଙ୍ଗାଳୀ ବା ମହାରାଷ୍ଟ୍ରୀୟ ଅବା ତେଲଙ୍ଗା ଅଥବା ମୁସଲମାନ ବା ଖ୍ରୀଷ୍ଟିୟାନ ଯାହା ହେଉନ୍ତୁ ଓଡ଼ିଆ ଜାତି ମଧ୍ୟରେ ଗଣ୍ୟ । ମାତ୍ର ଏ ଅର୍ଥ ଓଡ଼ିଆ ସଭାର ପରିଚାଳକମାନଙ୍କ ଗ୍ରହଣୀୟ କି ନା ଜାଣିବାକୁ ବାକି ରହିଲା । ସମ୍ବାଦ ପତ୍ରରେ ବୃଥା ତର୍କ ନ କରି ଯଦି 'ବାର୍ତ୍ତା'କୁ ପ୍ରୋକ୍ତ ସଭାର ନିୟମାବଳୀ ଜଣାଥାଏ ତେବେ ତାହା ପ୍ରକାଶ କରି ଦେଇଥିଲେ କିମ୍ବା ଜଣା ନ ଥିଲେ ପରିଚାଳକଙ୍କଠାରୁ ଆଣାଇ ଛପାଇଥିଲେ କଳି ତୁଟି ଯାଇଥାନ୍ତା । ଉତ୍କଳର ସ୍ଥାୟୀ ଅଧିବାସିମାନେ ଓଡ଼ିଆ ବୋଲି ମୁହଁରେ କହନ୍ତୁ ଅବା ନ କହନ୍ତୁ ସେମାନେ ଓଡ଼ିଆ । ସାଧୁ ଅବା ଚୋର ମୁହଁରେ ସ୍ୱୀକାର ନ କଲେ ମଧ୍ୟ କାର୍ଯ୍ୟତଃ ସେମାନେ ନାମ ଧାରଣ କରନ୍ତି ଏବଂ ଆଉ ବା ଲୋକ ତାଙ୍କୁ ସମସ୍ତଙ୍କୁ ଉପଯୁକ୍ତରୂପେ ଚିହ୍ନି ନାଏ ତେବେ ସେ ଆପଣାକୁ ଅନ୍ୟ ଜାତି ବୋଲି କହେ ସେ ଉପହାସାସ୍ପଦ । ପ୍ରାତଃସ୍ମରଣୀୟ ବିଚକ୍ଷାନନ୍ଦ ବାବୁ, ହରେକୃଷ୍ଣ ବାବୁ, ନନ୍ଦକିଶୋର ବାବୁ ଏବଂ ଜଗମୋହନ ବାବୁ ପ୍ରଭୃତି ଏହି ଅର୍ଥ ବୁଝିଥିଲେ ଏବଂ ଆମ୍ଭମାନଙ୍କ ଶ୍ରଦ୍ଧେୟ ମାନ୍ୟବର ମଧୁସୂଦନ ଦାସ ମଧ୍ୟ ସେହି ଅର୍ଥ ବୁଝି ସମ୍ପୂର୍ଣ୍ଣ ଓଡ଼ିଆଙ୍କୁ ଏକତ୍ର କରିବା କାରଣ ଉତ୍କଳ ସମ୍ମିଳନୀ ଗଢ଼ିଥିଲେ । ତେବେ 'ଓଡ଼ିଆ' ଶବ୍ଦଟା କେତେକ ସ୍ଥଳରେ ଉପହାସାସ୍ପଦ ଥିବାହେତୁ ସେ ତହିଁ ପରିବର୍ତ୍ତରେ 'ଉତ୍କଳୀୟ' ପଦ ବ୍ୟବହାର କଲେ ଏବଂ ସମସ୍ତେ ତାହା ମାନିଗଲେ । ବର୍ତ୍ତମାନ ଉତ୍କଳ ସମ୍ମିଳନୀ ଥିବା ସତ୍ତ୍ୱେ ଏମନ୍ତ କି ଘଟନା ହେଲା ଯେ ଓଡ଼ିଆ ସଭା ପ୍ରୟୋଜନୀୟ ହୋଇ ପଡ଼ିଲା ? ଏବଂ ଓଡ଼ିଆ ସଭାଦ୍ୱାରା ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ସାଧିତ ଅବା ପରିପୁଷ୍ଟ ହେବା ସଭାର ପରିଚାଳକମାନଙ୍କ ଜଣା ମାତ୍ର ସମ୍ମିଳନୀପ୍ରତି ଅବହେଳା ଏବଂ ସଭାର ପରିପୋଷଣ ଦେଖି ଆମ୍ଭମାନଙ୍କ ମନରେ ସନ୍ଦେହ ଜାତ ହୋଇଅଛି । ବିଶେଷରେ ଉତ୍କଳର ନେତା ହେବା ଯୋଗ୍ୟ ଯୁବକମାନେ ଓଡ଼ିଆ ସଭାରେ ଥାଇ ତର୍କଜାଲରେ ପଶୁଥିବାରୁ ବାର୍ଦ୍ଧକ୍ୟଜନିତ ବୁଦ୍ଧି ଦୋଷରୁ ଆମ୍ଭମାନଙ୍କୁ ଅବା ଜାଲଜାଲୁଅ ଦିଶୁଥିବ ମାତ୍ର କଥାରେ ଅଛି ସମସ୍ତ 'ଫଳେନ ପରିଚୀୟତେ ।'

---

## ଜିଲ୍ଲାବୋର୍ଡ଼ ଓ ସଡ଼କ ମରାମତି ।

କଟକ ଜିଲ୍ଲାବୋର୍ଡ଼ ଅଧୀନସ୍ଥ ସଡ଼କମାନଙ୍କର ଦୁରବସ୍ଥା ଦେଖି ଆମ୍ଭମାନଙ୍କର ଉକ୍ତ ବୋର୍ଡ଼ର କାର୍ଯ୍ୟପ୍ରତି ବିରକ୍ତି ଜନ୍ମିଅଛି । ବର୍ଷାକାଳ ଅନ୍ତେ ମୂଳରେ ପକ୍କା ସଡ଼କମାନଙ୍କରେ ପଥର ଜମା ହୋଇ ବର୍ଷାରେ ମରାମତି ହେଲେ ଅବଶ୍ୟ କାର୍ଯ୍ୟ ଭଲ ହୁଏ ଏବଂ ତାହା କେବଳ ପକ୍କାସଡ଼କପ୍ରତି ଖଟଇ । ମାତ୍ର କଚ୍ଚାସଡ଼କମାନଙ୍କରେ ବର୍ଷାକାଳରେ ମାଟିପକାଇ ମରାମତି କଲେ ତାହା ଯେ ଦୁର୍ଗମ ହୋଇଯାଏ ଏହା ସମସ୍ତଙ୍କ ଜଣା ଥିବାସ୍ଥଳେ କି ପ୍ରକାରେ ଯେ ବୋର୍ଡ଼ ଅଧୀନସ୍ଥ କଚ୍ଚାସଡ଼କମାନଙ୍କର ମରାମତି ବର୍ଷାକାଳରେ ହେଉଅଛି ଆମ୍ଭେମାନେ ବୁଝିପାରୁନାହୁଁ । ଲୋକଙ୍କର କଷ୍ଟ କହିଲେ ନ ସରେ ଏବଂ ବାରମ୍ବାର ଆପତ୍ତି ହେଲେହେଁ କେହି ଶୁଣିବାକୁ ନାହିଁ । ମହାନଦୀର ଅପରପାରରୁ କେନ୍ଦ୍ରାପଡ଼ାବାଟେ ଯେଉଁ ବଡ଼ ସଡ଼କ ଚନ୍ଦବାଲିଯାଏ ଯାଇଅଛି ତହିଁର ଅତିଅଳ୍ପ ଅଂଶ ପକ୍କା । ସେହି ସଡ଼କ ଉପରେ ମାଟି ପକାଇ ଯେଉଁ ମରାମତି କାର୍ଯ୍ୟ ହେଲା ତାହା ହୋଇ ନ ଥିଲେ ଲୋକେ ବରଂ ଯିବା ଆସିବା କରିପାରୁଥାନ୍ତେ ମାତ୍ର ସେ ଯୋଗୁଁ ଅସମୟ ବର୍ଷା ହେଲେ ବାଟରେ ଯିବା କଠିନ । ଯେତେବେଳେ ବଡ଼ସଡ଼କର ଏପରି ଅବସ୍ଥା ସେତେବେଳେ ଅନ୍ୟ ଗ୍ରାମ୍ୟ ସଡ଼କମାନଙ୍କର କଥା ଅବା କି କହିବୁଁ ? ଆମ୍ଭେମାନେ ଅନେକ ସଡ଼କ ବୁଲି ଦେଖି ଯାହା ଧାରଣା କରିଅଛୁଁ ଲେଖିଲୁଁ । ଏକ ସ୍ଥାନରେ ସଡ଼କ ଭାଙ୍ଗି ଯାଇ ହୋଇ ନିତାନ୍ତ ଦୁର୍ଗମ ହୋଇଅଛି । ପାଟକୁରା ଯାଇବାଟେ ଅସୁରେଶ୍ୱର ତାଲୁକର ନାଏବଙ୍କ ବେହେରାମାନେ ପୁଅରୀରେ ଆସିବାବେଳେ ବୁଡ଼ଯାଇଥାନ୍ତେ; ସୌଭାଗ୍ୟକ୍ରମେ ବଞ୍ଚିଗଲେ । ସ୍ଥାନେ ସ୍ଥାନେ ଆଣ୍ଠୁଏ ଅଣ୍ଟୁ ବୁଡ଼ିଯାଉଅଛି । ବାଲି ପକାଇ ସଡ଼କ ମରାମତି କାର୍ଯ୍ୟ ବର୍ଷାଦିନରେ ହେଲେ କ୍ଷତି ନ ଥାନ୍ତା ମାତ୍ର ତାହା ଆଦୌ ହୋଇ ନାହିଁ । ମୋଫସଲର ଅନେକ ସ୍ଥାନର ଲୋକେ କହୁଅଛନ୍ତି ଯେ ଡିଷ୍ଟ୍ରିକ୍ଟସାହେବ ଥିବାବେଳେ ଯେମନ୍ତ ମରାମତି କାର୍ଯ୍ୟ ହେଉଥିଲା ସେମନ୍ତ ହେଉ ନାହିଁ । ଆମ୍ଭେମାନେ ଏ ବିଷୟ ଜିଲ୍ଲାବୋର୍ଡ଼ର କର୍ତ୍ତୃପକ୍ଷମାନଙ୍କର ଅବଗତି ନିମିତ୍ତ ପ୍ରକାଶ କଲୁଁ । ଆମ୍ଭମାନଙ୍କର ସୁଯୋଗ୍ୟ କଲେକ୍ଟର ସାହେବ ମଧ୍ୟ ଅନେକ ସ୍ଥଳେ ଦେଖିଥିବେ ଅଛନ୍ତି ଏବଂ ନରେନ୍ଦ୍ରପୁର ସଡ଼କ ଓ ପାଟକୁରା ଯାଇ ଦେଖିଆସିଥିବାର ଆମ୍ଭେମାନେ ଅବଗତ ହୋଇଅଛୁଁ । ଜିଲ୍ଲାବୋର୍ଡ଼ର ବର୍ତ୍ତମାନ ଭାଇସ୍‌ଚେୟାରମ୍ୟାନ ମଧ୍ୟ ପ୍ରକାଶ କର୍ମଦକ୍ଷ ଅଟନ୍ତି । ତଥାପି ବାଟ